R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୯୮
ତିଥି : ପଞ୍ଚମୀ
୨ ଅଗଷ୍ଟ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 298
2 August 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ

# ୮ ଲକ୍ଷ ପ୍ରଭାବିତ, ୨.୬୯ ଲକ୍ଷ ଲୋକ ସ୍ଥାନାନ୍ତର



ଭୁବନେଶ୍ୱର,୧।୮,(ସବ୍ୟୁ): ଆକାଶମାର୍ଗରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବନ୍ୟା ସ୍ଥିତିର ଅନୁଧ୍ୟାନ କରିଛନ୍ତି । ୫ ଜିଲ୍ଲାର ୧୨ରୁ ଅଧିକ ବ୍ଲକର ସ୍ଥିତିକୁ ସେ ଅନୁଧ୍ୟାନ କରି ଫେରିଛନ୍ତି । ଆସନ୍ତା ୨ରୁ ୩ ଦିନ ମଧ୍ୟରେ ସ୍ଥିତି ସୁଧୁରିବାର ସମ୍ଭାବନା ରହିଛି । ପାଣି ଛାଡିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ରିପୋର୍ଟ ଭିତ୍ତିରେ ତୁରନ୍ତ ସହାୟତା ପ୍ୟାକେଜ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଉପସ୍ଥିତ ଥିଲେ । ପରିଦର୍ଶନ ପରେ ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହିସବୁ ଅଞ୍ଚଳର ଅନେକ ଗାଁ ପାଣି ଘେରରେ ଅଛି । ପରିସ୍ଥିତି ଧିରେ ଧିରେ ସୁଧୁରୁଛି । ଆସନ୍ତା ଦୁଇ ଦିନ ଭିତରେ ବନ୍ୟା ପାଣି ଛାଡି ଯିବାର ସମ୍ଭାବନା ଅଛି । ଏଥିସହିତ ବନ୍ୟା ଛାଡିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆକଳନ ପରେ ତୁରନ୍ତ କୃଷି ଓ ଘରଭଙ୍ଗା ଇତ୍ୟାଦି କ୍ଷେତ୍ରରେ ସହାୟତା ପ୍ୟାକେଜ ଦିଆଯିବ ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ଯାଜପୁର ଜିଲ୍ଲାର ଦଶରଥପୁର, ବରୀ ଓ ବିଂଝାରପୁର, ଭଦ୍ରକ ଜିଲ୍ଲାର ଧାମନଗର, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି, ବାଲେଶ୍ୱର ଜିଲ୍ଲାର ସୋର, ରେମୁଣା ଓ ବାଲେଶ୍ୱର ସଦର, ମୟୂରଭଞ୍ଜ ଜିଲ୍ଲାର ବଡସାହି, ଉଦଳା ଓ କପ୍ତିପଦାର କିଛି ପ୍ରଭାବିତ ଅଂଶ ଏବଂ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ପ୍ରଭାବିତ ଅଞ୍ଚଳ ଗୁଡିକର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ବନ୍ୟା ପରିସ୍ଥିତି (୯ ପୃଷ୍ଠାରେ)

- ୫ଟି ଜିଲ୍ଲାର ୧୨ରୁ ଅଧିକ ବ୍ଲକ ପରିଦର୍ଶନ
- ଆସନ୍ତା ଦୁଇ ଦିନ ମଧ୍ୟରେ ସ୍ଥିତି ସୁଧୁରିବାର ସମ୍ଭାବନା
- ପାଣି ଛାଡ଼ିବାର ତିନି ଦିନ ମଧ୍ୟରେ କ୍ଷୟକ୍ଷତିର ରିପୋର୍ଟ
- ରିପୋର୍ଟ ଆଧାରରେ ସହାୟତା ପ୍ୟାକେଜ:ମୁଖ୍ୟମନ୍ତ୍ରୀ

## ୪ ମନ୍ତ୍ରୀଙ୍କୁ ଜିଲ୍ଲା ଦାୟିତ୍ୱ

ଭୁବନେଶ୍ୱର,୧।୮,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ବନ୍ୟା ପରିସ୍ଥିତିର ପରିଚାଳନା ପାଇଁ ମନ୍ତ୍ରୀମଣ୍ଡଳର ସଦସ୍ୟମାନଙ୍କୁ ଦାୟିତ୍ୱ ଦେଇଛନ୍ତି । ଆକାଶ ମାର୍ଗରୁ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ପରେ ମୁଖ୍ୟମନ୍ତ୍ରୀ ଆଜି ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିବା ପାଇଁ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ (୯ ପୃଷ୍ଠାରେ)

## ୩ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି



ଭୁବନେଶ୍ୱର,୧।୮,(ସବ୍ୟୁ): ଆସନ୍ତା ୩ ତାରିଖରୁ ୫ ତାରିଖ ଯାଏ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଭୁବନେଶ୍ୱର, କଟକ, ବ୍ରହ୍ମପୁରରେ ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମ ରହିଛି । ଆସନ୍ତା ୩ ତାରିଖରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରରେ ପହଞ୍ଚିବେ । ୪ ତାରିଖରୁ ଭୁବନେଶ୍ୱର ରେଳଷ୍ଟେସନରେ ଟ୍ରେନ ଯୋଗେ ବ୍ରହ୍ମପୁର ଗସ୍ତ କରିବେ ।

ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସୁରକ୍ଷା ଦାୟିତ୍ୱରେ ୪୦ ପ୍ଲାଟୁନ ଫୋର୍ସ ମୁତୟନ ରହିବେ । ବିମାନବନ୍ଦରରୁ ରେଳଷ୍ଟେସନ ପର୍ଯ୍ୟନ୍ତ ସବୁଠାରେ କଡା ସୁରକ୍ଷା ବ୍ୟବସ୍ଥା ରହିବ । ରୁଟ୍ ଓ ଅନ୍ୟାନ ସୁରକ୍ଷା ବ୍ୟବସ୍ଥାର ତଦାରଖ ପାଇଁ ଡିସିପି ତାଙ୍କ ଅଧିକାରୀଙ୍କ ସହ ଏସ୍‌ପି ଓ ଏସିପି ର୍ୟାଙ୍କର ଅଧିକାରୀମାନେ ନିୟୋଜିତ ରହିବେ । ସୁରକ୍ଷା ଦିଗକୁ ପୋଲିସ କମିଶନର ତଦାରଖ କରିବେ । ଭୁବନେଶ୍ୱର ରେଳଷ୍ଟେସନରେ ଶନିବାର ପୋଲିସ କମିଶନର ରେଳଷ୍ଟେସନରେ ସୁରକ୍ଷା ବ୍ୟବସ୍ଥା କରିଛନ୍ତି । ତାଙ୍କ ସହ ଡିସିପି ମୁଖ୍ୟାଳୟ ରେଳଷ୍ଟେସନର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପ୍ରଶ୍ନପତ୍ର ଲିକ୍ ନିରୋଧ ଆଇନକୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି

- ସର୍ବନିମ୍ନ ଜେଲ ଦଣ୍ଡ ୫ ବର୍ଷ, ସର୍ବାଧିକ ୧୦ ବର୍ଷ
- ଜରିମାନା ୧୦ରୁ ୫୦ ଲକ୍ଷ
- ସର୍ବାଧିକ ଜରିମାନା ୧୦ କୋଟି


ନୂଆଦିଲ୍ଲୀ,୧।୮: ସଂସଦର ଉଭୟ ଗୃହରେ ପାରିତ ହୋଇଥିବା ପ୍ରଶ୍ନପତ୍ର ଲିକ ନିରୋଧ ଆଇନର ସଂଶୋଧନ ବିଲକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ କରିଛନ୍ତି । ଏହି ସପ୍ତାହରେ ବିଲ୍‌ଟି ସଂସଦରେ ପାରିତ ହୋଇଥିଲା । ବିଲରେ ଥିବା ବ୍ୟବସ୍ଥା ଅନୁଯାୟୀ ପେପର ଲିକ ମାମଲାର ଫଇସଲା ୩ ମାସ ମଧ୍ୟରେ ନିଆଯିବ । ଦୋଷୀଙ୍କୁ ୧୦ ବର୍ଷ ଯାଏ ଜେଲ ଦଣ୍ଡ ଓ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ବ୍ୟବସ୍ଥା ରହିଛି ।

ପେପର ଲିକକୁ ନେଇ ଛାତ୍ରମାନଙ୍କର ପ୍ରତିବାଦ ଜୋରଦାର ହେବା ପରେ ସରକାର ଏହାକୁ ରୋକିବା ଲାଗି ଥିବା ଆଇନରେ ସଂଶୋଧନ କରିଥିଲେ । ଏଥିରେ ଅନେକ ପ୍ରମୁଖ ପରିବର୍ତ୍ତନ କରାଯାଇଛି । ବିଲରେ ସର୍ବନିମ୍ନ ଦଣ୍ଡ ଜଣେ ବ୍ୟକ୍ତିଙ୍କ ପାଇଁ ୩ ବର୍ଷରୁ ୫ ବର୍ଷ କରାଯାଇଛି । ତେବେ ସର୍ବାଧିକ ଦଣ୍ଡକୁ ୫ ବର୍ଷରୁ ୧୦ ବର୍ଷ କରାଯାଇଛି । ସେହିଭଳି ସର୍ବାଧିକ ଜୋରିମାନା ୧୦ ଲକ୍ଷରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କରାଯାଇଛି । ସର୍ଭିସ ପ୍ରୋଭାଡରମାନେ ଯଦି ପରୀକ୍ଷା ସମ୍ପର୍କିତ କୌଣସି ଅପରାଧରେ ଜଡିତ ରୁହନ୍ତି ତାଙ୍କ ସର୍ବାଧିକ ଜୋରିମାନାକୁ ୧ କୋଟିରୁ ୫ କୋଟି କରାଯାଇଛି । ଓ ସେମାନେ ୮ ବର୍ଷ ପର୍ଯ୍ୟନ୍ତ କୌଣସି ସାର୍ବଜନୀନ ପରୀକ୍ଷା ପରିଚାଳନାରୁ ବଞ୍ଚିତ କରାଯାଇଛି । ସଂଗଠିତ ଅପରାଧରେ ସର୍ବନିମ୍ନ ଜେଲ ଦଣ୍ଡକୁ ୫ ବର୍ଷରୁ ୭ ବର୍ଷ କରାଯାଇଥିବା ବେଳେ ସର୍ବାଧିକ ଜୋରିମାନା ୧ କୋଟିରୁ ବୃଦ୍ଧି କରି ୧୦ କୋଟି କରାଯାଇଛି । ଲୋକସଭା ଓ ରାଜ୍ୟସଭାରେ ବିରୋଧୀ ସଭ୍ୟ ହଟ୍ଟଗୋଳ ମଧ୍ୟରେ ଏହି ବିଲ ଗୃହୀତ ହୋଇଥିଲା । ପେପର ଲିକ୍ ମାମଲାର ଶୁଣାଣି ପରେ ପ୍ରତିରାଜ୍ୟର ଫାଷ୍ଟଟ୍ରାକ କରିବାର ପ୍ରସ୍ତାବ ମଧ୍ୟ ରହିଛି ।

## ୩ ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର,୧।୮,(ସବ୍ୟୁ): ଆସନ୍ତା ସୋମବାର ଅଗଷ୍ଟ ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ୬୨୪ କୋଟିରୁ ଊର୍ଦ୍ଧ୍ୱ ଜଳସେଚନ ପ୍ରକଳ୍ପକୁ ଅନୁମୋଦନ



ଭୁବନେଶ୍ୱର,୧।୮,(ସବ୍ୟୁ): ୪ ବୃହତ ଜଳସେଚନ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ୬୨୪ କୋଟିରେ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେବ । ଏହାଦ୍ୱାରା ଜଳସେଚନ ସୁବିଧା ଅଧିକ ସୃଷ୍ଟି ହେବ । ଉପରୋକ୍ତ ପ୍ରସ୍ତାବ ସମେତ ରାଜ୍ୟ କ୍ୟାବିନେଟରେ ୬ ବିଭାଗର ୧୧ ପ୍ରସ୍ତାବକୁ ଅନୁମୋଦନ ମିଳିଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଅର୍ଥ, ଆଇନ, ଅନୁସୂଚୀତ ଜାତି ଉନ୍ନୟନ ଓ ଅନୁସୂଚୀତ ଜନଜାତି, କୃଷି ଓ କୃଷକ ସଶକ୍ତି କରଣ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା ବେଳେ ଜଳସମ୍ପଦ ବିଭାଗର ୫ ଓ ନଗର ଉନ୍ନୟନ ବିଭାଗର ଦୁଇଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । କ୍ୟାବିନେଟ ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ସଚିବ ଅନୁ ଗର୍ଗ କହିଥିଲେ ଯେ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ଏକ ବୃହତ ଜଳସେଚନ ପ୍ରକଳ୍ପ ଯେଉଁଥିରେ ବୈତରଣୀ ନଦୀ ଉପରେ ଆନନ୍ଦପୁର ବ୍ୟାରେଜ ଓ ଏହାର ବିତରଣ ନିର୍ମାଣ ଦ୍ୱାରା କେଉଁଝର ଓ ବାଲେଶ୍ୱର ଜିଲ୍ଲାର ୬୦ ହଜାର ହେକ୍ଟରକୁ ଜଳସେଚନ ସୁବିଧା ଲକ୍ଷ୍ୟ ରଖାଯାଇଛି । ଭୂତଳ ପାଇପ ଲାଇନ ମାଧ୍ୟମରେ ୯ଟି ପ୍ରକଳ୍ପର ପ୍ରସ୍ତାବର ଅନୁମୋଦନ କରାଯାଇଛି । ଏହି ପ୍ରକଳ୍ପରେ ୧୪୫ କୋଟି ୭୦ ଲକ୍ଷ ୮୯ ହଜାର ୮୦୨ ଟଙ୍କା ଟଙ୍କା ଖର୍ଚ୍ଚ ହେବ । ପ୍ରକଳ୍ପ ଶେଷ ହେବା ପରେ ବାଲେଶ୍ୱରର ସୋର ଓ ଓପଦାର ୭୧୭୧.୭୭ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିବ । ସେହିଭଳି ଆଉ ଏକ ୧୧୨ କୋଟି ୫୧ ଲକ୍ଷ ୯୭ ହଜାର ୧୨୫ ଟଙ୍କାର ଜଳସେଚନ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏହି ପ୍ରକଳ୍ପ ଶେଷ ହେବା ପରେ ବାଲେଶ୍ୱର ଜିଲ୍ଲାର ନୀଳଗିରି, ସୋର, ରେମୁଣା ଓ ବାଲେଶ୍ୱରର ୫୦୫୨.୬୮ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ମିଳିବ । ସେହିଭଳି ପାର୍ବତୀଗିରି ଉଠଜଳସେଚନ ପ୍ରକଳ୍ପ ଅଧିନରେ ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ୭୭ ହେକ୍ଟର ଚାଷ ଜମିକୁ ଜଳସେଚନ ଯୋଗାଇ ଦିଆଯିବ । ଏହି ପ୍ରକଳ୍ପରେ ୨୩୪ କୋଟି ୭୮ ଲକ୍ଷ ୯୭ ହଜାର ୩୬୬ ଟଙ୍କା ଖର୍ଚ୍ଚ ହେବ । ଏହାଛଡା ରାୟଗଡା ଓ ଗଜପତି ଜିଲ୍ଲାର ୪,୦୫୦ ହେକ୍ଟର ଚାଷ ଜମିକୁ ଜଳସେଚନ ଯୋଗାଇବା ପାଇଁ ୧୩୩ କୋଟି ୧୯ ଲକ୍ଷ ୭୨ ହଜାର ୩୧୮ ଟଙ୍କା ପ୍ରକଳ୍ପକୁ ଅନୁମୋଦନ କରାଯାଇଛି ।

ଏହାଛଡା କ୍ୟାବିନେଟରେ ଓଡ଼ିଶା ଦ୍ରବ୍ୟ ଓ ସେବାକର ଅଧିନିୟମ ୨୦୧୭ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ପ୍ରସ୍ତାବିତ ସଂଶୋଧନ ବ୍ୟବସାୟକୁ ସୁଗମ କରିବା ସହ ମକଦ୍ଦମାକୁ ହ୍ରାସ କରିବ । ରାଜ୍ୟ କ୍ଷେତ୍ର ଯୋଜନା କୃଷିଯନ୍ତ୍ରପାତି ଉପକରଣ ଏବଂ ଡିଜେଲ ପମ୍ପ ସେଟର (୯ ପୃଷ୍ଠାରେ)

- କ୍ୟାବିନେଟରେ ୧୧ ପ୍ରସ୍ତାବକୁ ମଞ୍ଜୁରୀ
- ଡିଜେଲ ପମ୍ପସେଟ ଓ କୃଷି ଯନ୍ତ୍ରପାତି ଉପକରଣ ଲାଗି ୨୨ ଶହ କୋଟି
- ଓଡ଼ିଶା ରାଜ୍ୟ ବିଧିସେବା କ୍ୟାଡର ନିୟମାବଳୀ ୨୦୨୬ ଅନୁମୋଦନ
- ପିଏମଏୱାଇ-ୟୁ ବନ୍ଧୁ ଯୋଜନାକୁ ମଞ୍ଜୁରୀ
- ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ-୨.୦ ମଞ୍ଜୁରୀ

# କୁଲଗାମରେ ଆତଙ୍କୀ ଆକ୍ରମଣରେ ଦୁଇ ଶ୍ରମିକ ମୃତ

## ମୃତ ଶ୍ରମିକ ଛତିଶଗଡ଼ର



ନୂଆଦିଲ୍ଲୀ,୧।୮: ଜମ୍ମୁ-କାଶ୍ମୀରର କୁଲଗାମ ଜିଲ୍ଲାରେ ଆତଙ୍କୀ ଆକ୍ରମଣରେ ଛତିଶଗଡ଼ର ୨ ଶ୍ରମିକଙ୍କୁ ମୃତ୍ୟୁ ଘଟିଛି । ଆତଙ୍କବାଦୀମାନେ ଗୁଳି ଚଳାଇବା ପୂର୍ବରୁ ଧର୍ମ ପଚାରି ଥିଲେ ବୋଲି କୁହାଯାଉଛି । ଉଭୟ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତ୍ୟୁବରଣ କରିଥିବା ଶ୍ରମିକ ହେଉଛନ୍ତି ଛତିଶଗଡ଼ର ଶକ୍ତି ଜିଲ୍ଲାର ୨୪ ବର୍ଷ ବୟସ୍କ ଦୀପକ ରାତ୍ରେ ଓ ସେହି ଛତିଶଗଡ଼ର ୨୮ ବର୍ଷୀୟ ଭୂପିନ୍ଦର ଭାଇନା ।

ଏହି ଦୁଇ ଶ୍ରମିକ ଦକ୍ଷିଣ କାଶ୍ମୀର କୁଲଗ୍ରାମ ଜିଲ୍ଲାର ଏକ ଇଟାଭାଟିରେ କାର୍ଯ୍ୟ କରୁଥିଲେ । ଆକ୍ରମଣ ପରେ ଉଭୟ ଆହତ ହୋଇଥିଲେ ପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା ଓ ସେଠାରେ ମୃତ୍ୟୁ ଘଟିଥିଲା । ଫେରାର ହୋଇଥିବା ଆତଙ୍କବାଦୀକୁ ଧରିବା ପାଇଁ ତଲାସୀ ଅଭିଯାନକୁ ଜୋରଦାର କରାଯାଇଛି । ଲସ୍କର-ଏ-ତୋଇବାର ଏକ ଛାମୁଆ ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି । ଆଗାମୀ ଦିନରେ ଏପରି ଆହୁରି ଆକ୍ରମଣ କରିବାକୁ ଧମକ ଦେଇଛି । ଶୁକ୍ରବାର ରାତିରେ କୁଲଗାମର କେଲମ ଅଞ୍ଚଳରେ ଥିବା ଇଟ୍ କିଲନ-୭୭ରେ ଦୁଇ ଆତଙ୍କବାଦୀ ପହଞ୍ଚିଥିଲେ । ଉଭୟ ଶ୍ରମିକ ଏକ ଭଡା ଘରେ ରହୁଥିଲେ । ଗୁଳି ମାରିବା ପରେ ଆତଙ୍କବାଦୀମାନେ ସେମାନଙ୍କୁ ମୃତ୍ୟୁ ଭାବି ଛାଡି ଚାଲିଯାଇଥିଲେ । ଆତଙ୍କବାଦୀମାନେ ଚାଲିଯିବା ପରେ ରକ୍ତ ଜୁଡୁବୁଡୁ ଦୁଇ ଶ୍ରମିକଙ୍କୁ ଅନନ୍ତନାଗର ସରକାରୀ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ସେମାନଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଦୀପକଙ୍କ ଛାତିରେ ଗୁଳି ବାଜିଥିବା ବେଳେ ଭୂପିନ୍ଦରଙ୍କ ପେଟରେ ଗୁଳି ବାଜିଥିଲା । ୯ ଦିନ ଭିତରେ କାଶ୍ମୀରରେ ଏହା ଦ୍ୱିତୀୟ ଆକ୍ରମଣ ।

## ମହାନଦୀରେ ବନ୍ୟା ଆଶଙ୍କା ଟଳିଲା

ଭୁବନେଶ୍ୱର,୧।୮,(ସବ୍ୟୁ): ମହାନଦୀରେ ବନ୍ୟା ଆଶଙ୍କା ଆଉ ନାହିଁ । ଉପର ମୁଣ୍ଡରେ ପାଣି କମିଛି । ଅଧିକ ବର୍ଷା ଯୋଗୁଁ ୭ ଘାଇ ସୃଷ୍ଟି ହୋଇଛି । ୭ ଦିନ ମଧ୍ୟରେ ସବୁ ଘାଇର ମରାମତି କାର୍ଯ୍ୟ ଶେଷ ହେବ ବୋଲି ଜଳ ସମ୍ପଦ ବିଭାଗ, ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ଦେଇଛନ୍ତି ।

ବର୍ଷା ନହେବା ଯାଏ ମହାନଦୀରେ ଆଉ ବନ୍ୟା ଭୟ ନାହିଁ । ହୀରାକୁଦରୁ ୨୨ ଗେଟ ଦେଇ ଜଳ ନିଷ୍କାସିତ ହୋଇଛି । ୩ ତାରିଖ ବେଳକୁ ହୀରାକୁଦ ଜଳସ୍ତର ୬୨୮କୁ ଖସିବ । ମୁଣ୍ଡୁଳିରେ ବି ଜଳ ପ୍ରଭାବ କମିଛି । ପୁରୀ, ଖୋର୍ଦ୍ଧା, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଅଞ୍ଚଳର କିଛି ତଳିଆ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ଉପୁଜିଛି । ବୈତରଣୀ ସମେତ ଅନ୍ୟ ସବୁ ନଦୀରେ ଜଳସ୍ତର କମିଛି । ସବୁନଦୀ ବିପଦ ସଂକେତ ତଳକୁ ଆସିଲାଣି ବୋଲି ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ଦେଇଛନ୍ତି ।

## ଏସଆଇଆର : ଦାବି ଆପତ୍ତି ଦାଖଲ ଅବଧି ୧୯ ଯାଏଁ ବୃଦ୍ଧି

ଭୁବନେଶ୍ୱର,୧।୮,(ସବ୍ୟୁ): ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର୍) ୨୦୨୬ କାର୍ଯ୍ୟକ୍ରମ ଅଧୀନରେ ଚିଠା ଭୋଟର ତାଲିକା ଉପରେ ଦାବି ଓ ଆପତ୍ତି ଦାଖଲ ପାଇଁ ସମୟସୀମାକୁ ଭାରତ ନିର୍ବାଚନ ଆୟୋଗ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏ ସମ୍ପର୍କିତ ଆଧିକାରିକ ବିଜ୍ଞପ୍ତି ଆଜି ଗୃହ (ନିର୍ବାଚନ) ବିଭାଗ ପକ୍ଷରୁ ଓଡ଼ିଶା ଗେଜେଟ୍ ରେ ପ୍ରକାଶ ପାଇଛି ।

୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଚାଲିଥିବା ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ଭାରତ ନିର୍ବାଚନ ଆୟୋଗ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରିଛନ୍ତି । ରାଜ୍ୟରେ ଅଧିକରୁ ଅଧିକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯୋଗ୍ୟ ଭୋଟରଙ୍କୁ ପର୍ଯ୍ୟାପ୍ତ ସମୟ ଦେବା ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ ଓ ଅନ୍ତର୍ଭୁକ୍ତିମୂଳକ କରିବା ଉଦ୍ଦେଶ୍ୟରେ ଏହି ସମୟ ବୃଦ୍ଧି କରାଯାଇଛି । ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ଏସ୍. ଗୋପାଲନଙ୍କ ଅନୁରୋଧ କ୍ରମେ, ୧୯୬୦ର ରୁଲ୍ ୧୨ ଅନୁଯାୟୀ ଭାରତ ନିର୍ବାଚନ ଆୟୋଗ ଦାବି ଓ ଆପତ୍ତି ଦାଖଲର ଶେଷ ତାରିଖକୁ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ଚିଠା ଭୋଟର ତାଲିକାରେ ସାମିଲ ହୋଇନାହିଁ କିମ୍ବା ଭୋଟର ତାଲିକାରେ ଥିବା ତଥ୍ୟରେ କୌଣସି ତ୍ରୁଟି ରହିଛି, ସେମାନେ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରିପାରିବେ । ଏହି ଅବଧି ମଧ୍ୟରେ ଫର୍ମ-୬ ମାଧ୍ୟମରେ ନୂତନ ଭୋଟର ଭାବେ ପଞ୍ଜୀକରଣ, ଫର୍ମ-୭ ମାଧ୍ୟମରେ ନାମ ବିଲୋପ ପାଇଁ ଆବେଦନ ଏବଂ ଫର୍ମ-୮ ମାଧ୍ୟମରେ ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ ପାଇଁ ଆବେଦନ କରାଯାଇପାରିବ । ୦୧ ଜୁଲାଇ ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ସମସ୍ତ ଯୋଗ୍ୟ ନାଗରିକ ଏହି ସୁଯୋଗର ସଦ୍‌ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି । ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ନୋଟିସ ପ୍ରଦାନ, ଶୁଣାଣି ଓ ଦାବି-ଆପତ୍ତିର ନିଷ୍ପତ୍ତି ପ୍ରକ୍ରିୟା ୧୭ ସେପ୍ଟେମ୍ବର (୯ ପୃଷ୍ଠାରେ)

## ଇତିହାସ

୧୭୯୦- ଆମେରିକାରେ ପ୍ରଥମକରି ଜନଗଣନା ହେଲା ।
୧୮୬୧- ରସାୟନ ବିଜ୍ଞାନର ଜନକ ନାମରେ ପରିଚିତ ଭାରତର ପ୍ରସିଦ୍ଧ ବୈଜ୍ଞାନିକ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ଜନ୍ମ ।
୧୮୭୦- ଲଣ୍ଡନରେ ବିଶ୍ୱର ପ୍ରଥମ ଅଣ୍ଡରଗ୍ରାଉଣ୍ଡ ଟ୍ୟୁବ୍ ରେଲ ଟାୱାର ସବ୍‌ୱେର ଶୁଭାରମ୍ଭ ।
୧୮୭୮- ଭାରତର ଜାତୀୟ ପତାକା ତ୍ରିରଙ୍ଗାର ରଚୟିତା ପିଙ୍ଗଳୀ ଭେଙ୍କେୟାଙ୍କ ଜନ୍ମ ।
୧୯୨୨- ଚୀନ୍‌ରେ ସାମୁଦ୍ରିକ ଘୂର୍ଣ୍ଣିଝଡ କାରଣରୁ ୬୦ ହଜାର ଲୋକଙ୍କ ମୃତ୍ୟୁ ।
୧୯୫୬- ପୂର୍ବତନ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ଜନ୍ମ ।
୧୯୮୭- ବିଶ୍ୱ ଜୁନିଅର ଚେସ୍ ଚାମ୍ପିଅନ୍‌ସିପ୍‌ରେ ବିଶ୍ୱନାଥ ଆନନ୍ଦ ବିଜୟୀ ।
୨୦୧୨- ଲଣ୍ଡନ ଅଲମ୍ପିକ୍‌ରେ ଭାରତ ମୋଟ ୬ଟି ପଦକ ଜିତିଲା ।

## ବନ୍ଧୁ






ବନ୍ଧୁତା ହେଉଛି ଜୀବନର ସବୁଠାରୁ ପବିତ୍ର, ସୁନ୍ଦର ଏବଂ ନିସ୍ୱାର୍ଥପର ସମ୍ପର୍କ, ଯାହା କୌଣସି ଜାତି, ଧର୍ମ, ବୟସ କିମ୍ବା ସୀମାରେ ବନ୍ଧା ନୁହେଁ । ମଣିଷ ଜନ୍ମ ପୂର୍ବରୁ ତାର ସବୁ ସମ୍ପର୍କ ଗଢା ହୋଇଥାଏ, ବନ୍ଧୁତ୍ୱ ହେଉଛି ଏଭଳି ଏକ ସମ୍ପର୍କ ଯାହାକୁ ମଣିଷ ନିଜେ ନିଜ ପାଇଁ ବାଛି ଥାଏ । ତେଣୁ ସବୁଠାରୁ ସୁନ୍ଦର ସମ୍ପର୍କ ହୋଇଥାଏ ବନ୍ଧୁତା । ପ୍ରତିବର୍ଷ ଅଗଷ୍ଟ ମାସର ପ୍ରଥମ ରବିବାର ଦିନ ପାଳିତ ହେଉଥିବା 'ଆନ୍ତର୍ଜାତୀୟ ବନ୍ଧୁତା ଦିବସ' ଏହି ଦିନଟିକୁ ଆହୁରି ମନୋରମ କରିଥାଏ । ଆମ ଜୀବନରେ ବନ୍ଧୁମାନଙ୍କର ଅତୁଳନୀୟ ଅବଦାନ ଓ ସ୍ଥାନକୁ ସମ୍ମାନ ଜଣାଇବା ପାଇଁ ଏହି ଦିବସର ପାଳନ କରାଯାଇଥାଏ । ଜଣେ ସତ୍ୟ ଓ ସଚ୍ଚା ବନ୍ଧୁ କେବଳ ଖୁସିର ମୁହୂର୍ତ୍ତରେ ସାଥୀ ହୋଇନଥାଏ, ବରଂ ଜୀବନର କଠିନରୁ କଠିନ ସମୟ, ଦୁଃଖ, ହତାଶା ଏବଂ ସଂଘର୍ଷରେ ଆମ ହାତ ଧରି ଆଗକୁ ବଢ଼ିବାର ସାହସ ଦେଇଥାଏ । ରକ୍ତର ସମ୍ପର୍କ ନଥାଇ ମଧ୍ୟ ଯେଉଁ ମଣିଷଟି ଆମକୁ ବିନା ସର୍ତ୍ତରେ ବୁଝିପାରେ, ଆମର ଭୁଲକୁ ସୁଧାରି ସଠିକ୍ ବାଟ ଦେଖାଏ ଏବଂ ନିଜର ଭାବି ଆଦରି ନିଏ, ସିଏ ହିଁ ପ୍ରକୃତ ବନ୍ଧୁ । ଆଜିର ଏହି ଯାନ୍ତ୍ରିକ ଏବଂ ବ୍ୟସ୍ତବହୁଳ ଜୀବନରେ ଆମେ ଅନେକ ସମୟରେ ପୁରୁଣା ସାଙ୍ଗମାନଙ୍କଠାରୁ ଦୂରେଇ ଯାଇଥାଉ, କିନ୍ତୁ ଏହି ଦିବସ ଆମକୁ ସେହି ଅଭୁଲା ଅତୀତ, ପିଲାଦିନର ମିଠା ସ୍ମୃତି, ସ୍କୁଲ୍-କଲେଜର ହସ-ଖୁସି ଏବଂ ସାଙ୍ଗମାନଙ୍କ ସହ ବିତାଇଥିବା ଅମୂଲ୍ୟ ସମୟକୁ ପୁଣି ଥରେ ମନେ ପକାଇଦିଏ । ଏହି ଦିନରେ ଯୁବପିଢ଼ି ପରସ୍ପରକୁ ଫ୍ରେଣ୍ଡସିପ ବ୍ୟାଣ୍ଡ ବାନ୍ଧି, ଉପହାର ଦେଇ, ମିଠା ବାଣ୍ଟି ଏବଂ ଏକାଠି ସମୟ ବିତାଇ ପାଳନ କରନ୍ତି । ତେବେ କେବଳ ଗୋଟିଏ ଦିନର ପାଳନରେ ବନ୍ଧୁତା ସୀମିତ ନୁହେଁ, ବରଂ ଜୀବନର ପ୍ରତିଟି ମୋଡ଼ରେ ବନ୍ଧୁତାର ଏହି ପବିତ୍ର ଡୋରିକୁ ମଜବୁତ୍ ରଖିବା, ପରସ୍ପରକୁ ସମ୍ମାନ ଦେବା ଏବଂ ବିପଦ ସମୟରେ ସାଥୀ ହୋଇ ଛିଡ଼ା ହେବା ହିଁ ବନ୍ଧୁତା ଦିବସର ସତ୍ୟ ମହତ୍ତ୍ୱ। କେବଳ ଆଜିର ସମାଜ ନୁହେଁ କାହିଁ କେଉଁ ପୁରାତନ କାଳରୁ ଅନେକ ବନ୍ଧୁତାର କାହାଣୀ ଉଦାହରଣ ପାଲଟିଛି । ଏପରିକି ପୁରାଣରେ ମଧ୍ୟ ଏଭଳି ଅନେକ ବନ୍ଧୁତ୍ୱର ଉଦାହରଣ ରହିଛି, ଯେପରି କୃଷ୍ଣ ସୁଦାମା ହେଉ କିମ୍ବା କର୍ଣ୍ଣ ଦୁର୍ଯ୍ୟୋଧନ। ସେମାନଙ୍କର ବନ୍ଧୁତ୍ୱର ଉଦାହରଣ ଆଜିବି ସବୁ ସ୍ଥାନରେ ଦିଆଯାଇଥାଏ ।

## ସୋସିଆଲ କୋଟ୍ସ



ମୋର ଭୁଲ ମାଗିବା ପଛରେ କାରଣ ମୋ ପୁଅ । ସେ ଶୋ ଦେଖୁଛି । ସେ କେବେ ବି ଭଲ ପାଇବନି ତା ବାପା ଜଣେ ମହିଳାଙ୍କ ସହିତ ଏଭଳି ବ୍ୟବହାର କରନ୍ତୁ ।

**ରାମ କପୁର, ଅଭିନେତା**



ଯଦି ରାମଙ୍କ ପକ୍ଷରୁ କୌଣସି ଭୁଲ ହୋଇଛି ତେବେ ତାଙ୍କୁ କ୍ଷମା କରାଯାଉ । ମାଳତୀ ଯଦି ସେ ତୁମକୁ ଖରାପ ଭାବେ ଛୁଇଁଛନ୍ତି, ତେବେ ମୁଁ ତୁମକୁ ତାଙ୍କ ତରଫରୁ କ୍ଷମା ମାଗୁଛି

**ଗୌତମୀ କପୁର, ଅଭିନେତ୍ରୀ**



ଏଭଳି ସମୟ ଥିଲା ଯେତେବେଳେ ସୋହେଲ ନିଜ ପାଇଁ ଷ୍ଟାଣ୍ଡ ନେଉଥିଲେ । ଏବେ ସେ ବଦଳି ଯାଇଛନ୍ତି । ହେଲେ ବର୍ତ୍ତମାନ ସମୟ ଆସିଛି ତାଙ୍କୁ ନିଜ ପାଇଁ ଷ୍ଟାଣ୍ଡ ନେବାର ଅଛି ।


**ସୀମା ସଜଦେହ, ସୋହେଲ ଖାନଙ୍କ ପତ୍ନୀ**

## ପରଦାରେ ବନ୍ଧୁତ୍ୱ

ବଲିଉଡ୍‌ରେ ବନ୍ଧୁତାର ଅନେକ ସୁନ୍ଦର କାହାଣୀକୁ ନେଇ ସିନେମା ତିଆରି ହୋଇଛି, ଯାହା ଆଜି ବି ଲୋକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଆସନ୍ତୁ ଜାଣିବା ସେହିଭଳି କିଛି ଫିଲ୍ମ ସମ୍ପର୍କରେ ।

### ଶୋଲେ

'ଜୟ' ଏବଂ 'ବୀରୁ'ଙ୍କ ବନ୍ଧୁତା ବଲିଉଡ୍ ଇତିହାସରେ ସବୁଠାରୁ ଲୋକପ୍ରିୟ । ଶୋଲେ ଫିଲ୍ମରେ ଦେଖିବାକୁ ମିଳିଥିବା ଏହି ନିଆରା କାହାଣୀ । ଫିଲ୍ମର ଗୀତ "ୟେ ଦୋସ୍ତୀ ହମ୍ ନେହିଁ ତୋଡ଼େଙ୍ଗେ" ଆଜି ବି ପ୍ରତ୍ୟେକ ବନ୍ଧୁଙ୍କ ପାଇଁ ଏକ ସ୍ୱତନ୍ତ୍ର ଗୀତ ହୋଇ ରହିଛି । ବିପଦ ସମୟରେ ଜଣେ ବନ୍ଧୁ ଅନ୍ୟ ଜଣଙ୍କ ପାଇଁ ଜୀବନ ଦେବାକୁ ପଛାଏ ନାହିଁ, ତାହା ଏହି ଫିଲ୍ମରେ ସୁନ୍ଦର ଭାବେ ଦେଖାଯାଇଛି । ସେହିଭଳି ଅମିତାଭ ଓ ଧର୍ମେନ୍ଦ୍ରଙ୍କ ଜୀବନ୍ତ ଅଭିନୟ ଏହାକୁ ଆହୁରି ଆକର୍ଷଣୀୟ କରିଥିଲା ।



### ଦିଲ୍ ଚାହତା ହେ

ଆଧୁନିକ ଯୁଗର ବନ୍ଧୁତାକୁ ନେଇ ତିଆରି ହୋଇଥିବା ଏହା ଏକ ଶ୍ରେଷ୍ଠ ଫିଲ୍ମ ହେଲା ଦିଲ ଚାହତା ହେ । 'ଆକାଶ', 'ସମୀର' ଏବଂ 'ସିଦ୍ଧାର୍ଥ' - ଏହି ତିନି ବନ୍ଧୁଙ୍କ କାହାଣୀ, ସେମାନଙ୍କର ମନୋମାଳିନ୍ୟ ଏବଂ ସମୟ ସହ ବନ୍ଧୁତାର ବଦଳୁଥିବା ସମ୍ପର୍କକୁ ଏଥିରେ ଅତି ସହଜ ଓ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି । ଏଥିରେ ଆମିର ଖାନ, ସୈଫ ଅଲ୍ଲୀ ଖାନ ଓ ଅକ୍ଷୟ ଖାନାଙ୍କର ସୁନ୍ଦର ଯୋଡି ଦର୍ଶକଙ୍କୁ ଖୁବ ପସନ୍ଦ ଆସିଥିଲା ।



### 3-ଇଡିଅଟ୍ସ


କଲେଜ ଜୀବନ, ହୋଷ୍ଟେଲର ମଜା-ମସ୍ତି ଏବଂ ସଚ୍ଚା ବନ୍ଧୁତାର ଏକ ଅନନ୍ୟ ଉଦାହରଣ ହେଉଛି ଏହି ସିନେମା । 'ରଞ୍ଚୋ', 'ଫରହାନ' ଏବଂ 'ରାଜୁ'ଙ୍କର ସମ୍ପର୍କ ଦେଖାଏ ଯେ ପ୍ରକୃତ ବନ୍ଧୁ ସଦାବେଳେ ସ୍ୱପ୍ନ ପୂରଣ କରିବାରେ ଏବଂ କଠିନ ସମୟରେ ପରସ୍ପରର ସାହସ ସାଜି ଛିଡ଼ା ହୁଅନ୍ତି । ଏଥିରେ ଆମିର ଖାନ, ଆର୍ ମାଧବନ ଓ ସରମନ ଯୋସିଙ୍କ ଅଭିନୟ ଖୁବ ମନଲୋଭା ହୋଇଥିଲା ।

### ଜିନ୍ଦେଗୀ ନା ମିଲେଗୀ ଦୋବାରା

ଏହି ଫିଲ୍ମ ଆଜି ବି ଦର୍ଶକଙ୍କ ମନରେ ଜୀବନ୍ତ ହୋଇ ରହିଛି । ଫିଲ୍ମରେ ତିନିଜଣ ପିଲାଦିନର ସାଙ୍ଗ ଏକାଠି ଏକ ସ୍ପେନ୍ ରୋଡ୍ ଟ୍ରିପ୍‌ରେ ଯାଆନ୍ତି । ଏହି ଯାତ୍ରା କେବଳ ମଜା-ମସ୍ତି ପାଇଁ ନୁହେଁ, ବରଂ ନିଜ ନିଜ ମନର ଭୟକୁ ଦୂର କରିବା ଏବଂ ପୁରୁଣା ଭୁଲ ବୁଝାମଣାକୁ ଭୁଲି ବନ୍ଧୁତାକୁ ନୂଆ ରୂପ ଦେବାର ଏକ ସୁନ୍ଦର କାହାଣୀ । ଏଥିରେ ଦର୍ଶକ ହ୍ରିତିକ ରୋଶନ, ଫରହାନ ଅଖତର ଓ ଅଭୟ ଦେଓ୍ୱଲଙ୍କ ସୁନ୍ଦର ବନ୍ଧୁତ୍ୱ ଦେଖିବାକୁ ପାଇଥିଲେ ।



## ସୋନୁଙ୍କ ଭର୍ତ୍ସନା



ଅନେକ ଷ୍ଟାର ବର୍ତ୍ତମାନ ଯୁବପିଢ଼ିଙ୍କ ଉପରେ କଙ୍ଗନା ରଣାଓ୍ୱତଙ୍କ ମନ୍ତବ୍ୟକୁ କଡ଼ା ସମାଲୋଚନା କରିବାରେ ଲାଗିଛନ୍ତି । ତେବେ ଏହି ତାଲିକାରେ ସାମିଲ ହୋଇଛନ୍ତି ସୋନୁ ସୁଦ । ନିକଟରେ କଙ୍ଗନା ଏହି ପ୍ରଦର୍ଶନକାରୀ ଜେନ୍-ଜି ଯୁବକଯୁବତୀଙ୍କୁ 'ଜେନେରେସନ୍ ଗଟର' ବୋଲି କହିଥିଲେ, ଯାହାକୁ ସୋନୁ ଅତ୍ୟନ୍ତ ଲଜ୍ଜାଜନକ ବୋଲି ବର୍ଣ୍ଣନା କରିଛନ୍ତି । ଗଣମାଧ୍ୟମ ସହ କଥା ହୋଇ ସୋନୁ କହିଛନ୍ତି ଯେ ଏହି ଯୁବପିଢ଼ି ହିଁ କଳାକାରମାନଙ୍କୁ ଷ୍ଟାର ବନାନ୍ତି ଏବଂ ସେମାନଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାନ୍ତି । ତେଣୁ ଜନସାଧାରଣ ଯେଉଁମାନେ କି ଭଗବାନଙ୍କ ସଦୃଶ, ସେମାନଙ୍କ ବିଷୟରେ କହିବା ପୂର୍ବରୁ ପ୍ରତ୍ୟେକ ସେଲିବ୍ରିଟି ଭାବିଚିନ୍ତି କହିବା ଉଚିତ୍ । ଅନ୍ୟପଟେ ଏହି ସମ୍ପୂର୍ଣ୍ଣ ବିବାଦ ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ବିଜେପି ସାଂସଦ ଅଭିନେତ୍ରୀ କଙ୍ଗନା ରଣାଓ୍ୱତ ସୋସିଆଲ ମିଡିଆରେ ପୋଷ୍ଟ କରି ନିଜର ଆତ୍ମନିର୍ଭରଶୀଳତା ପ୍ରମାଣ ନକରି ପ୍ରତିବାଦ କରୁଥିବା ଯୁବକଯୁବତୀଙ୍କୁ 'ଜେନେରେସନ୍ ଗଟର' ବୋଲି ଆଖ୍ୟା ଦେଇଥିଲେ । କଙ୍ଗନା ଅଭିଯୋଗ କରିଥିଲେ ଯେ ଏହି ଯୁବପିଢ଼ି ପାଠପଢ଼ାରେ ଭଲ ନୁହଁନ୍ତି, ନିଜ ପରିବାର ଓ ବାପାମାଆଙ୍କ ଟଙ୍କା ଉପରେ ନିର୍ଭର କରନ୍ତି । ସେହିଭଳି ନିଶାଦ୍ରବ୍ୟକୁ ପ୍ରଶ୍ରୟ ଦିଅନ୍ତି । ଏହାସହ ସେ ଆହୁରି ମଧ୍ୟ ଲେଖିଥିଲେ ଯେ ସାର୍ବଜନୀନ ସମ୍ପତ୍ତି ନଷ୍ଟ କରୁଥିବା ଏବଂ ଦେଶ ପ୍ରତି ଅପଶବ୍ଦ ବ୍ୟବହାର କରୁଥିବା ଏହି ପ୍ରଦର୍ଶନକାରୀମାନଙ୍କୁ ଆଜି ସାଧାରଣ ଜନତା ରାସ୍ତାରେ ଉଚିତ୍ ଜବାବ ଦେଉଛନ୍ତି ।

## ଗାଈପାଇଁ ୨୪ ଲକ୍ଷର ଗହଣା

ରାଜସ୍ଥାନର ଜାଲୋର ଅଞ୍ଚଳରେ ଏକ ବିରଳ ପଶୁପ୍ରେମର କାହାଣୀ ସାମ୍ନାକୁ ଆସିଛି । ଜଣେ ସ୍ଥାନୀୟ ବ୍ୟବସାୟୀ ନରେନ୍ଦ୍ର ପୁରୋହିତ ନିଜ ଗାଈ 'ରାଧା'କୁ କେବଳ ଏକ ପଶୁ ନୁହେଁ, ବରଂ ନିଜ ପରିବାରର ଜଣେ ମୁଖ୍ୟ ସଦସ୍ୟ ଭାବେ ମାନୁଛନ୍ତି । ରାଧା ପ୍ରତି ତାଙ୍କର ଏହି ଅତୁଟ ଶ୍ରଦ୍ଧା ଯୋଗୁଁ ସେ ଗାଈ ପାଇଁ ପ୍ରାୟ ୨୪ ଲକ୍ଷ ଟଙ୍କାର ସୁନା ଓ ରୂପାର ଆଭୂଷଣ ଗଢ଼ାଇଛନ୍ତି । ବିଶେଷ ପର୍ବପର୍ବାଣିରେ ତାକୁ ସେ ପ୍ରାୟ ୧୦ କିଲୋଗ୍ରାମ ରୂପାର ଗହଣାରେ ଅତି ସୁନ୍ଦର ଭାବେ ସଜାଇଥାନ୍ତି। କେବଳ ସେତିକି ନୁହେଁ, ଏବେ ରାଧାର ରହିବା ପାଇଁ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ଏକ ଭବ୍ୟ ଦୁଇ ମହଲା ବିଶିଷ୍ଟ 'ରାଧା ମହଲ' ମଧ୍ୟ ନିର୍ମାଣ କରାଯାଉଛି । ଏହି ମହଲର ଗ୍ରାଉଣ୍ଡ ଫ୍ଲୋର୍ ସମ୍ପୂର୍ଣ୍ଣ ଭାବେ ରାଧାର ରହିବା, ବୁଲିବା ଏବଂ ଖାଇବା-ପିଇବା ପାଇଁ ନିର୍ଦ୍ଧାରିତ କରାଯାଇଥିବା ବେଳେ । ତାକୁ ଦେଖିବାକୁ ଆସୁଥିବା ଲୋକଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ସ୍ଥାନର ବ୍ୟବସ୍ଥା କରାଯାଉଛି । ନରେନ୍ଦ୍ରଙ୍କ କହିବା ଅନୁଯାୟୀ, ଦିନେ ସେ ମାସକୁ ମାତ୍ର ୧୫୦୦ ଟଙ୍କାର ସାଧାରଣ ଚାକିରି କରୁଥିଲେ, କିନ୍ତୁ ରାଧା ତାଙ୍କ ଘରକୁ ଆସିବା ପରେ ତାଙ୍କ ଭାଗ୍ୟ ସମ୍ପୂର୍ଣ୍ଣ ବଦଳି ଯାଇଥିଲା । ତାଙ୍କ ବ୍ୟବସାୟରେ ଅପୂର୍ବ ଉନ୍ନତି ଘଟିଥିଲା । ଆଜି ସେ ରେଳବାଇର ବଡ଼ ବଡ଼ ଠିକା ନେଉଥିବା ଏକ ସଫଳ କନ୍‌ଷ୍ଟ୍ରକ୍ସନ୍ କମ୍ପାନୀ ଚଳାଉଛନ୍ତି, ଯାହାକୁ ସେ ରାଧାର ଶୁଭ ଆଗମନର ସୁଫଳ ବୋଲି ମାନନ୍ତି । ଏହି କୃତଜ୍ଞତା ଓ ଗଭୀର ଧାର୍ମିକ ବିଶ୍ୱାସ ଯୋଗୁଁ ହିଁ ପୂରା ପରିବାର ପ୍ରତିଦିନ ରାଧାର ପୂଜାର୍ଚ୍ଚନା କରିବା ସହ ତା' ପାଇଁ ଏହି କୋଟି କୋଟି ଟଙ୍କାର ପ୍ରାସାଦ ନିର୍ମାଣ କରାଉଛନ୍ତି ।





**ମେଷ:** ସୁସମ୍ପର୍କ ରହିବ, ଶରୀର ସୁସ୍ଥ, ଶୁଭ ଆଲୋଚନା, ଦ୍ରବ୍ୟ ଲାଭ, ପାରିବାରିକ ସାହାଯ୍ୟ, ଶତ୍ରୁ ସମସ୍ୟା, ସମ୍ପତ୍ତି ଲାଭ। ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳାଠ, ସଂଖ୍ୟା-୭, ଆରାଧନା- ପ୍ରଭୁ ଗଣେଶ ।

**ବୃଷ:** ଖୁସି ଖବର, ବିବାଦ ସମାଧାନ, କିଛି କାର୍ଯ୍ୟରେ ବିରୋଧ, ଲୋକସମ୍ପର୍କ ବୃଦ୍ଧି, ଦାମ୍ପତ୍ୟ ଖୁସି, ଦୂର ଯାତ୍ରା, ଅର୍ଥ ଲାଭ । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୬, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ଦେବକାର୍ଯ୍ୟରେ ଖୁସି, ଅଳ୍ପ ଲାଭ, ପାରିବାରିକ ଶାନ୍ତି, ଶତ୍ରୁ ପରାଜିତ, ଶୁଭ ସମାଚାର, କର୍ମକ୍ଷେତ୍ରରେ ଶାନ୍ତି, ନୂତନ ବନ୍ଧୁଲାଭ, ବିଦ୍ୟାରେ ସଫଳତା। ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ହନୁମାନ ।

**କର୍କଟ:** ଅଯଥା ଖର୍ଚ୍ଚ, ମାନସିକ ଶାନ୍ତି, ବ୍ୟବସାୟରେ ସଫଳ, ଦୂର ଯାତ୍ରାରେ ଖୁସି, ବନ୍ଧୁ ଲାଭ, ଶତ୍ରୁ ସମସ୍ୟା, ଶରୀର ସୁସ୍ଥ, ସନ୍ତାନ ଖୁସି। ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୯, ଆରାଧନା- ଶଙ୍କର ଭଗବାନ ।

**ସିଂହ:** ସହଯୋଗ ମିଳିବ, ଅର୍ଥ ଲାଭ, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ଗୃହେ ଶୁଭ ଆଲୋଚନା, ସ୍ୱଜନ ବିବାଦ, କର୍ମେ ପରିଶ୍ରମ, ଗୃହେ ଉତ୍ସବ, ବନ୍ଧୁ ଲାଭ, ଦାମ୍ପତ୍ୟ ଖୁସି। ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା-ମା' ଭୁବନେଶ୍ୱରୀ ।

**କନ୍ୟା:** ସମ୍ମାନ ମିଳିବ, ଶତ୍ରୁ ପରାଜିତ, କର୍ମକ୍ଷେତ୍ରରେ କଷ୍ଟ, ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ସୁମିଷ୍ଟ ଭୋଜନ, ଅର୍ଥ ଲାଭ, ବିଦ୍ୟାରେ ସଫଳତା, ଗୃହେ ଅତିଥି ଚର୍ଚ୍ଚା। ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୬, ଆରାଧନା- ଲୋକନାଥ ମହାପ୍ରଭୁ।

**ତୁଳା:** ଗବେଷଣାରେ ସଫଳ, ବନ୍ଧୁ ସହାୟତା, କିଛି କାର୍ଯ୍ୟରେ ଅଶାନ୍ତି, ପାରିବାରିକ ସହଯୋଗ, ସନ୍ତାନ ଖୁସି, କଳହ ସମାଧାନ, ନୂତନ ଖବର, ଶତ୍ରୁ ସମସ୍ୟା, ଅଳ୍ପ ଲାଭ। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୮, ଆରାଧନା- ମା' ଭଗବତୀ।

**ବିଛା:** ବନ୍ଧୁ ମନାନ୍ତର, କର୍ମକ୍ଷେତ୍ରରେ ଅଶାନ୍ତି, ଶରୀର ସୁସ୍ଥ, ଦୂର ଯାତ୍ରା, ଅନୁଷ୍ଠାନରୁ ଲାଭ, ଗାଡ଼ି ଚାଳନାରେ ସତର୍କ, ପେଟ ସମସ୍ୟା। ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ।

**ଧନୁ:** ଅର୍ଥ ଲାଭ, ଶୁଭ ଖବର, ମାନସିକ ଶାନ୍ତି, କର୍ମକ୍ଷେତ୍ରରେ ପ୍ରଶଂସା, କଳହ ସମାଧାନ, ଶାରୀରିକ ସୁସ୍ଥ, ନୂତନ ବାଣିଜ୍ୟ ଆରମ୍ଭ, ଶତ୍ରୁ ପରାଜିତ। ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା- ପ୍ରଭୁ ରାଧାବଲ୍ଲଭ।

**ମକର:** ମାନସିକ ଉଦବେଗ, ଶରୀର ସୁସ୍ଥ, ହେବା କାର୍ଯ୍ୟରେ ବିଳମ୍ବ, ଲୋକସମ୍ପର୍କ ବୃଦ୍ଧି, ଅଯଥା ଖର୍ଚ୍ଚ, ଦ୍ରବ୍ୟ ନଷ୍ଟ, ଦାମ୍ପତ୍ୟ କଳହ, ସନ୍ତାନ ଚିନ୍ତା, ବହୁ ପରିଶ୍ରମ। ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୮, ଆରାଧନା- ଲକ୍ଷ୍ମୀନାରାୟଣ।

**କୁମ୍ଭ:** ଖୁସିର ଦିନ, ମାନସିକ ଶାନ୍ତି, ଶୁଭ ଖବର, ଅର୍ଥ ଲାଭ, ସମ୍ପର୍କରେ ଉନ୍ନତି, ବନ୍ଧୁ ସହଯୋଗ, ଶରୀର ସୁସ୍ଥ, ଶୁଭ ଆଲୋଚନା, ଦାମ୍ପତ୍ୟ ଖୁସି। ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୧୦, ଆରାଧନା- ଶଙ୍କର ଭଗବାନ।

**ମୀନ:** ଶରୀର ଅସୁସ୍ଥ, ମାନସିକ କଷ୍ଟ, ବନ୍ଧୁ ଲାଭ, ବିଶିଷ୍ଟ ବ୍ୟକ୍ତି ସାହାଯ୍ୟ, ପାରିବାରିକ ସହଯୋଗ, ଦୂର ଯାତ୍ରାରେ କଷ୍ଟ, ସନ୍ତାନ ଖୁସି, ଅଯଥା ଖର୍ଚ୍ଚ, ଶୁଭ ଖବର, ସୁମିଷ୍ଟ ଭୋଜନ। ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୪, ଆରାଧନା- ମା' ଉଗ୍ରତାରା।

**ଶ୍ରାବଣ କୃଷ୍ଣପକ୍ଷ ଚତୁର୍ଥୀ**
**୨.୮.୨୦୨୬, ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





ଆକାଶ ମାର୍ଗରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ବନ୍ୟାଞ୍ଚଳ ପରିଦର୍ଶନ । ସାଙ୍ଗରେ ଅଛନ୍ତି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ।



ବନ୍ୟା ସ୍ଥିତି ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

# ରୋବର୍ଟକୁ ନିଷ୍କ୍ରିୟ କରି ଲୁଟିନେଲେ ଦୁଇ କୋଟି ଟଙ୍କାର ଅଳଙ୍କାର

ଭୁବନେଶ୍ୱର, (ସବ୍ୟୁ) : ଘର ଜଗିଥିବା ରୋବର୍ଟକୁ ନିଷ୍କ୍ରିୟ କରି ଲୁଟେରାମାନେ ଦୁଇକୋଟି ଟଙ୍କାର ସୁନା, ହୀରା ଅଳଙ୍କାର ସମେତ ନଗଦ ୫ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା ବିଲ୍ଡର ପ୍ରିତମ ଜେନାଙ୍କ ଘରେ ଶୁକ୍ରବାର ରାତିରେ ଲୁଟେରାମାନେ ଏହି ଘଟଣା ଘଟାଇଛନ୍ତି । ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହେବା ପରେ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଷ୍ଟେସନ ବଜାର ଅଞ୍ଚଳରେ ରୁହନ୍ତି ପ୍ରିତମ୍ ଜେନା । ଶୁକ୍ରବାର ରାତିରେ ତାଙ୍କ ଘରେ କେହି ନଥିବା ବେଳେ ରୋବର୍ଟ ଘର ଜଗିଥିଲା । ଏଥିସହ ଚତୁଃପାର୍ଶ୍ୱ ସିସି କ୍ୟାମେରା ଆଲର୍ଟ ଥିଲେ ମଧ୍ୟ ଲୁଟେରା ଦଳ ରାତି ୯ଟାରୁ ୧୦ଟା ମଧ୍ୟରେ ଘରେ ପହଞ୍ଚି କବାଟ ତାଡି ଭିତରକୁ ଯାଇଥିଲେ । ଭିତରକୁ ଯିବା ପରେ ରୋବର୍ଟ ତାଙ୍କ ବାଟ ଓଗାଳିଥିଲା । ଏହା ଦେଖି ସେମାନେ ପ୍ରଥମେ ରୋବର୍ଟକୁ ନିଷ୍କ୍ରିୟ କରିଥିଲେ । କାରଣ ରୋବର୍ଟ ସମସ୍ତ ତଥ୍ୟ ମାଲିକଙ୍କୁ ପଠାଇ ପାରିବା ବ୍ୟବସ୍ଥା ରହିଛି । ରୋବର୍ଟକୁ ନିଷ୍କ୍ରିୟ କରିବା ପରେ ଘରେ ଥିବା ସମସ୍ତ କବାଟକୁ ତାଡି ସୁନା, ହୀରା ଗହଣା ଲୁଟିବା ସହ ମୂଲ୍ୟବାନ ଘଣ୍ଟା ଓ ନଗଦ ୫ଲକ୍ଷ ଟଙ୍କା ନେଇଯାଇଛନ୍ତି ।



ଏପରିକି ଘରେ ଥିବା ଅନ୍ୟାନ୍ୟ ସମସ୍ତ ଛୋଟ ଛୋଟ ମୂଲ୍ୟବାନ ଉପକରଣ ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି । ଯିବା ବେଳେ ସେମାନେ ସିସି କ୍ୟାମେରାର ହାର୍ଡଡିସ୍କ ନେଇଯାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ପ୍ରିତମ୍ ଜେନା ।

ଶନିବାର ସକାଳେ ଡ୍ରାଇଭର ଘରକୁ ଆସିବା ବେଳକୁ ଘର ଖୋଲାଥିବା ଦେଖିବା ସହ ରୋବର୍ଟ ପଡିଥିବା ଦେଖିଥିଲେ । ମାଲିକଙ୍କୁ ଖବର କରିବା ପରେ ସେ ଘରେ ପହଞ୍ଚି ଲୁଟ୍‌ପାଟ ସମ୍ପର୍କରେ ଜାଣିଥିଲେ । ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି । ଯେଉଁ ଡ୍ରାଇଭର ପ୍ରଥମେ ମାଲିକଙ୍କୁ ଖବର ଦେଇଥିଲେ ତାଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି । ଏହି ଘଟଣାରେ ଜଣାଶୁଣା ଲୋକ ଜଡିତ ଥିବା ପୋଲିସ ସନ୍ଦେହ କରୁଛି । କାରଣ ଘରେ ରୋବର୍ଟ ଥିବା ଲୁଟେରାମାନେ ଜାଣିଲେ କିପରି । ପ୍ରଥମେ ତାକୁ ନିଷ୍କ୍ରିୟ କରିବା ପରେ ଲୁଟ୍‌ପାଟ କରିଥିଲେ । ପୂର୍ବରୁ ଲୁଟ୍ ପାଇଁ ରେକି କରାଯାଇଥିବା ପୋଲିସ ସନ୍ଦେହ କରୁଛି । ଦଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ସ୍ୱତନ୍ତ୍ର ଟିମ୍‌କୁ ସ୍ୱେଶାଲ ସ୍କ୍ୱାର୍ଡ ସହଯୋଗ କରୁଛି ।

## ମୁକ୍ତାକାଶ ଜେଲରେ ହାତୀପଲ କଲେ ଫସଲ ନଷ୍ଟ

ବାରଙ୍ଗ ,(ସବ୍ୟୁ): ଶୁକ୍ରବାର ବିଳମ୍ବିତ ରାତିରେ ଚନ୍ଦକା ଜଙ୍ଗଲରୁ ଏକ ୧୧ ଟିକିଆ ହାତୀପଲ ଆସି ଜାମୁଝରି ସ୍ଥିତ ମୁକ୍ତାକାଶ କାରାଶ୍ରମ ପରିସରରେ ଉତ୍ପାତ କରୁଛନ୍ତି ।ହାତୀପହ୍ଲ ଡେରାସ ପଟୁ ଆସି କାରାଶ୍ରମର ସୁରକ୍ଷା ପ୍ରାଚିର ଭାଙ୍ଗି ଭିତରକୁ ପଶିଥିଲା ।ଏହା ଭିତରେ ଥିବା ତାରବାଡକୁ ଭାଙ୍ଗି ପାଞ୍ଚ ଏକର ପରିମିତ ଜାଗାରେ ହୋଇଥିବା ପନିପରିବା ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିବସହ ପରିସରରେ ରହିଥିଲେ ।ଶନିବାର ସକାଳୁ ସକାଳୁ କଏଦୀମାନେ ବଗିଚା କାମ କରିବା ପାଇଁ ଯାଉଥିବା ବେଳେ ହାତୀପହ୍ଲ ଥିବାର ଜଣାପଡିଥିଲା । ଏ ବିଷୟରେ କଏଦୀମାନେ ଅଧିକ୍ଷିକା ସ୍ମିତା ମହାନ୍ତିଙ୍କୁ ଜଣାଇଥିଲେ । ଅଧିକ୍ଷିକଙ୍କ ଠାରୁ ଖବର ପାଇ ମିନିଚିନ ପାଟଣା ରେଞ୍ଜର ବନକର୍ମଚାରୀମାନେ ଆସି ହାତୀ ପହ୍ଲକୁ ଜଗି ରହିଥିଲେ ।ହାତୀପହ୍ଲ କରଶ୍ରମ ପରିସର ମଧ୍ୟରେ ରହୁଥିବା ବେଳେ ସନ୍ଧ୍ୟା ପରେ ହାତୀପଲକୁ ଘଉଡାଇ ବାହାରକୁ ଆଣି ଚନ୍ଦକା ଜଙ୍ଗଲରେ ଛଡାଯିବ ବୋଲି ବନ କର୍ମଚାରୀମାନେ କହିଛନ୍ତି ।

**ନୂଆଦିଲ୍ଲୀରୁ ଫେରିବା ପରେ ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀଙ୍କ ବିବୃତି**

# ତିନି ମାସ ମଧ୍ୟରେ ମହାନଦୀ ଜଳ ବିବାଦର ସମାଧାନ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଗଣମାଧ୍ୟମକୁ ବନ୍ୟା ପରିସ୍ଥିତି ସମ୍ପର୍କରେ ସୂଚନା ଦେବା ସହିତ ଦିଲ୍ଲୀ ଗସ୍ତ ସମ୍ପର୍କରେ ମଧ୍ୟ ବିବୃତି ରଖିଥିଲେ । ଗତ କାଲି ମୁଖ୍ୟମନ୍ତ୍ରୀ ତିନି ଦିନିଆ ଦିଲ୍ଲୀଗସ୍ତରୁ ଫେରିବା ପରେ କହିଛନ୍ତି ଯେ, ଦିଲ୍ଲୀରେ ମହାନଦୀ ଜଳବିବାଦ ସମ୍ପର୍କିତ ବୈଠକରେ ଯୋଗଦେବା ରାଜ୍ୟ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ସେ କହିଥିଲେ ଯେ, ୩୦ ତାରିଖ ଦିନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍ ପାଟିଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇଙ୍କ ସହିତ ସେ ଯୋଗଦେଇଥିଲେ । ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ଆପୋଷ ସମାଧାନ ପାଇଁ ଆଲୋଚନା ହୋଇଥିଲା ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବୈଠକରେ ଓଡିଶାର ଜନସାଧାରଣଙ୍କ ସ୍ୱାର୍ଥ ଓ ଅଧିକାର, ଚାଷୀକୂଳର ହିତ ଏବଂ ପରିବେଶର ସୁରକ୍ଷାକୁ ଗୁରୁତ୍ୱ ଦେଇ ସମାଧନର ପନ୍ଥା ନିର୍ଦ୍ଧାରଣ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । କେନ୍ଦ୍ରୀୟ ଜଳ କମିଶନ ଅଧ୍ୟକ୍ଷଙ୍କ ଅଧିନରେ ଗଠିତ ଏକ ଟେକ୍‌ନିକାଲ୍ କମିଟି ଆସନ୍ତା ୩ ମାସ ମଧ୍ୟରେ ମହାନଦୀ ଟ୍ରିବ୍ୟୁନାଲକୁ ଏହାର ରିପୋର୍ଟ ପ୍ରଦାନ କରିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହାଦ୍ୱାରା ମହାନଦୀ ଜଳ ସମସ୍ୟାର ସମାଧାନ ବାହାରିବ ଏବଂ ଆସନ୍ତା ଦୀପାବଳୀ ଆମ ପାଇଁ ଶୁଭଙ୍କର ହେବ । ଏହା ସହିତ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ନୀତି ଆୟୋଗ ତଥା ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ସଦସ୍ୟ ପ୍ରଫେସର କେ.ଭି. ରାଜୁ ପ୍ରମୁଖଙ୍କୁ ଭେଟି ରାଜ୍ୟର ବିଭିନ୍ନ ସ୍ୱାର୍ଥ ସମ୍ବଳିତ ବିଷୟ ଉପରେ ଆଲୋଚନା କରିଥିଲେ ।

## ୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ : ୨ ଗିରଫ

ବାଲୁଗାଁ /କୁହୁଡ଼ି, (ସବ୍ୟୁ): ଖୋରଧା ଜିଲ୍ଲାର ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ୨ ଟି ସ୍ଥାନରେ ଅତର୍କିତ ଭାବେ ଚଢ଼ାଉ କରାଯାଇ ୨ ଜଣ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରାଯାଇଛି ବୋଲି ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି । ଗଞ୍ଜାମ ଜିଲ୍ଲାର ବେରୁଆଁବାଡି ଗାଁର ରାଜୁ ଗୌ ।ଡଙ୍କ ଠାରୁ ୨ ଲକ୍ଷ ଟଙ୍କାର ଗଞ୍ଜେଇ ସହିତ ୧୦ ହଜାର ଟଙ୍କା ଜବତ କରାଯାଇଛି । ଠିକ ସେହିପରି ଗଞ୍ଜାମ ଜିଲ୍ଲାର ଛଚିନା-ଜଗନ୍ନାଥପୁର ଗାଁର ବାଉରୀ ବନ୍ଧୁ ଜେନାଙ୍କ ଠାରୁ ୧ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରାଯାଇଛି । ଏ ଦୁଇ ଗଞ୍ଜେଇ ବ୍ୟବସାୟୀଙ୍କୁ ବାଲୁଗାଁ ଅବକାରୀ ବିଭାଗର ଟିମ ଭିନ୍ନ ଭିନ୍ନ ସ୍ଥାନରୁ ଗିରଫ କରିଛନ୍ତି ବୋଲି ଅବକାରୀ ବିଭାଗର ନିରୀକ୍ଷକ ଅଜିତ କୁମାର ପାତ୍ର ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି । ଅଭିଯୁକ୍ତ ଦୁହିଁଙ୍କୁ କୋର୍ଟ ଚାଲାଣ କରାଯାଇଛି ।

**ବନ୍ୟା ପରିସ୍ଥିତିର ସମୀକ୍ଷା କଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ**

# ସମସ୍ତ ପ୍ରଭାବିତ ଜିଲ୍ଲାରେ ସ୍ୱାସ୍ଥ୍ୟସେବାକୁ ସଜାଗ ଓ ସୁଦୃଢ଼ ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଆଜି ରାଜ୍ୟର ବିଭିନ୍ନ ବନ୍ୟା ପ୍ରଭାବିତ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ସମ୍ପର୍କରେ ବିଭାଗର ବରିଷ୍ଠ ଅଧିକାରୀ ଓ ସମ୍ପୃକ୍ତ ଜିଲ୍ଲାମାନଙ୍କର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହ ଖାରବେଳ ଭବନ ସ୍ୱାସ୍ଥ୍ୟ ବିଭାଗ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ କରିଛନ୍ତି । ବୈଠକରେ ମନ୍ତ୍ରୀ ବନ୍ୟା ପ୍ରଭାବିତ ଅଞ୍ଚଳରେ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ସହ ଅତ୍ୟାବଶ୍ୟକ ଔଷଧ ଓ ଚିକିତ୍ସା ସାମଗ୍ରୀ ପର୍ଯ୍ୟାପ୍ତ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବନ୍ୟା ପ୍ରଭାବିତ ଓ ଦୁର୍ଗମ ଅଞ୍ଚଳରେ ତ୍ୱରିତ ପ୍ରତିକ୍ରିୟା ଟିମ୍ ଓ ମୋବାଇଲ୍ ହେଲ୍ଥ ୟୁନିଟ୍ ମାଧ୍ୟମରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସହ ଡାଇରିଆ, ହଇଜା, ମ୍ୟାଲେରିଆ, ଡେଙ୍ଗୁ ଓ ଅନ୍ୟାନ୍ୟ ଜଳବାହିତ ଏବଂ ଭେକ୍ଟରଜନିତ ରୋଗର ନିରନ୍ତର ନଜର ରଖିବା ଓ ଆବଶ୍ୟକ ସ୍ଥଳେ ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।



ରିଲିଫ କେନ୍ଦ୍ରଗୁଡ଼ିକରେ ରହୁଥିବା ଲୋକମାନଙ୍କୁ ସୁରକ୍ଷିତ ପାନୀୟ ଜଳ, ସ୍ୱଚ୍ଛତା ବ୍ୟବସ୍ଥା ଓ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଗର୍ଭବତୀ ମହିଳା, ଶିଶୁ, ବୟସ୍କ ବର୍ଗଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ସମୀକ୍ଷା ବୈଠକରେ ବିଭିନ୍ନ ଜିଲ୍ଲାର ସିଡିଏମ୍ ଓ ପିଏଚ୍‌ଓମାନେ ବନ୍ୟା ପରିସ୍ଥିତି, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଏବଂ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି ।

ମନ୍ତ୍ରୀ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଜିଲ୍ଲା ପ୍ରଶାସନ ଓ ଅନ୍ୟ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଛନ୍ତି ।

# ଜମିବାଡ଼ି ବେପାରକୁ କେନ୍ଦ୍ରକରି ଗୁଳିମାଡ଼ : ଥାନାରେ ମାମଲା, ୫ ଅଟକ

ଖୋର୍ଦ୍ଧା,(ସବ୍ୟୁ): ଶୁକ୍ରବାର ରାତିରେ ପାନବରଜ ଗାଁ ରେ ଗୁଳିମାଡ ଘଟଣା ରୋଚକ ମୋଡ ନେଇଛି । ଜମିବାଡି ବେପାରକୁ କେନ୍ଦ୍ରକରି ଗୋଷ୍ଠି ଗୋଷ୍ଠି ମଧ୍ୟରେ ଗୁଳିମାଡ ହୋଇଥିବାବେଳେ ନିକଟରେ ଥିବା ଦୋକାନକୁ ଆସିଥିବା ଅନ୍ୟଜଣେ ଯୁବକ ଆହତ ହୋଇଥିଲେ । ଆହତ ଜଣକ ହେଲେ ଅନୀଲ ଛୋଟରାୟ ଓରଫ୍ ମିଲୁ (୩୧) । ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ୪୫୭/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ୫ଜଣଙ୍କୁ ଅଟକ ରଖିଥିବା ଜଣାଯାଇଛି ।

ଅଭିଯୋଗ ଅନୁସାରେ, ଜକରା ର ଦିବ୍ୟଜ୍ୟୋତି ମିଶ୍ରଙ୍କ ର ଜମିବାଡି ପ୍ଲଟିଂ ବ୍ୟବସାୟକୁ ନେଇ ପାନବରଜ ଓ ତୋଟାପଡା ର କିଛି ଯୁବକଙ୍କ ସହ ଶତୃତା ରହିଥିଲା । ଗତକାଲି ରାତିରେ ତୋଟାପଡା ରୁ ଜରିପୁଟ ରୋଡ ଦେଇ ଦିବ୍ୟଜ୍ୟୋତି ଘରକୁ ଯାଉଥିବାବେଳେ ଉକ୍ତ ଯୁବକମାନେ ଏକ ସ୍କର୍ପିଓ ଗାଡିରେ ଆସି ରାସ୍ତାରେ ଅଟକାଇ ଜାଗା ବେପାର କରି ଭଲ ରୋଜଗାର କରୁଛୁ କହି ବିଭିନ୍ନ ପ୍ରକାର ଗାଳି କରି ମୁଣ୍ଡରେ ବନ୍ଧୁକ ଲଗାଇ ଗାଡିରେ ପାନବରଜ ଅଭିମୁଖେ ଉଠାଇନେଇଥିଲେ । ପାନବରଜ ଗାଁ ର ଏକ ପାନ ଦୋକାନ ନିକଟ ମେନ୍‌ରୋଡ୍ ରେ ଗାଡି ରୁ ବାହାର କରି ମାରଧର କରିଥିଲେ । ଏହି ସମୟରେ ସ୍ଥାନୀୟ ଅଂଚଳର ଦୁଇଜଣ ଯୁବକ ଦିବ୍ୟଜ୍ୟୋତିଙ୍କୁ ରକ୍ଷା କରିବାକୁ ଆସିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇ ଉପରକୁ ଗୁଳିମାଡ କରିଥିଲେ । ମାତ୍ର ଗୁଳିଟି ସେମାନଙ୍କ ଦେହରେ ନବାଜି ନିକଟରେ ଦୋକାନ କୁ ଯାଇଥିବା ଅନୀଲ ଙ୍କ ଦେହରେ ବାଜିଥିଲା ।

**ବନ୍ୟା ପ୍ରଭାବିତ ଅଞ୍ଚଳରେ ନିରାପଦ ପାନୀୟ ଜଳ ଯୋଗାଣକୁ ସର୍ବାଧିକ ପ୍ରାଥମିକତା**

# ପାନୀୟ ଜଳ ଉତ୍ସର ବିଶୋଧନ ଓ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଭାବିତ ଗ୍ରାମାଞ୍ଚଳରେ ନିରାପଦ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପଦକ୍ଷେପକୁ ଆହୁରି ତ୍ୱରାନ୍ୱିତ କରାଯାଇଛି । ପ୍ରଭାବିତ ପାନୀୟ ଜଳ ଉତ୍ସଗୁଡ଼ିକର ବିଶୋଧନ, ପାଇପ୍ ଜଳଯୋଗାଣ ପ୍ରକଳ୍ପ ଗୁଡ଼ିକର ପୁନରୁଦ୍ଧାର ଏବଂ ସ୍ୱାଭାବିକ ଜଳଯୋଗାଣ ବାଧାପ୍ରାପ୍ତ ହୋଇଥିବା ସ୍ଥାନରେ ବିକଳ୍ପ ପାନୀୟ ଜଳ ଯୋଗାଣ ପାଇଁ କ୍ଷେତ୍ରସ୍ତରୀୟ ଟିମ୍ ଗୁଡ଼ିକୁ ନିୟୋଜିତ କରାଯାଇଛି । ୩୧ ଜୁଲାଇ ୨୦୨୬ ସୁଦ୍ଧା ପ୍ରାପ୍ତ ତଥ୍ୟ ଅନୁଯାୟୀ, ସମ୍ପୃକ୍ତ ଜିଲ୍ଲାଗୁଡ଼ିକରେ ରିପୋର୍ଟ ହୋଇଥିବା ମୋଟ ୧୩,୬୬୨ଟି ନଳକୂପ ମଧ୍ୟରୁ ୬,୪୯୧ଟି ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି । ସେଥିମଧ୍ୟରୁ ୨,୭୧୦ଟି ନଳକୂପକୁ ଇତିମଧ୍ୟରେ ବିଶୋଧନ କାର୍ଯ୍ୟ ସରିଛି । ସେହିପରି ମୋଟ ୬୪୨ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ ୩୫୭ଟି ବନ୍ୟାରେ ପ୍ରଭାବିତ ହୋଇଥିବାବେଳେ ୧୦୧ଟି ପ୍ରକଳ୍ପର ପୁନରୁଦ୍ଧାର କିମ୍ବା ବିଶୋଧନ କାର୍ଯ୍ୟ ସମ୍ପନ୍ନ ହୋଇଛି । ଗ୍ରାମୀଣ ପାନୀୟ ଜଳ ଭିତ୍ତିଭୂମି ଉପରେ ଅଧିକ ପ୍ରଭାବ ପଡ଼ିଥିବା ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । ୱାଟର ଟ୍ରିଟମେଣ୍ଟ ୟୁନିଟ୍ ନିୟୋଜିତ ହୋଇଛି । ଏହାବ୍ୟତୀତ ୩୭ଟି ପାଣି ଟ୍ୟାଙ୍କର ଏବଂ ସିନ୍ଥେଟିକ୍ ଟ୍ୟାଙ୍କ ସଂଯୁକ୍ତ ଅତିରିକ୍ତ ୩୫ଟି ଯାନ/ ଟ୍ରାକ୍ଟର ପ୍ରଭାବିତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ କାର୍ଯ୍ୟରେ ନିୟୋଜିତ ହୋଇଛି ।





ପୁନରୁଦ୍ଧାର ଅବଧିରେ ନିରବଚ୍ଛିନ୍ନ ଭାବେ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଇବା ପାଇଁ ଏକାଧିକ ବିକଳ୍ପ ବ୍ୟବସ୍ଥା କରାଯାଇଛି । ପାନୀୟ ଜଳ ଯୋଗାଣ ବଜାୟ ରଖିବା ପାଇଁ ୪୭ଟି ଡିଜି ସେଟ୍ ନିୟୋଜିତ କରାଯାଇଥିବାବେଳେ ବିଶୁଦ୍ଧ ଜଳ ଯୋଗାଣ ପାଇଁ ୧୦ଟି ମୋବାଇଲ୍ ଏପର୍ଯ୍ୟନ୍ତ ୧,୯୨,୨୩୫ଟି ପାନୀୟ ଜଳ ବୋତଲ/ପାଉଚ୍ ବଣ୍ଟନ କରାଯାଇଛି । ଆବଶ୍ୟକତା ଅନୁଯାୟୀ ତୁରନ୍ତ ଯୋଗାଣ ପାଇଁ ଆଉ ୪,୭୫,୦୦୦ଟି ପାଣି ବୋତଲ ମହଜୁଦ ରହିଛି । ପାନୀୟ ଜଳ ଉତ୍ସର ବିଶୋଧନ ଓ ଆନୁଷଙ୍ଗିକ ପରିମଳ ବ୍ୟବସ୍ଥା ପାଇଁ ଜିଲ୍ଲାଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ବିଶୋଧକ ମହଜୁଦ କରାଯାଇଛି । ବର୍ତ୍ତମାନ ୪,୪୨୦ ବସ୍ତା ବ୍ଲିଚିଂ ପାଉଡର୍ ଉପଲବ୍ଧ ରହିଛି ।

ମୌସୁମୀ ଓ ବନ୍ୟା ପରିସ୍ଥିତି ସମୟରେ ତଦାରଖ ଏବଂ ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ବିଭାଗ ପକ୍ଷରୁ ସୁଦୃଢ଼ କରାଯାଇଛି । ଭୁବନେଶ୍ୱରସ୍ଥିତ ଇଞ୍ଜିନିୟର-ଇନ୍-ଚିଫ୍, ଜଡଝଡଝଙ୍କ କାର୍ଯ୍ୟାଳୟରେ


## ରାଜ୍ୟସ୍ତରରେ ୨୪ ଘଣ୍ଟିଆ ତଦାରଖ ଜାରି

୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ ରହିଛି । ପାନୀୟ ଜଳ ପରିସ୍ଥିତିର ନିରନ୍ତର ତଦାରଖ ପାଇଁ ଅଧିକାରୀ ଓ କର୍ମଚାରୀମାନେ ପାଳି ଭିତ୍ତିରେ ନିୟୋଜିତ ହୋଇଛନ୍ତି । ରାଜ୍ୟ କଣ୍ଟ୍ରୋଲ ରୁମ୍‌ରେ ପ୍ରାପ୍ତ ପାନୀୟ ଜଳ ସମ୍ପର୍କିତ ଅଭିଯୋଗଗୁଡ଼ିକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ପାଇଁ ସମ୍ପୃକ୍ତ ଜଡଝଡଝ ଡିଭିଜନକୁ ଜଣାଇ ଦିଆଯାଉଛି । ରାଜ୍ୟ କଣ୍ଟ୍ରୋଲ ରୁମ୍‌ର ଯୋଗାଯୋଗ ନମ୍ବର ହେଉଛି ୦୬୭୪-୨୩୯୧୨୦୩ । ଏହା ସହିତ ରାଜ୍ୟର ସମସ୍ତ ଜିଲ୍ଲାସ୍ତରରେ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଛି । ଏହାଦ୍ୱାରା ସ୍ଥାନୀୟ ପାନୀୟ ଜଳ ପରିସ୍ଥିତିର ନିୟମିତ ତଦାରଖ ସହ କ୍ଷେତ୍ରସ୍ତରୀୟ ଟିମ୍‌ଗୁଡ଼ିକ ସହ ତ୍ୱରିତ ସମନ୍ୱୟ ସମ୍ଭବ ହେଉଛି । ବନ୍ୟା ପ୍ରଭାବିତ ପାନୀୟ ଜଳ ଉତ୍ସଗୁଡ଼ିକୁ ପୁନଃ ବ୍ୟବହାର ପୂର୍ବରୁ ବିଶୋଧନ କରିବାକୁ ବିଭାଗ ସର୍ବାଧିକ ପ୍ରାଥମିକତା ଦେଉଛି । ଯେଉଁଠାରେ କୌଣସି ଜଳ ଉତ୍ସକୁ ତୁରନ୍ତ ପୁନରୁଦ୍ଧାର କରିବା କିମ୍ବା ନିରାପଦ ଭାବେ ବ୍ୟବହାର କରିବା ସମ୍ଭବ ହେଉନାହିଁ, ସେଠାରେ ଟ୍ୟାଙ୍କର, ସିନ୍ଥେଟିକ୍ ଟ୍ୟାଙ୍କ, ମୋବାଇଲ୍ ୱାଟର ଟ୍ରିଟମେଣ୍ଟ ୟୁନିଟ୍ ଏବଂ ପ୍ୟାକେଜ୍‌ଡ ପାନୀୟଜଳ ମାଧ୍ୟମରେ ବିକଳ୍ପ ଜଳଯୋଗାଣ କରାଯାଉଛି । ବନ୍ୟା ଓ ବନ୍ୟା ପରବର୍ତ୍ତୀ ସମୟରେ ଜନସାଧାରଣଙ୍କ ପାଇଁ ନିରାପଦ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା ନିମନ୍ତେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ଜିଲ୍ଲା ଓ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରୁଛି ।

# ବନ୍ୟା ପ୍ରଭାବିତ ଅଞ୍ଚଳରେ ୯୩% ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ

ଭୁବନେଶ୍ୱର, (ସବ୍ୟୁ): ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ ଏବଂ ଅନୁଧ୍ୟାନ ଅନୁଯାୟୀ, ରାଜ୍ୟର ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ବିଦ୍ୟୁତ୍ ଯୋଗାଣ ପୁନରୁଦ୍ଧାର ସ୍ଥିତିର ମୂଲ୍ୟାଙ୍କନ କରାଯାଇଛି । ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ ଦେବଙ୍କ ଅଧ୍ୟକ୍ଷତାରେ ସମସ୍ତ ଡିସକମ୍‌ମାନଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଉପ-ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ସହ ଦ୍ରୁତ ଗ୍ରିଡ୍ ପୁନରୁଦ୍ଧାର ନିଶ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ।

ଏହି ବୈଠକରେ ଡିସକମ୍ ଗୁଡ଼ିକ ପୁନରୁଦ୍ଧାର କାର୍ଯ୍ୟର ପ୍ରଗତି ବିଷୟରେ ଜଣାଇବା ସହ ନିଶ୍ଚିତ କରିଛନ୍ତି ଯେ, ବନ୍ୟା ଜଳ ହ୍ରାସ ପାଇବା ସହିତ ରାଜ୍ୟସାରା ପ୍ରଭାବିତ ଉପଭୋକ୍ତାଙ୍କ ମଧ୍ୟରୁ ୯୩% ଙ୍କୁ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରାଯାଇସାରିଛି । ଅଧିକାଂଶ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟ ଅତି ଦ୍ରୁତ ଗତିରେ ଚାଲିଥିବା ବେଳେ, କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ଭଳି ଜିଲ୍ଲାର ତଳିଆ ଓ ଅତ୍ୟଧିକ ଜଳମଗ୍ନ ପକେଟ୍ ଗୁଡ଼ିକରେ ଜଳସ୍ତର ନକମିବା ଏବଂ ଯାତାୟାତ ପାଇଁ ସୀମିତ ସୁବିଧା ହେତୁ ସାମାନ୍ୟ ବିଳମ୍ବ ଘଟୁଛି ।





ବିଦ୍ୟୁତ କର୍ମକର୍ତ୍ତାମାନେ ଉଲ୍ଲେଖ କରିଛନ୍ତି ଯେ ସାମଗ୍ରିକ ବିଦ୍ୟୁତ୍ ଭିତ୍ତିଭୂମିର କୌଣସି ବଡ଼ ଧରଣର ଗଠନମୂଳକ କ୍ଷତି ହୋଇନାହିଁ । ଅଚଳ କିମ୍ବା ପୋଡ଼ିଯାଇଥିବା ଟ୍ରାନ୍ସଫର୍ମରଗୁଡ଼ିକୁ ସ୍ଥାନୀୟ ସ୍ଥିତି ଅନୁଯାୟୀ ଯଥାଶୀଘ୍ର ବଦଳାଯାଉଛି ।

ଜନଜୀବନ ସୁରକ୍ଷାକୁ ପ୍ରାଥମିକତା ସମ୍ପର୍କରେ ଉପ-ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟ ନିର୍ଦ୍ଦେଶକୁ କଡାକଡି ଅନୁପାଳନ କରି, ଶକ୍ତି ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡିସକମ୍ ଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ ବିଦ୍ୟୁତ୍ ସେବା ପୁନରୁଦ୍ଧାର କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି; ଏହା ସହିତ ସାଧାରଣ ଜନତା ଏବଂ ଫିଲ୍ଡ କର୍ମଚାରୀଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ କହିଛନ୍ତି । ଜଳମଗ୍ନ ଲାଇନ୍ କିମ୍ବା ସଂସ୍ଥାପନଗୁଡ଼ିକୁ ଚାଲୁ କରିବା ପୂର୍ବରୁ ଆବଶ୍ୟକ ସୁରକ୍ଷା ଯାଞ୍ଚ କରିବା, ଦୁର୍ଗମ ଅଞ୍ଚଳଗୁଡ଼ିକରେ ଜିଲ୍ଲା ପ୍ରଶାସନ ସହ ନିବିଡ଼ ସମନ୍ୱୟ ରକ୍ଷା କରିବା, ଏବଂ ଗଣମାଧ୍ୟମ ଓ ସୋସିଆଲ୍ ମିଡିଆ ମାଧ୍ୟମରେ ବିଦ୍ୟୁତ୍ ବିଭ୍ରାଟର ସ୍ଥିତି ଏବଂ ଆଶାଯୋଗ୍ୟ ସମୟସୀମା ବିଷୟରେ ଜନସାଧାରଣଙ୍କୁ ରିଅଲ-ଟାଇମ୍ ଅପଡେଟ୍ ଦେବା ପାଇଁ ଡିସକମ୍ ଗୁଡ଼ିକୁ ପରାମର୍ଶ ଦିଆଯାଇଛି ।

### ଖୋର୍ଦ୍ଧାରେ ଡ୍ରଗ୍ସ ମାଫିଆଙ୍କ ବିରୋଧରେ ପୁଲିସର କାର୍ଯ୍ୟାନୁଷ୍ଠାନ

# ୧୭୫ ଗ୍ରାମ ବ୍ରାଉନସୁଗର ଜବତ, ଦୁଇ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାରେ ମାଦକ କାରବାର ଦିନକୁ ଦିନ ସଂଗଠିତ ରୂପ ନେଉଥିବାବେଳେ ଏହାର ମେରୁଦଣ୍ଡ ଭାଙ୍ଗିବା ପାଇଁ ଜିଲ୍ଲା ପୁଲିସ ବଡ଼ ଧରଣର ଅଭିଯାନ ଆରମ୍ଭ କରିଛି। ମାତ୍ର ୪୮ ଘଂଟା ମଧ୍ୟରେ ଖୋର୍ଦ୍ଧା ଆଦର୍ଶ ଥାନା ଓ ଶିଳ୍ପାଂଚଳ ଥାନା ପୁଲିସ ପକ୍ଷରୁ କରାଯାଇଥିବା ଦୁଇଟି ପୃଥକ ଗୁଇନ୍ଦା ସୂଚନା ଭିତିକ ଚଢ଼ାଉରେ ୧୭୫ ଗ୍ରାମ ବ୍ରାଉନ



ସୁଗାର ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ବେଆଇନ ବଜାର ମୂଲ୍ୟ ପ୍ରାୟ ୧୭.୫୦ ଲକ୍ଷ ଟଙ୍କା ବୋଲି ପୁଲିସ ସୂଚନା ଦେଇଛି। ଏହି ଚଢ଼ାଉରେ ଦୁଇଜଣ ଅଭିଯୁକ୍ତ ଗିରଫ ହୋଇଥିବାବେଳେ ଏକ ପଲସର ମୋଟରସାଇକେଲ ଓ ଏକ ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ଗୁଇନ୍ଦା ନେଟୱର୍କକୁ ଅଧିକ ସକ୍ରିୟ କରାଯାଇଥିବାରୁ ଆଗାମୀ ଦିନରେ ଆହୁରି ବଡ଼ ଧରଣର ଖୁଲାସା ହେବାର ସମ୍ଭାବନା ଥିବା ପୁଲିସ ସୂତ୍ରରୁ ସଙ୍କେତ ମିଳିଛି।

ଶନିବାର ଖୋର୍ଦ୍ଧା ଏସ୍.ଡି.ପି.ଓ.ଙ୍କ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍.ଡି.ପି.ଓ.ପଙ୍କଜ କୁମାର ମାଝୀ କହିଛନ୍ତି ଯେ, ମାଦକ କାରବାର ବିରୋଧରେ ଖୋର୍ଦ୍ଧା ପୁଲିସ 'ଶୂନ୍ୟ ସହନଶୀଳତା' ନୀତି ' ଆପଣାଇଛି। କେବଳ ଖୁଚୁରା ବେପାରୀଙ୍କୁ ଧରିଲେ ସମସ୍ୟାର ସମାଧାନ ହେବ ନାହିଁ। ତେଣୁ ପ୍ରତ୍ୟେକ ଏନ୍.ଡି.ପି.ଏସ୍. ମାମଲାରେ ପଛ ଓ ଆଗ ଲିଙ୍କର ତଦନ୍ତ କରି ସମ୍ପୂର୍ଣ୍ଣ ରାକେଟର ପର୍ଦ୍ଦାଫାସ କରାଯାଉଛି। ପ୍ରଥମ ଚଢ଼ାଉ ଜୁଲାଇ ୩୧ରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପରମାର ସ୍ମିତ ପରୋଷୋତମଦାସଙ୍କ ନିର୍ଦ୍ଦେଶକ୍ରମେ ଗଡ଼ଦ୍ୱାରସାହି ତାରିଣୀ ମନ୍ଦିର ନିକଟରେ କରାଯାଇଥିଲା। ପୁଲିସ ଉପ-ନିରୀକ୍ଷକ ସସ୍ମିତା ବେହେରାଙ୍କ ନେତୃତ୍ୱରେ ହୋଇଥିବା ଏହି ଅଭିଯାନରେ ସାଗୁଆନ ବଗିଚାର ସନ୍ତୋଷ ରାଉତରାୟ ଓରଫ ଫିଂଟୁ (୨୭)ଙ୍କ ନିକଟରୁ ୧୫୦ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଥିଲା। ଯାହାର ବଜାର ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା।

ଅନ୍ୟପକ୍ଷରେ ଅଗଷ୍ଟ ୧ରେ ଶିଳ୍ପାଂଚଳ ଥାନା ପୁଲିସ ଖୋର୍ଦ୍ଧା–ପୁରୀ ମୁଖ୍ୟ ରାସ୍ତାର ଗଡ଼ଚଣ୍ଡୀ ମନ୍ଦିର ନିକଟରେ ଚଢ଼ାଉ କରି ଅରବିନ୍ଦ ନଗରର ସୋନୁ ଓରଫ ସୌମ୍ୟରଞ୍ଜନ ସାହୁ (୨୩)ଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ୨୫.୫୦ ଗ୍ରାମ ବ୍ରାଉନ ସୁଗାର, ଏକ ପଲସର–୨୨୦ ମୋଟରସାଇକେଲ ଓ ଏକ ମୋବାଇଲ ଫୋନ ଜବତ କରାଯାଇଥିଲା। ଜବତ ନିଶାଦ୍ରବ୍ୟର ମୂଲ୍ୟ ପ୍ରାୟ ୨.୫୦ ଲକ୍ଷ ଟଙ୍କା। ଖୋର୍ଦ୍ଧା ଜିଲ୍ଲାରେ ଗତ କିଛି ମାସ ଧରି ବ୍ରାଉନସୁଗର ଜବତ ଘଟଣା ବଢ଼ିଚାଲିଥିବାରୁ ଜିଲ୍ଲା ଏକ ପ୍ରମୁଖ ଟ୍ରାଞ୍ଜିଟ୍ କରିଡରରେ ପରିଣତ ହେଉଛି କି ନାହିଁ, ତାହା ନେଇ ପ୍ରଶ୍ନ ଉଠୁଛି। ପୁଲିସ କହିଛି, ଜବତ ଘଟଣା ପଛରେ ଥିବା ସଂଗଠିତ ଗୋଷ୍ଠୀ ର ମୂଳକୁ ଖୋଜିବା ପାଇଁ ତଦନ୍ତକୁ ଆହୁରି ବ୍ୟାପକ କରାଯାଇଛି। ଏସ୍.ଡି.ପି.ଓ. ଶ୍ରୀ ମାଝୀ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟଠାରୁ ଦୂରେ ରହିବାକୁ ଆହ୍ୱାନ ଜଣାଇବା ସହ ସାଧାରଣ ଲୋକଙ୍କୁ ମାଦକ କାରବାର ସମ୍ପର୍କିତ ସୂଚନା ପୁଲିସକୁ ଯୋଗାଇବାକୁ ଅନୁରୋଧ କରିଛନ୍ତି। ଜିଲ୍ଲାକୁ ମାଦକ ଦ୍ରବ୍ୟ ମୁକ୍ତ କରିବା ପାଇଁ ଆଗାମୀ ଦିନରେ ଏଭଳି ଗୁଇନ୍ଦା ସୂଚନାଭିତିକ ଚଢ଼ାଉ ଆହୁରି ଜୋରଦାର କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

### ନାଲ୍‌କୋର ଆର୍ଥିକ ବର୍ଷ ୨୦୨୬ - ୨୭ ର ପ୍ରଥମ ତ୍ରୈମାସିକ ଫଳାଫଳ

# ୮୮ % ବୃଦ୍ଧି ସହ ୨୦୦୨.୩୮ କୋଟି ଟଙ୍କାର ନିଟ୍ ଲାଭ

ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ଏବଂ ଦେଶର ପ୍ରମୁଖ ଆଲୁମିନିୟମ ନିର୍ମାତା ତଥା ରପ୍ତାନିକାରୀ କମ୍ପାନୀ ନାଲକୋ ପକ୍ଷରୁ ଆର୍ଥିକ ବର୍ଷ ୨୦୨୬ - ୨୭ ର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି । ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଅନୁମୋଦିତ ଆର୍ଥିକ ଫଳାଫଳ ଅନୁଯାୟୀ, ଜୁନ୍ ୩୦, ୨୦୨୬ ରେ ଶେଷ ହୋଇଥିବା ପ୍ରଥମ ତ୍ରୈମାସିକରେ କମ୍ପାନୀ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ନିଟ୍ ଲାଭରେ ୮୮% ବୃଦ୍ଧି ସହ ମୋଟ ଲାଭ ୨୦୦୨.୩୮ କୋଟି ଟଙ୍କା ହୋଇଛି ଯାହା ପୂର୍ବ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୧୦୬୩.୮୬ କୋଟି ଟଙ୍କା ଥିଲା । ଏଥି ସହ, ପ୍ରଥମ ତ୍ରୈମାସିକରେ ମୋଟ ବ୍ୟବସାୟ ୩୯% ବୃଦ୍ଧି ପାଇ ୫୩୦୨.୩୮ କୋଟି ଟଙ୍କାରେ ପହଞ୍ଚିଛି ।୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ନାଲକୋ ଅନ୍ତିମ ଲାଭାଂଶ



ହିସାବରେ ପ୍ରତି ଇକ୍ୱିଟି ସେୟାର ପିଛା ୧ ଟଙ୍କା ହିସାବରେ ମୋଟ ୧୮୩.୬୬ କୋଟି ଟଙ୍କାର ଚୂଡ଼ାନ୍ତ ଲାଭାଂଶ ସୁପାରିଶ କରିଛି, ଯାହାକୁ ଆଗାମୀ ୪୫ତମ ବାର୍ଷିକ ସାଧାରଣ ବୈଠକରେ ସେୟାରଧାରକମାନଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯିବ। ଫଳାଫଳ ସମ୍ବନ୍ଧରେ ନିଜର ମତ ରଖି, ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, "ପ୍ରଥମ ତ୍ରୈମାସିକର ଦୃଢ଼ ପ୍ରଦର୍ଶନ, ଅନୁକୂଳ ବିଶ୍ୱ ଆଲୁମିନିୟମ ମୂଲ୍ୟ, ବର୍ଦ୍ଧିତ ଉତ୍ପାଦନ ତଥା ବିକ୍ରୟ ପରିମାଣ - ବିଶେଷକରି ଘରୋଇ ଆଲୁମିନା ବିକ୍ରୟରେ ବୃଦ୍ଧି - ଏବଂ ଏକ ଅନୁକୂଳ ଘରୋଇ ବ୍ୟବସାୟ ପରିବେଶ ଦ୍ୱାରା ହାସଲ ହୋଇଛି । ଏଥି ସହ, ସେ ନିର୍ଦ୍ଦେଶକ ମଣ୍ଡଳୀର ରଣନୈତିକ ମାର୍ଗଦର୍ଶନ, କର୍ମଚାରୀ, ବ୍ୟବସାୟ ସହଯୋଗୀ ଏବଂ ଅଂଶୀଦାରମାନଙ୍କ ପ୍ରତିବଦ୍ଧତା ଯୋଗୁଁ ଚଳିତ ଆର୍ଥିକ ବର୍ଷରେ ଏକ ଦୃଢ଼ ବ୍ୟବସାୟିକ ପ୍ରାରମ୍ଭ ହୋଇଛି ବୋଲି ମତ ପ୍ରକାଶ କରିଛନ୍ତି । ଶ୍ରୀ ସିଂହ ଆହୁରି କହିଛନ୍ତି ଯେ, ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ନିରନ୍ତର ସହଯୋଗ ଦ୍ୱାରା କମ୍ପାନୀ ଆଗକୁ ବଢ଼ିବା ସହିତ, ସମ୍ପ୍ରସାରଣ ପ୍ରକଳ୍ପ କାର୍ଯ୍ୟ ସମାପ୍ତି ଉପରେ ଧ୍ୟାନ ଦେଉଛି । ଆଗାମୀ ଦିନରେ କମ୍ପାନୀ ଉତ୍ପାଦନ କ୍ଷମତା ବୃଦ୍ଧି, ଅଂଶୀଦାରମାନଙ୍କୁ ନିରନ୍ତର ମୂଲ୍ୟ ପ୍ରଦାନ, ଗବେଷଣା ଏବଂ ବିକାଶ ନବସୃଜନ ଏବଂ ସମ୍ବଳ ବ୍ୟବହାରକୁ ଅପ୍ଟିମାଇଜ୍ କରିବା ଉପରେ ଗୁରୁତ୍ୱ ଦେଉଛି। ଉଲ୍ଲେଖନୀୟ ଯେ, ପ୍ରଥମ ତ୍ରୈମାସିକରେ ଉତ୍ପାଦନ କ୍ଷେତ୍ରରେ ମଧ୍ୟ କମ୍ପାନୀ ସର୍ବକାଳୀନ ସର୍ବାଧିକ ୧୯.୫୨ ଲକ୍ଷ ଟନ୍ ବକ୍ସାଇଟ୍ ଖନନ ଏବଂ ସର୍ବକାଳୀନ ସର୍ବାଧିକ ୫.୭୭ ଲକ୍ଷ ଟନ୍ କାଲସାଇଣ୍ଡ ଆଲୁମିନା ଉତ୍ପାଦନ ରେକର୍ଡ କରିବା ସହ ପ୍ରଥମ ତ୍ରୈମାସିକରେ ସର୍ବାଧିକ ୩.୪୭ ଲକ୍ଷ ଟନ୍ଆଲୁମିନା/ହାଇଡ୍ରେଟ୍ ବିକ୍ରୟ କରିଛି।

**ପ୍ରଥମ ତ୍ରୈମାସିକ ଇତିହାସରେ ବକ୍ସାଇଟ୍ ଖନନ, କାଲସାଇଣ୍ଡ ଆଲୁମିନା ଉତ୍ପାଦନ ଏବଂ ଆଲୁମିନା/ହାଇଡ୍ରେଟ୍ ବିକ୍ରୟ କ୍ଷେତ୍ରରେ ନୂତନ ରେକର୍ଡ ସ୍ଥାପନ**

## ନିମାପଡାରେ କଂଗ୍ରେସର ସମୀକ୍ଷା ବୈଠକ

ନିମାପଡ଼ା,(ସବ୍ୟୁ) :ଭାଣପୁର ସ୍ଥିତ ମାତୃକୃପା ରିସୋର୍ଟଠାରେ ନିମାପଡ଼ା କଂଗ୍ରେସ ଦଳ ପକ୍ଷରୁ ଏସ.ଆଇ. ଆର୍ କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ନିମାପଡ଼ା ବ୍ଲକ କଂଗ୍ରେସ କମିଟି ସଭାପତି କାଳନ୍ଦୀ ଚରଣ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପିସିସି ପର୍ଯ୍ୟବେକ୍ଷକ ଚିନ୍ମୟ ସୁନ୍ଦର ଦାଶ ଓ ନିମାପଡ଼ା କଂଗ୍ରେସ ନେତା ସତ୍ୟବ୍ରତ ପାତ୍ର(ରମୁ)ଙ୍କ ସମେତ ସମସ୍ତ ବିଏଲଏ-୨ ଏବଂ ଜିଲ୍ଲା କଂଗ୍ରେସ ର ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇଥିଲେ ।ନିମାପଡ଼ା ବ୍ଲକର ବୁଥ ସ୍ତରକୁ ଆହୁରି ସୁଦୃଢ଼ ଓ ସକ୍ରିୟ କରିବା ସହିତ ସଠିକ ଭୋଟର ଯେପରି ଭୋଟର ତାଲିକାରୁ ବାଦ ନ ପଡ଼ିବେ ସେଥିପାଇଁ ଏହି ବୈଠକରେ ବ୍ୟାପକ ଆଲୋଚନା ଓ ରଣନୀତି ପ୍ରସ୍ତୁତ କରାଯାଇଥିଲା ।

## ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରୁଛି ଉତ୍କଳ ଆଲୁମିନା

ଭୁବନେଶ୍ୱର, (ସବ୍ୟୁ) : ସମାବେଶୀ ଓ ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ନିଜର ପ୍ରତିବଦ୍ଧତାର ଅଂଶ ଭାବରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ୍) ର ସିଏସ୍ଆର ପ୍ରୟାସସମୂହ ତୃଣମୂଳ ସ୍ତରରେ ଅର୍ଥନୈତିକ ସ୍ୱାବଲମ୍ବନଶୀଳତା ଏବଂ ଔଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏକାଧିକ ମହିଳା-କୈନ୍ଦ୍ରିକ ଜୀବିକା ଉପାର୍ଜନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛି। ଏହି ପ୍ରୟାସଗୁଡ଼ିକ ରାୟଗଡା ଓ କଳାହାଣ୍ଡି ଜିଲ୍ଲାଗୁଡ଼ିକର କାଶିପୁର ଓ ଥୁଆମୂଳ ରାମପୁର ବ୍ଲକଗୁଡ଼ିକରେ ପାରିପାଶ୍ୱର୍ିକ ଓ ଖଣି-ପ୍ରଭାବିତ ଗ୍ରାମଗୁଡ଼ିକରେ ମହିଳାମାନଙ୍କୁ ସମର୍ଥନ ଯୋଗାଇଦେବାକୁ ହାତକୁ ନିଆଯାଇଛି। ଏ ସମ୍ପର୍କରେ ପ୍ରକାଶ କରି କୈଳାସ ପାଣ୍ଡେ, ମାଇନିଂ ବିଜିନେସ୍ ହେଡ, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ କହିଛନ୍ତି, "ହିଣ୍ଡାଲ୍‌କୋର ଆମର ବିଶ୍ୱାସ ଯେ ଗୋଷ୍ଠୀଗୁଡ଼ିକ ଯେତେବେଳେ ପ୍ରଗତିରେ ସକ୍ରିୟ ସହଭାଗୀ ହୁଅନ୍ତି ସେତେବେଳେ ବାସ୍ତବ ବିକାଶ ଆରମ୍ଭ ହୁଏ। ବାଫିଲମାଳି ଖଣି ଚତୁର୍ପାଶ୍ୱର୍େ ଆମର ମହିଳା-ନେତୃତ୍ୱ ଜୀବିକା ଉପାର୍ଜନ ପ୍ରୟାସଗୁଡ଼ିକ ଜରିଆରେ ଆମେ ଆୟର ସୁଯୋଗଗୁଡ଼ିକ ସୃଷ୍ଟି କରିବା ସହିତ ଔଦ୍ୟୋଗିକତା, ଆତ୍ମବିଶ୍ୱାସ ଓ ଦୀର୍ଘସୂତ୍ରୀ ସ୍ୱାବଲମ୍ବନଶୀଳତାକୁ ପରିପୋଷଣ କରୁଛୁ। ସଶକ୍ତ ମହିଳାମାନେ ଦୀର୍ଘସ୍ଥାୟୀ ଗୋଷ୍ଠୀ ରୂପାନ୍ତରଣ ନିମନ୍ତେ ମଜଭୁତ ପରିବର୍ତ୍ତନକାରୀ ଅଟନ୍ତି। ଅର୍ଥନୈତିକ ସ୍ୱାଧୀନତା ଦିଗରେ ସେମାନଙ୍କ ଯାତ୍ରାକୁ ସମର୍ଥନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ। ପ୍ରୋଜେକ୍ଟ ଶକ୍ତି ଓ ପ୍ରୋଜେକ୍ଟ ଗ୍ରାମ୍ୟ ଶକ୍ତି ଅଧୀନରେ ୟୁଏଆଇଏଲ୍ ଅଣ୍ଡିରାକଞ୍ଚ, ପାଇକକୁପଖାଲ, ନାରିଙ୍ଗଯୋଡି ଏବଂ ଯୋଗିପରିତୁଣ୍ଡା ଗ୍ରାମଗୁଡ଼ିକରେ ଦୀର୍ଘସ୍ଥାୟୀ ଔଦ୍ୟୋଗିକତା ଏବଂ ଆୟକାରୀ ସୁଯୋଗଗୁଡ଼ିକୁ ପ୍ରୋତ୍ସାହିତ କରି ପ୍ରାୟ ୨୦୦ ଗ୍ରାମୀଣ ମହିଳାଙ୍କୁ ସଶକ୍ତ କରିଛି। ସିଏସ୍ଆର ଏନଜିଓ ଏବଂ ଆସା (ଏଏସ୍ଏସ୍ଏ) ଏନଜିଓ ସହଯୋଗୀତାରେ କାର୍ଯ୍ୟକାରୀ ହେଉଥିବା ଏହି ପ୍ରୟାସଗୁଡ଼ିକ ମହିଳାମାନଙ୍କୁ ଧୂପକାଠି (ଅଗରବତୀ) ଓ କାଗଜ ପ୍ଲେଟ ତିଆରି, ଚାନ୍ଦୁଆ କାମ, ଝୋଟ ଓ କାନଭାସ୍ ସାମଗ୍ରୀ, ରାତ୍ରିକାଳୀନ ପରିଧାନ, ଫିନାଇଲ ପ୍ରସ୍ତୁତି ଏବଂ ମାଣ୍ଡିଆ ଭିତ୍ତିକ ଖାଦ୍ୟ ପ୍ରକ୍ରିୟାକରଣାରେ ଦକ୍ଷତା ବିକାଶ ଜରିଆରେ ସମର୍ଥନ କରିଛି।

# କଣ୍ଟାପାଟଣା ବାସୁଦେବ ସିଂଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣାକୁ ୨୮ ଦିନ ବିତିଲା : ସନ୍ଦେହ ଘେରରେ ପୋଲିସ

ଚଣ୍ଡିଖୋଲ(ସବ୍ୟୁ) :ଯାଜପୁର ଜିଲ୍ଲାର ଜେନାପୁର ଥାନା ଅନ୍ତର୍ଗତ କଣ୍ଟାପାଟଣା ଗ୍ରାମରେ ବାସୁଦେବ ସିଂଙ୍କ ଅସ୍ୱାଭାବିକ ମୃତ୍ୟୁକୁ ଇତି ମଧ୍ୟରେ ୨୮ ଦିନ ବିତି ଯାଇଛି। ହେଲେ ଏହି ବହୁ ଚର୍ଚ୍ଚିତ ଘଟଣାର ପ୍ରକୃତ ସତ୍ୟ ଉଦଘାଟନରେ ସ୍ଥାନୀୟ ପୋଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପରିବାର ଲୋକଙ୍କୁ ବ୍ୟାଙ୍କରେ ଥିବା ଟଙ୍କା ନଦେବାରୁ ବାସୁଦେବଙ୍କୁ ତାଙ୍କ ପରିବାର ଲୋକେ ସୁଚିନ୍ତିତ ଭାବେ ହତ୍ୟା କରିଛନ୍ତି ବୋଲି ତାଙ୍କର ଭଉଣୀ ଓ ଭଣଜା ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲା ବେଳେ ବାସୁଦେବ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ସଫେଇ ଦେଉଛନ୍ତି। ତେବେ ଏହି ଘଟଣାକୁ ନେଇ ସାଧାରଣରେ ଅନେକ କଥା ଆଲୋଚନା ହେବା ସହିତ ଘଟଣାର ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ମଧ୍ୟ ଅନେକ ସଂନ୍ଦେହ ପୂର୍ଣ୍ଣ ତଥ୍ୟ ପଦାକୁ ଆସିଛି। ହେଲେ ପୋଲିସ ଅଦ୍ୟାବଧି ଉକ୍ତ ଘଟତାକୁ ଅତି ହାଲକାଭାବେ ଧରିନେଇ ଅଦ୍ୟାବଧି ଥାନାରେ ଅପମୃତ୍ୟୁ ମାମଲାଟିଏ ମଧ୍ୟ ପଞ୍ଜିକରଣ ନକରି ଅତି ଆର୍ଶ୍ଚର୍ଯ୍ୟ ଜନକ ଭାବେ ଚୁପହୋଇ ବସିଥିବା ଦେଖାଯାଉଛି । ଏହି ସ୍ୱର୍ଶ କାତର ଘଟଣାରେ ପୋଲିସର ଏପରି ଆଚରଣ ପ୍ରଦର୍ଶନ ଓ କାର୍ଯ୍ୟ ଧାରାକୁ ନେଇ ସାଧାରଣରେ ଘୋର ସଂନ୍ଦେହ ସୃଷ୍ଟି ହୋଇଛି ।ତାଙ୍କ ପରିବାର କହିବା ଅନୁଯାୟୀ ଯଦିବି ବାସୁଦେବଙ୍କୁ ହତ୍ୟା କରାଯାଇ ନଥାଏ ବା ବାସୁଦେବଙ୍କ ମୃତ୍ୟୁ ଆତ୍ମହତ୍ୟା ଜନିତ ହୋଇଥାଏ ତେବେ ସେ ଜଣେ ସୁସ୍ତ ଶବଳ ବ୍ୟକ୍ତି ହୋଇଥିଲେ ମଧ୍ୟ କେଉଁ ଅବସ୍ଥାରେ,କାହିଁକି ଓ କେଉଁ କାରଣ ପାଇଁ ହଠାତ ଆତ୍ମହତ୍ୟା କଲେ ଓ ତାଙ୍କ ଆତ୍ମହତ୍ୟା ପାଇଁ ଦାୟି କିଏ ତାହାର ତଦନ୍ତ କରି ପୋଲିସ ପ୍ରକୃତ ସତ୍ୟ ଲୋକଲୋଚନକୁ ଆଣିବା କଥା। ହେଲେ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପୋଲିସ ନିକଟରେ ଲିଖିତ ଅଭିଯୋଗ ହେବା ଓ ତାଙ୍କ ପରିବାର ଏହାକୁ ଆତ୍ମହତ୍ୟା ଘଟଣା ବୋଲି ସଫେଇ ଦେବା ମଧ୍ୟରେ ଅନେକ ସଂନ୍ଦେହ ଓ କୁହେଳିକା ଭରି ରହିଥିଲେ ମଧ୍ୟ ଏପରି ଏକ ସଂଗିନ ଘଟଣାର ଉପଯୁକ୍ତ ତଦନ୍ତ ନକରି ପୋଲିସ ଏହାକୁ କାହିଁକି ଅତି ହାଲକାଭାବେ ଗ୍ରହଣ କରି ସମାଲୋଚିତ ହୋଇ ଚାଲିଛି ତାହା ମଧ୍ୟ ସାଧାରଣରେ ଆଲୋଚନାର ବିଷୟ ହୋଇଛି। ପୋଲିସର ଏପରି ଅବହେଳା ଓ ଘଟଣାକୁ ଚପାଇ ରଖିବା ନେଇ ଏବେ ଲୋକେ ପୋଲିସର ନିରପେକ୍ଷତା ଉପରେ ଆଙ୍ଗୁଳି ଉଠାଇବା ଆରମ୍ଭ କରିଛନ୍ତି।

ପାରିବାରିକ କଳହ ଯୋଗୁଁ ବାସୁଦେବ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ବାରମ୍ବାର ସଫେଇ ଦେଉଥିଲା ବେଳେ ବ୍ୟାଙ୍କରେ ଥିବା ଟଙ୍କା ନଦେବାରୁ ବାସୁଦେବଙ୍କୁ ତାଙ୍କ ପରିବାର ଲୋକେ ହତ୍ୟା କରି ପ୍ରମାଣନଷ୍ଟ ପାଇଁ ତାଙ୍କ ମୃତ ଦେହକୁ ଅତି ତରବରିଆ ଭାବେ ନିଜ ବାଡିପଟେ ପୋଡି ଦେଇଥିବା ବାସୁଦେବଙ୍କ ଭଉଣୀ ସୀତା ବାଇ ଓ ଭଣଜା ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏପରିକି ବାସୁଦେବଙ୍କ ଜାତିର ନିତି ନିୟମ ଅନୁଯାୟୀ ମୃତଦେହକୁ ମାଟିରେ ପୋତା ଯିବାର ନିୟମ ରହିଥିଲେ ମଧ୍ୟ ତଙ୍କ ପରିବାର ଏହି ନିୟମକୁ ନମାନି ଓ ନିଜ ଗାଁଠାରୁ ଅଳ୍ପ ଦୂରରେ ଥିବା ତାଙ୍କ ଦୁଇ ଭଉଣୀ ଓ ପୋଲିସକୁ ମୃତ୍ୟୁ ସମ୍ପର୍କରେ ନଜଣାଇଁ ବାସୁଦେବଙ୍କ ମୃତ ଦେହକୁ ଅତି ତରବରିଆ ଭାବେ ପୋଡି ଦେବା ଘଟଣା ମଧ୍ୟ ସାଧାରଣରେ ସଂନ୍ଦେହ ସୃଷ୍ଟି କରୁଛି। ତେବେ ଭଉଣୀ ଓ ଭଣଜାଙ୍କ ଅଭିଯୋଗ ପରେ ତାଙ୍କ ମୃତ୍ୟୁର ପ୍ରକୃତ ସତ ପ୍ରଘଟ ହେବାରୁ ବାସୁଦେବଙ୍କ ପରିବାର ଓ ପୋଲିସ ବିଭାଗରେ ଚାକିରୀ କରିଥିବା ତାଙ୍କ ମଝିଆ ପୁଅ ଅଭିଯୋଗକାରୀ ବାସୁଦେବଙ୍କ ଭଉଣୀ ଓ ଭଣଜାଙ୍କ ଉପରେ ଚାପ ପକାଇ ପ୍ରଭାବିତ କରିବା ସହ ଏହି ମୃତ୍ୟୁ ଆତ୍ମହତ୍ୟା ଜନିତ ଘଟଣା ବୋଲି ପୋଲିସକୁ ଲେଖିଦେବାକୁ ଆପ୍ରାଣ ଚେଷ୍ଟା କରିଥିବା ଜଣାପଡିଛି। ଅନ୍ୟ ପକ୍ଷରେ ବାସୁଦେବଙ୍କ ମୃତଦେହ ପୋଡା ଚାଲିଥିବା ବେଳେ ଖବର ପାଇ ଜେନାପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲେ ମଧ୍ୟ ମୃତଦେହ ଯବତ କରିନଥିବା ଘଟଣାକୁ ନେଇ ମଧ୍ୟ ଅନେକ କଥା ଆଲୋଚନା ହେଉଛି। ସମଗ୍ର ଘଟଣାର ପାରିପାର୍ଶ୍ୱିକ ସ୍ଥିତିକୁ ବିଚାରକୁ ନେଲେ ବାସୁଦେବଙ୍କ ମୃତ୍ୟୁ ଅନେକ ସଂନ୍ଦେହର ବାତାବରଣ ସୃଷ୍ଟି କରୁଛି। ହେଲେ ଘଟଣାକୁ ୨୮ ଦିନ ବିତିଯିବା ପରେ ବି ପୋଲିସ ଏପରି ଜଘନ୍ୟ କାଣ୍ଡର ଉପଯୁକ୍ତ ତଦନ୍ତ ନକରି ଚୁପହୋଇ ବସିଯିବା କେତେଦୂର ଯଥାର୍ଥ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ହୋଇଛି। ଅପରପକ୍ଷରେ ଯେ କୌଣସି ବ୍ୟକ୍ତିର ସଂନ୍ଦେହ ଜନକ ବା ଆତ୍ମହତ୍ୟା ଜନିତ ମୃତ୍ୟୁ ହେଲେ ବିଏନଏସଏସର ଧାରା ୧୯୪ ଅନୁଯାୟୀ ପ୍ରଥମେ ପୋଲିସ ଅପମୃତ୍ୟୁ ମାମଲା ପଞ୍ଜୀକରଣ କରିବା ସହ ଶବ ଜବତକରି ତାହାର ବ୍ୟବଛେଦ କରିବା ସହ ତଦନ୍ତକରି ମୃତ୍ୟୁର ପ୍ରକୃତ କାରଣ ଜାଣିବାର ନିୟମ ରହିଛି ଓ ବ୍ୟବଛେଦ ରିପୋଟ ଆଧାରରେ ଘଟଣାରେ କାହାର ସଂପୃକ୍ତି ରହିଛି ତାଙ୍କୁ ଠାବକରି ତାଙ୍କ ବିରୁଦ୍ଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା । ହେଲେ ସ୍ଥାନୀୟ ପୋଲିସ ଏ ସବୁ ନିୟମ ବିଷୟରେ ଜାଣି ମଧ୍ୟ ଏତେବଡ ଘଟଣାରେ କାହିଁକି ଅଦ୍ୟାବଧି ଚୁପ ହୋଇ ବସିଛି ତାକୁନେଇ ସାଧାରଣରେ ପ୍ରଶ୍ନ ହୋଇଛି। ଏହି ଜଘନ୍ୟ ଘଟଣାକୁ ଲୁଚାଇ ଦେବା ଓ ପ୍ରମାଣ ନଷ୍ଟ ପାଇଁ ଅଭିଯୁକ୍ତଙ୍କ ପକ୍ଷରୁ ହୋଇଥିବା ବଡ ଡିଲରେ ସ୍ଥାନୀୟ ପୋଲିସର ଭୂମିକା ରହିଥିବା ନେଇ ପ୍ରଥମରୁ ଆଲୋଚନା ହେଉଥିବାରୁ ଏହାର ସଠିକ ତଦନ୍ତ ସହ ଏପରି ଜଘନ୍ୟ ଘଟଣାର ପ୍ରକୃତ ସତ୍ୟ ଲୋକଲୋଚନକୁ ଆଣିବା ପାଇଁ ଯାଜପୁର ଏସପି ଓ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

### 'ଆଶା' ପକ୍ଷରୁ ଜନସଚେତନତା ବାର୍ତ୍ତା

# ଦୁର୍ନୀତି ଲୋପ ପାଇଁ ଭୋଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, (ସବ୍ୟୁ): ଆଜି ରାଜ୍ୟ ତଥା ଦେଶର ଶାସନ ଓ ପ୍ରଶାସନିକ କ୍ଷେତ୍ରରେ ଦୁର୍ନୀତି ବଢ଼ି ଲିଛି। ଯୋଗ୍ୟ ଲୋକମାନେ ତାଙ୍କ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି। ନିଜ ଅଧିକାର ପାଇବା ପାଇଁ ସମାଜରେ ଅବହେଳିତ ହୋଇ ରହିଥିବା ଓବିସି, ଏସ୍‌ସି, ଏସ୍‌ଟି, ପଛୁଆବର୍ଗ ସଂଖ୍ୟାଲଘୁ ବ୍ୟକ୍ତିମାନେ ସଂଗଠିତ ହୋଇ ସମାଜରେ ସ୍ୱର ଉତ୍ତୋଳନ କରିବାର ସମୟ ଆସିଛି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବିଶିଷ୍ଟ ଦଳିତନେତା ତଥା 'ଆଶା'ର ପରାମର୍ଶଦାତା ଭଜମନ ବେହେରା ଏବଂ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବରିଷ୍ଠ ପ୍ରଶାସକ ବିଜୟ କୁମାର ପଟ୍ଟନାୟକ ମତପ୍ରକାଶ କରିଛନ୍ତି।

ଆମ୍ବେଦକର ସମାଜ ସେବା ଆସୋସିଏସନ (ଆଶା) ପକ୍ଷରୁ ବୁଧବାର ସ୍ଥାନୀୟ ରେଡ଼କ୍ରସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବେହେରା ଓ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ସରକାର ସାମାଜିକ, ଆର୍ଥିକ ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି। ସମାଜର ତଳସ୍ତରର ଲୋକଙ୍କ ନିକଟରେ ସରକାରଙ୍କ ଯୋଜନା ଓ ବିଭିନ୍ନ ସୁବିଧା ସୁଯୋଗ ଠିକ ଭାବରେ ପହଞ୍ଚି ପାରୁନାହିଁ। ତେଣୁ ଲୋକମାନେ ଏଥିପ୍ରତି ସଚେତନ ହେବା ସହ ନିଜର ଭୋଟ ଭଳି ଶକ୍ତିଶାଳୀ ଅସ୍ତ୍ରକୁ ସଠିକ୍ ବ୍ୟକ୍ତିତ୍ୱକୁ ଚୟନ କଲେ ତାହା ଫଳପ୍ରଦ ହୋଇପାରିବ ।ଆଶା ସଂଗଠନର ସଭାପତି ମୁରଲୀଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହିଳା ବାହିନୀ ଅଧ୍ୟକ୍ଷା କମଳିନୀ ପାଟ୍ଟଶାଣୀ, ଅନୁଷ୍ଠାନର ପରାମର୍ଶଦାତା ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ପ୍ରଶାସକ ରସିଦ ଖାନ, ତୁଷାରକାନ୍ତି ଚୌଧୁରୀ ପ୍ରମୁଖ



ଯୋଗଦେଇ ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଦକରଙ୍କ ଫଟୋଚିତ୍ରକୁ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ସ୍ଥାନିତ କରିବା ସହିତ ତାଙ୍କର ଜୀବନାଦର୍ଶନକୁ ପାଠ୍ୟପୁସ୍ତକରେ ସାମିଲ୍ କରିବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ।

### ଓଡ଼ିଶା ପୋଲିସ୍‌ର ସଫଳତା

# ୬ମାସରେ ୧୭,୫୯୦ ନିଖୋଜ ମହିଳା ଓ ଶିଶୁ ଉଦ୍ଧାର

କଟକ,(ସବ୍ୟୁ): ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ନିଖୋଜ ମହିଳା ଓ ଶିଶୁମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପୁନଃ ପରିବାର ସହ ମିଳନ କରାଇବାରେ ଓଡ଼ିଶା ପୁଲିସ ସଫଳତା ହାସଲ କରିଛି। ଗତ ଜାନୁଆରିରୁ ଜୁନ ୬ମାସ ମଧ୍ୟରେ ମୋଟ ୧୭ହଜାର ୫୯୦ଜଣ ନିଖୋଜ ମହିଳା ଓ ଶିଶୁ ଉଦ୍ଧାର ହୋଇଛନ୍ତି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ପ୍ରତ୍ୟକ୍ଷ ଦିଗଦର୍ଶନ ଏବଂ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ତଦନ୍ତ, ଆନ୍ତଃରାଜ୍ୟ ସମନ୍ୱୟ ଯୋଗୁଁ ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି। ଜାନୁଆରୀରୁ ଜୁନ୍ ୨୦୨୬ ମଧ୍ୟରେ ରାଜ୍ୟରେ ମୋଟ ୪,୮୭୩ ଜଣ ଶିଶୁ (୫୩୮ ନାବାଳକ, ୪,୩୩୪ ନାବାଳିକା ଏବଂ ୧ ଜଣ ଟ୍ରାନ୍ସଜେଣ୍ଡର) ନିଖୋଜ ହୋଇଥିବା ନେଇ ରିପୋର୍ଟ ହୋଇଥିବାବେଳେ, ଓଡ଼ିଶା ପୁଲିସ ତତ୍ପରତା ପ୍ରକାଶ କରି ଏହି ସମୟ ମଧ୍ୟରେ ମୋଟ ୫,୪୧୩ ଜଣ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ଶିଶୁ ଉଦ୍ଧାର କ୍ଷେତ୍ରରେ ପୁରୀ ଜିଲ୍ଲା (୧୧୬୧), ଯୁପିଡି ଭୁବନେଶ୍ୱର (୩୯୯) ଏବଂ ମୟୂରଭଞ୍ଜ (୨୭୮) ଜିଲ୍ଲା ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ସେହିପରି ଜାନୁଆରୀରୁ ଜୁନ୍ ୨୦୨୬ ମଧ୍ୟରେ ରାଜ୍ୟରେ ୧୦,୬୦୫ ଜଣ ମହିଳା ନିଖୋଜ ହୋଇଥିବାବେଳେ, ଓଡ଼ିଶା ପୁଲିସ ଦକ୍ଷତାର ସହ ୧୨,୧୭୭ ଜଣ ନିଖୋଜ ମହିଳାଙ୍କୁ ଉଦ୍ଧାର କରିଛି। ମହିଳା ଉଦ୍ଧାର କ୍ଷେତ୍ରରେ ପୁରୀ ଜିଲ୍ଲା (୩୭୧୩), ଯାଜପୁର (୮୨୦) ଏବଂ ଗଞ୍ଜାମ (୫୮୧) ଜିଲ୍ଲା ସର୍ବାଧିକ ସଫଳତା ହାସଲ କରିଛନ୍ତି। ସମୁଦାୟ ୧୧୬୧ ଜଣ ଶିଶୁ ଏବଂ ୩୭୧୩ ଜଣ ମହିଳାଙ୍କୁ ଉଦ୍ଧାର କରି ପୁରୀ ଜିଲ୍ଲା ରାଜ୍ୟରେ ସର୍ବଶ୍ରେଷ୍ଠ ଜିଲ୍ଲା ଭାବେ ପରିଗଣିତ ହୋଇଛି। ନିଖୋଜ ମହିଳା ଓ ଶିଶୁଙ୍କୁ ଖୋଜି ବାହାର କରିବା ମହିଳା ଓ ଶିଶୁ ସୁରକ୍ଷା ଶାଖା ପକ୍ଷରୁ ନିୟମିତ ଭାବେ "ଅପରେସନ୍ ଅନ୍ୱେଷଣ" ସ୍ୱତନ୍ତ୍ର ଅଭିଯାନ କରାଯାଉଛି। ଚଳିତ ବର୍ଷ ଏପର୍ଯ୍ୟନ୍ତ ୨ଟି ସ୍ୱତନ୍ତ୍ର ଅଭିଯାନ କରାଯାଇଥିବା ବେଳେ ଗତ ୧୮.୦୭.୨୦୨୬ ରୁ ୨୨.୦୭.୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ଅପରେସନରେ ୩୨୧ ଜଣ ନିଖୋଜ ଶିଶୁ (୩୫ ନାବାଳକ, ୨୮୬ ନାବାଳିକା) ଏବଂ ୨,୪୩୪ ଜଣ ନିଖୋଜ ମହିଳାଙ୍କୁ ପୋଲିସ ସଫଳତାର ସହ ଉଦ୍ଧାର କରିଛି। ମହିଳା ଓ ଶିଶୁମାନଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଆଗାମୀ ଦିନରେ ମଧ୍ୟ ଏହିପରି ସ୍ୱତନ୍ତ୍ର ଅଭିଯାନକୁ ଆହୁରି ବ୍ୟାପକ ଓ ଜୋରଦାର କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଆଇଆଇଟି ଭୁବନେଶ୍ୱରର ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ କ୍ୟାମ୍ପସ୍ ପ୍ଲେସମେଣ୍ଟ

ଜଟଣୀ, (ସବ୍ୟୁ) : ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପାଇଁ ଏକ ଐତିହାସିକ ପ୍ରଥମ ଘଟଣା ଭାବେ, ୨୦୨୫-୨୬ ସିଜିନରେ ମୋଟ କ୍ୟାମ୍ପସ୍ ପ୍ଲେସମେଣ୍ଟ ସଂଖ୍ୟା ୫୦୦ ଅତିକ୍ରମ କରିଛି। ଆଇଆଇଟି ଭୁବନେଶ୍ୱରରେ ପ୍ଲେସମେଣ୍ଟ ପ୍ରକ୍ରିୟା ଅକ୍ଟୋବର ୨୦୨୫ ପ୍ରଥମ ସପ୍ତାହରେ ଆରମ୍ଭ ହୋଇଥିଲା ଏବଂ ଜୁଲାଇ ୨୦୨୬ରେ ଶେଷ ହୋଇଥିଲା। ସଫ୍ଟୱେର୍, ଆଇଟି, ପରାମର୍ଶ, ଉତ୍ପାଦନ, ତୈଳ ଏବଂ ଗ୍ୟାସ୍, ସେମିକଣ୍ଡକ୍ଟର, ଖଣିଜ ଏବଂ ଫିନଟେକ୍ ଭଳି କ୍ଷେତ୍ରର କମ୍ପାନୀଗୁଡ଼ିକ ପ୍ଲେସମେଣ୍ଟ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ ଏବଂ ଭଲ ସଂଖ୍ୟାରେ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ଦେଇଥିଲେ। ସରକାରୀ କ୍ଷେତ୍ରର ସଂସ୍ଥାଗୁଡ଼ିକ ଯଥା ବିପିସିଏଲ୍, ଏଚପିସିଏଲ୍, ଇଆଇଏଲ୍, ବିଇଏଲ୍, ଜିଏମଡିସି ଏବଂ ବେସରକାରୀ କ୍ଷେତ୍ରର ସଂସ୍ଥାଗୁଡ଼ିକ ଯଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଏନ୍‌ଭିଡିଆ, ମାଇକ୍ରୋସଫ୍ଟ, ଗୁଗୁଲ୍, ଡି. ଇ. ଶ', ଆକ୍ସେଞ୍ଚର୍, ଜୋମାଟୋ, ଏଚସିଏଲ୍ ଟେକ୍, ଜେଡ଼ଏସ୍ ଆସୋସିଏଟ୍ସ, ସିସ୍କୋ, ଜିଇ ଭର୍ନୋଭା, ବେକର୍ ହ୍ୟୁଜେସ୍, ସାମସଙ୍ଗ ଆର୍ ଆଣ୍ଡ ଡି, ମ୍ୟାଥ୍‌ୱର୍କ୍ସ, ଫ୍ଲିପକାର୍ଟ, ଭିସା, ଟାଟା ଷ୍ଟିଲ୍, ଏଲ୍ ଆଣ୍ଡ ଟି, ଜିନ୍ଦାଲ୍ ଷ୍ଟିଲ୍, ମାରୁତି ସୁଜୁକି, ଆପ୍ଲାଇଡ୍ ମାଟେରିଆଲ୍ସ, କେଏଲ୍ଏ ଟେନ୍‌କର୍, ଏଚଏସବିସି, ସ୍କାଇରୁଟ୍ ଏରୋସ୍ପେସ୍, ଇନଫୋସିସ୍, ଟାଇଗର୍ ଆନାଲିଟିକ୍ସ ପ୍ଲେସମେଣ୍ଟ ଡ୍ରାଇଭ୍‌ରେ ଅଂଶଗ୍ରହଣ କରି ଛାତ୍ରଛାତ୍ରୀମାନଙ୍କୁ ବ୍ୟାପକ ନିଯୁକ୍ତି ସୁଯୋଗ ପ୍ରଦାନ କରିଥିଲେ।ସ୍ନାତକ କାର୍ଯ୍ୟକ୍ରମରେ ୮୫% ରୁ ଅଧିକ ଏବଂ ସ୍ନାତକୋତ୍ତର କାର୍ଯ୍ୟକ୍ରମରେ ୭୧% ରୁ ଅଧିକ ଛାତ୍ରଛାତ୍ରୀ ପ୍ଲେସମେଣ୍ଟ ପାଇଛନ୍ତି, ଯାହାର ମଧ୍ୟମ ଦରମା ବାର୍ଷିକ ଯଥାକ୍ରମେ ୧୫.୩ ଲକ୍ଷ ଏବଂ ୧୧.୨ ଲକ୍ଷ ଟଙ୍କା। ଘରୋଇ ବଜାରରେ ଅଫର ବ୍ୟତୀତ, ଆଇଆଇଟି ଭୁବନେଶ୍ୱରର ଛାତ୍ରଛାତ୍ରୀମାନେ ଆନ୍ତର୍ଜାତୀୟ ଅଫର ମଧ୍ୟ ପାଇଛନ୍ତି। ଏହି ସଫଳତା ବିଷୟରେ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର କହିଛନ୍ତି: "ଏହି ସଫଳତା ଆଇଆଇଟି ଭୁବନେଶ୍ୱରର ଶୈକ୍ଷିକ ଉତ୍କର୍ଷତା, ଗବେଷଣା-କେନ୍ଦ୍ରିକ ଶିକ୍ଷା ଏବଂ ଶିଳ୍ପ ସମ୍ପୃକ୍ତି ପ୍ରତି ପ୍ରତିବଦ୍ଧତାର ପ୍ରମାଣ।

# ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ : ରାସ୍ତାରୋକ

ଭୁବନେଶ୍ୱର, (ସବ୍ୟୁ) : ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗରେ ପରିବାର ଓ



ସମ୍ପର୍କୀୟମାନେ ଶିଶୁଭବନ ଛକରେ ଶବ ରଖି ୩ ଘଣ୍ଟା ରାସ୍ତାରୋକ କରିଥିଲେ । ଯାହା ଫଳରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା । ଶିଶୁଭବନ ଛକରେ ଥିବା ଏକ ଘରୋଇ ହସ୍ପିଟାଲରେ ମୃତ ଶିଶୁକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ପରିବାର ଲୋକଙ୍କ କହିବାନୁଯାୟୀ ପୁଅର ବାନ୍ତି ହେବା ସହ ମୁଣ୍ଡବ୍ୟଥା ହେଉଥିଲା । ଚିକିତ୍ସା କରୁଥିବା ଡାକ୍ତରଙ୍କ କହିବାନୁଯାୟୀ ଶରୀରର ସ୍ନାୟୁଗୁଡ଼ିକ କାମ ନକରିବା ଫଳରେ ତାଙ୍କ ବ୍ରେନ ଡେଡ୍ ହୋଇଯାଇଥିଲା । ବ୍ରେନ୍ ଡ୍ରେଡ୍ ହୋଇଥିଲେ ମଧ୍ୟ ହୃଦସ୍ପନ୍ଦନ ହେଉଥିଲା । ପିଲାର ମୃତ୍ୟୁ ପରେ ମେଡିକାଲ କ୍ଲିୟରାନ୍ସ ଦେଇନଥିଲେ ଡାକ୍ତର । ଏହାପରେ ଅସନ୍ତୋଷ ବ୍ୟକ୍ତ କରି ଚିକିତ୍ସା ଅବହେଳା ଅଭିଯୋଗ କରିବା ସହ ଶବ ରଖି ପରିବାର ଓ ସମ୍ପର୍କୀୟମାନେ ଶିଶୁଭବନ ଛକରେ ରାସ୍ତାରୋକ କରିଥିଲେ । ଗାଡି ମୋଟର ଚଳାଚଳ ବ୍ୟାହତ ହେବା ଖବର ପାଇ ପୋଲିସ ପହଞ୍ଚି ବୁଝାସୁଝା କରିବା ସହ ଅଭିଯୋଗ କଲେ ବିଚାର କରାଯିବ ବୋଲି ଉତ୍ୟକ୍ତ ଲୋକଙ୍କୁ କହିଥିଲା । ପ୍ରାୟ ୩ଘଣ୍ଟା ପରେ ଶିଶୁ ଭବନ ଛକରୁ ରାସ୍ତାରୋକ ହଟିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ରାଧାମୋହନ ମନ୍ଦିରରେ ଅଘଟଣ ଟଳିଲା

# ନାଟମଣ୍ଡପ ଛାତରୁ ବିରାଟକାୟ କାଠ ଖସିଲା, ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ

ବାରିପଦା, (ସବ୍ୟୁ) : ବାରିପଦାର ପ୍ରସିଦ୍ଧ ଶ୍ରୀଶ୍ରୀ ରାଧାମୋହନ ମନ୍ଦିରରେ ଶନିବାର ଏକ ବଡ଼ ଅଘଟଣ ଅଳ୍ପକେ ଟଳିଯାଇଛି । ମନ୍ଦିରର ନାଟମଣ୍ଡପରେ ଭକ୍ତମାନେ ମହାପ୍ରସାଦ ସେବନ କରୁଥିବା ସମୟରେ ଛାତରୁ ଏକ ବିରାଟକାୟ କାଠ ହଠାତ୍ ଖସିପଡ଼ିଥିଲା । ଏହାଦେଖି ସେଠାରେ ଉପସ୍ଥିତ ଭକ୍ତମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ସୌଭାଗ୍ୟବଶତଃ କାଠଟି କୌଣସି ଭକ୍ତଙ୍କ ଉପରେ ସିଧାସଳଖ ପଡ଼ିନଥିବାରୁ ବଡ଼ ଧରଣର ଅଘଟଣ ଏଡ଼ାଇ ଯାଇଥିଲା । ଏହି ଘଟଣାରେ କେହି ଆହତ ହୋଇନଥିବା ବେଳେ ଉପସ୍ଥିତ ଭକ୍ତମାନେ ଏହାକୁ ଶ୍ରୀଶ୍ରୀ ରାଧାମୋହନଙ୍କ କୃପା ବୋଲି କହିଛନ୍ତି । ତେବେ ଏହି ଘଟଣା ପରେ ଭକ୍ତମାନଙ୍କ ମଧ୍ୟରେ ମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି ।



ପୁରୁଣା ନାଟମଣ୍ଡପର ଛାତ ଓ କାଠ ଫ୍ରେମଗୁଡ଼ିକର ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଉନଥିବା ଅଭିଯୋଗ ଉଠିଛି । ଏଭଳି ଘଟଣା ଭବିଷ୍ୟତରେ ବଡ଼ ଦୁର୍ଘଟଣାର ରୂପ ନେଇପାରେ ବୋଲି ଭକ୍ତମାନେ ଚିନ୍ତା ପ୍ରକାଶ କରିଛନ୍ତି । ନାଟମଣ୍ଡପର ଛାତର ତୁରନ୍ତ ବୈଷୟିକ ଯାଞ୍ଚ, ବିପଦଜନକ କାଠ ଓ ଅନ୍ୟାନ୍ୟ ଫ୍ରେମଗୁଡ଼ିକର ମରାମତି ସହ ମନ୍ଦିରକୁ ଆସୁଥିବା ହଜାର ହଜାର ଭକ୍ତଙ୍କ ସୁରକ୍ଷା ପାଇଁ ସ୍ଥାୟୀ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଓ ଭକ୍ତବୃନ୍ଦ ଦାବି କରିଛନ୍ତି । ଅନ୍ୟପକ୍ଷରେ ଏହି ଘଟଣା ଘଟିବା ପରେ ବାରିପଦା ପୂର୍ତ୍ତ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ଏସଡିଓଙ୍କ ନେତୃତ୍ୱରେ ପରିଦର୍ଶନ କରିଥିଲେ ଓ ମନ୍ଦିରର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ବାରିପଦା ପୂର୍ତ୍ତ ବିଭାଗର ଏସଇ ଇଂ ରୋହନ୍ ଗୌରବ ରାୟ ସୂଚନା ଦେଇଥିଲେ ।

## କୋର୍ଟ ପରିସର ବାଥ୍‌ରୁମ ସ୍କାଇଲାଇଟ୍ ଦେଇ ଅପରାଧୀ ଫେରାର

ବାରିପଦା, (ସବ୍ୟୁ) : ବାରିପଦା କୁଇନୋଇଲ କୋର୍ଟ ପରିସରରୁ ଶନିବାର ଜଣେ ନାବାଳକ ଅପରାଧୀ ଫେରାର ହୋଇଯାଇଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁଯାୟୀ, ରାଉରକେଲା ସ୍ଥିତ ବାଳ ସୁଧାର ଗୃହରୁ ତାଙ୍କୁ ଏକ ମାମଲାର ଶୁଣାଣି ପାଇଁ ବାରିପଦା କୁଇନୋଇଲ କୋର୍ଟକୁ ଅଣାଯାଇଥିଲା । କୋର୍ଟରେ ହାଜର ପୂର୍ବରୁ ପରିଶ୍ରା ଯିବାକୁ କହି ସେ ବାଥ୍‌ରୁମକୁ ଯାଇଥିଲେ । ସେଠାରୁ ବାଥ୍‌ରୁମର ସ୍କାଇଲାଇଟ ଦେଇ ଖସି ପଳାଇଯାଇଥିବା ଜଣାପଡ଼ିଛି । ଘଟଣା ପରେ ପୋଲିସ ତୁରନ୍ତ ତଲାସି ଅଭିଯାନ ଆରମ୍ଭ କରିଥିଲେ ମଧ୍ୟ ଦୀର୍ଘ ସମୟ ଧରି ବିଭିନ୍ନ ସ୍ଥାନରେ ଖୋଜାଖୋଜି ସତ୍ତ୍ୱେ ତା'ର କୌଣସି ସନ୍ଧାନ ମିଳିନାହିଁ । ଫେରାର ହୋଇଥିବା ନାବାଳକ ବାରିପଦା ସହରର କାଳିକାପୁର ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି । ସେ ଥାନାରେ ରୁଜୁ ହୋଇଥିବା ଏକ ଅପରାଧିକ ମାମଲାରେ ତାଙ୍କୁ ଆଜି କୋର୍ଟରେ ହାଜର ପାଇଁ ଅଣାଯାଇଥିଲା । ଘଟଣାକୁ ନେଇ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ଫେରାର ନାବାଳକଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି ।

## ରାଷ୍ଟ୍ରପତିଙ୍କ ଗଞ୍ଜାମ ଗସ୍ତ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

ବ୍ରହ୍ମପୁର, (ସବ୍ୟୁ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସ ୪ ଓ ୫ ତାରିଖରେ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସୁଥିବା ପରିପ୍ରେକ୍ଷୀରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଷ୍ଟ୍ରପତିଙ୍କ ବ୍ରହ୍ମପୁର ଗସ୍ତ ସମୟରେ ପହଞ୍ଚିବା ଠାରୁ ଆରମ୍ଭ କରି ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ସମସ୍ତ ପ୍ରସ୍ତୁତି ଓ ବ୍ୟବସ୍ଥାର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା । ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ କହିଥିଲେ ଯେ, ରାଷ୍ଟ୍ରପତିଙ୍କ ଗଞ୍ଜାମ ଆଗମନ ଜିଲ୍ଲାବାସୀ ଏବଂ ଜିଲ୍ଲା ପ୍ରଶାସନ ପାଇଁ ଗର୍ବ ଓ ଗୌରବର ବିଷୟ । ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ସମସ୍ତ ପ୍ରସ୍ତୁତି ଜାରି ରହିଥିବା ବେଳେ ଖୁବ୍‌ଶୀଘ୍ର ପୂର୍ଣ୍ଣାଙ୍ଗ ରିହର୍ସାଲ ଅନୁଷ୍ଠିତ ହେବ । ମାନ୍ୟବର ରାଷ୍ଟ୍ରପତି ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଯେଉଁ ରୁଟରେ ଯାତାୟାତ କରିବେ, ସେହି ରାସ୍ତାର ପରିଷ୍କାର-ପରିଚ୍ଛନ୍ନତା, ରାସ୍ତାକଡ଼ ଜଙ୍ଗଲବୁଦା ଉଚ୍ଛେଦ, ଅସ୍ଥାୟୀ ଭେଣ୍ଡି ଦୋକାନଗୁଡ଼ିକର ସ୍ଥାନାନ୍ତରଣ ଆଦି ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱ ଦେବା ସହ ଏଥିପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି । ରାଷ୍ଟ୍ରପତିଙ୍କ ସହ ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମ୍ଭାବ୍ୟ ଗସ୍ତକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଉଥିବା ନେଇ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡା ଶ୍ରବଣ ବିବେକ ଏମ୍ ଏବଂ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ହରିଶ ବିଶ ସୂଚନା ଦେଇଥିଲେ । ଖୁବ୍‌ଶୀଘ୍ର ଟ୍ରାଫିକ୍ ଆଡଭାଇଜରୀ ଜାରି କରାଯିବ ବୋଲି ମଧ୍ୟ ସେମାନେ କହିଥିଲେ । ରାଷ୍ଟ୍ରପତି ୪ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ୧୦ ମିନିଟ ସମୟରେ ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବେ । ସେଠାରୁ ତପ୍ତପାଣି ଅଭିମୁଖେ ଯାତ୍ରା କରି ଅପରାହ୍ନ ପ୍ରାୟ ୩ଟା ୧୦ ମିନିଟ ସମୟରେ ମା' ଜଗୁଣୀ ଦେବୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବେ । ପୂଜାର୍ଚ୍ଚନା ପରେ ସେ ଆର୍ମି ଏଡି କଲେଜରେ ରାତ୍ରିଯାପନ କରିବେ । ପରଦିନ ପୂର୍ବାହ୍ନ ପ୍ରାୟ ୧୦ଟା ୨୦ ମିନିଟ ସମୟରେ ଟ୍ରେନ୍ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ମହାନଗର ନିଗମର ଆୟୁକ୍ତ ଆକବରମ ଏସ ରେଡ୍ଡି, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଶିଳ୍ପ ତାଲିମ କେନ୍ଦ୍ରରେ ବୃକ୍ଷରୋପଣ

ଫୁଲବାଣୀ, (ସବ୍ୟୁ) : ଫୁଲବାଣୀ ସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଶନିବାର ଫୁଲବାଣୀ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅନୁଷ୍ଠିତ ଏକ ସଭାରେ ଫୁଲବାଣୀ ଉପଜିଲ୍ଲାପାଳ ଜିକାରା ଚରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନ ର ଛାତ୍ରଛାତ୍ରୀ ମାନଙ୍କୁ ବୃକ୍ଷ ରୋପଣର ଆବଶ୍ୟକତା ବାବଦରେ ଆଲୋକପାତ କରିବା ପାଇଁ ପରାମର୍ଶ ଦେବା ସହ ସମଗ୍ର ପୃଥିବୀରେ ୯୭% ଲୁଣି ଜଳ ଏବଂ ମାତ୍ର ୩% ପାନୀୟ ଉପଯୋଗୀ ଜଳ ଥିବା, ଏବଂ ଜଳ ଗାଛ ହିଁ ପୃଥିବୀର ସର୍ବାଧିକ ଅମ୍ଳଜାନ ଯୋଗାଉଛି ବୋଲି କହିଥିଲେ । ତେଣୁ ଆବଶ୍ୟକ ପରିମାଣର ବର୍ଷା, ପରିବେଶ ସୁରକ୍ଷା ଓ ଅଧିକ ଅମ୍ଳଜାନ ପାଇଁ ଅଧିକରୁ ଅଧିକ ବୃକ୍ଷର ଆବଶ୍ୟକତା ରହିଛି । ତେଣୁ ଆମେ ବୃକ୍ଷ ରୋପଣ କରିବା ଏହାର ଜନି ନେବାର ମଧ୍ୟ ଆବଶ୍ୟକତା ରହିଛି ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସୋରେନ, ବରିଷ୍ଠ ନାଗରିକ ସଂଘର ସଭାପତି ପଦ୍ମଚରଣ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ନବକିଶୋର ରଥ, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମଲ୍ଲିକ ଏବଂ ବରିଷ୍ଠ ଉପଦେଷ୍ଟା ନବୀନ କିଶୋର ପଣ୍ଡା ନିଜ ନିଜର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଶିକ୍ଷକ ନୃସିଂହାନନ୍ଦ ମହାପାତ୍ର ଓ ବରିଷ୍ଠ ନାଗରିକ ସଂଘର ସହସମ୍ପାଦକ ବଂଶୀଧର ପଣ୍ଡା ପରିଚାଳନା କରିଥିଲେ । ବରିଷ୍ଠ ନାଗରିକ ସଂଘର ସମସ୍ତ ସଦସ୍ୟ ସଦସ୍ୟା ଓ କର୍ମକର୍ତ୍ତା ଯୋଗ ଦେଇ ସହଯୋଗ କରିବା ସହ ବୃକ୍ଷ ରୋପଣ କରିଥିଲେ । ଅନୁଷ୍ଠାନର ପରିସରରେ ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷ ସମେତ ଅନ୍ୟାନ୍ୟ ୬୦ଟି ବୃକ୍ଷ ରୋପଣ କରାଯାଇଥିଲା । ଏଥିରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସମେତ ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରକାଶ ଚନ୍ଦ୍ର ଦାସ ଓ ସମାଜସେବୀ ତଥା ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ସହଯୋଗ କରିଥିଲେ ।

## ପାଚେରୀରେ ପିଟିହୋଇ ଗଡ଼ିଆକୁ ଖସିଲା ବାଇକ୍, ୩ ମୃତ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଞ୍ଚଳରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ତିନି ଜଣ ଯୁବକଙ୍କର ମୃତ୍ୟୁ ଘଟିଛି । ପ୍ରାଥମିକ ସୂଚନା ଅନୁଯାୟୀ, ଏକ ବାଇକ ଭାରସାମ୍ୟ ହରାଇ ପ୍ରଥମେ ଏକ ପାଚେରୀରେ ପିଟି ହୋଇଥିଲା । ପରେ ବାଇକଟି ଗଡ଼ିଆ ଭିତରକୁ ଖସିପଡ଼ିଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବାଇକରେ ଥିବା ତିନି ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ମୃତକମାନେ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ କୁଆମରା ଗ୍ରାମର ଶକ୍ତି ସିଂ (୨୬), ସହଦେବ ସିଂ(୨୪) ଓ ରଘୁ ସିଂ(୨୫) ବୋଲି ଜଣାପଡ଼ିଛି । ସ୍ଥାନୀୟ ଲୋକଙ୍କ ସହଯୋଗରେ ପୋଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ । ଦୁର୍ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା ଏହି ଦୁର୍ଘଟଣାର ସମ୍ଭାବ୍ୟ କାରଣ ବୋଲି ସନ୍ଦେହ କରାଯାଉଛି । ପୋଲିସ ପକ୍ଷରୁ ତଦନ୍ତ ପରେ ଘଟଣାର ସଠିକ୍ କାରଣ ସ୍ପଷ୍ଟ ହେବ ।

## ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକ କରଚୁଲି ଗ୍ରାମର ଜଣେ ଚାଷୀ ବିଷଧର ସାପ କାମୁଡ଼ାରେ ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ମୃତ ଚାଷୀ ହେଲେ କରଚୁଲି ଗ୍ରାମର ସନ୍ତୋଷ କୁମାର ପୋଲେଇ(୫୨) । ସନ୍ତୋଷ ନିଜ ଚାଷଜମିରେ କାମ କରୁଥିବା ସମୟରେ ବିଷଧର ସାପ କାମୁଡ଼ି ଦେଇଥିଲା । ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ବୁଗୁଡ଼ା ମେଡ଼ିକାଲକୁ ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ମୃତ ଶରୀର ଗାଁରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ମୃତ ଚାଷୀଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ସେ ହିଁ ପରିବାରର ଏକ ମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ । ତାଙ୍କର ସ୍ତ୍ରୀ ଏବଂ ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି । ଏହି ଚାଷୀ ପରିବାରକୁ ବିଶେଷ ସରକାରୀ ସହାୟତା ଯୋଗାଇଦେବା ପାଇଁ ପରିବାର ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଥିବା ଜଣାଯାଇଛି ।

## ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍

ବ୍ରହ୍ମପୁର, (ସବ୍ୟୁ) : ସ୍ୱତନ୍ତ୍ର ପୋକସ ଜଜ୍ ପ୍ରଣତି ପଟ୍ଟନାୟକ ଏକ ନାବାଳିକା ବଳାତ୍କାର ମାମଲାର ରାୟ ଘଟଣାର ୭ ମାସରେ ପ୍ରକାଶ କରିଛନ୍ତି । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ କେ. ନୂଆଗାଁ ଥାନା ଅଞ୍ଚଳର ଶିବ ଶଙ୍କର ଗୌଡ଼ (୨୪) ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହାସହ ପାଞ୍ଚ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି । ଉକ୍ତ ଜରିମାନା ଟଙ୍କା ପୀଡିତାଙ୍କୁ ଦେବାକୁ ରାୟରେ ଉଲ୍ଲେଖ ରହିଛି ।

ସେହିପରି ଜରିମାନା ଅନାଦେୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ପାଇଁ ନିର୍ଦ୍ଦେଶ ହୋଇଛି । ପୀଡ଼ିତାଙ୍କୁ ପାଞ୍ଚ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୫ ଡିସେମ୍ବର ୩୦ ରେ ସେହି ଥାନା ଅଞ୍ଚଳର ଜଣେ ୧୬ ବର୍ଷର ନାବାଳିକା ନିଜ ଗୁହାଳରେ ପଶୁଙ୍କୁ ଖାଇବାକୁ ଦେଉଥିଲେ ।

ଏହାର ସୁଯୋଗ ନେଇ ଉକ୍ତ ଗ୍ରାମର ଶିବ ଶଙ୍କର ଗୌଡ଼ ଗୁହାଳ ଭିତରକୁ ଯାଇ ନାବାଳିକାଙ୍କୁ ଭୟଭୀତ କରି ସେଠାରେ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଥିଲା । ପରେ ପୀଡ଼ିତା ଏନେଇ ତାଙ୍କ ପରିବାର ଲୋକଙ୍କୁ ଜଣାଇବା ଥିଲେ । ସେମାନେ ଏନେଇ ଶିବଶଙ୍କର ଗୌଡ଼ଙ୍କୁ ପଚରାଉଚରା କରିଥିଲେ । ଅଭିଯୁକ୍ତ ଜଣଙ୍କୁ ତାଙ୍କୁ ନାନା ପ୍ରକାର ଧମକଚମକ ଦେଇଥିଲେ । ଶେଷରେ ୨୦୨୬ ଜାନୁଆରୀ ୨ ତାରିଖରେ କେ. ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ୨/୨୬ ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମାମଲାର ବିଚାରଣ ବେଳେ ୧୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଗିରଫ ପର ଠାରୁ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ଶିବ ଶଙ୍କର ଗୌଡଙ୍କୁ କୋର୍ଟରେ ହାଜତ କରାଯାଇଥିଲା । ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ ।

## ଡ୍ରିମ୍‌ସ ମେଡିକାଲ କଲେଜରେ ପ୍ରଫେସର ଡା. ଲୁସି ଦାସ ଓ ପ୍ରଫେସର ଡା. ପ୍ରଭାକର ମିଶ୍ରଙ୍କ ଯୋଗଦାନ

କଟକ, (ସ୍ୱପ୍ର) : ବିଶିଷ୍ଟ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞା ପ୍ରଫେସର ଡା. ଲୁସି ଦାସ ଓ ବିଶିଷ୍ଟ ଶିଶୁ ରୋଗ ବିଶେଷଜ୍ଞ ପ୍ରଫେସର ଡା. ପ୍ରଭାକର ମିଶ୍ର ଡ୍ରିମ୍‌ସ ମେଡିକାଲ କଲେଜ (ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲଥ୍ ସାଇସ୍ ଆଣ୍ଡ ହସ୍‌ପିଟାଲ)ରେ ଯୋଗଦାନ କରିଛନ୍ତି । ପ୍ରଫେସର ଡା ଲୁସି ଦାସ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲର ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗର ମୁଖ୍ୟ ଭାବରେ ଦୀର୍ଘ ବର୍ଷ କାର୍ଯ୍ୟ କରିବା ସହିତ ମେଡିକାଲ କଲେଜର ଡିନ୍ ଓ ଅଧକ୍ଷା ଭାବରେ ଦାୟିତ୍ୱ ନିର୍ବାହ କରି ସରକାରୀ ଚାକରୀରୁ ଅବସର ନେଇଛନ୍ତି । ଉଭୟ ରୋଗୀ ଚିକିତ୍ସା ଓ ପ୍ରଶାସନିକ କ୍ଷେତ୍ରରେ ତାଙ୍କର ବିଶେଷ ଅଭିଜ୍ଞତା ରହିଛି । ସେହିପରି ଶିଶୁ ରୋଗ ବିଶେଷଜ୍ଞ



ପ୍ରଫେସର ଡା. ପ୍ରଭାକର ମିଶ୍ର କଟକସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ରୋଗ ଚିକିତ୍ସା ପ୍ରତିଷ୍ଠାନ (ଶିଶୁ ଭବନ) ର ବିଭାଗୀ ମୁଖ୍ୟ ସହ ଅଧୀକ୍ଷକ ଭାବରେ ଦକ୍ଷତାର ସହ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି । ଡ୍ରିମ୍‌ସ ମେଡିକାଲ କଲେଜର ଭାରପ୍ରାପ୍ତ ଡିନ୍ ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ ପୁଷ୍ପଗୁଚ୍ଛ ଦେଇ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଓ ସହ ଅଧକ୍ଷ ଇଂ ଦୁର୍ଗା ପ୍ରସାଦ ରଥ ଉଭୟଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଯୋଗଦାନ ଫଳରେ ରୋଗୀ ଚିକିତ୍ସା ସହିତ ଡାକ୍ତରୀ ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମିଳିବ ବୋଲି କହିଛନ୍ତି ।

## ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା, ୨୧୦ ପ୍ରକଳ୍ପ ପ୍ରଦର୍ଶିତ

ଭଞ୍ଜନଗର, (ସବ୍ୟୁ) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଡିହପଡାଳ ଠାରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଶିକ୍ଷକ ଉମାକାନ୍ତ ମିଶ୍ର ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଜ୍ୟୋତି ରଞ୍ଜନ ବିଷୋୟୀ, ଉପ ସଭାପତି ଆଦିତ୍ୟ ପ୍ରଧାନ, ଯୁଗ୍ମ ସମ୍ପାଦକ ଗଙ୍ଗାଧର ଦାସ ପ୍ରମୁଖ ଯୋଗ ଦେଇଥିଲେ । ବିଚାରକ ଭାବରେ ବାଲ୍ମୀକି ସେଠୀ, ବଳରାମ ଦାସ, ବିଭୁ ପ୍ରସନ୍ନ ମେହେର, ସୁବାସ ଚନ୍ଦ୍ର ମଲ୍ଲିକ, ରାଧାକୃଷ୍ଣ ନାୟକ, ଝରଣା ରାଣୀ ପଣ୍ଡା, ଅମୂଲ୍ୟ ମିଶ୍ର, ଗୋପାଳ କୃଷ୍ଣ ମିଶ୍ର, ପବିତ୍ର ତ୍ରିପାଠୀ, ଉତ୍ତମ କୁମାର ମହାରଣା ଯୋଗଦେଇ ପ୍ରକଳ୍ପ ସବୁ ବୁଲି ଦେଖିଥିଲେ । ପ୍ରାଥମିକ ବର୍ଗ, ଶିଶୁବର୍ଗ, ବାଲବର୍ଗ, କିଶୋର ବର୍ଗରୁ ମୋଟ ୨୧୦ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି ବିଜ୍ଞାନ ମେଳାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରକଳ୍ପ ଗୁଡିକ ବେଲଗୁଣ୍ଠାଠାରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ସଙ୍କୁଳ ସ୍ତରୀୟ ବିଜ୍ଞାନ ମେଳା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ବିଜ୍ଞାନ ପ୍ରମୁଖ ଚିତ୍ତରଞ୍ଜନ ମିଶ୍ର ବିବରଣୀ ପଠନ କରିଥିଲେ । ପ୍ରଧାନଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

## ବାରିପଦା ଲାୟନ୍ସ କ୍ଲବର ୪୭ତମ ସ୍ଥାପନା ଉତ୍ସବ

# ହେମନ୍ତ ଶାହା ନୂତନ ସଭାପତି

ବାରିପଦା, (ସବ୍ୟୁ) : ବାରିପଦା ଲାୟନ୍ସ କ୍ଲବର ୪୭ତମ ସ୍ଥାପନା ଉତ୍ସବ ସ୍ୱସ୍ତିକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୨୦୨୬୨୭ ଲାୟନିଷ୍ଟିକ ବର୍ଷ ପାଇଁ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କ ଶପଥଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କରିଥିଲେ ।

ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଏମ୍‌ଜେଏଫ୍ ଲାୟନ ମମତା ଦାସ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇବା ସହ ପ୍ରତ୍ୟେକ ପଦବୀର ଦାୟିତ୍ୱ ଓ ଲାୟନିଜମ୍‌ର ମୂଲ୍ୟବୋଧ ସମ୍ପର୍କରେ ଆଲୋକପାତ କରିଥିଲେ । ନବନିଯୁକ୍ତ ସଭାପତି




ଲାୟନ ହେମନ୍ତ ଶାହା ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଲାୟନ ନନ୍ଦକିଶୋର କର୍ଣ୍ଣାନୀ ସମ୍ପାଦକ, ଲାୟନ କିଶନଲାଲ ଅଗ୍ରୱାଲ କୋଷାଧ୍ୟକ୍ଷ, ସିଏ ଲାୟନ ଗୋବିନ୍ଦଦାସ ଖଣ୍ଡେଲୱାଲ ଯୁଗ୍ମ କୋଷାଧ୍ୟକ୍ଷ, ଲାୟନ ଶିବକୁମାର ଅଗ୍ରୱାଲ ପ୍ରଥମ ଉପସଭାପତି ଏବଂ ଲାୟନ ଅମିତ ଅଗ୍ରୱାଲ ଦ୍ୱିତୀୟ ଉପସଭାପତି ଭାବେ ଶପଥ ଗ୍ରହଣ ହେମନ୍ତ ଶାହା ନିଜର ୨୦୨୬୨୭ ବର୍ଷର ଭିଜନ୍ ପ୍ଲାନ୍ ଉନ୍ମୋଚନ କରି ସଦସ୍ୟମାନଙ୍କ ମଧ୍ୟରେ ବଣ୍ଟନ କରିଥିଲେ । ବରିଷ୍ଠ ସଦସ୍ୟଙ୍କୁ ପୁନଃ ସକ୍ରିୟ କରିବା, ନୂତନ ସଦସ୍ୟଙ୍କୁ ସାମିଲ କରିବା ଏବଂ କ୍ଲବକୁ ଅଧିକ ସଶକ୍ତ ଓ ସେବାମୂଳକ ସଂଗଠନରେ ପରିଣତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସମାଜସେବା କ୍ଷେତ୍ରରେ ଅନେକ ନୂତନ କାର୍ଯ୍ୟକ୍ରମ ମଧ ଘୋଷଣା କରିଥିଲେ । ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ଏକ ସ୍ୱତନ୍ତ୍ର ଟ୍ରି ପ୍ଲାଣ୍ଟେସନ୍ କମିଟି ଗଠନ କରାଯାଇଥିଲା ।

ସେହିପରି କ୍ଲବରେ ୪୦ ବର୍ଷରୁ ଅଧିକ ସମୟ ଧରି ସେବା ପ୍ରଦାନ କରିଥିବା ସଦସ୍ୟମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଏମ୍‌ଜେଏଫ୍ ଲାୟନ ସଞ୍ଜୀବ ମଣ୍ଡଳ ସଫଳତାର ସହ ପରିଚାଳନା କରିଥିଲେ । ରୁଚିକା ଲୋଧା ମୁଖ୍ୟଅତିଥି ଓ ସ୍ଥାପନା ଅଧିକାରୀ ମମତା ଦାସଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଲାୟନ ସୁବର୍ଣ୍ଣା ମଣ୍ଡଳ ନବନିଯୁକ୍ତ ସଭାପତି ହେମନ୍ତ ଶାହାଙ୍କ ପରିଚୟ ପ୍ରଦାନ କରିଥିଲେ । ବାଲେଶ୍ୱର ସମେତ ବିଭିନ୍ନ ସ୍ଥାନର ବହୁ ବିଶିଷ୍ଟ ଲାୟନ ସଦସ୍ୟ ଏହି ଉତ୍ସବରେ ଯୋଗ ଦେଇଥିଲେ । ନବନିଯୁକ୍ତ କର୍ମକର୍ତ୍ତା ମାନଙ୍କୁ ସ୍ମାରକ ଉପହାର ପ୍ରଦାନ କରାଯାଇଥିବା ବେଳେ ନୂତନ ନେତୃତ୍ୱରେ ବାରିପଦା ଲାୟନ୍ସ କ୍ଲବ ଆଗାମୀ ଦିନରେ ସମାଜସେବା କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବ ବୋଲି ଆଶା ପ୍ରକାଶ ପାଇଥିଲା ।


**ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ.-୪ ସ୍ଥାନ ସରକାରୀ ଅଫିସ, ୟୁନିଟ-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା**

**ଓ.ଏସ୍.ଏସ୍. କେସ୍ ନଂ.: ୧୧୩୯/୨୦୨୫**

(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ମାଳତି ଦାସ ...ବାଦୀ

ବନାମ

ତହସିଲଦାର ଭୁବନେଶ୍ୱର ଏବଂ ଅନ୍ୟମାନେ ...ପ୍ରତିବାଦୀମାନେ

**ପ୍ରାପ୍ତେଷୁଙ୍କ ନାମ ଓ ଠିକଣା**

ପ୍ରତିବାଦୀ ୩. **ରଘୁ ଭୁତିଆ,** ପିତା: ସ୍ୱର୍ଗତ ଶ୍ରୀଧର ଭୁତିଆ
୪. **ଉଦୟନାଥ ଭୁତିଆ**
୫. ପଦନ ଭୁତିଆ, ଉଭୟଙ୍କର ପିତା: ସ୍ୱର୍ଗତ ଅପର୍ତୀ ଭୁତିଆ
୧୧. ଶଶୀ ଭୁତିଆ, ସ୍ୱାମୀ: ସ୍ୱର୍ଗତ ବଂଶୀଧର ଭୁତିଆ
୧୫. କାଦଶୀ ବେହେରା, ସ୍ୱାମୀ: ମାୟାଧର ବେହେରା
୧୬. ଧଡ଼ିଆ ବେହେରା, ପିତା: ବାଞ୍ଛା ବେହେରା
ସମସ୍ତଙ୍କର ଗ୍ରାମ: ଗାଡ଼କଣ, ପୋଷ୍ଟ: ମଞ୍ଚେଶ୍ୱର, ଥାନା: ମଞ୍ଚେଶ୍ୱର, ଜିଲ୍ଲା: ଖୋର୍ଦ୍ଧା
୧୮. ବାଇଧର ରାଉତ
୧୯. ବଂଶୀଧର ରାଉତ
ଉଭୟଙ୍କର ପିତା: ନୀଳମଣି ରାଉତ, ଗ୍ରାମ/ପୋ./ଥାନା: ମଞ୍ଚେଶ୍ୱର, ଜିଲ୍ଲା: ଖୋର୍ଦ୍ଧା
୨୦. ସରୋଜ କାନ୍ତ ମହାରଣା, ପିତା: କୃଷ୍ଣ ଚନ୍ଦ୍ର ମହାରଣା, ସା: ଅଣ୍ଡଗଡ, ଥାନା/ଜିଲ୍ଲା: ଜଗତସିଂହପୁର
୨୩. ସଂଯୁକ୍ତା ନାୟକ, ସ୍ୱାମୀ: ଅଜୟ କୁମାର ନାୟକ, ସା: ସାଇଁଲୋ, ଗୋପାଳପୁର, ଥାନା: ଗୋବିନ୍ଦପୁର, ଜିଲ୍ଲା: କଟକ

ଏତଦ୍‌ଦ୍ୱାରା ସମସ୍ତ ପ୍ରତବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୁଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୪ ରେ ଦାଖଲ କରିଛନ୍ତି । ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି । ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା **ତା.୦୭.୦୯.୨୦୨୬ରିଖ ପୂର୍ବାହ୍ନ ୧୧.୩୦ ଘଟିକା** ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

**ତଫସିଲି ସମ୍ପତ୍ତିର ବିବରଣୀ**

ମୌଜା: ଭୁବନେଶ୍ୱର ସହର ୟୁନିଟ୍-୩୯ ଗାଡ଼କଣ, ଥାନା: ନିଉ କ୍ୟାପିଟାଲ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ହାଲ ଖାତା ନଂ.: ୩୮୮, ହାଲ ପ୍ଲଟ୍ ନଂ.: ୫୦, ଏରିୟା: ଏ୦.୦୬୫ଡି., ଯାହାର ୧୯୬୨ ସେଟେଲମେଣ୍ଟ ଖାତା ନଂ.: ୮୨୯, ସାବିକ ପ୍ଲଟ୍ ନଂ.: ୩୫, ଏରିୟା: ଏ୦.୦୫୦ଡି. ସ୍କନ୍ଧରୁ ଏ୦.୦୬.୪ଡି.

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

**ତା: ୩୧.୦୭.୨୦୨୬** **ସ୍ୱା/- ଅତିରିକ୍ତ କମିଶନର ଅଦାଲତ ନଂ.୪ଙ୍କ ଆଦେଶ କ୍ରମେ**
**ଭୁବନେଶ୍ୱର** **(କୋର୍ଟ ଅଧିକାରୀ)**



**ସୁନା ନିଲାମ ସମ୍ପର୍କିତ ବିଜ୍ଞପ୍ତି**

**ବଜାଜ ଫାଇନାନ୍ସ ଲିମିଟେଡ୍ ("BFL"); ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁଣେ ରୋଡ୍, ଆକୁର୍ଦି, ପୁଣେ-411035**

BAJAJ FINANCE

ଋଣଗ୍ରହୀତା(ମାନେ) ଏବଂ ସାଧାରଣ ଜନତାଙ୍କୁ ଏଠାରେ ସୂଚିତ କରାଯାଉଛି ଯେ ନିମ୍ନଲିଖିତ ଋଣଗ୍ରହୀତା ବାରମ୍ବାର ନୋଟିସ୍ ସତ୍ତ୍ୱେ ପରିଶୋଧ କରିବାରେ କିମ୍ବା ଆବଶ୍ୟକୀୟ ମାର୍ଜିନ୍ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ଉକ୍ତ କାରଣ ଯୋଗୁଁ, ଋଣ ପରିଶୋଧ ପାଇଁ ସୁରକ୍ଷା ଭାବରେ ଋଣଗ୍ରହୀତା(ମାନେ) ପ୍ରଦାନ କରିଥିବା ସୁନା "ଯେପରି ଅଛି ଯେଉଁଠାରେ ଅଛି ସେହିପରି ଭାବରେ" ନିମ୍ନଲିଖିତ ସର୍ତ୍ତାବଳୀ ଅନୁଯାୟୀ ନିଲାମ କରାଯିବ: 1. ଏହି ସାର୍ବଜନୀନ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ (ସୁନା ବିବରଣୀ ଏବଂ ମୋଟ ଓଜନ) ପାଇବା ପାଇଁ QR କୋଡ୍ ସ୍କାନ କରନ୍ତୁ, 2. ସମ୍ପୂର୍ଣ୍ଣବିଡସର୍ତ୍ତାବଳୀ All about our Terms and Conditions - Bajaj Finance Limited ରେ ଉପଲବ୍ଧ; 3. ନିଲାମ ସମୟରେ କିମ୍ବା ପୂର୍ବରୁ ବିଡରମାନଙ୍କୁ ଅନ୍‌ଲାଇନ୍ ଟ୍ରାନ୍ସଫର ଦ୍ୱାରା ₹25,000/- ର ଅର୍ନେଷ୍ଟ ମନି ଡିପୋଜିଟ୍ (EMD) ଜମା କରିବାକୁ ପଡ଼ିବ; 4. ସକାଳ 10 ଟାରେ ପରିଚୟ ଏବଂ ଠିକଣାର ବୈଧ ପ୍ରମାଣ ସହିତ ନିଲାମ ସ୍ଥାନରେ ବ୍ୟକ୍ତିଗତ ଉପସ୍ଥିତି ବାଧ୍ୟତାମୂଳକ ଅଟେ। ନିଲାମ ତାରିଖରେ ଯେକୌଣସି ପରିବର୍ତ୍ତନ ନିଲାମ କେନ୍ଦ୍ରରେ ପ୍ରଦର୍ଶିତ ହେବ। ଉପରୋକ୍ତ ସର୍ତ୍ତାବଳୀର ସ୍ୱୀକୃତି ଅନୁସାରେ ବିଡ୍ ଦାଖଲ କରାଯିବ। ଯେକୌଣସି ପ୍ରଶ୍ନ ପାଇଁ, wecare@bajajfinserv.in ସହିତ ଯୋଗାଯୋଗ କରନ୍ତୁ।

(10-09-26) **ଅନୁଗୋଳ - ଗାନ୍ଧୀ ରୋଡ୍;** PJD6SGL33807738, 33812568, 33802591. **ଆଠଗଡ଼ - ବୀରକିଶୋରପୁର;** PCQ8SGL29679060, 30187909, 31420979. **ବଲାଙ୍ଗୀର - ଗୋପାଳଜୀ ରୋଡ୍;** PJD7SGL29454929, 30465074, 30832723, 30887620, 31769385, 32356160, 32654914, 32881925, 32857449, 33825642, 34278579. **ବାଲେଶ୍ୱର - ପୋଲିସ୍ ଲାଇନ୍ ସ୍କୋୟାର୍;** PEI4SGL18393579, 21886276, 22726296, 30035167, 31412661, 32140898, 33352790, 34345771, 35148219. **ବାଲୁଗାଁ - ମେନ୍ ରୋଡ୍;** PCQ9SGL31471680, 33877032. **ବରଗଡ଼ - ଖାରଜଟୀ କାଲା;** PGC3SGL29848739, 32694377, 34056708, 35167082. **ବାରିପଦା - KC ସର୍କଲ୍;** PMZ3SGL16124757, 30439563, 31808303. **ବାସୁଦେବପୁର - AB କଲେଜ୍ ଚକ୍;** PJE1SGL16770769, 17224565, 20713317, 21083234, 29862060, 32024176. **ବ୍ରହ୍ମପୁର - ଆସ୍କା ରୋଡ୍;** PQE8SGL33373055. **ଜୟପୁର - ଏମ୍.ଜି ରୋଡ୍;** PGH2SGL18553830, 29867956, 30087763, 31031759, 32283425, 32266523, 32453672, 32853520, 33015723, 33450498, 33808246, 33829444, 34043457, 35144940. **ଫୁଲବାଣୀ - BGL;** P93ASGL15637808, 15734885, 15782735, 15799652, 16798447, 16873790, 16980223, 18393423, 20380838, 20521526, 20481554, 20861401, 21058218, 21078892, 21069661, 21073122, 21129579, 21594350, 21775955, 22077743, 22417418, 22792789, 23629266, 29433441, 29414095, 29417305, 29848243, 30029560, 31016240, 31205742, 31580135, 32011856, 32475669, 33404464, 34031866, 34263437. (11-09-26) **ବ୍ରହ୍ମପୁର - ଗୋସାନୀ ନୂଆଗାଁ;** PMR7SGL16850100, 29446180. **ବ୍ରହ୍ମପୁର - କମାପଲ୍ଲି ଚକ୍;** PB63SGL29419356, 31270270, 33048371, 33381189, 34283438, 34260567. **ଭଦ୍ରକ - ସାଲାଣ୍ଡି ବାଇପାସ୍;** PCR1SGL16898834, 23345743, 23355212, 30412885, 30773465, 31061175, 31573358, 31589126, 31758317, 31757019, 32704800, 33373778, 34845715. **ଭଞ୍ଜନଗର - ମେନ୍ ରୋଡ୍;** PPA7SGL31802773, 32131364. **ଭବାନୀପାଟଣା - ଷ୍ଟାଡିୟମ୍ ରୋଡ୍;** PNU5SGL29413816, 29876273, 33353010, 33441869, 34248545, 35104772. **ଭୋଗରାଇ - ଥାନା ଚକ୍;** PLP3SGL29629868, 29843287, 31810979, 33040778, 33041095, 33036632. **ଭୁବନ - ନୂଆବଜାର;** POF9SGL30087611, 33032649, 33608325, 34353931, 34910991. **ଭୁବନେଶ୍ୱର - BGL;** PNQ2SGL19643791, 21070379, 29713887, 29864531, 30836672, 32256082, 33053795, 33388281, 33371442, 34022019, 35111590. **ନୂଆପଡ଼ା - ମେନ୍ ରୋଡ୍;** PQR3SGL29833424, 29850367, 31022763, 32069171, 32498154, 34056120, 34039546, 34251551, 34261319, 34458963, 34851089, 35135762. (12-09-26) **ଭୁବନେଶ୍ୱର - ସମନ୍ତରପୁର;** POG1SGL30018926, 33041765, 34053749. **ଚୌଦ୍ୱାର - କଳିଙ୍ଗ ଚକ୍;** PLE8SGL17068569, 18864381, 29622919, 30074234, 30403589, 31799265, 34941473. **କଟକ - CDA;** PQI9SGL33350999. **କଟକ - ଲିଙ୍କ ରୋଡ୍;** PGG9SGL31029634, 33093790, 34262043. **ଦେଓଗଡ଼ - ନିକଟ ଟ୍ରାଫିକ୍ ଚକ୍;** PPH3SGL18617870, 20555836, 30177990, 31760610, 31759876, 32013913, 32458480, 32633334, 32844988, 33314591, 33603560, 34091841, 35145633. **ଢେଙ୍କାନାଳ - ମହାବୀର ମନ୍ଦିର;** PMS4SGL31191191. **ଦିଗପହଣ୍ଡି - ମେନ୍ ରୋଡ୍;** POG4SGL30531719, 30827414, 31383196, 31566734, 31611394, 32650461. **ପିପିଲି - ହାଟ ଚକ୍;** PGE1SGL31096809, 31644517, 32332083, 35141074. (15-09-26) **ଗଞ୍ଜାମ - କଳିଙ୍ଗ ରୋଡ୍;** PMS5SGL29410139, 30223348, 32102413, 32043024, 34030829, 34885909. **ଗୁଣୁପୁର - ବାଇପାସ୍ ରୋଡ୍;** PL09SGL21650078, 32107973. **ହିଞ୍ଜିଳିକାଟୁ - ମେନ୍ ରୋଡ୍;** PPU7SGL31243621. **ଜଗତପୁର - କେନ୍ଦ୍ରାପଡ଼ା ରୋଡ୍;** PMM2SGL31737933. **ଜଗତସିଂହପୁର - ଦୁର୍ଗାବାଜାର;** PU42SGL15832140, 32057357, 32639560, 33604755, 34347612, 34485346, 34931051, 35089346, 35146434. **ଜଗତସିଂହପୁର - ରାହାମା;** PML9SGL31585959, 34329461. **ଯାଜପୁର - ମଙ୍ଗଳପୁର;** PLF4SGL18627510, 19282088, 21395537, 23153256, 29410544, 29917444, 29838042, 30064464, 32096800, 32304148, 33341839, 34026448. **ଯାଜପୁର - ସିଂହପୁର;** PLS4SGL17049139, 18407579, 19837094, 31822027, 34251534, 35091567, 35138369. **ଯାଜପୁର - ଟାଉନ୍ ଶୀତଳେଶ୍ୱର;** PJU7SGL29666102, 30382170, 33011925, 34917689. **ଯାଜପୁର ରୋଡ୍ - ବ୍ୟାଙ୍କ ଷ୍ଟ୍ରିଟ୍;** PKI2SGL17065541, 29935082, 30192375. **ଜଟଣୀ - ମେନ୍ ରୋଡ୍;** PCR2SGL23418846, 30368183, 33824868. (16-09-26) **ବୁଗୁଡ଼ା - ମେନ୍ ରୋଡ୍;** PLH7SGL17242036, 18484519, 20305082, 21392193, 29416219, 29711955, 29862233, 29887652, 29924934, 30025836, 31245969, 31191029, 31414644, 32295599, 32495178, 33014238, 33081506, 33590756, 33587888, 33796731, 33823735, 33874230, 34110800, 34068827, 34912013, 34875414, 35115937, 35154478. **ଛତ୍ରପୁର - ମେନ୍ ରୋଡ୍;** PMV8SGL29627066, 32142855, 32317367, 32457634, 33888752. **ଝାରସୁଗୁଡ଼ା - ବେହାରମାଲ;** PG62SGL18430145, 19780414, 30511763, 31274890, 31269916, 31430935, 32276693, 32829280, 33085558, 34332654, 35187345. **କାକଟପୁର - ଚନ୍ଦନ ବଜାର;** PLE6SGL33665029, 34859567, 35140963. **କେନ୍ଦ୍ରାପଡ଼ା - କଲେଜ୍ ସ୍କୋୟାର୍;** PGT6SGL22082191, 30800738, 32652285, 32650053, 33026425, 33345831, 33333531. **କେନ୍ଦୁଝର - ମାଇନିଂ ରୋଡ୍;** PCQ7SGL20886277. **ଖଲ୍ଲିକୋଟ - ମେନ୍ ରୋଡ୍;** PQE7SGL20917170, 31269841, 31467556, 32053330. **ଖୋର୍ଦ୍ଧା - ମେନ୍ ଟାଉନ୍;** PDA3SGL33083318, 34527293. **କୁଚିଣ୍ଡା - BGL;** POA3SGL18880661, 29850879, 30040367, 30772051, 31026601, 31235845, 31228966, 31431067, 32265088, 32254145, 32469300, 33319710, 33332581, 33350194, 33344328, 33558994, 33554329, 34090313, 34272022, 34863505. **ମଦନପୁର ରାମପୁର - ମେନ୍ ରୋଡ୍;** PLF2SGL29846924, 31051054, 34481931. (17-09-26) **ନବରଙ୍ଗପୁର - ପଟେଲ ମାର୍ଗ;** PCR3SGL18400746, 20502336, 29416389, 29443110, 29709444, 29857370, 30186707, 30997263, 32013191, 32115314, 32263947, 32474288, 33347549, 33895658, 33817746, 34473397, 34854100, 34902891. **ନୟାଗଡ଼ - ଖଣ୍ଡପାଡ଼ା ରୋଡ୍;** PMR9SGL29628168, 30206371, 31009423, 31779154, 32087394, 32025921, 32445721, 33431268, 33564471, 34304429, 34461125, 34458360, 34829531, 34835252, 34855901. **ନିଆଳି - ମେନ୍ ରୋଡ୍;** PJD4SGL15863904, 16125265, 20350223, 20365400, 29620131, 29698580, 29926828, 29849737, 31235655, 31401764, 31558921, 33607195, 34086917, 34117077, 34450048, 35099107. **ନୀଳଗିରି - ମେନ୍ ରୋଡ୍;** PL08SGL30060016, 31760931. **ନିମାପଡ଼ା - ଗଣେଶ ବଜାର;** PJE2SGL17179716, 29879317, 29856666, 30237080, 30509594, 30841435, 33336536. **ପଟ୍ଟାମୁଣ୍ଡାଇ - ମେନ୍ ରୋଡ୍;** POH6SGL21371250, 22749807, 29912681, 30352097, 31385189, 32127554, 32099054, 33434050, 33424535, 34262090, 35090536. (18-09-26) **ପୁରୀ - ଭି.ଆଇ.ପି ରୋଡ୍;** PEK3SGL29621963, 32017610, 33567733. **ପୁରୁଷୋତ୍ତମପୁର - ମେନ୍ ରୋଡ୍;** PQE6SGL31023325. **ରଘୁନାଥପୁର - ଗୋପାଳପୁର;** POF6SGL17108989, 22240153, 31389880, 32325315, 33674536. **ରାଜଗାଙ୍ଗପୁର - ମେନ୍ ରୋଡ୍;** PNV9SGL20494191, 21401883, 30067601, 30372081, 31658866, 31802381, 32336203, 33596719, 34828434, 34946616. **ରାୟଗଡ଼ - ପି.ଏସ୍.ଆର୍ ରୋଡ୍;** PCR4SGL17285124, 17314037, 18483517, 20066180, 20899504, 29533461, 29644363, 32060757, 33335734, 33351004, 33812604. **ରାଉରକେଲା - ଡେଲି ମାର୍କେଟ୍;** POH1SGL17157444, 18643644, 31797967, 34246526. (21-09-26) **ରାଜନଗର - ମେନ୍ ରୋଡ୍;** PLJ3SGL16102064, 17066960, 17248942, 18387514, 18392886, 23226237, 23341172, 29486585, 29623019, 29676257, 30025181, 31583276, 31790356, 32123823, 32485893, 32727284, 32893511, 33011365, 33337545, 33431905, 33856693, 34463820, 34870084, 34888487. **ରାଉରକେଲା - କୋଏଲ ନଗର;** PER3SGL29549104, 30228217, 33816075, 34096346, 34567095. **ସାକ୍ଷୀଗୋପାଳ - ରେଲୱେ ଲେଭଲ୍ କ୍ରସିଂ;** PLJ2SGL31247276. **ସାଲେପୁର - ମେନ୍ ରୋଡ୍;** PGN9SGL30046927, 30494067, 33334216, 33815447. **ସୋନପୁର - ଜୟ ଗୁରୁ ଚକ୍;** PMY6SGL30815550, 32650266. **ସୁନ୍ଦରଗଡ଼ - ହସ୍ପିଟାଲ୍ ରୋଡ୍;** PJU9SGL29415823, 30035218, 30453429, 32010683, 32477428, 33322431. **ତାଳଚେର - ହତାତୋଡା ଚକ୍;** PJU8SGL32825296, 32873204, 32911359, 34039365. **ଟାଙ୍ଗୀ - ମେନ୍ ରୋଡ୍;** PG01SGL29896626, 33606570, 35152302, 35081938. **ଉମରକୋଟ - ଗୁଲିପାଟଣା;** PJE3SGL30220568, 30491314, 31381476, 31790400, 32293813, 32296572, 32242895, 33443611, 33572960, 34030936.

**ବଜାଜ ଫାଇନାନ୍ସ ଲିମିଟେଡ୍**

# ଟାଟା ଷ୍ଟିଲ ଫାଉଣ୍ଡେସନର ପାଞ୍ଚଦିନିଆ ଆଦିବାସୀ ସାଂସ୍କୃତିକ କର୍ମଶାଳା

ବ୍ୟାସନଗର ,( ଜିପ୍ର ) :ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ, ଜାମସେଦପୁରର "ଆଦିବାସୀ ରୋମୋଜ ଅଖଡ଼ା'ର ସହଯୋଗରେ ନଡ଼ିଆଭଙ୍ଗା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାରଙ୍ଗପୁର ଗ୍ରାମରେ ଆୟୋଜିତ ପାଞ୍ଚଦିନିଆ "ଆଦିବାସୀ ପାରମ୍ପରିକ ନୃତ୍ୟ ଓ ବାଦ୍ୟଯନ୍ତ୍ର ପ୍ରଶିକ୍ଷଣ କର୍ମଶାଳା' ଶୁକ୍ରବାର ସଫଳତାର ସହ ଉଦଯାପିତ ହୋଇଯାଇଛି । ଜୁଲାଇ ୨୭ ରୁ ୩୧ ପର୍ଯ୍ୟନ୍ତ ଆୟୋଜିତ ଏହି ସାଂସ୍କୃତିକ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ଜନଜାତି କଳା ସଂସ୍କୃତିର ପ୍ରଚାର, ପ୍ରସାର, ସଂରକ୍ଷଣ ଓ ଏହାର ପୁନରୁଦ୍ଧାର ।ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଗ୍ରାମର ଯୁବକ, ଯୁବତୀ, ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ମିଶାଇ ମୋଟ ୬୧ ଜଣ ପ୍ରତିଯୋଗୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ଏବଂ ନିଜର ମୂଳ ସଂସ୍କୃତି ସହ ଯୋଡ଼ିହେବାର ସୁଯୋଗ ପାଇଥିଲେ । ଏହି ପାଞ୍ଚ ଦିନ ଧରି ଅଂଶଗ୍ରହଣକାରୀମାନଙ୍କୁ ପାରମ୍ପରିକ ଆଦିବାସୀ ନୃତ୍ୟଶୈଳୀ ଏବଂ ବିଲୁପ୍ତପ୍ରାୟ ଦେଶୀୟ ବାଦ୍ୟଯନ୍ତ୍ର ବଜାଇବାର ପ୍ରଶିକ୍ଷଣ ପ୍ରଦାନ କନୂତନ ପିଢ଼ିକୁ ଏହି ପ୍ରାଚୀନ କଳା ଓ କୌଶଳ ସିଧାସଳଖ ହସ୍ତାନ୍ତର କରିବା ଦ୍ୱାରା, ଏହି କର୍ମଶାଳା ଯୁବପିଢ଼ିମାନଙ୍କ ମଧ୍ୟରେ ସାଂସ୍କୃତିକ ସ୍ୱାଭିମାନ ଜାଗ୍ରତ କରିବା ସହ ଆଗାମୀ ଭବିଷ୍ୟତ ପାଇଁ ସମୃଦ୍ଧ ଜନଜାତି ଐତିହ୍ୟକୁ ସୁରକ୍ଷିତ ରଖିବାରେ ଏକ ପ୍ରଶଂସନୀୟ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଛି ।



# ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି

ଜଗତସିଂହପୁର, (ସବ୍ୟୁ): ଜିଲ୍ଲାରେ ଚଳିତ ଲଗାଣ ବର୍ଷା ସହ ମହାନଦୀ , ଦେବୀ ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ବିଭିନ୍ନ ବ୍ଲକର ଲୋକମାନେ ପ୍ରଭାବିତ ହେବା ସହ କୃଷି କ୍ଷେତ୍ର ଜଳ ପ୍ଳାବିତ ହୋଇଅଛି । ସାଂସଦ ବିଭୁ ପ୍ରସାଦ ତରାଇ, ଜିଲ୍ଲାପାଳ ଜେ ସୋନାଲ ଙ୍କ ସହ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର ଓ ରିଲିଫ ବଣ୍ଟନ କାର୍ଯ୍ୟର ତଦାରଖ କରିଛନ୍ତି । ବନ୍ୟା ଜଳରେ ବହୁ ପଞ୍ଚାୟତ ଜଳବନ୍ଦୀ ରହିଥିବାରୁ, କେହି ଯେପରି ସହାୟତାରୁ ବଞ୍ଚିତ ନହୁଅନ୍ତି ସେଥିପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବନ୍ୟା ଆଶ୍ରୟସ୍ଥଳୀ ରେ ଶୁଖିଲା ଖାଦ୍ୟ,ରନ୍ଧାଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ , ଔଷଧ,ମହିଳା ଓ କିଶୋରୀ ମାନଙ୍କ ପାଇଁ ସାନିଟାରୀ ନ୍ୟାପକିନ ଆଦି ପ୍ରଦାନ କରାଯାଉଛି । ମେଡିକାଲ ଟିମ ଦ୍ୱାରା ବୃଦ୍ଧ ଓ ଅସୁସ୍ଥ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।ବନ୍ୟା ଛାଡ଼ିବାର ୩ ଦିନ ମଧ୍ୟରେ କୃଷି ଓ ଉଦ୍ୟାନ କୃଷି ବିଭାଗ କ୍ଷୟ କ୍ଷତି ର ରିପୋର୍ଟ ଦେବାପରେ ଚାଷୀ ମାନେ ସରକାରୀ ସ୍ତରରେ କ୍ଷତିପୂରଣ ପାଇବେ ବୋଲି ଜିଲ୍ଲାପାଳ କହିଛନ୍ତି ।ଆଗକୁ ଦେବୀ ନଦୀରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ର ମୁକାବିଲା ପାଇଁ ପ୍ରଶାସନ ସମସ୍ତ ପ୍ରକାର ସତର୍କ ଓ ପ୍ରସ୍ତୁତ ଅଛି ବୋଲି ଜିଲ୍ଲାପାଳ କହିଛନ୍ତି ।ଜିଲ୍ଲାପାଳ ଙ୍କ ସହ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା ଆଜି ରଘୁନାଥପୁର, ତିର୍ତ୍ତୋଲ , କୁଜଙ୍ଗ ର ବିଭିନ୍ନ ବନ୍ୟା ପ୍ରଭାବିତ ପଞ୍ଚାୟତ ପରିଦର୍ଶନ କରିବା ସହ ନୋଡାଲ ଅଫିସର, ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଅନ୍ୟ ଅଧିକାରୀଙ୍କ ସହ ସମୀକ୍ଷା କରି ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ । ଦାୟିତ୍ୱରେ ଥିବା ବରିଷ୍ଠ ପ୍ରଶାସନିକ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଓ ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ପ୍ରଭିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ପ୍ରଭାବିତଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲା ଜରୁରୀ କାଳୀନ ବିଭାଗ ପକ୍ଷରୁ ଆଜି ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଜଗତସିଂହପୁର ଜିଲ୍ଲାରେ ଏ ପର୍ଯ୍ୟନ୍ତ ସମୁଦାୟ ୧୭୩୪ ଜଣଙ୍କୁ ଉଦ୍ଧାର କରାଯାଇ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି । ୩୫ ଟି ଫ୍ରି କିଚେନ ସେଣ୍ଟର ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି ।୧୧ ଟି ମେଡିକାଲ ଟିମ ନିୟୋଜିତ ହୋଇଥିବା ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ପାଟନାଳୀ ଅବରୋଧ , ତହସିଲଦାରଙ୍କୁ ଅଭିଯୋଗ

ମହାକାଳପଡ଼ା, (ସବ୍ୟୁ ):ବରକନ୍ଧା ପଂଚାୟତସ୍ଥ ପାଟନାଳୀକୁ କିଛି ମୁଷ୍ଟିମେୟ ବ୍ୟକ୍ତି ଅବରୋଧ କରି ମାଡ଼ିବସିଛନ୍ତି । ଅବରୋଧକାରୀଙ୍କ ଭିତରୁ କେହି ପୋଖରୀ ପ୍ରସ୍ତୁତି କରିଥିବା ବେଳେ ଅନ୍ୟ କେହି ବାରି ଭିତରେ ସାମିଲ କରି ଦଖଲରେ ଅଛନ୍ତି । ଯାହା ନେଇ ତିନିବର୍ଷ ତଳେ ଜଳ ନିକାସ ବିଭାଗ ତରଫରୁ ସଫେଇ ସମୟରେ ସମସ୍ୟା ଉପୁଜିବାରୁ ଠିକାଦାର ଅଧାରେ କାମ ଛାଡି ଚାଲିଯାଇଥିଲେ । ଏନେଇ ଅଧା ସଫେଇ ରହିଥିବା ପାଟନାଳୀ ରେ ପଂଚାୟତରୁ ଜଳ ନିକାସ ରେ ସମସ୍ୟା ହେଉଥିଲା । ମାତ୍ର ଚଳିତ ଲଗାଣ ବର୍ଷା ଫଳରେ ସ୍ଥାନୀୟ ପଂଚାୟତର ବରକନ୍ଧା, ଛେଡାକଣୀ ଓ ଷାଠିଏବାଟି ଗ୍ରାମର କିଛି ପରିବାର ଜଳଘେରରେ ରହିଥିବା ସ୍ଥଳେ ସମ୍ପୂର୍ଣ୍ଣ ଚାଷ ଜମି ଜଳମଗ୍ନ ରହିଛି ।ବର୍ଷା ଋତୁ ପ୍ରାରମ୍ଭରେ ଲଗାଣ ବର୍ଷା ଫଳରେ ତଳି ଘେରା ଓ ରୁଆ ଜମି ବୁଡି ରହିଛି । ଉଦବୃତ ବର୍ଷା ଜଳ ମାଡି ରହି ବାରୁ ତଳି ପଚିବା ସହିତ ରୁଆ କ୍ଷେତ ନଷ୍ଟ ହୋଇଗଲାଣି । ପଂଚାୟତବାସୀଙ୍କ ଏହି ପ୍ରମୁଖ ସମସ୍ୟା ନେଇ ଲୋକେ ଗୁରୁବାର ମହାକାଳପଡ଼ା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

# ବନ୍ୟା ସ୍ଥିତିର ସମୀକ୍ଷା: ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜୋରଦାର

କେନ୍ଦ୍ରାପଡ଼ା ,(ସବ୍ୟୁ) :କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର, ରିଲିଫ ଓ ପୁନର୍ବାସ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନେତୃତ୍ୱରେ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି ପ୍ରଭାବିତ ଲୋକଙ୍କ ସୁରକ୍ଷା ଓ ସହାୟତା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି । ଆଜି ଅପରାହ୍ନ ୪ଟା ସୁଦ୍ଧା ଜିଲ୍ଲାର ୯ଟି ବ୍ଲକରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ଗରଦପୁର, ରାଜନଗର, କେନ୍ଦ୍ରାପଡ଼ା, ମାର୍ଶାଘାଇ, ମହାକାଳପଡ଼ା ଓ ଡେରାବିଶର ୮୫ଟି ଗ୍ରାମପଞ୍ଚାୟତ ଏବଂ ୧୬୯ଟି ଗ୍ରାମ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି । ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ଓ୍ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି । ମୋଟ ୭୩,୧୬୩ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ୧,୨୪୯ ଜଣଙ୍କୁ ସୁରକ୍ଷିତ ଭାବେ ୬ଟି ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି । ବର୍ତ୍ତମାନ ୮୪୯ ଜଣ ଏହି ଆଶ୍ରୟସ୍ଥଳଗୁଡ଼ିକରେ ଅବସ୍ଥାନ କରୁଛନ୍ତି । ସମସ୍ତ ଆଶ୍ରୟସ୍ଥଳରେ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ଯୋଗାଇ ଦିଆଯାଉଛି । ୬ଟି ମାଗଣା ରୋଷେଇ କେନ୍ଦ୍ର ନିରନ୍ତର କାର୍ଯ୍ୟକ୍ଷମ ରହିଛି ।ପ୍ରଭାବିତ ଅଞ୍ଚଳରେ ରିଲିଫ ବଣ୍ଟନ କାର୍ଯ୍ୟ ଜୋରଦାର ଭାବେ ଚାଲିଛି । ସ୍ୱାସ୍ଥ୍ୟସେବାକୁ ସୁଚାରୁ ରଖିବା ପାଇଁ ୧୨ଟି ମେଡିକାଲ ଟିମ ଏବଂ ପଶୁଧନର ଚିକିତ୍ସା ଓ ସୁରକ୍ଷା ପାଇଁ ୯ଟି ପଶୁ ଚିକିତ୍ସା ଟିମ ନିୟୋଜିତ କରାଯାଇଛି । ବନ୍ୟାରେ କୌଣସି ଜନହାନି ହୋଇନାହିଁ । ତେବେ ୬୬ଟି ରାସ୍ତା ବନ୍ୟାଜଳରେ ବୁଡ଼ି ଯାଇ ଯାତାୟାତ ବିଚ୍ଛିନ୍ନ ହୋଇଛି । ପ୍ରାଥମିକ ଆକଳନ ଅନୁଯାୟୀ ୯୪ଟି ଗୃହ ଓ ସଂରଚନା କ୍ଷତିଗ୍ରସ୍ତ ହୋଇଛି, ସେଥିମଧ୍ୟରୁ ୮୯ଟି ଗୁହାଳ ଏବଂ ୫ଟି କଚ୍ଚା ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି । ବନ୍ୟାଜଳ ହ୍ରାସ ପାଇବା ପରେ ଫସଲ କ୍ଷତିର ସଠିକ ଆକଳନ କରାଯିବ ।ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ୩ଟି ଏସଆର୍ସି ପାଓ୍ୱାର ବୋଟ, ୭୨ଟି ଦେଶୀ ଡଙ୍ଗା ଏବଂ ୧୫ଟି ଯନ୍ତ୍ରଚାଳିତ ଦେଶୀ ଡଙ୍ଗା ନିୟୋଜିତ କରାଯାଇଛି ।ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ସହ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ବନ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଥିଲେ । ସେମାନେ ପ୍ରଭାବିତ ପରିବାରଙ୍କ ସହ ଆଲୋଚନା କରି ରିଲିଫ ବ୍ୟବସ୍ଥା ତଦାରଖ କରିବା ସହିତ ପ୍ରତ୍ୟେକ ପ୍ରଭାବିତ ବ୍ୟକ୍ତିଙ୍କ ନିକଟରେ ଠିକ ସମୟରେ ସହାୟତା ପହଞ୍ଚାଇବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମଗ୍ର ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ନିରନ୍ତର ନଜର ରଖିଥିବାବେଳେ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ବିଭାଗ ସଜାଗ ରହିଛନ୍ତି ।

# ବନ୍ୟାର ୩ ଦିନ ପରେ ବି ଦୁର୍ଦ୍ଦଶା : ୫୯ ଗାଁ ର ୮୦ ହଜାର ଜଳବନ୍ଦୀ

ମଙ୍ଗଳପୁର, (ସବ୍ୟୁ) : ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକଟି ସର୍ବାଧିକ କ୍ଷତି ହୋଇଛି । ଚଳିତ ଥର ବୈତରଣୀ ନଦୀ ଜୟନ୍ତରା ମହାପାତ୍ର ସାହି ଘେରି ବନ୍ଧ ଘାଇ, କାଣୀ ନଦୀର ତରପଦା ପଞ୍ଚାୟତ ଡୋଭିଲ, ପାଟଣା ଠାରେ ଦୁଇଟି ଘାଇ ଏବଂ କଣ୍ଟପଡା ଠାରେ ପ୍ରଥମ ବନ୍ୟାରେ ହୋଇଥିବା ମୁକୁଳା ଘାଇ ହୋଇଛି । ଏହି ଘାଇ ବାଟ ଦେଇ ବନ୍ୟା ଜଳ ନିଷ୍କାସନ ହୋଇ ବ୍ଲକର ୧୯ ପଞ୍ଚାୟତର ୫୯ ରାଜସ୍ୱ ଗ୍ରାମର ବନ୍ୟା ପ୍ରଭାବିତ ହୋଇଛି । ୮୭ ହଜାର ୮୧୪ ଜଣ ବନ୍ୟା ପ୍ରଭାବିତ ହୋଇଥିବାବେଳେ ପାଣି ଘେରରୁ ଉଦ୍ଧାର କରାଯାଇଥିଲା ୩୭ ହଜାର ୭୯୪ ଜଣ । ଏମାନଙ୍କୁ ବ୍ଲକ ପକ୍ଷରୁ ୩ ଦିନ ହେବ ଶୁଖିଲା ଏବଂ ରନ୍ଧା ଖାଦ୍ୟ ଆଶ୍ରୟ ସ୍ଥଳୀ ଗୁଡିକରେ ପ୍ରଦାନ କରାଯାଉଛି । ଅନ୍ୟପକ୍ଷରେ ଚୁଡା ୨୨୦ କ୍ୟୁଣ୍ଟାଲ, ଗୁଡ ୨୨ କ୍ୟୁଣ୍ଟାଲ, ପାଣି ବୋତଲ ୧୫ ହଜର , ଗୋ ଖାଦ୍ୟ ୩୦ ମେଟ୍ରିକ ଟନ, ପାଲ ୭ ଟି ପଞ୍ଚାୟତକୁ ୨୮୩୦ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି । ବନ୍ୟାର ତୃତୀୟ ଦିନରେ ତରପଦା, କସପା, ମଲିକାପୁର, ଶୁଶୁଆ, ମଙ୍ଗଳପୁର, କନିକାପଡା, ଛଚିଣା, କଟିକଟା, ଜୟନ୍ତରା, ନିଜାମପୁର, କୟାଁ, କମାର ଖାନନଗର, ଥାଲକୁଡି, ପାଲଟପୁର, ଜାଫରପୁର, ବିରିପଟା, ଦଉପୁର, ଦୁଦୁରାଅଣ୍ଟା ଆଦି ପଞ୍ଚାୟତର ଶତାଧିକ ଗାଁ ମଝିରେ ୩ ଫୁଟ ଉଚ୍ଚତାରେ ବନ୍ୟା ଜଳ ପ୍ରବାହିତ ହେଉଛି । କାଟିଆ - ବୈଷପନ ରାସ୍ତା, ଅହିୟାସ - ତରପଦା ରାସ୍ତା, ବଉଳାଙ୍ଗ - ମଲିକାପୁର ରାସ୍ତା, ପାରିପଦା - ଦଉପୁର, ବୈଷପାନ - ଅର୍ଦ୍ଧାଉଳିଆ, ଲାଲବାଗ - ନିଜାମପୁର, ଲକ୍ଷ୍ମୀପୁର - ଗୁଣ୍ଡୁଣିପଡା, ମଙ୍ଗଳପୁର - ମହାନ୍ତିପାଟଣା ମୁଖ୍ୟ ରାସ୍ତା ସମେତ ଏକାଧିକ ଗ୍ରାମ୍ୟ ରାସ୍ତା ଉପରେ ବନ୍ୟା ଜଳ ପ୍ରବାହିତ ହେବାରୁ ଯୋଗାଯୋଗ ହେବା ସମ୍ଭବ ହେଉନାହିଁ । ବନ୍ୟା ଆସିବାରୁ ଶତାଧିକ କଚା ଘର ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି । ଲଗାଣ ବର୍ଷା ଏବଂ ବନ୍ୟାରେ ବ୍ଲକର ପ୍ରାୟ ୫ ହଜାର ହେକଟର ଚାଷ ଜମିରେ ୬ ଦିନ ହେବ ପାଣି ବୁଡି ରହିଥିବାରୁ ଚାଷ ନଷ୍ଟ ହେବାର ସମ୍ଭାବନା ରହିଛି । ବ୍ଲକର ବିପନ୍ନମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦିଆଯାଉଥିବା ଦଶରଥପୁର ବ୍ଲକ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଏବଂ ବିଡ଼ିଓ ଆକାଶ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା

କୁଆଖିଆ ,(ସବ୍ୟୁ) :ରସୁଲପୁର ବ୍ଲକ ଅନର୍ଗତ ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗ୍ରନ୍ଥାଗାରିକ ନିରୋଦ ସିଂ, କିରାଣୀ କାଶୀନାଥ ସାମଲଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଘଡ଼େଇଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଅର୍ଣ୍ଣଦା ଶଙ୍କର ଶତପଥୀ, ବିରଞ୍ଚି ନାରାୟଣ ରାମ, ,ଅବସରପ୍ରାପ୍ତ ଓଡ଼ିଆବିଭାଗ , ଅଧ୍ୟାପକ ନିତ୍ୟାନନ୍ଦ ମହାନ୍ତି ଯୋଗ ଦେଇନିରୋଦ, କାଶୀନାଥ ବାବୁଙ୍କଦାୟିତ୍ୱ, ସେବା ସମ୍ପର୍କରେ କହିଥିଲେ ।ସଭାକୁ ଅଧ୍ୟପକ ଦେବବ୍ରତ ମହାପାତ୍ର ସଂଯୋଜନା କରିଥିଲେ । ଅଧ୍ୟାପକ ବିକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକାଦୀପ୍ତି ମୟୀ ଦାସ, ପ୍ରଣତି ରାଉତ, ଅଧ୍ୟାପକ ଶୁଭେନ୍ଦୁ କୁମାର ପଟ୍ଟନାୟକ, ଅଧ୍ୟାପକ - ଅଜୟ କୁମାର ଜେନା ,ଅଜୟ କୁମାର ଚନ୍ଦ, ଅଧ୍ୟାପକ ହିମାଂଶୁ ଶେଖର ଜେନା, ମନୋଜ ନାୟକ,ଅଧ୍ୟାପକ ଦେବବ୍ରତ ସାହୁ, ବିକାଶ ସାହୁ ,ଅଧ୍ୟାପକ , ଶ୍ରୀତମ କୁମାର ସାହୁ, ସୁରେଶ ଜେନା, ଶୁଭସ୍ମିତା ନାଥ,,ଇନ୍ଦ୍ରମଣି ଆଚାର୍ଯ୍ୟ, ପ୍ରଶାନ୍ତ ରାଉତ, ଅର୍ଜୁନ ରଣା, ପ୍ରହଲ୍ଲାଦ ମଲିକ,ସୁଲୋଚନା ସାହୁ ସହଯୋଗ କରିଥିଲେ ।



# ବନ୍ୟା ପ୍ରପୀଡ଼ିତଙ୍କୁ ଭେଟିଲେ ସାଂସଦ , ଜିଲ୍ଲାପାଳ ଓ ଏସପି

ରଘୁନାଥପୁର, (ସବ୍ୟୁ) : ମହାନଦୀରେ ବନ୍ୟା ଆସି ଜଳସ୍ତର ବୃଦ୍ଧି ପାଉଥିବାରୁ କୌଣସି ଅଘଟଣକୁ ଦୃଷ୍ଟିରେ ରଖି ରଘୁନାଥପୁର ବ୍ଲକ ଅଞ୍ଚଳର ଶତାଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି ।ପୂରଣ ଆଦିବାସୀ ସାହିରେ ବନ୍ୟାଜଳ ଚତୁର୍ପାଶ୍ୱର୍ରେ ଘେରି ରହିଥିବା ସ୍ଥଳେ ଲୋକମାନେ ଘରୁ ଯିବାକୁ ଅମଙ୍ଗ ହୋଇଥିଲେ ।ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଏଡିଏମ ଜ୍ୟୋତିଶଙ୍କର ରାୟ,ବିଡିଓ ବିରଞ୍ଚି ନାରାୟଣ ବେହେରା,ତହସିଲଦାର ରାଜଲକ୍ଷ୍ମୀ ନାୟକ ଓ ଆଇଆଇସି ପ୍ରେମଜିତ ଦାସ ଗତକାଲି ପୋଲିସ ଫୋର୍ସ ସହ ସେଠାରେ ପହଞ୍ଚି ସେମାନଙ୍କୁ ବୁଝାସୁଝାକରି ସ୍ଥାନାନ୍ତରିତ କରିଥିଲେ ।ସେମାନଙ୍କ ମଧ୍ୟରୁ ୪୦ ଜଣଙ୍କୁ ନିକଟସ୍ଥ ବାଙ୍କଲ ଅଙ୍ଗନୱାଡ଼ି କେନ୍ଦ୍ରରେ ରଖାଯାଇଥିଲା ।ସମସ୍ତଙ୍କ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି । ଆଜି ଏହି ସ୍ଥାନରେ ସାଂସଦ ବିଭୂପ୍ରସାଦ ତରେଇ, ଜିଲ୍ଲାପାଳ ଜେ ସୋନାଲ, ଏସପିଅଙ୍କିତ କୁମାର ବର୍ମା, ବିଡିଓ ବିରେଞ୍ଚି ନାରାୟଣ ବେହେରା, ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କ ସମେତ ବ୍ଲକ ପ୍ରଶାସନ ପହଞ୍ଚି ବନ୍ୟା ପ୍ରପୀଡ଼ିତଙ୍କୁ ଭେଟିବା ସହ ଦିଆ ଯାଉଥିବା ଖାଦ୍ୟ ଯାଞ୍ଚ କରିଥିଲେ । ଏଥିସହ ପ୍ରପିଡିତଙ୍କ ଦାବି ଅନୁଯାୟୀ ବର୍ଷା ଋତୁ ପରେ ଏହି ସ୍ଥାନକୁ ଯିବା ଆସିବା ରାସ୍ତାକୁ ତୁରନ୍ତ ନିର୍ମାଣ କରିବା ପାଇଁ ଜିଲ୍ଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାଛଡା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗୃହପାଳିତ ପଶୁଙ୍କ ପାଇଁ ପାଲ ଯୋଗାଇ ଦିଆଯାଇ ଥିବାର ତହସିଲଦାର ନାୟକ ପ୍ରକାଶ କରିଛନ୍ତି ।ବ୍ଲକ ପ୍ରଶାସନ ପକ୍ଷରୁ ସିଡିପିଓ ତୃପ୍ତିଲତା ମହାନ୍ତି, ଜିପିଓ ବିଶ୍ୱଜିତ ମହାପାତ୍ର,ଯନ୍ତ୍ରୀ ସୁବାଷ ଚନ୍ଦ୍ର ପୃଷ୍ଟି,ଏମାଇ ସନ୍ଦିପା ଦାସ,ପିଇଓ ପ୍ରଣତି ନାୟକଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

# ଯାଜପୁର ବନ୍ୟା : ୧,୩୭,୦୧୦ ଲୋକ ପ୍ରଭାବିତ

ଯାଜପୁରସଦର/ଯାଜପୁର,(ସବ୍ୟୁ) : ଯାଜପୁର ଜିଲ୍ଲାରେ ଚଳିତ ଲଗାଣ ବର୍ଷା ଓ ବୈତରଣୀ, କାଣୀ, ବ୍ରାହ୍ମଣୀ, ଖରସ୍ରୋତା ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ଦଶରଥପୁର, ଯାଜପୁର, ବରୀ, ରସୁଲପୁର, କୋରେଇ, ଧର୍ମଶାଳା, ବଡ଼ଚଣା ଓ ବିଞ୍ଝାରପୁର ବ୍ଲକର ଲୋକମାନେ ପ୍ରଭାବିତ ହେବା ସହ ବିଲବାଡ଼ି ଜଳ ପ୍ଳାବିତ ହୋଇଅଛି । ଜିଲ୍ଲାପାଳ ଅମ୍ବର କୁମାର କର ଦଶରଥପୁର, ବରୀ, ବିଞ୍ଝାରପୁର ଅଞ୍ଚଳ ଗସ୍ତ କରି ବନ୍ୟା ସମସ୍ୟା ଅନୁଧ୍ୟାନ କରିବା ସହ ରିଲିଫ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି । ବନ୍ୟା ପରିସ୍ଥିତି କୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ବିଭିନ୍ନ ବ୍ଲକ ପାଇଁ ବରିଷ୍ଠ ଅଧିକାରୀ ମାନଙ୍କୁ ନିୟୋଜିତ କରିଛନ୍ତି । ବନ୍ୟା ପରିସ୍ଥିତି ଅନୁଧ୍ୟାନ କରି ଉଦ୍ଧାର କାର୍ଯ୍ୟର ତଦାରଖ କରିବା ନିମନ୍ତେ ନିୟୋଜିତ କରାଯାଇଛି । ଅବକାରୀ ବିଭାଗ କମିଶନର ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ବନ୍ୟା ପ୍ରଭାବିତ ବରୀ ଅଞ୍ଚଳ ପରିଦର୍ଶନ କରିବା ସହ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା ଓ ତଦାରଖ କରୁଛନ୍ତି । ଆଜି ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାରେ ୦୮ ଟି ବ୍ଲକ ଯଥା: ଯାଜପୁର, କୋରେଇ, ଦଶରଥପୁର, ବିଞ୍ଝାରପୁର , ବରୀ, ରସୁଲପୁର, ଧର୍ମଶାଳା ଓ ବଡ଼ଚଣା ବ୍ଲକ ପ୍ରଭାବିତ ହୋଇଛି । ସମୁଦାୟ ୯୭ ଟି ଗ୍ରାମ ପଞ୍ଚାୟତ, ୨୭୫ ଟି ଗ୍ରାମ ଓ ଯାଜପୁର ମ୍ୟୁନସିପାଲିଟି ପ୍ରଭାବିତ ହୋଇଛି । ୦୧ ଗୋଟି ୱାର୍ଡ ପ୍ରଭାବିତ ହୋଇଛି । ୧,୩୭,୦୧୦ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୩୫,୫୭୨ ଜଣଙ୍କୁ ଉଦ୍ଧାର କରାଯାଇ ୧୦୮ ଟି ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି । ୯୧ ଟି ରିଲିଫ ସେଣ୍ଟର୍ ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ସମୁଦାୟ ୫୨,୮୩୫ ଟି ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ବେଳେ, ୨୦,୨୦୬.୩ ହେକଟର ଶସ୍ୟ କ୍ଷେତ୍ର ବନ୍ୟା ଜଳ ଯୋଗେ ପ୍ରଭାବିତ ହୋଇଛ ।୦୮ ଟି ମେଡିକାଲ ଟିମ ନିୟୋଜିତ ହୋଇଥିବା ବେଳେ ୦୪ ଟି ଭେଟେନାରି ଟିମ ନିୟୋଜିତ କରାଯାଇଛି । ୦୧ ଟି ଏନ.ଡି.ଆର୍. ଏଫ ଟିମ, ୦୪ ଟି ଓଡ୍ରାଫ ଟିମ ଏବଂ ୧୨ ଟି ଅଗ୍ନିଶମ ସେବା ଟିମ ନିୟୋଜିତ କରାଯାଇଛି । ବୈତରଣୀ ନଦୀର ଜଳସ୍ତର ଆଜି ଅପରାହ@ ୪ଟାରେ ଅଖୁଆପଦାଠାରେ ୧୮.୦୦ ମିଟରକୁ ହ୍ରାସ ପାଇ ବିପଦ ସଙ୍କେତ (୧୮.୩୩ ମିଟର) ତଳକୁ ଖସିଆସିଛି । ସେହିପରି ବ୍ରାହ୍ମଣୀ ନଦୀର ଜଳସ୍ତର ଅପରାହ@ ୩ଟାରେ ଜେନାପୁରଠାରେ ୬୫.୯୦ ଫୁଟ ରହିଛି, ଯାହାକି ବିପଦ ସଙ୍କେତ (୬୭ ଫୁଟ) ଠାରୁ କମ । ନଦୀଗୁଡ଼ିକରେ ଜଳସ୍ତର କମୁଥିଲେ ହେଁ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି ।

# ବନ୍ୟା ଯୋଗୁଁ ବ୍ଲକ ପ୍ରଶାସନ ପକ୍ଷରୁ ସଚେତନତା

ରାଜକନିକା,(ସବ୍ୟୁ) :ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ତଳିଆ ଅଞ୍ଚଳ ଜଳମଗ୍ନ ହୋଇ ବନ୍ୟା ରୂପ ନେବାରୁ ଡାକବାଜି ଯନ୍ତ୍ର ଦାରା ରାଜକନିକା ବ୍ଲକ ପ୍ରଶାସନ ପକ୍ଷରୁ ସଚେତନତା ଜାରି କରାଯାଇଛି । ବୈତରଣୀ ଓ ଖରସ୍ରୋତା ନଦୀ ଅବବାହିକାର ତଳିଆ ଅଞ୍ଚଳ ବିଶେଷକରି ବାରହା-ଦୋମଣ୍ଡା, ନହୁଣୀ, ପଧାନପଡା, ବାଘବୁଦା, ତରାସ, ବରାଡିଆ ଓ ଜୟନଗର ଆଦି ପଞ୍ଚାୟତର ନଦୀ କୂଳିଆ ଗାଁ ମାନଙ୍କରେ ବସବାସ କରୁଥିବା ଜନସାଧାରଣ ଙ୍କୁ ଏହି ସଚେତନତା ବାର୍ତ୍ତା ଦିଆଯାଇଛି । ଏଣୁ ବ୍ଲକ ପ୍ରଶାସନ ପକ୍ଷରୁ ମା ଇଛାବତୀ ପ୍ରଚାର ସାଉଣ୍ଡ ଦ୍ୱାରା ପ୍ରଚାର କରାଯାଇଛି, ବନ୍ୟା ଯୋଗୁଁ ବିଷଧର ସାପ ଏବଂ କୁମ୍ଭୀର ଜନସତି କୁ ପଶି ଆସିବାର ସମ୍ଭାବନା ଥିବାରୁ ଜଣସାଧାରଣମାନେ ସଚେତନ ରହିବା ସହ ନିଜର ଅତ୍ୟାବଶ୍ୟକୀୟ ଖାଦ୍ୟ ପାନୀୟ ସହ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀ, ସ୍କୁଲ ତଥା ଉଚ୍ଚା କୋଠାଘରେ ଆଶ୍ରୟ ନେବା ସହ ଗହପାଳିତ ପଶୁମାନଙ୍କୁ ମଧ ଉଚ୍ଚା ସ୍ଥାନକୁ ନେବାକୁ ରାଜକନିକା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିବା ବିଡିଓ କୈଳାସ ଚନ୍ଦ୍ର ମହାଳିକ ସୂଚନା ଦେଇଛନ୍ତି ।

# ଚଣ୍ଡିଖୋଲ କୋର୍ଟରେ ବରିଷ୍ଠ ଆଇନଜୀବୀଙ୍କ ସ୍ମୃତିଚାରଣ ସଭା

ଚଣ୍ଡିଖୋଲ, (ସବ୍ୟୁ) ଯାଜପୁର ଜିଲ୍ଲାର ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର ବରିଷ୍ଠ ସଭ୍ୟ ଆଇନଜୀବୀ ମୋହନକୁମାର ମହାନ୍ତିଙ୍କ ବିୟୋଗରେ ଚଣ୍ଡିଖୋଲ କୋର୍ଟରେ ଶନିବାର ଦିନ ଏକ ସ୍ମୃତିଚାରଣ ସଭା ଆନୁଷ୍ଠିତ ହୋଇଥିଲା । ବାର ଆସୋସିଏସନ ପକ୍ଷରୁ ଆୟୋଜିତ ଏହି ସଭାରେ ସର୍ଗତଃ ମହାନ୍ତିଙ୍କ ଜୀବନୀ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରି ତାଙ୍କର ସ୍ମୃତି ଚାରଣ କରିଥିଲେ । ଆସୋସିଏସନର ସଭାପତି ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ପ୍ରକାଶ କୁମାର ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ।ଏହି ଅବସରରେ ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଗୋପବନ୍ଧୁ ଗଡନାୟକ, ସବଜଜ ବିଶ ଦୀପକ ସାହୁ, ଜେ. ଏମ. ଏଫ. ସି ଶ୍ରୀମୟୀ ନନ୍ଦ, ଅତିରିକ୍ତ ଜେ. ଏମ.ଏଫ.ସି, ଶ୍ରୁତି ଅଭିଲାଷା ଉପସ୍ଥିତ ହୋଇ ସ୍ୱର୍ଗତ ମହାନ୍ତିଙ୍କ ଉତ୍ସର୍ଗିକୃତ ସେବାର ଅବତାରଣା କରିଥିଲେ । ଏଥିରେ ବାର ଆସୋସିଏସନର ବରିଷ୍ଠ ଆଇନଜୀବୀ ପ୍ରତାପକୁମାର ଦାସ, ଶରତ କୁମାର ଷଡଙ୍ଗୀ, ରେଣୁବାଳା ମହାନ୍ତି, ସୁରେଶ ଚନ୍ଦ୍ର ପଣ୍ଡା, ଜନ ବେହେରା, ଜ୍ଞାନେଶ ମହାନ୍ତି, ଶ୍ରୀକାନ୍ତ ବଳ, ନିରଞ୍ଜନ ସାମଲ, ସୁବଳ କବି, କିଶୋର ନାୟକ, ଶିରିଷ ସାମଲ, ବେବିନା ଓଝା ,ପ୍ରିୟ ଗୋବିନ୍ଦ ଦାସ,ଲକ୍ଷ୍ମୀ ପ୍ରିୟା ବେହେରା, ବିରେନ ବିଶାଳ, ନଳିନୀକାନ୍ତ ମିଶ୍ର, ଅଶୋକ ଜେନା, କୈଳାଶ ଚନ୍ଦ୍ର ସାମଲ,ମନୋଜ ଦାଶଙ୍କ ସମେତ ବହୁ ଆଇନଜୀବୀ ଯୋଗଦେଇ ସର୍ଗତଃ ମହାନ୍ତଙ୍କ ସ୍ମୃତି ଚାରଣ କରି ତାଙ୍କ ପବିତ୍ର ଆତ୍ମାର ସଦଗତି କାମନା କରିଥିଲେ ।



# ମହିଳା ସମିତିର ବୃକ୍ଷରୋପଣ



ବ୍ୟାସନଗର, (ଜିପ୍ର) ନବଉକିଳ ମହିଳା ସମିତି ପକ୍ଷରୁ ବ୍ୟାସନଗର ପୌରାଂଚଳର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ସମିତିର ସଭାନେତ୍ରୀ ଅମୂଳୀ ପହି, ଉପ ସଭାନେତ୍ରୀ ମମତା ବର୍ଦ୍ଧନ, ସମ୍ପାଦିକା ଜୟନ୍ତୀ ଜେନାଙ୍କ ସହିତ ମାନସୀ ମଲ୍ଲିକ, ସ୍ୱପ୍ନାରାଣୀ ସିଂ, ସୁଜାତା ମହାନ୍ତି, ସଂଗୀତା ଦେବୀ, ଚନ୍ଦ୍ରକାନ୍ତା ପଣ୍ଡା, ଲକ୍ଷ୍ମୀପ୍ରିୟା ବେହେରା, ତରୁଲତା ଦେବୀ ପ୍ରମୁଖ ସାମିଲ ହୋଇ ବିଭିନ୍ନ କିସମର ବୃକ୍ଷରୋପଣ କରିଥିଲେ।

# ପାରାଦୀପକୁ ଏକ ସମନ୍ୱିତ ଉର୍ଜା ଏବଂ ପେଟ୍ରୋକେମିକାଲ ହବ୍ ଭାବେ ବିକଶିତ କରିବ ରିଫାଇନାରୀ

ପାରାଦୀପ ,( ଜିପ୍ର ) : ପାରାଦୀପଠାରେ ଥିବା ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ଦ୍ୱାରା ପରିଚାଳିତ ପାରାଦୀପ ରିଫାଇନାରୀ ଦେଶର ଉର୍ଜା ଭବିଷ୍ୟତ ପାଇଁ ଏକ ଶକ୍ତିଶାଳୀ ଆଧାର ବୋଲି କହିଛନ୍ତି ପାରାଦୀପ ରିଫାଇନାରୀ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ କୌଶିକ ବସୁ । ପାରାଦୀପ ରିଫାଇନାରୀ କମ୍ୟୁନିଟି ହଲ ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ଶ୍ରୀ ବସୁ ଇଣ୍ଡିଆନ ଅଏଲ ହେଉଛି ଏକ ଫର୍ଚୁନ ୫୦୦ ତାଲିକାଭୁକ୍ତ ସମନ୍ୱିତ ଉର୍ଜା ପ୍ରମୁଖ କମ୍ପାନୀ । ଦେଶର ସବୁଠାରୁ ବଡ ଓ ଅଧିକ ବିଶ୍ୱସ୍ତ କମ୍ପାନୀ ମଧ୍ୟରୁ ଅନ୍ୟତମ । ପାରାଦୀପରେ ପ୍ରାୟ ୪୩,୩୫୯ କୋଟି ଟଙ୍କାର ନିବେଶ କରିଛି । ଯାହାକି ବିଶ୍ୱର ଅତ୍ୟାଧୁନିକ ଜ୍ଞାନକୌଶଳରେନିର୍ମାଣ କରାଯାଇଛି । ଏହି ରିଫାଇନାରୀରେ ଆଖପାଖ ଅଂଚଳର ପ୍ରାୟ ୧୨,୫୦୦ରୁ ଅଧିକ ଲାକଙ୍କ ଜୀବନ ଜୀବିକାରେ ସହାୟକ ହୋଇପରିଛି । ଓଡିଶାର ଭଦ୍ରକଠାରେ ଏମସିପିଏଲ ସହ ମିଳିତ ଉଦ୍ୟୋଗରେ ଏକ ଟେକ୍ସଟାଇଲ ପାର୍କ ପ୍ରକଳ୍ପରେ ପ୍ରାୟ ୪,୩୮୨କୋଟି ଟଙ୍କା ନିବେଶ କରାଯାଉଛି । ଏହି ନିବେଶ ଗୁଡିକ ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ପଦକ୍ଷେପ ଅଧିନରେ ନବୀକରଣକୁ ପ୍ରୋତ୍ସାହନ, ଆତ୍ମନିର୍ଭରତାକୁ ବୃଦ୍ଧି ଏବସ ସ୍ୱଚ୍ଛ, ନିରନ୍ତର ଭବିଷ୍ୟତ ପାଇଁ ଜାତୀୟ ଉର୍ଜା ପରିବର୍ତନକୁ ଆଗେଇ ନେବାରେ କର୍ପୋରେସନର ଦୃଢ ପ୍ରତିବଦ୍ଧତାକୁ ସୂଚିତ କରୁଛି । ଆର୍ଥିକ ବର୍ଷ ୭ ୨୦୨୫-୨୬ରେ ପାରାଦୀପ ରିଫାଇନାରୀ ସର୍ବାଧିକ ୧୬.୩୫ ଏମଏମଟି ଅଶୋଧିତ ତୈଳ ବିଶୋଧନର ରେକର୍ଡ ସୃଷ୍ଟି କରିଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଅନେକ ପ୍ରତିଷ୍ଠିତ ସମ୍ମାନ ହାସଲ କରିଛି, ଯେଉଁଥିରେ କଳିଙ୍ଗ ନିରାପତା ଉତ୍କର୍ଷ ପୁରସ୍କାର, କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର, ନ୍ୟାନାଲ ସେଫଟି ପୁରସ୍କାର ଏବଂ ଗ୍ରୀନ ଚମ୍ପିୟାନ ପୁରସ୍କାର ଅନ୍ତର୍ଭକ୍ତ । ଗତ ଆର୍ଥିକ ବର୍ଷରେ ପାରାଦୀପ ରିଫାଇନାରୀ ବିଭିନ୍ନ ଶୁଳ୍କ, ଟିକସ ଓ ଅନ୍ୟାନ୍ୟ ଦେୟ ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ୩୦,୩୯୨କୋଟି ଟଙ୍କା ପ୍ରଦାନ କରିଛି । ଏକ ଦାୟିତ୍ୱଶୀଳ କର୍ପୋରୋଟ ପ୍ରତିଷ୍ଠାନ ଭାବେ ପାରାଦୀପ ରିଫାଇନାରୀ ପାନୀୟ ଜଳ, ଶିକ୍ଷା, ଦକ୍ଷତା ବିକାଶ, ଯୁବ ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ ସେବା, ଗ୍ରାମୀଣ ବିକାଶ, ମହିଳା ସଶକ୍ତିକରଣ, ଆତ୍ମନିଯୁକ୍ତି, ଅନାଥାଶ୍ରମ ଓ ବୃଦ୍ଧାଶ୍ରମକୁ ସହାୟତା ପ୍ରଦାନ କରିଛି । ପାରାଦୀପକୁ ଏକ ବିଶ୍ୱସ୍ତରୀୟ ସମନ୍ୱିତ ରିଫାଇନାରୀ ଏବଂ ପେଟ୍ରୋଲିୟମ ହବ ଭାବରେ ବିକଶିତ କରିବା ପାଇଁ ଇଣ୍ଡିଆନ ଅଏଲ ନିରନ୍ତର ନିବେଶ ଏହାର ପ୍ରତିବଦ୍ଧତାକୁ ଦୋହରାଉଛି । ଯାହା ଭାରତର ଉର୍ଜା ସୁରକ୍ଷାକୁ ସୁଦୃଢ କରିଥାଏ । ନିରନ୍ତର ବିକାଶକୁ ତ୍ୱରାନ୍ୱିତ କରିବା ସହିତ ଓଡିଶା ତଥା ଦେଶର ଦେଶବାସୀଙ୍କ ପାଇଁ ନିରନ୍ତର ଭାବେ ସୁଫଳ ସୃଷ୍ଟି କରି ପାରିଛି ବୋଲି କହିଥିଲେ ସାମ୍ବାଦିକ ସମ୍ମିଳନୀରେ ରିଫାଇନାରୀ ର ମୁଖ୍ୟ ଶ୍ରୀ କୌଶିକ ବସୁ ଙ୍କ ସହିତ ସିଜିଏମ (ଫାଇନାନସ) ଜେସି ଭୋଇ ଓ ସିଜିଏମ (ଏଚଆର) ଧର୍ମେଶ ଚୌଧୁରୀ ଉପସ୍ଥିତ ଥିଲେ ।

# ଦୋକାନୀଙ୍କ ବିୟୋଗରେ ବଜାର ବନ୍ଦ

ଧର୍ମଶାଳ,(ସବ୍ୟୁ) :ଧର୍ମଶାଳା ବଜାରର ଜଣେ ଦୋକାନୀ ଭାଇଙ୍କ ଅକାଳ ବିୟୋଗରେ ଆଜି ବଜାରର ସମସ୍ତ ଦୋକାନ ବଜର ବନ୍ଦ ରହିଥିଲା। ଚହଟା ଗ୍ରାମର ଯୁବ ବ୍ୟବସାୟୀ ତଥା ସାମ୍ବାଦିକ ପ୍ରଫୁଲ୍ଲ କୁମାର ରାଉତଙ୍କ ସାନ ଭାଇ ପ୍ରକାଶ କୁମାର ରାଉତ(୪୦) ଙ୍କ ଗତକାଲି ସକଳ ସମୟରେ ପରଲୋକ ଘଟିଥିଲା। ସେ ଧର୍ମଶାଳା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏକ ଜେରକ୍ସ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ ଏବଂ ସେ କିଛି ମାସ ହେଲା ରୋଗରେ ପଡି ଚିକିତ୍ସିତ ହେଉଥିଲେ। ହେଲେ ଶୁକ୍ରବାର ତାଙ୍କ ଅବସ୍ଥା ବିଗିଡିଯାଇଥିଲା। ପରିବାର ଲୋକେ ତାଙ୍କୁ ଧର୍ମଶାଳା ଡାକ୍ତରଖାନା ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ପ୍ରକାଶଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ବଜାର କମିଟିର ନିଷ୍ପତିକ୍ରମେ ଆଜି ଧର୍ମଶାଳା ବଜାରର ସମସ୍ତ ଦୋକାନ ବନ୍ଦ ରହିଥିଲା

# ପ୍ରାକ୍ତନ ଉପାଧ୍ୟକ୍ଷଙ୍କ ମାତୃବିୟୋଗ

ସାଲେପୁର,(ସବ୍ୟୁ) :ସାଲେପୁର ପଞ୍ଚାୟତ ସମିତିର ପ୍ରାକ୍ତନ ଉପାଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା ଦିଲୀପ ଦାଶଙ୍କ ମାତା ତଥା ଶିଶୁଆ ପଞ୍ଚାୟତ ସପନପୁର ଗ୍ରାମର ଧର୍ମପ୍ରାଣା ମହିଳା ଚାରୁଲତା ଦାଶ ( ୯୪) ଙ୍କ ଆଜି ସକାଳେ ପରଲୋକ ହୋଇଯାଇଛି । ସର୍ଗତା ଚାରୁଲତା ଜଣେ ମିଷ୍ଟଭାଷୀ, ପରୋପକାରୀ, ସ୍ନେହୀ, ମେଳାପି ଓ ଧର୍ମପ୍ରାଣା ମହିଳା ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ ।ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ ତଥା ଅବସରପ୍ରାପ୍ତ ପୋଲିସ ପ୍ରଶାସନିକ ଅଧିକାରୀ ପଦ୍ମଲାଭ ଦାଶ, ପ୍ରଶାନ୍ତ କୁମାର ଦାଶ,ଦିଲ୍ଲୀପ କୁମାର ଦାଶ, ପରେଶ କୁମାର ଦାଶ,ସନ୍ତୋଷ କୁମାର ଦାଶ,ବୋହୂ ମମତା ଦାଶ,ଅର୍ଚ୍ଚନା ଶତପଥୀ,ନିରୁପମା ପତି,ଚିତ୍ର ପ୍ରିୟା ଦାଶ,ପ୍ରଜ୍ଞାରଶ୍ମି ଶତପଥୀ,ଝିଅ ମିନାକ୍ଷୀ ବେଦମାତା,ତୃପ୍ତି ଦାଶ,ଜ୍ୱାଇଁ ଅବତନ ଷଡ଼ଙ୍ଗୀ,ବ୍ରଜ କିଶୋର ବେଦମାତା,ଦିଲ୍ଲୀପ କୁମାର ପାଣିଗ୍ରାହୀ ଙ୍କ ସମେତ ପୁତୁରା,ପୁତୁରା ବୋହୂ,ଝିଆରୀ,ଝିଆରୀ ଜ୍ୱାଇଁ, ନାତି, ନାତୁଣୀ,ନାତୁଣୀ ଜ୍ୱାଇଁ ଓ ଆତ୍ମୀୟ ସଜନ ମାନେ ଉପସ୍ଥିତ ଥିଲେ ।ତାଙ୍କ ମୃତ୍ୟୁ ଖବର ପାଇଁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା,କଂଗ୍ରେସ ନେତା ହରିବନ୍ଧୁ ଶତପଥୀ, ପଞ୍ଚାୟତ ସମିତି ଅଧକ୍ଷ ରାମ ଚନ୍ଦ୍ର ଭୋଇ,ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ମହାନ୍ତି,ସରପଞ୍ଚଙ୍କ ପ୍ରତିନିଧି ସଞ୍ଜୀବ ସାହୁ,ସାମ୍ବାଦିକ ସନ୍ତୋଷ କୁମାର ସ୍ୱାଇଁ,ଶିଶିର ଦାଶ,ସମିତି ସଭ୍ୟ ମାନସ କୁମାର ଦାଶ,ପ୍ରାକ୍ତନ ସମିତି ସଭ୍ୟ ଜୟ ପ୍ରକାଶ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସପନପୁର ସ୍ଥିତ ବାସଭବନ ରେ ପହଞ୍ଚି ସର୍ଗତା ଦାଶଙ୍କ ଅନ୍ତିମ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ ।ତାଙ୍କ ମରଶରୀରକୁ ଗ୍ରାମର ନିଜ ସ୍ଥାନରେ ଅନ୍ତିମ ସତ୍କାର କରାଯାଇଥିବା ବେଳେ ପୁଅ ଦିଲ୍ଲୀପ ମୁଖାଗ୍ନି ଦେଇଥିଲେ ।ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି ।

# ପାଣିକୋଇଲି -ଆଙ୍କୁଲା ରାସ୍ତା ଧୋଇଗଲା

ପାଣିକୋଇଲି,, (ସବ୍ୟୁ) :ପାଣିକୋଇଲି -ଆଙ୍କଉଲା ରାସ୍ତାରାସ୍ତ ବନ୍ୟାରେ ଧୋଇଯାଇଛି। ଯାହା ଏବେ ପଥାଚାରୀ ଓ ଆରୋହୀଙ୍କ ପାଇଁ ବଡ ସମସ୍ୟା ଦେଖାଦେଇଛି। ପାଣିକୋଇଲିରୁ ଆଙ୍କୁଲା ଗ୍ରାମ ଉନ୍ନୟନ ରାସ୍ତାର ନମଟିକିରି ନିକଟସ୍ଥ ପୋଟ୍ରୋଲ ପମ୍ପ ନିକଟରେ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ନିମ୍ନ ମାନର କାର୍ଯ୍ୟ , ସାଇଟ ୱାଲର ତଳୁ ପାଣି ପଶି ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଖାଲ ପରେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାକୁ କୌଣସି ବ୍ୟାରିକେଟ କରାଯାଇ ନାହିଁ ଫଳରେ ରାତିରେ ଦୁର୍ଘଟଣାର ଆଶଙ୍କା ରହିଛି। ଆଜି ବିଭାଗୀୟ ନିରୀକ୍ଷଣ ଯନ୍ତ୍ରୀ ଅବିନାଶ ବାରିକ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ତୁରନ୍ତ ବ୍ୟାରିକେଟ କରିବା ସହ ଏହାର ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।

# ହିରିମୂଳ ବାହ୍ୟ ଜଗତରୁ ବିଚ୍ଛିନ୍ନ



ନିରାକାରପୁର, (ସବ୍ୟ): ୮ : ପ୍ରବଳ ବର୍ଷା ଯୋଗୁଁ ଉପରମୁଣ୍ଡରୁ ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ସହ ହୀରାକୁଦରୁ ଅଧିକ ଜଳ ନିଷ୍କାସିତ ହେବା ଫଳରେ ଖୋର୍ଦ୍ଧା ବ୍ଲକର ବିଭିନ୍ନ ପଞ୍ଚାୟତରେ ଗମ୍ଭୀର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହାର ପ୍ରତ୍ୟକ୍ଷ ପ୍ରଭାବରେ ଓରବରସିଂହ ପଞ୍ଚାୟତର ହିରିମୂଳ ଗ୍ରାମ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି । ମହାନଦୀର ବନ୍ୟା ଜଳ ଆସିବା ଫଳରେ ରାଜୁଆ ନଦୀର ଶରାଧାପୁରଠାରୁ ଚଣ୍ଡୀ ବରଗଛ ପର୍ଯ୍ୟନ୍ତ ନଦୀବନ୍ଧ ମୁକୁଳା ପଡ଼ିଥିବାରୁ ଅଞ୍ଚଳରେ ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇବା ସହ ଲୋକଙ୍କ ଘର ଭିତରେ ପାଣି ପଶିଯାଇଛି ।

ଏଥିସହିତ ରାୟପୁର-ମଳିପଡ଼ା ରାସ୍ତା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି ଏବଂ ଉକ୍ତ ରାସ୍ତା ଉପରେ ୪ଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେଉଛି । ଓରବରସିଂହ ପଞ୍ଚାୟତର ଡିହଖୋଲା, ଓରବରସିଂହ, କୃଷ୍ଣପୁର, ଲେଖନପୁର, ରାୟପୁର, ନଉଗଡ଼, ମାନପୁର, ଓରମ୍, ବଳପୁର, ଧଳକପୁର, କୁରୁମପଡ଼ା, ବ୍ରଜମୋହନପୁର, ଶରଧାପୁର ଓ ଷଡ଼େଇଗଡ଼ ଆଦି ଗ୍ରାମଗୁଡ଼ିକୁ ବନ୍ୟା ପାଣି ଘେରି ରହିଛି । ଚାରିପଟେ ଥିବା ବିଲ-ଗହିରି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯିବାରୁ ହଜାର ହଜାର ହେକ୍ଟର ଚାଷଜମି ପାଣି ଭିତରେ ବୁଡ଼ି ରହିଛି । ପାଣି ଅଧିକ ଦିନ ଜମିରେ ରହିଲେ ଧାନ ଫସଲ ପଚି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ଏହି ବନ୍ୟା ଦ୍ୱାରା ହିରିମୂଳ ଗ୍ରାମ ସର୍ବାଧିକ ପ୍ରଭାବିତ ହୋଇଛି । ଗ୍ରାମର ୨୯୮ଟି ପରିବାରର ପ୍ରାୟ ୩୦୦ ଲୋକ ସମ୍ପୂର୍ଣ୍ଣ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି । ଗ୍ରାମକୁ ଯାତାୟାତ ସୁବିଧା ପାଇଁ ପ୍ରଶାସନ ତରଫରୁ ଦୁଇଟି ସରକାରୀ ଡଙ୍ଗା ସହ ଜଣେ ଚାଳକଙ୍କୁ ନିଯୁକ୍ତ କରାଯାଇଛି । ସ୍ଥିତିର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଉପଜିଲ୍ଲାପାଳ ଙ୍କ ସଣ୍ଟେକ୍ତିକ ସାହୁ, ବିଡିଓ ସିଦ୍ଧାର୍ଥ ପଟ୍ଟନାୟକ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି । ପ୍ରଶାସନ ପକ୍ଷରୁ ହିରିମୂଳ ଗ୍ରାମବାସୀଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀକୁ ଆସିବା ପାଇଁ ନିବେଦନ କରାଯାଇଥିଲେ ମଧ୍ୟ ଗ୍ରାମବାସୀମାନେ ନିଜ ଘର ଛାଡ଼ି ଯିବାକୁ ଅନିଚ୍ଛା ପ୍ରକାଶ କରିଥିବା ଜଣାପଡ଼ିଛି । ପ୍ରଶାସନ ତରଫରୁ ପ୍ରଭାବିତଙ୍କ ପାଇଁ ମାଗଣା ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ପାନୀୟ ଜଳ, ମହମବତି ଓ ଦିଆସିଲି ବଣ୍ଟନ ବ୍ୟବସ୍ଥା ଜାରି ରହିଛି ।

# ସାଂସଦ, ବିଧାୟକଙ୍କ ବନ୍ୟା ଅଞ୍ଚଳ ପରିଦର୍ଶନ

କଣାସ, (ସବ୍ୟ): ଲଗାଣ ବର୍ଷା ଓ ହୀରାକୁଦର ଉପରମୁଣ୍ଡରୁ ଆସୁଥିବା ବନ୍ୟାଜଳ ଯୋଗୁଁ ପୁରୀ ଜିଲ୍ଲା କଣାସ ଅଞ୍ଚଳର ଦୟା ,ରାଜୁଆ ଓ ମକରା ନଦୀର ଜଳସ୍ତର ବିପଦସଙ୍କେତ ଡେଇଁଛି । ବିଶେଷ କରି ଦୟା ଓ ରାଜୁଆ ନଦୀର ଜଳସ୍ତର ହୁ ହୁ ହୋଇ ବଢ଼ୁଥିବାରୁ ନଦୀକୂଳିଆ ଅଞ୍ଚଳବାସୀଙ୍କ ନିଦ ଛଡ଼ାଇଛି ।ଦୋକନ୍ଦା ଠାରେ ବନ୍ଧ ଭାଙ୍ଗି ଥିବାରୁ ଦୋକନ୍ଦା ଗାଁ ଭିତରେ ୪ଫୁଟ ଉଚ୍ଚର ପାଣି ଲହଡ଼ି ଭାଙ୍ଗୁଛି ।

ସେହିପରି ବାଲିପାଟଣା, ତରପଡା, ବଡାସ, କଖାରୁବନ୍ତ, ବଗିପଡ଼ା, ଗଡ଼ବଳଭଦ୍ରପୁର, ଙ୍କିଆ ଗଡସାହି, ସରକଙ୍କ, ବାଙ୍କଡ଼ ଆଦି ଗ୍ରାମରେ ପାଣି ପଶିବା ଯୋଗୁ ଲୋକମାନେ ଓ ଗୃହପାଳିତ ପଶୁ ଚଳିବା ପାଇଁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ଚାଷଜମିଠାରୁ ଆରମ୍ଭ କରି ଜନବସତି, ସବୁଠି ଜଳର ରାଜୁତି । ଫଳରେ ସହ ସହ ଲୋକଙ୍କ ଜୀବନଯାତ୍ରା ସଂପୂର୍ଣ୍ଣ ଠପ ହୋଇଯାଇଛି ।ବନ୍ୟା ଜଳ ଗାଁ ଭିତରକୁ ପଶିଯିବା ଫଳରେ ଲୋକଙ୍କ ଘରଦ୍ୱାର ବୁଡ଼ିଯାଇଛି । ଘର ଭିତରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଥିବାରୁ ଗୋଖେଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଚୁଲିରେ ପାଣି ପଶିଯିବା ସହ ଶୁଖିଲା ଜାଳେଣି ଓ ରାସନ ସାମଗ୍ରୀ ଓଦା ହୋଇ ନଷ୍ଟ ହୋଇଯାଇଛି ।

ଛୋଟ ଶିଶୁଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧାଙ୍କ ପର୍ଯ୍ୟନ୍ତ ସମସ୍ତେ ଘୋର ଉପାସରେ ଦିନ କାଟୁଛନ୍ତି । ପାନୀୟ ଜଳର ଉତ୍ସଗୁଡ଼ିକ ଯଥା - ନଳକୂପ ଓ କୂଅ ବନ୍ୟାଜଳରେ ବୁଡ଼ିଯାଇଥିବାରୁ ପିଇବା ପାଣି ଟୋପାଏ ପାଇଁ ଡହଳବିକଳ ପରିସ୍ଥିତି ସୃଷ୍ଟି ହୋଇଛି । ଶୁକ୍ରବାର ସନ୍ଧ୍ୟାରେ ଜାଗୁଳାଇପଦର ମାଳିସାହି ନିକଟ ଦୟାନଦୀ ବନ୍ଧରେ ଘଳିଆ ପଡ଼ିଥିବା ବେଳେ ପ୍ରଶାସନ ପକ୍ଷରୁ ମରାମତି କରାଯାଇଛି ।

ସେହିପରି ତିରିମଲ ଠାରୁ ଲୋକାପାଳ ପର୍ଯ୍ୟନ୍ତ ରାଜୁଆ ନଦୀ ବନ୍ଧ ରାସ୍ତା ଫାଟି ଯାଇଛି । ଫଳରେ ଲୋକେ ଭୟଭିତରେ ଅଛନ୍ତି । ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ କେତେକ ଦୁର୍ବଳ ସ୍ଥାନରେ ପାଣି ଗଳୁଥିବା ଦେଖାଯାଉଛି । ସେପଟେ ଆଜି ପୁରୀ ଲୋକସଭା ସାଂସଦ ଡକ୍ଟର ସମ୍ବିତ ପାତ୍ର ଓ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଗଡସାହି,ଗୋପିନାଥପୁର,ଦୋକନ୍ଦା ଓ ବଡାସ ପଞ୍ଚାୟତର ବନ୍ୟା ପ୍ଲାବିତ ଅଞ୍ଚଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ସାଧାରଣ ଲୋକଙ୍କ ସମସ୍ୟା ବୁଝିଥିଲେ । ପାଣି ଘେରରେ ଥିବା ଲୋକଙ୍କୁ ଉଦ୍ଧାର କରିବା ପ୍ରଶାସନ ପକ୍ଷରୁ ତୁରନ୍ତ ରିଲିଫ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁ, ତହସିଲଦାର ହିମାଂଶୁ ଶେଖର ଗିରି, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ଜିଲ୍ଲାପରିଷଦ ସଭ୍ୟ ଲତାମଣି ଜଗଦେବ,ଧବଳେଶ୍ୱର ନାୟକ, ଅମୂଲ୍ୟ ଜେନା, ବିଶ୍ୱଭୂଷଣ ମଙ୍ଗରାଜ, ମୟୁରୁଦ୍ଧନ ଜେନା, କରୁଣାକର ଜେନା ଓ ବିଭିନ୍ନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରାବଣ ପ୍ରଥମ ସୋମବାର : ଚଳଚଞ୍ଚଳ ନୀଳମାଧବ ପୀଠ

କଣ୍ଟିଲୋ, (ସବ୍ୟ): ଶ୍ରାବଣ ମାସ ପ୍ରଥମ ସୋମବାରରେ ନୀଳମାଧ ପୀଠ ରେ ବୋଲମ୍ବମ ଭକ୍ତ ଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା କାଉଡ଼ିଆମାନେ ମହାନଦୀ ରୁ ଜଳ ପୂର୍ଣ୍ଣ କଳସୀ ନେଇ ବିଭିନ୍ନ ଶୈବ ପୀଠ ମାନଙ୍କୁ ଯାତ୍ରା ଆରମ୍ଭ କରିଛନ୍ତି ।ନୀଳମାଧ ମନ୍ଦିର ପଶ୍ଚିମ ଦ୍ୱାର ପମ୍ପ ହାଉସ ନିକଟ ଘାଟ,ଗଙ୍ଗା ମାତା ଘାଟ, ଉଆସ ଘାଟ,ଫକୀର ଅଲ୍ଲବୁଦ୍ଧି ପାଟଣା ର ଘାଟ ମହାନଦୀ କୂଳ ଆଜି ଲୋକାରଣ୍ୟ ହୋଇପଡ଼ିଥିଲା ।ବର୍ତ୍ତମାନ ମହାନଦୀ ରେ ବନ୍ୟା ପାଣି ଆସିଛି । ବିପଦ ସଂକେତ ପାଖାପାଖି ପ୍ରବାହିତ ହେଉଥିବାରୁ ସତର୍କତା ଅବଲମ୍ବନ କରୁଛି ହୋଇପଡ଼ିଛି । ନଦୀ ଘାଟ ମାନଙ୍କରେ ଅଧିକ ଭିଡ଼ ହୋଇ ପଥର ସବୁ ଜିଲ୍ଲିଷ୍ଟ ଭାବେ ପଡି ରହିଥିବାରୁ ସାମାନ୍ୟ ଅସାବଧାନତା ବିପଦ ସାଜିବାର ସମ୍ଭାବନା ରହିଛି । ଅଗ୍ନିଶମ ବାହିନୀ କର୍ମଚାରୀ ମୁତୟନ ଅଛନ୍ତି ।

# ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ସାକ୍ଷୀଗୋପାଳ ,(ସବ୍ୟ): ସତ୍ୟବାଦୀ ଥାନା ଅନ୍ତର୍ଗତ ସା,ରା ପଞ୍ଚାୟତର ହିରଣ୍ୟପଦା ଗ୍ରାମର ଚାଷୀ ଉପେନ ଭୋଇ (୬୫) ନିଜ ଚାଷ ଜମିରେ ଶରଦ ଧାନ ଫସଲ ପାଇଁ ଘରଘାଷ ବିଲରୁ ଧାନଚଲିରୁ ଘାସ ବାଛିବା ସମୟରେ ଏକ ବିଷାକ୍ତ ନାଗସାପ ତାଙ୍କୁ କାମୁଡ଼ି ଦେଇଥିଲା ସାପଟି କିଛି ସମୟ ପାଇଁ ବାମ ଗୋଡ଼କୁ କାମୁଡ଼ିକି ଧରିଥିଲା । ଆଘାତ ପାଇ ଉପେନ ବଡ ପାଟିରେ ଡାକପକାଇଥିଲେ । ଗ୍ରାମବାସୀଙ୍କ ସହଯୋଗ କ୍ରମେ ସ୍ଥାନୀୟ ଅଞ୍ଚଳର ସାପ ଧରାଳି ସୁବାସ ଜେନା ସାପଟିକୁ ଉଦ୍ଧାର କରିଥିଲେ । ଏହି ଘଟଣା ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସାକ୍ଷୀଗୋପାଳରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ । ପରେ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର, ପୁରୀ ସ୍ଥାନାନ୍ତର କରା ଯାଇଥିଲା । କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ ପରେ ଘରକୁ ଅଣାଯାବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବା ଉପନ ଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପରିବାର ସମେତ ଗ୍ରାମବାସୀ ଦାବି କରିଛନ୍ତି ।

# ସ୍ୱତନ୍ତ୍ର ସଘନ ସଂଶୋଧନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅସଂଗତି ଶୁଣାଣି ଶିବିର

ଆଠଗଡ,(ସବ୍ୟ): ରାଜ୍ୟରେ ଏକ ସୁସ୍ଥ ଓ ସଠିକ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ସାରା ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ଜାରି ରହିଛି । ଏହି ସଂଶୋଧନ କାର୍ଯ୍ୟର ସଠିକତାର ପର୍ଯ୍ୟବେକ୍ଷଣ ପାଇଁ ଶନିବାର ଦିନ ଆଠଗଡକୁ କେନ୍ଦ୍ରାଞ୍ଚଳ ଆୟୁକ୍ତ ସୁଧାଂଶୁ ମୋହନ ସାମଲ ଗସ୍ତ କରି ବ୍ଲକ ସଭାଗୃହ ମଧ୍ୟରେ ଚାଲିଥିବା ଅସଂଗତ ସୁଣାଣିର ଯାଞ୍ଚ କରି ଫେରିଯାଇଛନ୍ତି । ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଅଯୋଗ୍ୟ ଭୋଟରଙ୍କୁ ବାଦ ଦେବା ସହିତ ତାଲିକାରେ ସେମାନଙ୍କର ଥିବା ବିଭିନ୍ନ ଅସଂଗତିକୁ ମଧ୍ୟ ଦୂର କରି ପାରିବାଲକି ଏକାଠି କରିବା । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୮୯-ଆଠଗଡ ନିର୍ବାଚନମଣ୍ଡଳିର ନିର୍ବାଚନ ପଞ୍ଜିକରଣ ଅଧିକାରୀ ପ୍ରହଲାଦ ନାରାୟଣ ଶର୍ମାଙ୍କ ପ୍ରତ୍ୟେକ୍ଷ ତ%ବେଧାନରେ ଆଠଗଡ, ତିଗିରିଆ ଏବଂ ଟାଙ୍ଗି ଚୌଦ୍ୱାର ବ୍ଲକ ଓ ତହସିଲ ମାନଙ୍କରେ ଶୁଣାଣି କାର୍ଯ୍ୟ ଜାରି ରହିଛି ।

ମୁଖ୍ୟତଃ ଯେଉଁ ଭୋଟର ୨୦୦୨ ଭୋଟର ତାଲିକାରେ ରେ ସେମାନଙ୍କର ଥିବା ପୂର୍ବ ପୁରୁଷ ମାନଙ୍କ ସହିତ ସଂଯୋଗ ହୋଇପାରି ନାହାନ୍ତି ସେହି ଭୋଟରମାନଙ୍କର ତଥ୍ୟକୁ ଅସଂଗତି ବର୍ଣ୍ଣାଯାଇଛି । ସେହି ଭୋଟରମାନଙ୍କୁ ସହପଞ୍ଜିକରଣ ଅଧିକାରୀ ମାନଙ୍କ ଦ୍ୱାରା ସେମାନଙ୍କ ଦସ୍ତାବିଜ ମାନଙ୍କୁ ଯାଞ୍ଚ କରାଯାଇ ଶୁଣାଣି କରାଯାଉଛି । ମିଳିଥିବା ତଥ୍ୟ ଅନୁଯାୟୀ ନିର୍ବାଚନ ମଣ୍ଡଳୀର ୨୫ ହଜାର ୭୩ ଜଣଙ୍କୁ ଶୁଣାଣି ପାଇଁ ନୋଟିସ ଜାରି କରାଯାଇ ଶୁଣାଣି କାର୍ଯ୍ୟ ଜାରି ରହିଛି ।ଏହା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ସୂଚନା ମିଳେ ।

ଏହି ଶୁଣାଣି କାର୍ଯ୍ୟକୁ ସହ ପଞ୍ଜିକରଣ ଅଧିକାରୀ ଡେପୁଟି କଲେକ୍ଟର ପ୍ରଭୁଦତ୍ତ ପ୍ରଧାନ, ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ଆଠଗଡ ବିଡିଓ ଆକାଶ ପଣ୍ଡା, ତହସିଲଦାର କୃଷ୍ଣ ବିହାରି ବଡଜେନା, ତିଗିରିଆ ବିଡିଓ ସଂଗ୍ରାମ କେଶରୀ ଭୋଳ, ଧର୍ମ ରଞ୍ଜନ ପଣ୍ଡା, ସୌମେନ୍ଦ୍ର ଭଞ୍ଜ, ଟାଙ୍ଗିଚୌଦ୍ୱାର ବିଡିଓ ଏନ ଏନ ରାଜଲକ୍ଷ୍ମୀ ପ୍ରମୁଖ ଜାରି ରଖିଛନ୍ତି । ଶୁଣାଣି ଶିବିରକୁ ବୁଥ ସୁପରଭାଇଜର ଚନ୍ଦ୍ରକାନ୍ତ ମଣି ମିଶ୍ର, ଲୋକନାଥ ସାହୁ, ଜୟନ୍ତ ଶତପଥି, ଆଶିଷ ରାଉତରାୟ ପ୍ରମୁଖ ସହଯୋଗ ଦେଉଛନ୍ତି । ଏହାସହିତ ଏହି ସଂଶୋଧନ କାର୍ଯ୍ୟକ୍ରମରେ ୩୧୮ ଜଣ ବୁଥ ସ୍ତରୀୟ ଅଧିକାରୀ ଓ ୩୧ ଜଣ ବୁଥ ସୁପରଭାଇଜର ନିୟୋଜିତ ଅଛନ୍ତି ।

# ଲାୟନ୍ସ କ୍ଲବର ଇଣ୍ଡକ୍ସନ ସମାରୋହ

ବାଲିଅନ୍ତା, (ସବ୍ୟ): ଲାୟନ୍ସ ଜିଲ୍ଲା ୩୨୨ସିର ସର୍ବବୃହତ୍ ଏବଂ ସର୍ବାଧିକ ସକ୍ରିୟ କ୍ଲବମାନଙ୍କ ମଧ୍ୟରୁ ଅନ୍ୟତମ ଲାୟନ୍ସ କ୍ଲବ ଭୁବନେଶ୍ୱର ନୟାପଲ୍ଲୀ ପକ୍ଷରୁ ଲାୟନ ବର୍ଷ ପାଇଁ ଇନଷ୍ଟଲେସନ କମ୍ ଇଣ୍ଡକ୍ସନ ସମାରୋହ ହୋଟେଲ ଏଚ୍‌ଏସ୍‌ଆଇରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ କ୍ଲବରୁ ୧୫୦ରୁ ଅଧିକ ଲାୟନ୍ସ ସଦସ୍ୟ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଲାୟନ ଡ. ବିନୋଦ କୁମାର ଲାଡ଼ିଆ, ପିଏମ୍‌ଜେଏଫ୍, ପୂର୍ବତନ ଆନ୍ତର୍ଜାତୀୟ ନିର୍ଦ୍ଦେଶକ (ପିଆଇଡ଼ି) ଲାୟନ୍ସ ଇଣ୍ଟରନ୍ୟାସନାଲ (ଉପଯୁକ୍ତ) ଉପସ୍ଥିତ ରହି ଆଗାମୀ ବର୍ଷ ପାଇଁ ନୂତନ ପଦାଧିକାରୀଙ୍କୁ ଔପଚାରିକ ଭାବରେ ଦାୟିତ୍ୱ ପ୍ରଦାନ କରିଥିଲେ । ନିଜ ଅଭିଭାଷଣରେ ସେ ଲାୟନ୍ସିଜ୍‌ମର ଆଦର୍ଶକୁ ଅକ୍ଷୁର୍ଣ୍ଣ ରଖି ବଳିଷ୍ଠ, ନେତୃତ୍ୱ ଓ ସମାଜସେବାକୁ ଆହୁରି ସୁଦୃଢ଼ କରିବାକୁ ଆହ୍ୱାନ କରିଥିଲେ ଏବଂ ୨୦୦ରୁ ଅଧିକ ଦେଶରେ ୧୪ଲକ୍ଷରୁ ଅଧିକ ସଦସ୍ୟ ବିଶିଷ୍ଟ ବିଶ୍ୱର ସର୍ବବୃହତ୍ ସେବା ସଂଗଠନର ଅଂଶ ହୋଇଥିବାରୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ । କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଲାୟନ ଙ୍କ ଅଖିଳ ଦାଶ, ଏମ୍‌ଜେଏଫ୍, ଜିଲ୍ଲା ଗଭର୍ଣ୍ଣର ଡିଷ୍ଟ୍ରିକ୍ଟ ୩୨୨ସିର । ସେ ଲାୟନ୍ସ କ୍ଲବ ଭୁବନେଶ୍ୱର ନୟାପଲ୍ଲୀର ଉଲ୍ଲେଖନୀୟ ସେବାମୂଳକ ବୃତ୍ତି ଏବଂ ସେବା କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ଲାୟନ ଅମିତା ଜେନା, ପିଏମ୍‌ଜେଏଫ୍, ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଡିଷ୍ଟ୍ରିକ୍ଟ ୩୨୨ସିର, ସମ୍ମାନିତ ଅତିଥି ତଥା ଇଣ୍ଡକ୍ସନ ଅଫିସର ଭାବେ ୨୩ଜଣ ନୂତନ ସଦସ୍ୟଙ୍କୁ ଲାୟନ ପରିବାରରେ ସାମିଲ କରାଇଥିଲେ । କାର୍ଯ୍ୟକ୍ରମରେ ଜୋନ ଚେୟାରପର୍ସନ ଲାୟନ ଇଂରେଜ ପାଣିଗ୍ରାହୀ, ଏମ୍‌ଜେଏଫ ରିଜିଓନ ଚେୟାରପର୍ସନ ଲାୟନ ସ୍ୱରଜୀ ଦାସ, ଏମ୍‌ଜେଏଫ୍, ଅନେକ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର, ବରିଷ୍ଠ ଲାୟନ୍ସ ନେତୃବୃନ୍ଦ, ବିଶିଷ୍ଟ ଅତିଥି ଏବଂ ଡିଷ୍ଟ୍ରିକ୍ଟ ୩୨୨ସିର ବିଭିନ୍ନ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ । ସମ୍ପାଦକ ଲାୟନ ପ୍ରତିକ ମହାପାତ୍ର ପୂର୍ବବର୍ଷର ସଫଳତା ଓ ସେବାକାର୍ଯ୍ୟର ବିବରଣୀ ଉପସ୍ଥାପନ କରିଥିଲେ । । ଏଥିସହ ଲାୟନ ବର୍ଷ ୨୦୨୫-୨୬ ପାଇଁ ଆଟିରେସ୍ ଆୱାର୍ଡ଼ ପ୍ରଦାନ କରାଯାଇଥିଲା ।





# କୁମୁଣ୍ଡି ମାଳବନ୍ଧ ନିକଟରେ ଭୁଶୁଡ଼ିଲା ସ୍ଲିସ୍ ଗେଟ

କଣ୍ଟିଲୋ ,(ସବ୍ୟ): ପ୍ରବଳ ବର୍ଷା ସାଙ୍ଗକୁ ଚଳିତ ବର୍ଷ ର ମହାନଦୀ ବନ୍ୟା ଫଳରେ କୁମୁଣ୍ଡି ମାଳବନ୍ଧ ରେ ଥିବା ସ୍ଲିସ ଗେଟ ଭୁସୁଡ଼ି ପଡ଼ି ଥିବା ଜଣାଯାଇଛି । କୁମୁଣ୍ଡି ନିକଟରେ ଥିବା ଏ ମାଳବନ୍ଧ ଟି ଦୀର୍ଘ ଦିନରୁ ନିର୍ମିତ ହୋଇଥିଲା ବେଳେ ଏହାର ରକ୍ଷଣ ବେକ୍ଷଣ ପାଇଁ ଉଚିତପଦକ୍ଷେପ ଗ୍ରହଣ କରିଥିଲେ ଏହା ଘଟିନଥାନ୍ତା ବୋଲି ସାଧାରଣ ରେ ଆଲୋଚନା ହେଉଛି । ଉକ୍ତ ସ୍ଲିଷ୍ଟସ ଗେଟ କ୍ଷତିଗ୍ରସ୍ତ ହେବାଯୋଗୁଁ ସହ ସହ ଚାଷ ଜମି ପାଣିରେ ବୁଡ଼ିରହିଛି । ଚାଷୀମାନେ ବହୁ ପରିମାଣରେ କ୍ଷତିଗ୍ରସ୍ତ ହୋଇଛନ୍ତି । କ୍ଷତିଗ୍ରସ୍ତ ମାଳବନ୍ଧ ଓ ସ୍ଲିସ ସୁରକ୍ଷା ପାଇଁ ଯୁଦ୍ଧ କାଳୀନ ଭିତ୍ତିରେ ବାଲିବସ୍ତା ପକାଇ କାର୍ଯ୍ୟ କର ହେଉଛି । ନୟାଗଡ ଅଧୀକ୍ଷଣ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟ ଚାଲୁ ରହିଛି ।

# ଭାସି ଯାଉଥିବା ମଇଁଷି ଉଦ୍ଧାର

ଅନୁଗୋଳ,(ସବ୍ୟ): ଦେବୀ ନଦୀର ଅତ୍ୟନ୍ତ ସମ୍ବେଦନଶୀଳ ଜାଗା ରୂପେ ବିବେଚିତ ହୋଇଥିବା ବାଉରିଆକଣ ଠାରେ ବିପଦ ସଂକେତ ଉପରେ ବନ୍ୟା ଜଳ ପ୍ରବାହିତ ହେବା ଦ୍ୱାରା ଏକ ପ୍ରକାର ଆତଙ୍କିତ ଅବସ୍ଥାରେ ରହି ଥିଲେ ଅନୁଗୋଳ ଅଞ୍ଚଳ ବାସୀ । ବାଉରିଆ କଣ ଠାରେ ବିପଦ ସଙ୍କେତ ୪.୯୩ ମିଟର ଥିବାବେଳେ ଶୁକ୍ରବାର ଅପରାହ୍ନ ସୁଦ୍ଧା ବିପଦ ସଂକେତ ଟପି ୫.୨୫ମିଟର ରେ ଜଳ ପ୍ରବାହିତ ହେଉଥିଲା । ଶୁକ୍ରବାର ସଂଧ୍ୟା ୮ଟା ସୁଦ୍ଧା ପାଣିରେ କେବଳ ବିପଦ ସଙ୍କେତ ଠାରୁ ୩ ପଏଣ୍ଟ କମି ବନ୍ୟା ଜଳ ପ୍ରବାହିତ ହେଉଛି । ଅପର ପକ୍ଷରେ, ଦେବୀନଦୀ ରେ ଥିବା ଏକ ଟାପୁରେ ୫୦ ଉର୍ଦ୍ଧ ମଇଁଷି ବନ୍ୟା ଜଳରେ ଫସି ରହିବା ଅନୁଗୋଳ ଅଗ୍ନି ଶ୍ରମାହିନୀ ସେମାନଙ୍କୁ ଉଦ୍ଧାର କରିଛି ।

# ବାଇକ ଦୁର୍ଘଟଣା : ଜଣେ ମୃତ୍ୟୁ

କଣାସ,(ସବ୍ୟ): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଦୁଗ୍ଧରିଙ୍ଗ ମେଗା ପାନୀୟ ଜଳ ପ୍ରକଳ୍ପ ନିକଟରେ ବାଇକ ଆରୋହୀଙ୍କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଛି । ମୃତକ ଜଣଙ୍କ ସିରୁଳି ମହାବୀର ଗ୍ରାମର ରବି ଶଙ୍କର ମହାପାତ୍ର । ସେ ତାଙ୍କ ପିଉସି ଘର ନିରାକାରପୁର ଗ୍ରାମରୁ ଫେରୁଥିବା ବାଟରେ ଜଗନ୍ନାଥ ସଡ଼କ ଦୁଗ୍ଧରିଙ୍ଗ ମେଗା ପାନୀୟ ଜଳ ପ୍ରକଳ୍ପ ନିକଟରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲେ ।ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ଗଡିଶାଗୋଡା ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିବା ବେଳେ ଏନେଇ ୧୭/୨୦୨୬ ଏକ ମାମଲା ରୁଜୁ କରାଯାଇଥିବା ଜାଣିଛନ୍ତି ।

# କୁଶଭଦ୍ରା ଯୋଗ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ



ବାଲିପାଟଣା ,(ସବ୍ୟ): ବନମାଳୀପୁର ସ୍ଥିତ କୁଶଭଦ୍ରା ଯୋଗ ଶିକ୍ଷା ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ ବୁଧବାର ପୂର୍ବାହ୍ନ ରେ ଦୁର୍ଗାମଣ୍ଡପ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଯୋଗ ମନ୍ଦିରର ସଭାପତି ରଘୁନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଜସେବୀ ସୁରେଶ ଚନ୍ଦ୍ର ପଣ୍ଡା,ରଶ୍ମିରଞ୍ଜନ ବଳିଆରସିଂହ, ପୂର୍ବତନ ଶିକ୍ଷକ ଲକ୍ଷ୍ମଣ ମଣ୍ଡଳ,ଜିଲ୍ଲା ଯୋଗ ସମିତି ସଭାପତି ସହଦେବ ମଲ୍ଲିକ,ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା,କୁଶଭଦ୍ରା ସଂସ୍କୃତିକ ପରିଷଦ ସମ୍ପାଦକ ରବୀନ୍ଦ୍ର ସାହୁ,ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ସାହୁ,ପ୍ରଜ୍ଞା ପ୍ରଧାନ ର କର୍ମକର୍ତ୍ତା ରବିନାରାୟଣ ପଣ୍ଡା,ଶିବ ନାରାୟଣ ବାରିକ,ଦୁର୍ଯ୍ୟୋଧନ କାଠୁଆ ଓ ରିକ ବୈରାଗୀ ଚରଣ ସାହୁ ପ୍ରାଚୀ ଧାରାର ସମ୍ପାଦକ ଭଗବାନ ସାହୁ,କବି ଅଭିମନ୍ୟୁ ନାୟକ ପ୍ରମୁଖ ଯୋଗଦେଇଥିଲେ ।ଏହି ଅବସରରେ ଅନୁଷ୍ଠାନ ତରଫରୁ ସ୍ଥାନୀୟ ଅଞ୍ଚଳ ର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିବିଶେଷ ଓ ସାମ୍ବାଦିକମାନଙ୍କୁ ସମ୍ମାନିତ କରାଯାଇଥିଲା ।ଅନୁଷ୍ଠାନ ଦ୍ୱାରା ପରିଚାଳିତ ପ୍ରାୟ ୧୦ ଗୋଟି ଯୋଗ କେନ୍ଦ୍ରର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ବିଭିନ୍ନ ଯୋଗ କୌଶଳ ପ୍ରଦର୍ଶନ କରା ଯାଇଥିଲା ।୧୧ ଜଣ ସଙ୍ଗଳ ଯୋଗ ସାଧକ ଙ୍କୁ ଯୋଗ ରନି ସମ୍ମାନ ଗୁରୁ ଜ୍ୟୋତି ପ୍ରକାଶ ବିଶୋୟୀ ପ୍ରଦାନ କରିଥିଲେ ।ଗୁରୁ ପୂଜନ ସହିତ ସମ୍ବଲପୁରୀ ଓଡ଼ିଶୀ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଶିଶୁ କଳାକାର ମାନେ ପରିବେଷଣ କରିଥିଲେ ।

# ନଦୀ ବନ୍ଧ ଉପରେ ଆଶ୍ରୟ ନେଇଥିବା ପରିବାରକୁ ଖାଦ୍ୟ ବଣ୍ଟନ

ପିପିଲି,(ସବ୍ୟ): ଲଗୁଟାପ ଜନିତ ଲଗାଣ ବର୍ଷା ପାଇଁ ଦୟା ଓ ଭାର୍ଗବୀ ନଦୀରେ ବନ୍ୟା ଜଳ ନିଷ୍କାସନ ହେଉଛି । ବନ୍ୟା ଜଳ ବିପଦ ସଙ୍କେତ ଉପରେ ନଦୀରେ ପ୍ରବାହିତ ହେଉଥିବା ବେଳେ ଭାର୍ଗବୀ ନଦୀ ପଠାରେ ବସବାସ କରୁଥିବା ପିପିଲି ବ୍ଲକ ପୁଡ଼ା ପଞ୍ଚାୟତ ଅନ୍ତର୍ଗତ ୩ ନମ୍ବର ୱାର୍ଡର ସବରଆହାର ୪୦ ପରିବାରର ୨୫ଶହ ଲୋକଙ୍କୁ ନଦୀ ବନ୍ଧ ଉପରେ ସୁରକ୍ଷିତ ସ୍ଥାନକୁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତରିତ କରାଯାଇଥିଲା । ସେହି ପରିବାର ଲୋକଙ୍କୁ ଶନିବାର ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଉପସ୍ଥିତିରେ ପିପିଲି ବ୍ଲକ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ବିଧାୟକଙ୍କ ସମେତ ପୁଡ଼ା ସରପଞ୍ଚ ରଶ୍ମିପ୍ରଭା ଦାସ,ସମିତିସଭ୍ୟ ଚନ୍ଦ୍ରମଣି ବେହେରା, ପିପିଲି ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ ,ବିଡିଓ ସରୋଜ କୁମାର ରାଉତ.ପିଇଓ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ପିପିଲି ବ୍ଲକର ପୋପରଙ୍ଗା ପଞ୍ଚାୟତର ପାଟଳପୁର ଗ୍ରାମରେ ବନ୍ୟା ଜଳ ପ୍ରବେଶ କରି ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇ ଧାନ ତଳି ସମେତ ରୁଆଧାନ ସବୁ ପାଣି ରେ ବୁଡି ରହିଛି । ବିଧାୟକ ଆଶ୍ରିତ ପଟ୍ଟନାୟକ ଙ୍କ ସହିତ ତହସିଲଦାର ,ବିଡିଓ ଙ୍କ ସମେତ ବ୍ଲକ ପ୍ରଶାସନ ଗାଁରେ ପହଂଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ତୁରନ୍ତ କ୍ଷୟକ୍ଷତିର ଆକଳନ ପାଇଁ ଏକ ଟିମ ଗଠନ କରାଯିବ ବୋଲି ସୂଚନା ମିଳିଛି ।

# ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟରେ ଜାତୀୟ ଆଲୋଚନାଚକ୍ର

ବାଲିଅନ୍ତା (ସବ୍ୟ): ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ପ୍ରତିଭା, ପ୍ରଯୁକ୍ତି ଓ ରୂପାନ୍ତରଣ: କର୍ମକ୍ଷେତ୍ର ପାଇଁ ପ୍ରସ୍ତୁତ ମାନବ ସମ୍ପଦର ନୂତନ ପରିପ୍ରେକ୍ଷ୍ୟ ଶୀର୍ଷକ ଦୁଇ ଦିନିଆ ଜାତୀୟ ଆଲୋଚନାଚକ୍ର ସଫଳତାର ସହ ସମାପ୍ତ ହୋଇଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ, ଶିଳ୍ପ ସଂସ୍ଥା ଓ ଗବେଷଣା କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିତ୍ୱ, ଅଧ୍ୟାପକ ଏବଂ ଛାତ୍ରଛାତ୍ରୀ ଯୋଗଦେଇ ଭବିଷ୍ୟତର କର୍ମଦକ୍ଷତା ଓ ପ୍ରଯୁକ୍ତିଗତ ପରିବର୍ତ୍ତନ ଉପରେ ବିଚାରବିମର୍ଶ କରିଥିଲେ । ଉଦଘାଟନୀ ଅଧିବେଶନରେ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସମ୍ପାଦକ ଡ଼. ବଙ୍କିମ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ, ଅଧ୍ୟକ୍ଷା ପ୍ରଫେସର (ଡ଼.) ଶର୍ମିଳା ସୁବ୍ରମଣିୟମ ଶିକ୍ଷ ଓ ଶିଳ୍ପର ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା ସରକାରଙ୍କ ପରିକଳ୍ପନା ଓ ସମନ୍ୱୟ ବିଭାଗର ଉପନିର୍ଦ୍ଦେଶକ ଅର୍ଚ୍ଚିତା ଦାସ ଏବଂ କର୍ମସଂସ୍ଥାନ କ୍ଷେତ୍ରର ବିଶେଷଜ୍ଞ ପ୍ରଫେସର (ଡ଼.) ସଞ୍ଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ପ୍ରଯୁକ୍ତି ନିର୍ଭର ଶିକ୍ଷା ଓ ନବସୃଜନକୁ ସମୟର ମୁଖ୍ୟ ଆବଶ୍ୟକତା ବୋଲି ମତ ଦେଇଥିଲେ । ଏହି ଅବସରରେ ସେମିନାରର ସାରାଂଶ ପୁସ୍ତକ ଉନ୍ମୋଚିତ ହୋଇଥିଲା । ସମ୍ମାନିତ ଅତିଥି ଭାବେ ଡ଼. ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଡ଼. ହେମନ୍ତ କୁମାର ରଥ, ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଶ୍ୱିନ୍‌ଗୋଷ ରଥ, ଜୟନ୍ତୀ ମହାପାତ୍ର, ଡ଼. ଜୟଲକ୍ଷ୍ମୀ ସାମଲ, ଅଭିମନ୍ୟୁକେଶ୍ୱର ଭାରଦ୍ୱାଜ ଓ ମଞ୍ଜିଲ ଚୌଧୁରୀ ପ୍ରମୁଖ ଯୋଗଦେଇ କୃତ୍ରିମ ବୁଦ୍ଧିମତ୍ତା, ନେତୃତ୍ୱ ଏବଂ ମାନବ ସମ୍ପଦ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ପ୍ରଫେସର ସୁନୀଲ କୁମାର ମିଶ୍ର ଓ ପ୍ରଫେସର ଅନନ୍ୟା ସ୍ୱାଇଁ ସଫଳତାର ସହ ପରିଚାଳନା କରିଥିଲେ ।





# ଉଦ୍ଦେଶ୍ୟ ସଂକଳ୍ପିତ: ବିଶ୍ୱାସ ସମର୍ପିତ

**ସୁଶ୍ରୀତା ଷଡ଼ଙ୍ଗୀ**

ଜୀବନକୁ ସୁରୁଚିସମ୍ପନ୍ନ ଶୃଙ୍ଖଳିତ କରି ଗଢ଼ି ତୋଳିବାରେ ଶିକ୍ଷା ବାସ ଅନନ୍ୟ । ସୃଷ୍ଟିର ଆରମ୍ଭରୁ ଅଦ୍ୟାପି ଜ୍ଞାନର ଦୀପକ ଚିର ପ୍ରଜ୍ୱଳିତ । ଅଜ୍ଞାନର ଅମା ଅନ୍ଧକାରକୁ ଦୂରୀଭୂତ କରି କାୟା ବିସ୍ତାର କରେ। ଆଲୋକରେ ଉଦ୍ଭାସିତ ହୁଏ । ସମ୍ପୂର୍ଣ୍ଣମନସ୍କ କରାଏ ତ ପୁଣି କେବେ ହାତ ଧରି ଲକ୍ଷ୍ୟ ପଥର ପ୍ରସାରିତ ଅଧ୍ୟାତକ ଅପହନ ଦୂରୀଭୂତ ସଙ୍କୁଚିତ କରାଇବାରେ ଦିଗବାରେଣୀ ସାଜିଥାଏ ଶିକ୍ଷା । ଆଦିରୁ ଅଦ୍ୟାବଧି ଶିକ୍ଷାଦାନର ଧାରା ବିବର୍ତ୍ତିତ, ଅନୁପଲବ୍ଧରୁ ସର୍ବୋପଲବ୍ଧ, ନିର୍ଦ୍ଧାରିତରୁ ବ୍ୟାପକ ଚୟନ ବ୍ୟବସ୍ଥା ସ୍ୱାଗତଯୋଗ୍ୟ ନିଶ୍ଚୟ । ଗୁରୁକୁଳ ଶିକ୍ଷାଠାରୁ ଆରମ୍ଭ କରି ଗତାନୁଗତିକ ଧାରାର ସାତନ୍ତ୍ର୍ୟ ଆପଣେଇବା ସହ ନୂତନ ଶିକ୍ଷାନୀତିକୁ ପାଥେୟ କରି ଜୀବନୋନ୍ମୁଖୀ ସଂସ୍କୃତିସମ୍ପନ୍ନ ଯୁଗୋପଯୋଗୀ ସର୍ବଜନୀନ ପ୍ରଭାବଶାଳୀ ଭବିଷ୍ୟତ ନିର୍ମାଣରେ ସାରା ଭାରତରେ ଡିଏଭି ଶିକ୍ଷା ବ୍ୟବସ୍ଥାର ସ୍ଥାନ ସ୍ୱତନ୍ତ୍ର। ଅଭିନବ ଶୈକ୍ଷିକ କଳା ଓ କୌଶଳ, ଶୁଣିବା, ଶିକ୍ଷାଦାନ ପ୍ରଣାଳୀ, ଶିକ୍ଷାର୍ଥୀକେନ୍ଦ୍ରିକ ଧାରାବାହିକ କ୍ରିୟାକଳାପ ଓ ପ୍ରତିଯୋଗିତାରେ ବିଦ୍ୟାଳୟ ପ୍ରସ୍ତୁତ କରିପାରିଛି ତା'ର ସଶକ୍ତ ଭିତ୍ତିଭୂମି । କେବଳ ନିର୍ଦ୍ଧାରିତ ପାଠ୍ୟକ୍ରମରେ ନିଜର ସୀମାକୁ ଆବଦ୍ଧନ ନକରି, ବରଂ ତତ୍‌ସହିତ ଶିକ୍ଷାର୍ଥୀର ସର୍ବାଙ୍ଗୀଣ ବିକାଶ ନିମନ୍ତେ ସଦାଚାର, ସହଶିକ୍ଷା, ସମାବେଶୀ ଶିକ୍ଷା, ସ୍ୱଶିକ୍ଷଣ ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି, ବିବିଧ କ୍ରୀଡ଼ା, ଯୋଗ, ନୃତ୍ୟ, ବାଦ୍ୟ, ସଙ୍ଗୀତ, କଳା, କମ୍ପ୍ୟୁଟର ଓ ସମୟୋଚିତ ଶିକ୍ଷାଦାନର ପରିବର୍ତ୍ତିତ ଆହ୍ୱାନକୁ ସ୍ୱାଗତ ଜଣାଇ ଅପୂର୍ବ ସାଫଲ୍ୟରେ ନିଜର ଅନନ୍ୟ ପରିଚୟ ବହନ କରିଛି ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର। ନିଜର ମାନସ ସନ୍ତାନକୁ ନବାନୁରାଗରେ ଅଭିଷିକ୍ତ କରାଉଥିବା ଏହି ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ତଥା ସଂପ୍ରତି ଓଡ଼ିଶା ଡିଏଭି ଅନୁଷ୍ଠାନ ସମୂହର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ଏବଂ ଇଞ୍ଜିନିୟର ସ୍ୱର୍ଗତ ବିରେନ ଚନ୍ଦ୍ର ପଟ୍ଟନାୟକଙ୍କର ମିଳିତ ଉଦ୍ୟମରେ ଯେଉଁ ଆଶା ଓ ବିଶ୍ୱାସର ବୀଜ ଆଜକୁ ୩୭ ବର୍ଷ ପୂର୍ବେ ୧୯୮୯ ମସିହା ଅଗଷ୍ଟ ୪ ତାରିଖରେ ବୁଣାଯାଇଥିଲା, ତାହା ଆଜି ନଭସ୍ପର୍ଶୀ ସ୍ୱପ୍ନରେ ଶିକ୍ଷା ଜଗତକୁ ପ୍ରଭାବିତ କରିବା ସହ ନୂଆ ଇତିହାସ ରଚିବାରେ ପାଳଟିଯାଇଛି ଏକ ଉଜ୍ଜ୍ୱଳ କାର୍ତ୍ତିସ୍ତମ୍ଭ । ସେହି ବିଶାଳ ପାଦପର ବିସ୍ତାରିତ କାୟାରୂପୀ ଅଗଣନ ଛାତ୍ରଛାତ୍ରୀ ଆଜି ବିଭିନ୍ନ କ୍ଷେତ୍ରରେ ସଗୌରବେ ବିଶ୍ୱର କୋଣାନୁକୋଣକୁ ମଣ୍ଡିତ କରାଇ ପ୍ରଶଂସାର । ଏହାର ଦାପ୍ତିରେ ଆମ ବିଦ୍ୟାଳୟର ସ୍ୱର୍ଣ୍ଣିମ ପୃଷ୍ଠା ସଦା ଉଦ୍ଭାସିତ କରୁଥିବ ଓ ଆଗାମୀ ପିଢ଼ି ପାଇଁ ପ୍ରେରଣାଦାୟୀ ହେବ, ନିଃସନ୍ଦେହ ।





(ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁରର ୩୮ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ)

ସୁଦୃଢ଼ ବିଶ୍ୱାସର ଯାତ୍ରାପଥରେ ସକଳ ବାଧା ବନ୍ଧନକୁ ଈଶ୍ୱରଙ୍କ ପୁଷ୍ପବନ୍ଦନ ମଣି ବିଦ୍ୟାଳୟର ଦକ୍ଷ ପରିଚାଳନା ବ୍ୟବସ୍ଥା, ଅଭିଭାବକ ଓ ଶୁଭେଚ୍ଛୁମାନଙ୍କର ସହୃଦୟ ନିରନ୍ତର ସହଯୋଗ, ବିଦ୍ୟାର୍ଥୀଙ୍କ ଲକ୍ଷ୍ୟ ସିଦ୍ଧି ଉଦ୍ଦେଶ୍ୟରେ ସଂକଳ୍ପିତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସମର୍ପିତ ଦୃଢ଼ ଇଚ୍ଛାଶକ୍ତି, ବିଦ୍ୟାଳୟ କର୍ମଚାରୀମାନଙ୍କର ଐକାନ୍ତିକ ନିଷ୍ଠା ସର୍ବୋପରି ଅଧ୍ୟକ୍ଷା ଡ. ସୁଜାତା ସାହୁଙ୍କ ଦିଗଦର୍ଶନ ଅନୁଷ୍ଠାନର ଅବିରାମ ପ୍ରଗତିରେ ସାଜିଛି ନୂତନ ଦିଗବାରେଣୀ । ବିଦ୍ୟାଳୟର ଗୌରବମୟ ଅତୀତକୁ ଅନୁସରି ବର୍ତ୍ତମାନକୁ ସୁସଙ୍ଗଠିତ କରି ଅପୂର୍ବ ସାଫଲ୍ୟରେ ଭବିଷ୍ୟତକୁ ବିମଣ୍ଡିତ କରାଇବାର ମହାନ ପରମ୍ପରା ଛାତ୍ରଛାତ୍ରୀମାନଙ୍କର ମହତ ଆଦର୍ଶ ହେଉ । ଡିଏଭି ଚନ୍ଦ୍ରଶେଖରପୁରର ମହାନ ବାଣୀରେ ଅଭିମଣ୍ଡିତ ହୋଇ ଶିକ୍ଷାର୍ଥୀମାନେ ସମଗ୍ର ମାନବ ସମାଜର ଉନ୍ନତି କଳ୍ପେ ସ୍ୱତନ୍ତ୍ର ପରିଚୟ ବହନ କରନ୍ତୁ । ଆଜି ବିଦ୍ୟାଳୟର ପବିତ୍ର ପ୍ରତିଷ୍ଠାର ଶୁଭ ଅବସରରେ ଦେବାଧିଦେବ ପରମାରାଧ୍ୟ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମ ସମସ୍ତଙ୍କର ଭକ୍ତିପୂତ ପ୍ରାର୍ଥନା ।

ଶିକ୍ଷୟିତ୍ରୀ, ଓଡ଼ିଆ ବିଭାଗ
ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର

# ‘ଦେଶ କାଳ ପାତ୍ର’ : ଉନବିଂଶ ଶତାବ୍ଦୀର ଜୀବନ୍ତ ଇତିହାସ



ଭାସ୍କର ପରିଚ୍ଛା

ଓଡ଼ିଆ ସାହିତ୍ୟରେ ଐତିହାସିକ ଉପନ୍ୟାସର ଏକ ସମୃଦ୍ଧ ପରମ୍ପରା ରହିଛି । ଏହି ପରମ୍ପରାକୁ ନୂତନ ଦିଗ, ନୂତନ ଦୃଷ୍ଟିକୋଣ ଓ ନୂତନ ବ୍ୟାପ୍ତି ପ୍ରଦାନ କରିଥିବା କୃତିମାନଙ୍କ ମଧ୍ୟରେ ଜଗନ୍ନାଥ ପ୍ରସାଦ ଦାସଙ୍କ ‘ଦେଶ କାଳ ପାତ୍ର’ ଏକ ଭିନ୍ନ ଉପନ୍ୟାସ । ଏହା କେବଳ ଅତୀତର ଘଟଣାବଳୀକୁ ପୁନର୍ନିର୍ମାଣ କରିନାହିଁ ବରଂ ଇତିହାସ, ସମାଜ, ରାଜନୀତି, ସାହିତ୍ୟ ଓ ସଂସ୍କୃତିର ପାରସ୍ପରିକ ସମ୍ପର୍କକୁ ଏକ ସୃଜନଶୀଳ ଆଖ୍ୟାନରେ ରୂପ ଦେଇଛି । ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର ଓଡ଼ିଶାକୁ ପୃଷ୍ଠଭୂମି କରି ରଚିତ ଏହି ଉପନ୍ୟାସ ଔପନିବେଶିକ ଶାସନର ପ୍ରଭାବରେ ଏହି ପାରମ୍ପରିକ ସମାଜ କିପରି ପରିବର୍ତ୍ତିତ ହେଲା, ତାହାର ଏକ ବିସ୍ତୃତ, ସଜୀବ ଓ ବହୁସ୍ତରୀୟ ଚିତ୍ର ଉପସ୍ଥାପନ କରେ ।



ଏହି ଉପନ୍ୟାସର କାହାଣୀର କେନ୍ଦ୍ରବିନ୍ଦୁରେ ରହିଛି ପୁରୀର ଗଜପତି ରାଜପରିବାର । ଦିବ୍ୟସିଂହ ଦେବଙ୍କ ଜୀବନକୁ ଆଧାର କରି ଲେଖକ ଶକ୍ତି, ଅଧିକାର, ନୈତିକ ଅବକ୍ଷୟ ଓ ଇତିହାସର ନିଷ୍ଠୁର ପରିଣତିକୁ ଏକ ଗଭୀର ମାନବୀୟ ଦୃଷ୍ଟିରେ ଚିତ୍ରଣ କରିଛନ୍ତି । ରାଜସିଂହାସନରେ ଆରୋହଣ ପରେ ଦିବ୍ୟସିଂହ ଧୀରେ ଧୀରେ ଭୋଗବିଳାସ ଓ ଅନୈତିକତାରେ ବୁଡ଼ିଯାଆନ୍ତି । ତାଙ୍କ ଜୀବନର ଏହି ପତନ ଶେଷରେ ତାଙ୍କୁ ହତ୍ୟା ଅପରାଧରେ ଦୋଷୀ ସାବ୍ୟସ୍ତ କରାଇ ଆଜୀବନ ଆଣ୍ଡାମାନ ନିର୍ବାସନରେ ପହଞ୍ଚାଇଦିଏ । ଏହି ବ୍ୟକ୍ତିଗତ ଟ୍ରାଜେଡି ମାଧ୍ୟମରେ ଲେଖକ ଏକ ଯୁଗର ରାଜନୈତିକ ଓ ନୈତିକ ସଙ୍କଟକୁ ଉଦ୍ଘାଟନ କରିଛନ୍ତି ।

କିନ୍ତୁ ଏହି କାହାଣୀର ପ୍ରକୃତ ନାୟିକା

ଚିତ୍ରଣ ଏହି ଉପନ୍ୟାସର ଏକ ଉଲ୍ଲେଖନୀୟ ଦିଗ । ସେହି ସମୟରେ ବଙ୍ଗଳାକୁ ଓଡ଼ିଶାର ପ୍ରଶାସନ ଓ ଶିକ୍ଷାର ଭାଷା କରିବାର ପ୍ରୟାସ ବିରୋଧରେ ଯେଉଁ ସାଂସ୍କୃତିକ ପ୍ରତିରୋଧ ଗଢ଼ି ଉଠିଥିଲା, ତାହାକୁ ଜେ. ପି. ଦାସ ଅତ୍ୟନ୍ତ ସଂବେଦନଶୀଳ ଭାବରେ ଚିତ୍ରଣ କରିଛନ୍ତି । ଫକୀରମୋହନ ଓ ରାଧାନାଥଙ୍କ ସାହିତ୍ୟ ସୃଷ୍ଟି, ଗୌରୀଶଙ୍କର ରାୟଙ୍କ ‘ଉତ୍କଳ ଦୀପିକା’ ପ୍ରକାଶନ ଓ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ‘ଓଡ଼ିଶା ଇତିହାସ’ ରଚନାକୁ ଲେଖକ କେବଳ ଘଟଣା ଭାବେ ନୁହେଁ, ବରଂ ଓଡ଼ିଆ ଅସ୍ମିତାର ପୁନର୍ଜାଗରଣର ଅଂଶ ଭାବେ ଉପସ୍ଥାପନ କରିଛନ୍ତି ।


ଜେ. ପି. ଦାସଙ୍କ ସବୁଠାରୁ ବଡ଼ ସଫଳତା ହେଉଛି, ସେ ଇତିହାସକୁ କେବଳ ରାଜା, ଯୁଦ୍ଧ କିମ୍ବା ପ୍ରଶାସନର ବିବରଣୀ ମଧ୍ୟରେ ସୀମିତ ରଖିନାହାନ୍ତି । ତାଙ୍କ ପାଇଁ ଇତିହାସ ହେଉଛି ସାଧାରଣ ଲୋକଙ୍କ ଜୀବନ, ସମାଜର ଅନ୍ତର୍ନିହିତ ପରିବର୍ତ୍ତନ, ଭାଷାର ସଂଘର୍ଷ, ସଂସ୍କୃତିର ବିକାଶ ଓ ନୂଆ ଚିନ୍ତାଧାରାର ଉଦୟର ଏକ ସମନ୍ୱିତ ପ୍ରକ୍ରିୟା । ସେଥିପାଇଁ ଏହି ଉପନ୍ୟାସ ପଢ଼ିବାବେଳେ ପାଠକ କେବଳ ଅତୀତକୁ ଜାଣନ୍ତି ନାହିଁ ବରଂ ସେହି ସମୟର ଲୋକମାନଙ୍କ ସହ ଚାଲନ୍ତି, ତାଙ୍କ ଆଶା, ଆକାଂକ୍ଷା, ଭୟ ଓ ସଂଘର୍ଷକୁ ଅନୁଭବ କରନ୍ତି ।

‘ଦେଶ କାଳ ପାତ୍ର’ ଏହାର ସାହିତ୍ୟିକ ଗୁଣ ପାଇଁ ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି । ନ୍ୟାସନାଲ ବୁକ୍ ଟ୍ରଷ୍ଟର ‘ଆଦାନ-ପ୍ରଦାନ’ ଯୋଜନା ଅଧୀନରେ ଏହାକୁ ସମସ୍ତ ଭାରତୀୟ ଭାଷାକୁ ଅନୁବାଦ ପାଇଁ ଚୟନ କରାଯାଇଥିଲା । ଇଂରାଜୀ, ହିନ୍ଦୀ ଓ ବଙ୍ଗଳା ସମେତ ବିଭିନ୍ନ ଭାଷାରେ ଏହାର ଅନୁବାଦ ହୋଇଛି । ପେଙ୍ଗୁଇନ୍ ବୁକ୍ସରୁ ପ୍ରକାଶିତ ଇଂରାଜୀ ଅନୁବାଦ A Time Elsewhere ଏହି ଉପନ୍ୟାସକୁ ଆନ୍ତର୍ଜାତିକ ପାଠକଙ୍କ ନିକଟରେ ପହଞ୍ଚାଇଛି । ଏହାକୁ ଆଧାର କରି ଏକ ଚଳଚ୍ଚିତ୍ର ନିର୍ମାଣର ପ୍ରକଳ୍ପ ମଧ୍ୟ ଯୋଜନା ଥିଲା, ଯାହା ଏହାର ଲୋକପ୍ରିୟତା ଓ ପ୍ରାସଙ୍ଗିକତାର ଆଉ ଏକ ପ୍ରମାଣ । ଅନୁବାଦକ ତାଙ୍କ ଟିପ୍ପଣୀରେ ଲେଖିଛନ୍ତି ଯେ,

## ପୁନରାବଲୋକନ-୨୩

ହେଉଛନ୍ତି ରାଣୀ ସୂର୍ଯ୍ୟମଣୀ । ପରଦାର ଅନ୍ତରାଳରେ ଥାଇ ମଧ୍ୟ ସେ ପୁରୀ ରାଜ୍ୟର ପ୍ରକୃତ ଶାସକ ଭାବେ ଉଭା ହୁଅନ୍ତି । ଔପନିବେଶିକ ସରକାରର ଚାପ, ଦରବାରର ଅନ୍ତଃକଳହ ଓ ପରିବର୍ତ୍ତିତ ରାଜନୈତିକ ପରିସ୍ଥିତି ମଧ୍ୟରେ ସେ ଅସାଧାରଣ ବୁଦ୍ଧିମତା, ଧୈର୍ଯ୍ୟ ଓ କୂଟନୀତିର ପରିଚୟ ଦେଇଥାନ୍ତି । ଭାରତୀୟ ଐତିହାସିକ ଉପନ୍ୟାସରେ ନାରୀ ନେତୃତ୍ୱର ଏପରି ସଂଯମୀ ଓ ପ୍ରଭାବଶାଳୀ ଚିତ୍ରଣ ବିରଳ ।

ତେବେ ‘ଦେଶ କାଳ ପାତ୍ର’ କେବଳ ରାଜପରିବାରର ଇତିହାସ ନୁହେଁ । ଏହା ଉନବିଂଶ ଶତାବ୍ଦୀର ଓଡ଼ିଶାର ସମଗ୍ର ଜନଜୀବନର ଏକ ବୃହତ୍ କାନଭାସ । ଏହି ସମୟରେ ଓଡ଼ିଶା ଏକପଟେ ବ୍ରିଟିଶ ଔପନିବେଶିକ ଶାସନର ପ୍ରଭାବ ଅନୁଭବ କରୁଥିଲା, ଅନ୍ୟପଟେ ଭାଷା, ସାହିତ୍ୟ ଓ ସଂସ୍କୃତିର ପୁନର୍ଜାଗରଣ ପାଇଁ ସଂଘର୍ଷ କରୁଥିଲା । ଇଂରାଜୀ ଶିକ୍ଷାର ପ୍ରସାର, ଆଧୁନିକ ଶିକ୍ଷାନୁଷ୍ଠାନର ବିକାଶ, ଛାପାଖାନାର ଆଗମନ, ସମ୍ବାଦପତ୍ରର ଉଦୟ ଓ ଜନମତର ବିକାଶ-ଏସବୁ ପରିବର୍ତ୍ତନ ଉପନ୍ୟାସରେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସ୍ଥାନ ପାଇଛି ।



ଉପନ୍ୟାସର ଏକ ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଏଥିରେ ଐତିହାସିକ ବ୍ୟକ୍ତିତ୍ୱମାନଙ୍କର ସୃଜନାତ୍ମକ ଅନ୍ତର୍ଭୁକ୍ତି । ଫକୀରମୋହନ ସେନାପତି, ରାଧାନାଥ ରାୟ, ଗୌରୀଶଙ୍କର ରାୟ, ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ପରି ଓଡ଼ିଶାର ନବଜାଗରଣର ପୁରୋଧାମାନେ କେବଳ ଐତିହାସିକ ଚରିତ୍ର ଭାବେ ନୁହେଁ, ବରଂ ଉପନ୍ୟାସର ଜୀବନ୍ତ ପାତ୍ର ଭାବେ ଆର୍ବିଭୂତ ହୋଇଛନ୍ତି । ଓଡ଼ିଆ ଭାଷାର ଅସ୍ତିତ୍ୱ ରକ୍ଷା ପାଇଁ ତାଙ୍କର ସଂଘର୍ଷ, ସାହିତ୍ୟ ସୃଷ୍ଟି, ଶିକ୍ଷାର ପ୍ରସାର ଓ ସାମାଜିକ ସଂସ୍କାର ପାଇଁ ପ୍ରୟାସ ଉପନ୍ୟାସକୁ ଐତିହାସିକ ପ୍ରାମାଣିକତା ସହିତ ସାଂସ୍କୃତିକ ଗଭୀରତା ମଧ୍ୟ ପ୍ରଦାନ କରିଛି ।

ବିଶେଷକରି ଓଡ଼ିଆ ଭାଷା ଆନ୍ଦୋଳନର

ଏହି ଉପନ୍ୟାସ ଏକ ପାରମ୍ପରିକ ସମାଜର ଔପନିବେଶିକ ଶାସନ ଅଧୀନରେ ରୂପାନ୍ତରର କାହାଣୀ କହିବା ସହିତ ଏକ ବିକଳ୍ପ ଇତିହାସ ଗଢ଼ିଥାଏ, ଯେଉଁଠାରେ ଉପନିବେଶିତ ଲୋକମାନେ କେବଳ ଇତିହାସର ବିଷୟବସ୍ତୁ ନୁହେଁ, ବରଂ ନିଜ ଇତିହାସର ସ୍ରଷ୍ଟା । ଏହି ମତାମତ ଉପନ୍ୟାସର ମୂଳ ଦର୍ଶନକୁ ସଂକ୍ଷେପରେ ପ୍ରକାଶ କରେ ।

‘ଦ ହିନ୍ଦୁ’ ଦୈନିକ ଜେ. ପି. ଦାସଙ୍କୁ କାହାଣୀ କହିବାର କଳାରେ ସ୍ୱାଭାବିକ ପାରଦର୍ଶିତା ସମ୍ପନ୍ନ ଜଣେ ଅଦ୍ୱିତୀୟ କଥକ ବୋଲି ବର୍ଣ୍ଣନା କରିଛି । ପ୍ରକୃତରେ ‘ଦେଶ କାଳ ପାତ୍ର’ ପଢ଼ିଲେ ଏହି ମୂଲ୍ୟାଙ୍କନର ଯଥାର୍ଥତା ସ୍ପଷ୍ଟ ହୁଏ । ଇତିହାସର ବିଶାଳ ପଟଭୂମି, ସ୍ମରଣୀୟ ଚରିତ୍ର, ସୂକ୍ଷ୍ମ ମନସ୍ତାତ୍ତ୍ୱିକ ଚିତ୍ରଣ, ସଂସ୍କୃତିର ଗଭୀର ଅନୁଭବ ଓ ସୁନ୍ଦର ଆଖ୍ୟାନ ଶୈଳୀ ଏହି ଉପନ୍ୟାସକୁ ଓଡ଼ିଆ ସାହିତ୍ୟର ଏକ କାଳଜୟୀ ସୃଷ୍ଟିରେ ପରିଣତ କରିଛି ।

ଏହି ଉପନ୍ୟାସ କେବଳ ଅତୀତର ସ୍ମୃତିଚାରଣ ନୁହେଁ ଏହା ବର୍ତ୍ତମାନକୁ ବୁଝିବାର ଏକ ଦର୍ପଣ । ଓଡ଼ିଶାର ଭାଷା, ସଂସ୍କୃତି, ସାମାଜିକ ଚେତନା ଓ ଐତିହାସିକ ପରିଚୟ କିପରି ଗଢ଼ିଉଠିଲା, ତାହା ଜାଣିବା ପାଇଁ ‘ଦେଶ କାଳ ପାତ୍ର’ ଏକ ଅପରିହାର୍ଯ୍ୟ ଗ୍ରନ୍ଥ । ଇତିହାସର ଦୃଢ଼ ଭିତ୍ତି ଉପରେ କଳ୍ପନାର ସୃଜନଶୀଳ ନିର୍ମାଣ କରି ଜେ. ପି. ଦାସ ଏମିତି ଏକ ସାହିତ୍ୟିକ ଜଗତ ସୃଷ୍ଟି କରିଛନ୍ତି, ଯାହା ପାଠକଙ୍କୁ ଅତୀତରେ ନେଇଯାଏ ଏବଂ ତା’ ସହିତ ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ମଧ୍ୟ ନୂଆ ଭାବନାର ଦ୍ୱାର ଉନ୍ମୁକ୍ତ କରେ । ଏହି କାରଣରୁ ‘ଦେଶ କାଳ ପାତ୍ର’ କେବଳ ଏକ ଐତିହାସିକ ଉପନ୍ୟାସ ନୁହେଁ ଏହା ଓଡ଼ିଶାର ସାମୂହିକ ସ୍ମୃତି, ଅସ୍ମିତା ଓ ନବଜାଗରଣର ଏକ ଅମୂଲ୍ୟ ସାହିତ୍ୟିକ ଦଲିଲ ।

**(ଲେଖକ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ସୁଲେଖକ ଭାବେ ପରିଚିତ)**
**ଭୁବନେଶ୍ୱର,ମୋ-୯୩୩୭୫୦୮୫୯୨**

## ଏ ସପ୍ତାହର ଦୁଇଟି କବିତା



### କାହିଁ ଗଲା ବଡ଼ପଣ ?

ନିରଞ୍ଜନ ସାହୁ

ତୁମରି ସେ ବଡ଼ପଣିଆକୁ ପ୍ରଭୁ
ବହୁତ ଦୂରରୁ ଦଣ୍ଡବତ
ପାଖକୁ ଯିବାକୁ ଭୟ ଲାଗିଲାଣି
ଦୂରରୁ କରୁଛି ମଥାନତ ।

ତୁମ ବାବଦରେ ଶୁଣିଛି ଜାଣିଛି
ମୁହିଁ ତ ଅନେକ କଥା
ବାସ୍ତବ ପାଖରେ ସେହିସବୁ ଫିକା
ଭାବିଲେ ହୁଅଇ ମୁଣ୍ଡବଥା
ବର୍ତ୍ତମାନ କିବା ଶକ୍ତିହୀନ ତୁମେ
ହୋଇଥିଲି ଯାହା ଅବଗତ ।

କେତେକେତେ ଲୋକ ଭାବରେ ଉଚ୍ଛୁଳି
କହିଥାନ୍ତି ଅନୁଭୂତି କେତେ
ମୁହିଁ କେଉଁଦିନ କହିବି ସେସବୁ
କହିବ କି ପ୍ରଭୁ ଦୁଃଖ ଯେତେ
କେଉଁଦିନ ତୁମେ କରୁଣା କରିବ
ଖୋଲି କହିବ କି ଟିକେ ସତ ?

ଦୁଃଖ ସହିବାର ଗୋଟେ ସୀମା ଅଛି
ଏକଥା ତୁମକୁ ଅଛି ଜଣା
ସୀମା କେଉଁକାଲୁ ପାର ହୋଇଲିଣି
କାହିଁକି କରୁଣା କର ଊଣା
ଏମିତିକି ସବୁଦିନ ଚାଲିଥିବ
ଦୁଃଖ ଦେଉଥିବ ଅବିରତ ?

ତୁମ ବଡ଼ପଣ କେଉଁଠି ରହିଲା
ଗାଇବି କି ପ୍ରଭୁ ନିନ୍ଦା ବାଣୀ
କେତେକାଳ ଆଉ ନିରବ ରହିବ
ସବୁ କଷ୍ଟ ମୋର ଜାଣିଜାଣି
ଭୁଲ ବୁଝିବନି ସତ କହୁଛି ମୁଁ
ଜଣାଇବ ତୁମ ଅଭିମତ ।

**ନିହଲ ପ୍ରସାଦ, ଗଁଦିଆ ପାଟଣା**
**ଢେଙ୍କାନାଳ - ୭୫୯୦୧୬**
**ମୋ - ୯୯୩୮୭୪୧୫୮୩**

### ତମେ ଜାଣିବାକୁ

ରତ୍ନପ୍ରଭା ବାଇ

ଆକାଶ ଗୋ, ତୁମ ସଜଳ ପ୍ରେମରେ
ଭିଜେଇଲ କିଆଁ ଏତେ
ମୁଁ, ଯେ ଫଟା ଭୂଇଁ ଭିଜି ଗଲି ସିନା
ଲିଭି ନାହିଁ ଦାଗ ଯେତେ ।

ତମେ ଜାଣିବାକୁ ଦେହ ଅଗଣାରେ
ଫୁଟିଛି ଫଗୁଣ ଫୁଲ
ବୟସର ରଙ୍ଗ ରୋଷଣୀ ଜଳୁଛି
ଦେବାକୁ ପ୍ରୀତିର ମୂଲ
ମୋ ଜାଣିବାରେ ବୁକେ ନିତି ଭରେ
ବଇଶାଖି ତାତି କେତେ ।
ଆକାଶ ଗୋ ---

ତମେ ଜାଣିବାକୁ ମନ ଅଗଣାରେ
ହସୁଛି କୁଆଁରୀ ଜହ୍ନ
ରୂପେଲି ଯୋଜନା ଜୁଆରେ ଭାସୁଛି
ମୋର ଏ ଖିଆଲି ମନ
ମୋ ଜାଣିବାରେ ଫୁଟେ ନିତି
ବଇଶାଖି ତାତି କେତେ ।
ଆକାଶ ଗୋ ---

**ତାଳଚେର , ଅନୁଗୋଳ**
**ମୋ -୯୩୩୭୯୭୨୭୪୯**



# ଲେଖିବାର କଳା ସପକ୍ଷରେ



ବିଦ୍ୟାଧର ମହାରଣା

ଲେଖା କେବଳ ଶବ୍ଦର ବିନ୍ୟାସ ନୁହେଁ, ଏହା ଚିନ୍ତା, ଚେତନା, ଅନୁଭୂତି ଓ ଅଭିଜ୍ଞତାର ସୃଜନଶୀଳ ଅଭିବ୍ୟକ୍ତି । କଲମ ସୃଷ୍ଟି କରିଛି ବିବେକ, ବିପ୍ଳବ ଓ ମାନବିକତା । ଏକ ଭଲ ଲେଖା ପାଠକଙ୍କୁ କେବଳ ସୂଚନା ଦିଏ ନାହିଁ, ବରଂ ତାଙ୍କୁ ଚିନ୍ତା କରିବାକୁ, ପ୍ରଶ୍ନ କରିବାକୁ ଓ ନିଜକୁ ବଦଳାଇବାକୁ ପ୍ରେରଣା ଦିଏ । ସେଥିପାଇଁ ଲେଖନ କଳାକୁ ସଭ୍ୟତାର ଏକ ଶ୍ରେଷ୍ଠ ସମ୍ପଦ ବୋଲି କୁହାଯାଏ ।

ଜଣେ ସଫଳ ଲେଖକଙ୍କ ପାଇଁ କେବଳ ଭାଷାଜ୍ଞାନ ପର୍ଯ୍ୟାପ୍ତ ନୁହେଁ । ତାଙ୍କର ପର୍ଯ୍ୟବେକ୍ଷଣ ଶକ୍ତି, ଅଧ୍ୟୟନର ଅଭ୍ୟାସ, ମାନବିକ ଦୃଷ୍ଟିଭଙ୍ଗୀ, ସତ୍ୟ ପ୍ରତି ନିଷ୍ଠା ଓ ସମାଜ ପ୍ରତି ଦାୟିତ୍ୱବୋଧ ଥିବା ଆବଶ୍ୟକ । ଯେଉଁ ଲେଖା ହୃଦୟକୁ ସ୍ପର୍ଶ କରେ ଓ ବିବେକକୁ ଜାଗ୍ରତ କରେ, ସେହି ଲେଖା କାଳଜୟୀ ହୋଇଥାଏ । ମଣିଷର ଚିନ୍ତାଧାରା, ଅନୁଭୂତି, ଜ୍ଞାନ ଓ ଅନୁଭବକୁ ସୁନ୍ଦର, ସ୍ପଷ୍ଟ ଓ ପ୍ରଭାବଶାଳୀ ଭାବରେ ପ୍ରକାଶ କରିବାର କୌଶଳ ହେଉଛି ଲେଖନ କଳା । ଏହା କେବଳ ଶବ୍ଦର ସମାହାର ନୁହେଁ, ବରଂ ହୃଦୟର ଭାବନା ଓ ମସ୍ତିଷ୍କର ଚିନ୍ତାର ସୃଜନଶୀଳ ଅଭିବ୍ୟକ୍ତି । ଏକ ଭଲ ଲେଖକଙ୍କ ପାଖରେ ଭାଷା ଉପରେ ଦକ୍ଷତା, ଗଭୀର ପର୍ଯ୍ୟବେକ୍ଷଣ ଶକ୍ତି, କଳ୍ପନାଶକ୍ତି, ଅଧ୍ୟୟନର ଅଭ୍ୟାସ ଓ ସମାଜ ପ୍ରତି ସମ୍ବେଦନଶୀଳତା ରହିବା ଆବଶ୍ୟକ । ନିୟମିତ ପଠନ ଓ ଅଭ୍ୟାସ ମାଧ୍ୟମରେ ଲେଖନ କଳାର ବିକାଶ ହୁଏ । ଯିଏ ଭଲ ପାଠକ ନୁହେଁ ସେ ଭଲ ଲେଖକ ହୋଇ ପାରିବେ ନାହିଁ । ବିଶ୍ୱ ସାହିତ୍ୟକୁ ଦେଖିଲେ ଜଣାପଡ଼େ ଯେ, ମହାନ ଲେଖକମାନେ ସେମାନଙ୍କ ସମୟର ସୀମା ଅତିକ୍ରମ କରି ମାନବତା ଆଡକୁ ମୁହାଁଉଥିଲେ । ଅନେକ ମହାନ ଲେଖକ ନିଜର ଲେଖନୀ ଦ୍ୱାରା ମାନବ ସମାଜକୁ ନୂତନ ଦିଗ ଦେଖାଇଛନ୍ତି । ଇଂରାଜୀ ସାହିତ୍ୟର ଉଇଲିୟମ୍ ସେକ୍ସପିୟର ତାଙ୍କର ନାଟକ ଓ କବିତା ପାଇଁ ଆଜି ମଧ୍ୟ ଅମର । ଉଇଲିୟମ୍ ସେକ୍ସପିୟର ମଣିଷର ପ୍ରେମ, ଲୋଭ, ଈର୍ଷା ଓ ଆକାଂକ୍ଷାକୁ ଏପରି ଗଭୀରତାରେ ଚିତ୍ରଣ କରିଥିଲେ ଯେ ତାଙ୍କ ନାଟକ ଆଜି ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ । ଲିଓ ଟଲଷ୍ଟୟ ତାଙ୍କ ରଚନାରେ ମାନବ ଜୀବନର ନୈତିକ ସଂଘର୍ଷ ଓ ସାମାଜିକ ବାସ୍ତବତାକୁ ଅତୁଳନୀୟ ଭାବେ ଉପସ୍ଥାପନ କରିଛନ୍ତି ।

ମାକ୍ସିମ୍ ଗର୍କି ଓ ଗାବ୍ରିଏଲ୍ ଗାର୍ସିଆ ମାର୍କେଜ୍ ସେମାନଙ୍କ ଲେଖନୀ ଦ୍ୱାରା ସାଧାରଣ ମଣିଷର ସ୍ୱପ୍ନ, ଦୁଃଖ ଓ ସଂଘର୍ଷକୁ ବିଶ୍ୱସାହିତ୍ୟସ୍ତରୀୟ କରି ପାରିଥିଲେ । ରୁଷର ଲିଓ ଟଲଷ୍ଟୟ ତାଙ୍କର War and Peace ଓ Anna Karenina ଭଳି ଉପନ୍ୟାସ ମାଧ୍ୟମରେ ମାନବ ଜୀବନର ଗଭୀର ସତ୍ୟକୁ ଉପସ୍ଥାପନ କରିଛନ୍ତି । ଭାରତର ରବୀନ୍ଦ୍ରନାଥ ଠାକୁର ‘ଗୀତାଞ୍ଜଳି’ ପାଇଁ ନୋବେଲ ପୁରସ୍କାର ପାଇ ସମଗ୍ର ବିଶ୍ୱରେ ଭାରତୀୟ ସାହିତ୍ୟର ଗୌରବ ବଢ଼ାଇଥିଲେ ।

ମୁନସୀ ପ୍ରେମଚନ୍ଦ, ଆର୍. କେ. ନାରାୟଣ ଏବଂ ଅନ୍ୟାନ୍ୟ ସାହିତ୍ୟିକ ତାଙ୍କ ରଚନା ମାଧ୍ୟମରେ ସମାଜର ବିଭିନ୍ନ ସମସ୍ୟା, ମାନବୀୟ ମୂଲ୍ୟବୋଧ ଓ ସଂସ୍କୃତିକୁ ସମୃଦ୍ଧ କରିଛନ୍ତି । ଓଡ଼ିଆ ସାହିତ୍ୟରେ ମଧ୍ୟ ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ରାଧାନାଥ ରାୟ, ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋପୀନାଥ ମହାନ୍ତି, କାହ୍ନୁଚରଣ ମହାନ୍ତି, ନିତ୍ୟାନନ୍ଦ ମହାପାତ୍ର ଓ ମନୋଜ ଦାସ ପ୍ରମୁଖ ସାହିତ୍ୟିକମାନେ ନିଜର ଅସାଧାରଣ ଲେଖନୀ ଦ୍ୱାରା ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଫକୀର ମୋହନଙ୍କ ‘ଛ’ମାଣ ଆଠ ଗୁଣ୍ଠ’ ସମାଜର ବାସ୍ତବ ଚିତ୍ରକୁ ଅତ୍ୟନ୍ତ ସୁନ୍ଦର ଭାବେ ଉପସ୍ଥାପନ କରିଛି ।

ଫକୀର ମୋହନଙ୍କ ‘ରାଣ୍ଡୀ ପୁଅ ଅନନ୍ତା’, ‘ପେଟେଣ୍ଟ ମେଡିସିନ’ ଓ ‘ଡାକ ମୁନସୀ’ ଇତ୍ୟାଦି ଆଜି ବି ସମାଜ ସଂସ୍କାର ପାଇଁ ଆବଶ୍ୟକ । କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ‘ମାଟିର ମଣିଷ’, ଗୋଦାବରୀଶ ମହାପାତ୍ରଙ୍କ ‘ମାଗୁଣିର ଶଗଡ଼’ ଏବେବି ଜନମାନସରେ ଉଜ୍ଜୀବିତ । ଲେଖନ କଳାର ମୂଳ ଉଦ୍ଦେଶ୍ୟ କେବଳ ମନୋରଞ୍ଜନ ନୁହେଁ ଏହା ସମାଜକୁ ସଚେତନ କରିବା, ମୂଲ୍ୟବୋଧର ବିକାଶ ଘଟାଇବା ଏବଂ ମଣିଷକୁ ସତ୍ୟ, ସୁନ୍ଦର ଓ କଲ୍ୟାଣର ପଥରେ ପ୍ରେରିତ କରିବା । ମହାତ୍ମା ଗାନ୍ଧି, ସ୍ୱାମୀ ବିବେକାନନ୍ଦ ଓ ରାଜାଜୀଙ୍କ ରଚନା ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇ ଆସୁଛି ।

ସାମାଜିକ ଗଣମାଧ୍ୟମରେ ମୁହୂର୍ତ୍ତକ ମଧ୍ୟରେ ତଥା ଓ ଲେଖାସବୁ ଲକ୍ଷ ଲକ୍ଷ ଲୋକଙ୍କ ପାଖରେ ପହଞ୍ଚିଯାଏ । ତେଣୁ ପ୍ରତ୍ୟେକ ଲେଖକଙ୍କ କର୍ତ୍ତବ୍ୟ ହେଉଛି ସତ୍ୟ, ତଥ୍ୟ, ଶାଳୀନତା ଓ ନୈତିକତାକୁ ସର୍ବୋଚ୍ଚ ସ୍ଥାନ ଦେବା । ମିଥ୍ୟା, ଘୃଣା କିମ୍ବା ବିଭ୍ରାନ୍ତି ପ୍ରସାର କରୁଥିବା ଲେଖା ସମାଜ ପାଇଁ କ୍ଷତିକାରକ, ଯେତେବେଳେ ସତ୍ୟନିଷ୍ଠ ଓ ସକାରାତ୍ମକ ଲେଖା ଏକ ସୁସ୍ଥ ଗଣତାନ୍ତ୍ରିକ ପରିବେଶ ସୃଷ୍ଟି କରେ । ଜଣେ ଭଲ ଲେଖକ ସବୁବେଳେ ଜଣେ ଭଲ ପାଠକ । ନିୟମିତ ପଠନ, ଚିନ୍ତାକୁ ପ୍ରସାରିତ କରେ, ଭାଷାକୁ ସମୃଦ୍ଧ କରେ ଏବଂ ଲେଖନୀକୁ ପରିପକ୍ୱ କରିଥାଏ । ଲେଖନରେ ସଫଳତା ପାଇଁ ଅବିରତ ଅଭ୍ୟାସ, ଧୈର୍ଯ୍ୟ ଓ ଆତ୍ମସମୀକ୍ଷା ଅପରିହାର୍ଯ୍ୟ । ପ୍ରଥମ ଲେଖା ସମ୍ଭବତଃ ଶ୍ରେଷ୍ଠ ହୋଇପାରେ ନ ହୋଇ ବି ପାରେ, କିନ୍ତୁ ନିରନ୍ତର ପ୍ରୟାସ ଜଣେ ସାଧାରଣ ଲେଖକଙ୍କୁ ଅସାଧାରଣ କରିପାରେ ।

ସାରାଂଶରେ କୁହାଯାଇପାରେ ଯେ, ଲେଖନ କଳା ଏକ ସାଧନା, ଯାହା ମଣିଷର ଚିନ୍ତାକୁ ପ୍ରତିଫଳିତ କରିଥାଏ । ତେଣୁ ଆସନ୍ତୁ, ଆମେ ଲେଖନୀକୁ କେବଳ ଅଭିବ୍ୟକ୍ତିର ମାଧ୍ୟମ ନୁହେଁ, ବରଂ ସତ୍ୟ, ନ୍ୟାୟ, ମାନବିକତା ଓ ସାମାଜିକ ପ୍ରଗତିର ଏକ ସଶକ୍ତ ଅସ୍ତ୍ର ଭାବରେ ବ୍ୟବହାର କରିବା ।

ନିୟମିତ ପଢ଼ିବା, ଚିନ୍ତନ କରିବା, ପର୍ଯ୍ୟବେକ୍ଷଣ କରିବା ଓ ଅବିରତ ଲେଖିବା ଦ୍ୱାରା ଜଣେ ସଫଳ ଲେଖକ ହୋଇପାରେ । ମହାନ ଲେଖକମାନଙ୍କ ଜୀବନ ଓ ସାହିତ୍ୟରୁ ପ୍ରେରଣା ନେଇ ଆମେ ମଧ୍ୟ ଆମର ଲେଖନୀକୁ ସମାଜର କଲ୍ୟାଣ ପାଇଁ ବ୍ୟବହାର କରିବା ଉଚିତ । ସୁନ୍ଦର ଲେଖନୀ ମଣିଷର ଚିନ୍ତାଧାରାକୁ ପରିବର୍ତ୍ତନ କରିପାରେ ଏବଂ ଏକ ଉନ୍ନତ ସମାଜ ଗଠନରେ ସହାୟକ ହୋଇପାରେ ।

**କଳିଙ୍ଗନଗର ୭/୪୫୨,ଭୁବନେଶ୍ୱର-୭୫୧୦୨୯, ମୋ- ୯୧-୯୪୩୭୦୭୧୧୯୦**

**ମୁନସୀ ପ୍ରେମଚନ୍ଦ, ଆର୍. କେ. ନାରାୟଣ ଏବଂ ଅନ୍ୟାନ୍ୟ ସାହିତ୍ୟିକ ତାଙ୍କ ରଚନା ମାଧ୍ୟମରେ ସମାଜର ବିଭିନ୍ନ ସମସ୍ୟା, ମାନବୀୟ ମୂଲ୍ୟବୋଧ ଓ ସଂସ୍କୃତିକୁ ସମୃଦ୍ଧ କରିଛନ୍ତି । ଓଡ଼ିଆ ସାହିତ୍ୟରେ ମଧ୍ୟ ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ରାଧାନାଥ ରାୟ, ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋପୀନାଥ ମହାନ୍ତି, କାହ୍ନୁଚରଣ ମହାନ୍ତି, ନିତ୍ୟାନନ୍ଦ ମହାପାତ୍ର ଓ ମନୋଜ ଦାସ ପ୍ରମୁଖ ସାହିତ୍ୟିକମାନେ ନିଜର ଅସାଧାରଣ ଲେଖନୀ ଦ୍ୱାରା ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଫକୀର ମୋହନଙ୍କ ‘ଛ’ମାଣ ଆଠ ଗୁଣ୍ଠ’ ସମାଜର ବାସ୍ତବ ଚିତ୍ରକୁ ଅତ୍ୟନ୍ତ ସୁନ୍ଦର ଭାବେ ଉପସ୍ଥାପନ କରିଛି ।
ଫକୀର ମୋହନଙ୍କ ‘ରାଣ୍ଡୀ ପୁଅ ଅନନ୍ତା’, ‘ପେଟେଣ୍ଟ ମେଡିସିନ’ ଓ ‘ଡାକ ମୁନସୀ’ ଇତ୍ୟାଦି ଆଜି ବି ସମାଜ ସଂସ୍କାର ପାଇଁ ଆବଶ୍ୟକ । କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ‘ମାଟିର ମଣିଷ’, ଗୋଦାବରୀଶ ମହାପାତ୍ରଙ୍କ ‘ମାଗୁଣିର ଶଗଡ଼’ ଏବେବି ଜନମାନସରେ ଉଜ୍ଜୀବିତ ।**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।*
*(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ଧନ୍ୟବାଦ

**ମୂଳହିନ୍ଦୀ-ଶୋଭା ହେଣ୍ଡିୟେକର**
**ଅନୁବାଦକ-ନଗେନ୍ଦ୍ର ନାଥ ପଟ୍ଟନାୟକ**

ମୋ ସାନଭାଇ ମଣିପାଲ ଯାଇଥିଲା ଇଂଜିନିୟରିଂ ପାଠ ପଢିବା ପାଇଁ । ପାଞ୍ଚବର୍ଷ ପରେ ସେ ଯେତେବେଳେ ତା ଇଂଜିନିୟରିଂ ପଢା ସମାପ୍ତ କରିଦେଲା ମୁଁ ବାପାମାଆ ଆଉ ସାନ ଝିଅ ସାଥୀ ହୋଇ ସେଠିକି ଯାଇଥିଲୁ ତା’ର ନିରାପଦ ପ୍ରତ୍ୟାବର୍ତ୍ତନ ପାଇଁ । ସାନଭାଇର ସବୁତକ ଆସବାବପତ୍ର ଏକତ୍ର ବନ୍ଧାବନ୍ଧି କଲୁ ମୁଁ ଆଉ ମାଆ ମିଳିମିଶି । ତା’ର ସାତ-ଆଠ ଜଣ ଅନ୍ତରଙ୍ଗ ବନ୍ଧୁ ଏକଜୁଟ ହୋଇଗଲେ ସେତେବେଳେ । ସେମାନଙ୍କ ସହ ଅନ୍ୟମାନଙ୍କୁ ବ୍ୟଞ୍ଜନ ଖୁଆଇଲେ ବାପା । ଆମକୁ ଯିବାକୁ ପଡିଥିଲା ପୁନେ ପର୍ଯ୍ୟନ୍ତ । ମାଆ ମଧ୍ୟ ସଅଳ ବ୍ୟଞ୍ଜନ ବନେଇ ସାରିଥିଲା ସେଥିପାଇଁ । ମୁଁ ପ୍ରଥମ ଥର ପାଇଁ ପାଦ ଥାପିଥିଲି ମଣିପାଲ ଭଳି ସ୍ଥାନରେ ।

ସେଠିକାର ରମଣୀୟ ଦର୍ଶନୀୟ ସ୍ଥାନଗୁଡିକ, ମନୋରମ ସମୁଦ୍ର ବେଳାଭୂଇଁ ତଥା ସୁନ୍ଦର କାରୁକାର୍ଯ୍ୟ ସମ୍ପନ୍ନ ଶୋଭାବନ୍ତ ମନ୍ଦିର ଓ ଚିତ୍ତାକର୍ଷକ ପର୍ଯ୍ୟଟନସ୍ଥଳୀ ସବୁ ଦେଖିବାର ଥିଲା । ମୁଁ ଯେମିତି କାର୍‌ରେ ବସିଛି ଅଧକ୍ଷ ସାର୍‌ଙ୍କ ଅଫିସ୍ ଆଡକୁ ନେଇ ଯିବାପାଇଁ ବାପା ଇସାରା କଲେ ଡ୍ରାଇଭରକୁ । ଆମେ ମନେ ମନେ ବାପାଙ୍କ ଉପରେ ଖପ୍ପା ହେଉଥିଲୁ ଏଇଥିପାଇଁ ଯେ ଏବେ ଆମେ ଘରଆଡେ ବାହାରି ଯିବାଟା

**ଅନୁବାଦ ଗଳ୍ପ**

ବିଳମ୍ବ ହୋଇଯିବ । ଆମେ ପ୍ରିନ୍‌ପାଲ ସାରଙ୍କ ପ୍ରକୋଷ୍ଠ ଭିତରକୁ ପ୍ରବେଶ କରିବା ମାତ୍ରେ ବାପା ବିନମ୍ରତାର ସହ ଯୋଡହସ୍ତରେ ତାଙ୍କୁ ଲକ୍ଷ୍ୟ କରି କହିଲେ- ଆଜି ମୁଁ ମୋ ପୁଅକୁ ଫେରାଇ ନେବାକୁ ଆସିଚି, ଆପଣଙ୍କୁ ସୌଜନ୍ୟ ଦୃଷ୍ଟିରୁ ସାକ୍ଷାତକରି ଧନ୍ୟବାଦ ଦେବାକୁ ଇଚ୍ଛା କରୁଚି । ଆପଣ ମୋ ପୁଅକୁ ଉତ୍ତମ ଶିକ୍ଷା ପ୍ରଦାନ କରି ତାକୁ ସମ୍ଭାଳିଲେ ପାଞ୍ଚବର୍ଷ ପର୍ଯ୍ୟନ୍ତ । ଆପଣଙ୍କୁ ଭରସି ମୁଁ ପୁନେରେ ଶୋଇ ପାରିଲି ନିଶ୍ଚିନ୍ତ ନିଦରେ । ମୁଁ ଆଉ ମୋର ପରିବାର ଆପଣଙ୍କୁ ଧନ୍ୟବାଦ ଦେଉଛନ୍ତି । ଅଧ୍ୟକ୍ଷ ମହାଶୟ ଆନନ୍ଦରେ କୁରୁଳି ଉଠିଲେ । ଗଦ୍‌ଗଦ୍ ସ୍ୱରରେ କହିଲେ -ମୁଁ ଆଜି ଆପଣଙ୍କୁ ଭେଟି ଆହ୍ଲାଦରେ ଆତ୍ମହରା

**କେହି ତୁମକୁ ପ୍ରଚୁର ଟଙ୍କା ଦାନକରି ସହାୟତାର ହସ୍ତ ପ୍ରସରିଲେ, ଉତ୍କଟ ରୋଗ ବ୍ୟାଧିଗ୍ରସ୍ତ ହେଲେ ତୁମକୁ ଯଥୋଚିତ ଶୁଶ୍ରୂଷା କରିବା ନିମନ୍ତେ ସୁବନ୍ଦୋବସ୍ତ କଲେ ଅଥବା ତୁମର ଘରର ଚାବି ମଧ ସମ୍ଭାଳି କରି ରଖିଲେ ତାଙ୍କୁ ଧନ୍ୟବାଦ ଦେବାକୁ କେବେ ବି ବିସୋରି ଯିବନାହିଁ ।**

ହୋଇ ଯାଇଛି । କେତେ କେତେ ଛାତ୍ରଛାତ୍ରୀ ମୋର ଏଇ ଶିକ୍ଷାନୁଷ୍ଠାନରୁ ପାସ୍‌କରି ଯାଆନ୍ତି, ପ୍ରାରମ୍ଭରେ ସେମାନଙ୍କୁ ଏଇଠି ଛାଡିଦେଇ ଯିବାବେଳେ ଅଧିକାଂଶ ଅଭିଭାବକ ମତେ ଭେଟନ୍ତି, କିନ୍ତୁ ଆପଣ ଏମିତି ଜଣେ ପ୍ରଥମ ବ୍ୟକ୍ତି ଯିଏ କି ଏଠୁ ପ୍ରସ୍ଥାନ କରିବା ସମୟରେ ମତେ ଧନ୍ୟବାଦ ଦେଇକରି ଯାଉଛନ୍ତି ।

ଅଧକ୍ଷ ସାର୍‌ଙ୍କ ଅଫିସରୁ ବାହାରି ଆସିବା ପରେ ବାପା କହିଲେ -ଜୀବନରେ ଗୋଟେ କଥା ପ୍ରତି ତୀକ୍ଷ୍ଣ ନିଘା ରଖିବା ନିହାତି ଆବଶ୍ୟକ । ଆପଣା କର୍ମ ନିଷ୍ପାଦନ ହେବା ପରେ ସାମନାବାଲାଙ୍କୁ ଧନ୍ୟବାଦ ଦେଇ କୃତଜ୍ଞତା ଜ୍ଞାପନ କରିବା ଏକାନ୍ତ ଜରୁରୀ । କେହି ତୁମକୁ ପ୍ରଚୁର ଟଙ୍କା ଦାନକରି ସହାୟତାର ହସ୍ତ ପ୍ରସରିଲେ, ଉତ୍କଟ ରୋଗ ବ୍ୟାଧିଗ୍ରସ୍ତ ହେଲେ ତୁମକୁ ଯଥୋଚିତ ଶୁଶ୍ରୂଷା କରିବା ନିମନ୍ତେ ସୁବନ୍ଦୋବସ୍ତ କଲେ ଅଥବା ତୁମର ଘରର ଚାବି ମଧ୍ୟ ସମ୍ଭାଳି କରି ରଖିଲେ ତାଙ୍କୁ ଧନ୍ୟବାଦ ଦେବାକୁ କେବେ ବ ପାଶୋରି ଯିବନାହିଁ । ବାପା ଆର ପାରିକି ଚାଲିଯିବାର ଆଜକୁ ତିନବର୍ଷ ହୋଇଗଲାଣି, କିନ୍ତୁ ତାଙ୍କ ପ୍ରଦତ୍ତ ଶିକ୍ଷାକୁ ମୁଁ ଗଣ୍ଠିଧନ କରି ମନ ଭିତରେ ସଞ୍ଚୟ କର ରଖିଚି । ତାଙ୍କ ଉପଦେଶକୁ ସର୍ବଦା ମନେରଖି କାମରେ ରୂପାୟନ କରିବାକୁ ଜମାରୁ ଭୁଲିଯାଏନି । ସାମନାବାଲା ପ୍ରତି ମୋ ମନରେ ଭରିଯାଏ କୃତଜ୍ଞତା । ମୋର ଧନ୍ୟବାଦ ଜ୍ଞାପନ ପଶ୍ଚାତ୍ ସାମନାବାଲା ମୁହଁରେ ଯୋଉ ମୁରୁକି ହସ ଉକୁଟି ଆସେ, ତାହା କୌଣସି ଆଶୀର୍ବାଦରୁ କମ୍ ନୁହେଁ ।

**ପ୍ରାକ୍ତନ ଅତିରିକ୍ତ ଶାସନ,ସଚିବ, ଓଡ଼ିଶା ସରକାର,ଓସ୍କାରସିଟି, ଲେନ ନଂ-୯, ପ୍ଲଟ ନଂ-୪୫୬, ଭୁବନେଶ୍ୱର**

# ରୁଲ କର୍ଭ ଖୋଲାଖୋଲି ଉଲ୍ଲଙ୍ଘନ: ବିପଦରେ ହୀରାକୁଦ ନଦୀବନ୍ଧ !



ସମ୍ବଲପୁର,(ସବ୍ୟୁ): ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଓ ଜଳ ପ୍ରବାହକୁ ଦୃଷ୍ଟିରେ ରଖି ହୀରାକୁଦ ଡ୍ୟାମର ୨୨ଟି ଗେଟ୍ ଖୋଲା ଯାଇଛି । ଫଳରେ ୩ଲକ୍ଷ୮ ୬ହଜାର୪୨୧ଘନଫୁଟ ଜଳ ନିଷ୍କାସିତ ହେଉଛି । ଏହା ତଳମୁଣ୍ଡରେ ବନ୍ୟା ପରିସ୍ଥିତିକୁ ଅଧିକ ଜଟିଳ କରୁଛି । ଏଭଳିସ୍ଥଳେ ହୀରାକୁଦ ଡ୍ୟାମର ଜଳ ପରିଚାଳନା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରୁଲ କର୍ଭକୁ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ କରାଯାଇଥିବା ଅଭିଯୋଗ ହେଉଛି । ଜୁଲାଇ ଶେଷ ସୁଦ୍ଧା ଜଳସ୍ତର ୬୧୧ଫୁଟ ରହିବାର ନିୟମ ରହିଛି । ମାତ୍ର ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରେ ୬୨୫.୨୧ଫୁଟ ପାଣି ରହିଛି । ରୁଲ କର୍ଭକୁ ଅଣଦେଖା କରି ମନଇଚ୍ଛା ଜଳସ୍ତର ବୃଦ୍ଧି କରାଯାଇଛି । ଏହା ମାଟିବନ୍ଧ ପ୍ରତି ବିପଦ ସୃଷ୍ଟି କରୁଥିବା ଆଶଙ୍କା କରାଯାଉଛି । ଡ୍ୟାମରେ ନିୟମ ଠାରୁ ଅଧିକ ଜଳ ରହିଥିବା ବେଳେ ଉପର ମୁଣ୍ଡରୁ ହଠାତ୍ ପାଣି ଆସିବାରୁ ଏକାସଙ୍ଗେ ଅଧିକ ଗେଟ୍ ଖୋଲା ଯାଇଛି । ଏଥିଯୋଗୁଁ ରୁଲ କର୍ଭ ଉଲ୍ଲଙ୍ଘନ ସହ ବନ୍ୟା ପରିସ୍ଥିତି ଉପୁଜିଛି ।

ଏସିଆର ସର୍ବବୃହତ୍ ନଦୀବନ୍ଧ ହୀରାକୁଦର ଜଳ ପରିଚାଳନା ପାଇଁ ଏକ ନିର୍ଦ୍ଦିଷ୍ଟ ନିୟମ ରହିଛି । ବର୍ଷର ବିଭିନ୍ନ ସମୟରେ ବନ୍ଧରେ କେତେ ପାଣି ଓ କେତେ ଖାଲି ରହିବ ତାହା ସମ୍ପର୍କରେ ଉଲ୍ଲେଖ ରହିଛି । ଏହାକୁ ରୁଲ କର୍ଭ କୁହାଯାଏ । ହୀରାକୁଦ ଡ୍ୟାମର ଜଳସ୍ତର ରୁଲ କର୍ଭ ଠାରୁ ଅଧିକ ହେଲେ ବନ୍ଧର ସୁରକ୍ଷା ପାଇଁ ଗେଟ୍ ଖୋଲି ଅତିରିକ୍ତ ପାଣି ଛଡାଯାଏ । ଜୁଲାଇ ଶେଷ ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ଠାରୁ ଅଧିକ୧୪ଫୁଟ ଉପରେ ପାଣି ରହିଛି । ଏଥିରୁ ସ୍ପଷ୍ଟ ଯେ, ହୀରାକୁଦ ବନ୍ଧର ସୁରକ୍ଷା ଓ ତଳମୁଣ୍ଡରେ ବନ୍ୟା ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ତିଆରି ହୋଇଥିବା ନିୟମକୁ କର୍ତ୍ତୃପକ୍ଷ ଆଉ ଗୁରୁତ୍ୱର ସହ ନେଉଥିବା ଜଣାପଡିଛି । ଫଳରେ ବନ୍ଧ ଉପରେ ଅତିରିକ୍ତ ବୋଝ ପଡୁଛି । ଚଳିତବର୍ଷ ବନ୍ଧ ସୁରକ୍ଷା ଅପେକ୍ଷା ତଳମୁଣ୍ଡରେ ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଗେଟ୍ ପରିଚାଳନା ନିଷ୍ପତି ନିଆଯାଇଥିବା ଅନୁମାନ କରାଯାଉଛି । ଯଦି ଏଭଳି କରାଯାଇଥାଏ ତେବେ ମାଟିବନ୍ଧର ସୁରକ୍ଷାକୁ ଯଥେଷ୍ଟ ଗୁରୁତ୍ୱ ଦେଇ ଜଳଭଣ୍ଡାରକୁ ଖାଲି କରିବାର ଆବଶ୍ୟକତା ରହିଛି । ଏ ସମ୍ପର୍କରେ ହୀରାକୁଦ ବନ୍ଧ ମୁଖ୍ୟଯନ୍ତ୍ରୀ ଇଂ. ପ୍ରତାପ ଚନ୍ଦ୍ର ଚୌଧୁରୀଙ୍କୁ ପଚାରିବାରୁ ଜଳସ୍ତର ଅଗଷ୍ଟ ୧୦ସୁଦ୍ଧା ୬୧୫ଫୁଟ୍ ରହିବାର ନିୟମ ରହିଛି । ଏହାକୁ ଦୃଷ୍ଟିକୁ ରଖି ଆସନ୍ତା ୩ଦିନ ମଧ୍ୟରେ ଡ୍ୟାମର ଜଳସ୍ତରକୁ ରୁଲ କର୍ଭ ମୁତାବକ ରଖିବାକୁ ଉଦ୍ୟମ କରାଯାଉଛି ବୋଲି କହିଛନ୍ତି ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



କରଞ୍ଜିଆ, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକର କୁଲିପୋଷି ପଂଚାୟତ ଅନ୍ତର୍ଗତ ସ୍ଥାନୀୟ କାଡଡିହା ସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଉଦେଶ୍ୟରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଦାୟକାଳୀନ ସଭା ଅନୁଷ୍ଠାନର ବରିଷ୍ଠ ଅଧ୍ୟାପକ ତଥା ପରବର୍ତ୍ତୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଥିବା ତପନ କୁମାର ବେହେରାଙ୍କ ସଭାପତିତ୍ୱରେ ସମ୍ପାଦିତ ହୋଇଥିଲା । ଏହି ସଭାରେ ମଂଚାସୀନ ଅତିଥି ଭାବେ ବରିଷ୍ଠ ଓକିଲ ତଥା ପରିଚାଳନା କମିଟିର ପୂର୍ବତନ ସଦସ୍ୟ କୈଳାସ ଚନ୍ଦ୍ର ମହାନ୍ତ, ଅନୁଷ୍ଠାନର ଶିକ୍ଷା ବିଭାଗର ପୂର୍ବତନ ଅଧ୍ୟାପକ ବ୍ରଜମୋହନ ସାହୁ, ରାଜନୀତି ବିଜ୍ଞାନ ର ବରିଷ୍ଠ ଅଧ୍ୟାପକ ଜନ୍ମେଜୟ ଶତପଥି, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଭାଗବତ ଲେଙ୍କା ଯୋଗଦାନ କରି ଡ଼ଃ ଜ୍ୟୋର୍ତିମୟୀ ତ୍ରିପାଠୀଙ୍କ କର୍ମମୟ ତଥା ଉତ୍ସର୍ଗୀକୃତ ଜୀବନୀ ସମ୍ପର୍କରେ ସ୍ମୃତିଚାରଣ କରିବା ସହିତ ତାଙ୍କର ଆଗାମୀ କର୍ମମୟ ଜୀବନୀ ଉଜ୍ଜ୍ୱଳମୟ ହେଉ ବୋଲି ଆଶାପ୍ରକାଶ କରିଥିଲେ । ଡ଼ଃ ଜ୍ୟୋର୍ତିମୟୀ ତ୍ରିପାଠୀ ତାଙ୍କ ଅବସରକାଳୀନ ବକ୍ତବ୍ୟରେ ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କୁ ତାଙ୍କ କାର୍ଯ୍ୟକାଳ ସମୟରେ ସହଯୋଗ କରିଥିବାରୁ ଧନ୍ୟବାଦ ପ୍ରଦାନ କରିବା ସହିତ ଅନୁଷ୍ଠାନର ଗର୍ବ ଓ ଗୌରବ ବୃଦ୍ଧି କରିବାପାଇଁ ନିରନ୍ତର ଉଦ୍ୟମ ଜାରି ରଖିବେ ବୋଲି ଆଶା ବ୍ୟକ୍ତ କରିଥିଲେ ।ଏହି ସଭାରେ ଅନ୍ୟ ସମସ୍ତ ଅଧ୍ୟାପକ ଯଥା, ଡ଼ଃ ମନୋଜ ସାମଲ,ଜ୍ୟୋର୍ତିମୟ ଦାସ ବନମାଳୀ ମହାନ୍ତ,ଅଯୋଧ୍ୟା ନାଥ ମହାନ୍ତ, ଧରଣୀଧର ତ୍ରିପାଠୀ, ରମାକାନ୍ତ ପାଢ଼ୀ,ଅଧ୍ୟାପିକା ଯଶୋଦା ରାଉତ, ମିତାରାଣୀ ମହାରଣା, ଇଂିତା ବେହେରା,ଓ ଅନ୍ୟାନ୍ୟ ଅଣ - ଶିକ୍ଷକ କର୍ମଚାରୀ ତଥା ନିମନ୍ତ୍ରିତ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦାନ କରି ଡ଼ଃ ଜ୍ୟୋର୍ତିମୟୀ ତ୍ରିପାଠୀଙ୍କ କର୍ମମୟ ଜୀବନ ର ସ୍ମୃତି ଚାରଣ କରିଥିଲେ । ପରିଶେଷରେ ଓଡ଼ିଆ ଅଧ୍ୟାପକ ରଞ୍ଜନ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅର୍ଥ ହେରଫେର, ପୂର୍ବତନ ବିଇଓ ଗିରଫ

ବାଲେଶ୍ୱର,(ସବ୍ୟୁ): ବାଲିଆପାଳ ବ୍ଲକର ପୂର୍ବତନ ଶିକ୍ଷାଧିକାରୀ (ବିଇଓ) ତଥା ଏ/ପି ଜୁନିୟର ଆସିଷ୍ଟାଣ୍ଡ ଦେବଦ୍ୟୁତି ନନ୍ଦଙ୍କୁ ଅର୍ଥ ହେରଫେର ମାମଲାରେ ଭିଜିଲାନ୍ସ ଗରିଫ କରିଛି । ସୂଚନାରୁ ପ୍ରକାଶ ୨୦୨୨-୨୦୨୬ମସିହା ମଧ୍ୟରେ ଶ୍ରୀ ନନ୍ଦ ବିଇଓ ଥିବା ସମୟରେ ସରକାରୀ ଅର୍ଥ ପ୍ରାୟ ୩୬ଲକ୍ଷ ୩୨ହଜାର ୬ଶହ ୮ଟଙ୍କା ମରାମତି ବାବଦରେ ଆସିଥିବା ଟଙ୍କାକୁ ଟଂଚକତା କରି ହେରଫେର କରିଥିବାର ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ ଭିତ୍ତି କରି ଜିଲ୍ଲା ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଶନିବାର ଶ୍ରୀ ନନ୍ଦଙ୍କୁ ଗିରଫ କରାଯାଇଛି ।

# ସାର ଚୋରା ଚାଲାଣ : ଗାଡ଼ି ଜବତ

ନାଉଗାଁ,(ସବ୍ୟୁ): ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ନାଉଗାଁ ବଜାରରେ ଶନିବାର ସଂଧ୍ୟାରେ ଏକ ପିକ ଅପ ଭ୍ୟାନରେ ବୋଝେଇ ହୋଇଥିବା ସାର ଗାଡ଼ିକୁ ନାଉଗାଁ ପୋଲିସ ଜବତ କରିଛି । ସାର ପରିବହନ କରି ଆଣିଥିବା ଗାଡ଼ି ଚାଳକ ସଠିକ କାଗଜପତ୍ର ଦେଖାଇ ନପାରିବାରୁ ଥାନା ଅଟକ ରହିଥିବା ଜଣାଯାଇଛି । ଏହି ଘଟଣାକୁ ନେଇ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ନାଉଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଛି । ସୂଚନା ମୁତାବକ ଖରିଫ ଧାନ ଚାଷ କାର୍ଯ୍ୟ ଜାରି ରହିଛି । ଚାଷୀ ଧାନ ରୁଆ ଆରମ୍ଭ କରିଥିବା ବେଳେ ବିଭିନ୍ନ ରସାୟନିକ ସାର ବିଲରେ ପ୍ରୟୋଗ କରିବା ପାଇଁ ପ୍ରାଥମିକ କୃଷି ସେବା ସମବାୟ ସମିତି ଓ ସରକାରୀ ଫଂଜିକୃତ ବେସରକାରୀ ସାର ଦୋକାନ ଉପରେ ନିର୍ଭର କରୁଛି । ଆବଶ୍ୟକ ମୁତାବକ ସାର ମିଳୁ ନଥିବା ବେଳେ କିଛି ଅସାଧୁ ସାର ବ୍ୟବସାୟୀ ବାହାର ଜିଲ୍ଲାରୁ ସାର ଆଣି ଏଠାରେ କଳା ବଜାରରେ ଚଢା ଦରରେ ବିକ୍ରୀ କରୁଛନ୍ତି । ସରକାରୀ ଦର ଠାରୁ ପ୍ରାୟ ୨ଗୁଣା ଅଧିକ ମୂଲ୍ୟରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୮ ଲକ୍ଷ...

ଉପରେ ତାଙ୍କର ସମ୍ପୂର୍ଣ୍ଣ ନଜର ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୁରୀ ଜିଲ୍ଲାର ବନ୍ୟା ପରିସ୍ଥିତି ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖାଯାଇଛି । ଚଳିତ ବନ୍ୟାରେ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ବନ୍ୟା ଦ୍ୱାରା ପ୍ରଭାବିତ ୨.୬୯ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ଉଦ୍ଧାର କାର୍ଯ୍ୟରେ ୧୭ଟି, ୭ଟି ଏବଂ ୧୨୯ଟି ଅଗ୍ନିଶମ ଓ ଜରୁରୀ ସେବାଦଳ ସାମିଲ ଅଛନ୍ତି । ୭୦୦ଟି ଆଶ୍ରୟ ସ୍ଥଳ ଓ ରିଲିଫ କ୍ୟାମ୍ପରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ରହିବା, ଶୁଖିଲା ଓ ରନ୍ଧାଖାଦ୍ୟ ବ୍ୟବସ୍ଥା, ପିଇବା ପାଣି ଓ ଡାକ୍ତରୀ ସେବାର ବ୍ୟବସ୍ଥା କରାଯାଇଛି । ଏ ସମସ୍ତ ଜିଲ୍ଲା ଗୁଡିକରେ ବରିଷ୍ଠ ଅଧିକାରୀମାନେ କ୍ଷେତ୍ର ସ୍ତରରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି ବୋଲି ସେ କହିଥିଲେ । ବନ୍ୟା ପ୍ରପୀଡିତଙ୍କ ସହାୟତା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୨୬ କୋଟି ଟଙ୍କା ପ୍ରଦାନ କରାଯାଇଛି । କ୍ଷତିଗ୍ରସ୍ତ ପରିବାରମାନଙ୍କୁ ପଲିଥିନ, ଶୁଖିଲା ଓ ରନ୍ଧାଖାଦ୍ୟ, ପିଇବା ପାଣି ଓ ଔଷଧ ଆଦି ଯୋଗାଇଦିଆଯାଉଛି । କ୍ଷତିଗ୍ରସ୍ତ ରାସ୍ତାଗୁଡିକୁ ମଧ୍ୟ ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପ୍ରକାଶ କରି ବନ୍ୟା ପରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଯେପରି ନଉପୁଜେ ସେଥିପାଇଁ ମଧ୍ୟ କଡା ନଜର ରଖାଯାଇଛି । ସରକାରଙ୍କ ପକ୍ଷରୁ ଉପଯୁକ୍ତ ସମୟରେ ସୂଚନା ପ୍ରଦାନ ଓ ଉଚିତ ପଦକ୍ଷେପ ଯୋଗୁ ବନ୍ୟାଜନିତ ବଡ କ୍ଷୟକ୍ଷତିକୁ ରୋକାଯାଇ ପାରିଛି ବୋଲି ସେ କହିଥିଲେ ।

### ୪ ମନ୍ତ୍ରୀଙ୍କୁ...

କେନ୍ଦ୍ରାପଡ଼ା ଓ ଜଗତସିଂହପୁର, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପୁରୀ ଜିଲ୍ଲା ଏବଂ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଛି । ଏହାସହିତ ଅନ୍ୟମନ୍ତ୍ରୀମାନେ ପ୍ରଭାରୀ ମନ୍ତ୍ରୀ ଭାବେ ନିଜ ନିଜ ଜିଲ୍ଲା ଗସ୍ତ କରି ସେଠାରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିବେ ।

### ୬୨୪ କୋଟିରୁ...

ଲୋକପ୍ରିୟକରଣକୁ ମଞ୍ଜୁରୀ ମିଳିଛି । ଏହି ଯୋଜନାକୁ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏଥିଲାଗି ୨୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ୩ ଲକ୍ଷ ୭୯ ହଜାର କୃଷକ ଉପକୃତ ହେବେ । ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨-୦କୁ ମନ୍ତ୍ରୀ ମଣ୍ଡଳ ଅନୁମୋଦନ କରିଛନ୍ତି । ଆଗାମୀ ୫ ବର୍ଷ ପାଇଁ ଏହି ଯୋଜନାରେ ୧୯ ଜିଲ୍ଲାର ୨୩ ଆଇଟିଡିଏ, ୨୦ ଏମପିଏ ମାଧ୍ୟମରେ ୧୩୪ ବ୍ଲକରେ କାର୍ଯ୍ୟକାରୀ ହେବ । ଏହି କାର୍ଯ୍ୟକ୍ରମ ପାଇଁ ସରକାର ୨୯୫୫ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । ପ୍ରତ୍ୟେକ ପରିବାରକୁ ୩୦ ହଜାର ଟଙ୍କାର ଅନୁଦାନ ରାଶିକୁ ଦୁଇଟି ସମାନ କିସ୍ତିରେ ପ୍ରଦାନ କରାଯିବ । ସେହିଭଳି ସହରାଞ୍ଚଳରେ ୨୦୨୯ ସୁଧା ସମସ୍ତ ଯୋଗ୍ୟ ପରିବାରକୁ ସାର୍ବଜନୀନ ଗୃହ ଯୋଗାଇବା ପାଇଁ ପିଏମଏୱାଇ ବନ୍ଧୁ ଯୋଜନାକୁ ମଞ୍ଜୁରୀ ମିଳିଛି । ସମସ୍ତଙ୍କ ପାଇଁ ଓଡ଼ିଶା ଗୃହ ନିର୍ମାଣ ନୀତିର ପରିକଳ୍ପନା କରାଯାଇଛି । ଏହି ଯୋଜନାରେ ୪ଟି ମୁଖ୍ୟ ଉପାଦାନ ରହିଛି । ୨୦୨୯ ସୁଧା ୧୬୧୫ କୋଟି ଟଙ୍କାର ଏକ ଯୋଜନା ପ୍ରସ୍ତୁତ କରାଯାଇଛି । ଓଡ଼ିଶା ରାଜ୍ୟ ବିଧି ସେବା କ୍ୟାଡର ନିୟମାବଳୀ ୨୦୨୬କୁ ଅନୁମୋଦନ କରାଯାଇଛି ।

### ଏସଆଇଆର ...

୨୦୨୬ ପର୍ଯ୍ୟନ୍ତ ଚାଲିବ । ଏହା ପରେ ୨୧ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଏହି ବର୍ଦ୍ଧିତ ସମୟସୀମାର ସୁଯୋଗ ନେଇ ନିଜ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା କିମ୍ବା ଆବଶ୍ୟକ ସଂଶୋଧନ କରାଇବା ପାଇଁ ଆହ୍ୱାନ ଜଣାଇଛନ୍ତି ।


**AFFIDAVIT**

I, Sunil Kumar Agarwal, S/O- Tulsi Ram Agarwalla, resident of Ward No.-05, Badabazar, Infront of M.P.C Junior College, Baripada, Dist.- Mayurbhanj, Odisha, Pin- 751001 declare by this affidavit No.- Vol.- 107, Sl No.-11, Dtd.-31.07.2026 that now onwards I shall be known as **Sunil Kumar Agarwalla** for all future purposes.
Sd/- Sunil Kumar Agarwalla

**AFFIDAVIT**

I, Sunita Murarka, W/O- Sunil Kumar Agarwalla, resident of M.P.C College Front, Baripada, Dist.- Mayurbhanj, Odisha, Pin- 751001 declare by this affidavit No.- Vol-107, Sl. No.-12, Dtd.- 31.07.2026 that now onwards I shall be known as **Sunita Agarwal**.
Sd/- Sunita Agarwal

Email: oritourpuri@gmail.com Tel No 06752 - 222664
37001/38/2627
**GOVERNMENT OF ODISHA**
**TOURISM DEVELOPMENT OFFICE, PURI**
**Corrigendum No. 1577/TDO dtd. 31.07.26**

Corrigendum-Cum-Clarification Notice related to RFP No.1425/TDO Dated: 02.07.2026 are uploaded in the Puri District Website - **https:// puri.odisha.gov.in.**

Sd/-
Asst. Director, Tourism
OIPR : 37001/37008/1/26-27/0002

7001/83/2627
**Office of the CSO-cum-District Manager**
**Odisha State Civil Supplies Corporation Ltd.,**
**Dhenkanal District**
E Mail- dhe.districtmanager@gmail.com
**Tender No. 1229 / Date : 30.07.2026**

Online tenders are invited from eligible bidders for selection and appointment of transport contractors for transportation of paddy from paddy purchase centers (PPC) to Rice Mills (within district or outside district) during the KMS: 2026-27.

| | | |
|---|---|---|
| 1 | Name of the Work | Selection and appointment of Transport Contractors in different blocks for Transportation of paddy from paddy purchase centers (PPC) to rice mills during the KMS: 2026-27. |
| 2 | Availability of Bid document in the Portal | From Dt. 01.08.2026 |
| 3 | Last date/Time for receipt of bids in the portal | Dt.17.08.2026 up to 5.00 P.M |
| 4 | Date/Time of Opening of Technical Bid | Dt.18.08.2026 at 11.00 A.M |
| 5 | Name and address of the Office Inviting Tender | CSO-cum-District Manager, OSCSC Ltd., Dhenkanal Mahisapat, Dhenkanal |

Tender Documents & Other details can be seen from the e-procurement portal i.e **www.tendersodisha.gov.in.**

Sd/- CSO-cum-Djstrict Manager
OSCSC Limited.,Dhenkanal

**Office of the CSO-cum-District Manager**
**Odisha State Civil Supplies Corporation Ltd.,**
**Dhenkanal District**
E Mail- dhe.districtmanager@gmail.com
**Tender No. 1230 / Date : 30.07.2026**

Online tenders are invited from eligible bidders for selection and appointment of transport contractors for transportation of CMR (Custom Milled Rice) from Rice Mill points to Rice Receiving Centers (RRCs)/ Depots (within district or outside district) during the KMS: 2025-26 & 2026-27.

| | | |
|---|---|---|
| 1 | Name of the Work | Selection and appointment of **Transport Contractors** in different blocks for Transportation of CMR from Rice Mill Point to Rice Receiving Centers (RRCs)/Depots during the KMS : 2025-26 & 2026-27 |
| 2 | Availability of Bid document in the Portal | From Dt. 01.08.2026 |
| 3 | Last date/Time for receipt of bids in the portal | Dt.17.08.2026 up to 5.00 P.M |
| 4 | Date/Time of Opening of Technical Bid | Dt.18.08.2026 at 11.00 A.M |
| 5 | Name and address of the Office Inviting Tender | CSO-cum-District Manager, OSCSC Ltd., Dhenkanal Mahisapat, Dhenkanal |

Tender Documents & Other details can be seen from the e-procurement portal i.e **www.tendersodisha.gov.in.**

Sd/- CSO-cum-Djstrict Manager
OSCSC Limited.,Dhenkanal
OIPR : 7001/7005/1/26-27/0001

**AFFIDAVIT**

By virtue of an affidavit sworn before Notary Public .Kendrapara , dated 29/06/2026 I, Sarbeswar Pradhan, S/o Babaji Charan Pradhan, At-Khamarbelarapa, Po-Sahaniajpur, PS-Derabish, Dist-Kendrapara, Pin-754207 declare that I have changed my son's name from Siba Prasad Pradhan to Lokanath Pradhan. Henceforth, he shall be known as Lokanath Pradhan for all purposes.
Sd/- Sarbeswar Pradhan

**AFFIDAVIT**

By virtue of an affidavit sworn before Notary Public, Kendrapara, 29/06/2026 I, Samir Ranjan Sahoo, S/o-Gangadhar Sahoo, At-Sardola, Po-Tirtol, PS-Tirtol, Dist-Jagatsinghpur, Pin-754136 declare that I have changed my name from Rashmi Ranjan Sahoo to Samir Ranjan Sahoo. Henceforth, I shall be known as Samir Ranjan Sahoo for all purposes.
Sd/- Samir Ranjan Sahoo

**AFFIDAVIT**

By virtue of an affidavit sworn before Notary Public, Kendrapara, 29/06/2026 I, Dipa Malik, W/o-Fakir Malik Vill-Dakhyabramhapur, Po-Danpur, PS-Kendrapara Sadar, Dist-Kendrapara Pin-754210, D declare that I have changed my name from Farida Shekt to Dipa Malik. Henceforth, I shall be known as Dipa Malik for all purposes.
Sd/- Dipa Malik

**AFFIDAVIT**

By virtue of an affidavit sworn before the Notary Public, Cuttack Dated: 16-05-2025. I AJIT BARDHAN, At-Plot NO-G/879/24, CDA, Sector-6, PO/PS- Markat Nagar, Dist-Cuttack-753014, declare that I have changed my name from AJIT SAHOO to AJIT BARDHAN. Henceforth I shall be known as AJIT BARDHAN for all purpose.

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1376/2627
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା: ୧୬୨ **ବିଜ୍ଞାପନ** ତା : ୨୦.୦୭.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗତ ବିଶ୍ୱନାଥ ମହାନ୍ତ, ପିତା-ସ୍ୱର୍ଗତ ଗୁହିରାମ ମହାନ୍ତ, ସା-ସାଣ୍ଡିଆବୁରୁ, ପୋ-ବୁରୁଡିହି, ଥାନା- ଖରସୁଆଁ, ଜିଲ୍ଲା-ସିଂହଭୂମ୍ (ବିହାର) | ଏମ୍ଆଇଜି-୧-୨୦୧ (MIG-I-201) କମ୍ପୋଜିଟ ହାଉସିଂ ସ୍କିମ୍ ଛେଣ୍ଡ, ଫେଜ୍-୨ ରାଉରକେଲା | ୧. ମାୟାମତି ମହାନ୍ତ (ସ୍ତ୍ରୀ) ୨. ରମାମଣି ମହାନ୍ତ (ବି.କନ୍ୟା) ୩. ସୁମିତ୍ରା ମହାନ୍ତ (ବି.କନ୍ୟା) ୪. ସୁନିତା ମହାନ୍ତ (ବି.କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0175

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1370/2627
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org.

ପତ୍ର ସଂଖ୍ୟା: ୮୬ **ବିଜ୍ଞାପନ** ତା : ୧୨.୦୬.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-ସ୍ୱର୍ଗତ ସୟଦ ଅଫସର, ପିତା- ସ୍ୱର୍ଗତ ଏସ.ଅଖତାର ଅବାସ୍ ସା/ପୋ/ଥାନା/ଜିଲ୍ଲା-ଲକ୍ଷ୍ନୌ ଉତ୍ତରପ୍ରଦେଶ | ଘର ନଂ. ଏଚ.ଆଇ.ଜି(ଡି)-୨୩ (HIG(D)-23) ଷ୍ଟିପଲ୍ୟାଣ୍ଡ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଜିଲ୍ଲା-ଖୋର୍ଦ୍ଧା | ୧. ସମର ଅବାସ (ପୁତ୍ର ୨. ରନ୍ନୀ ଅବାସ (ସ୍ତ୍ରୀ) ୩. ଇମ୍ନି ଅବାସ (ବି.କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0170

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1371/2627
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୫୮ **ବିଜ୍ଞାପନ** ତା : ୧୭.୭.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାଲିଆ, ବାଲେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ-ଏଲ୍-୩୩ (L-33) କୁ ଶ୍ରୀ ଶ୍ରୀଧର ନାୟକ, ପି- ସ୍ୱର୍ଗତ ଅନନ୍ତ ନାୟକ, ଗ୍ରା/ପୋ-ନରସିଂହପୁର, ଥାନା- ରାଜ ନୀଳଗିରି, ଜି-ବାଲେଶ୍ୱରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଶ୍ରୀଧର ନାୟକ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ବିଶ୍ୱଜିତ୍ ନାୟକ, ପି-ଶ୍ରୀ ବଂଶୀଧର ନାୟକ, ଗ୍ରା/ପୋ-ନରସିଂହପୁର, ଥାନା-ରାଜ ନିଳଗିରି, ଜି-ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0171

1001/121/2627
**GOVERNMENT OF ODISHA : OFFICE OF THE EXECUTIVE ENGINEER OF HORTICULTURE (NORTHERN ZONE),**
AT/PO- FARM ROAD, SAMBALPUR-768002 (email: eenzsbp@gmail.com)
Notice No.: 1301 / EE / Hort / NZ Dated 29-07-2026
**Bid Identification No. 02 / Hort. / NZ / 2026-27 Dt. 29-07-2026**

| | | | |
|---|---|---|---|
| 01 | Total Nos. of works | : | Ten |
| 02 | Estimated cost | : | Rs. 1000031.57/- to Rs. 4169327.16/- |
| 03 | Period of completion | : | 90 days to 120 days |
| 04 | Date & Time of availability of bid document in the portal | : | From 10.00 Hrs. of 05-08-2026 to 17.00 Hrs. of 17-08-2026 |
| 05 | Last date & time of dropping of copies of uploaded documents, draft, affidavits, Schedules etc. in the tender box at the office of the undersigned at Farm Road, Sambalpur-768002. | : | From 10:00 AM of 17-08-2026 to Before 17.00 Hrs. of 21-08-2026 |
| 06 | Date & Time of Opening of bids | : | 10.30 AM. of 25-08-2026 onwards |
| 07 | Name and Address of the officer inviting bid | : | Executive Engineer (Agril.), Northern Zone, Horticulture, At/ PO -Farm Road, Sambalpur, Pin-768002. |

Further details can be seen from the web site **www.tendersodisha.gov.in**

Sd/- Executive Engineer, (Agril.)
Northern Zone, Horticulture, Sambalpur
OIPR : 1001/1465/1/26-27/0002

**GOVERNMENT OF ODISHA**
**SUPERINTENDING ENGINEER,**
**BOUDH (R&B) DIVISION, BOUDH**
34001/572/2627
E-mail - eeboudhrb@gmail.com
**INVITATIONS FOR BIDS (IFB)**
No. 3780 Date. 01.08.2026
**1st corrigendum to tender call Notice no.**
**SE BDH-05/2026-27 dated 30.07.2026.**

The following changes are made in respect of the bid identification No. BDH. 05/2026-27 dated 30.07.2026 for Sl. No. 01 i.e., "Providing barricading arrangement for celebration of 15th August Independence Day, 2026 at District Stadium, Boudh for the year 2026-27".

| | | | |
|---|---|---|---|
| 1. | Date A Time of availability of Bid documents in the portal | : | From 04.08.2026,10.00 AM to 11.08.2026, 5.00 PM |
| 2. | Last date/time for seeking of Tender Clarification | : | 11.08.2026 up to 1.00 P.M |
| 3. | Last date / time for receipt of bids in the portal | : | up to 5.00 P.M. of dated 11.08.2026 |
| 4. | Date A time of opening of tender /Bid | : | 12.08.2026 at 11.30 AM |

Sd/- Superintending Engineer,
Boudh (R&B) Division, Boudh
OIPR : 34001/34134/1/26-27/0012


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୭୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ବିଧାୟିକା ସୋଫିୟାଙ୍କ ରେଭେନ୍ସା କଲିଜିଏଟ ସ୍କୁଲ ପରିଦର୍ଶନ

କଟକ, (ସ୍ୱପ୍ର): "ଆମ ଐତିହ୍ୟ, ଆମ ଗୌରବ' ବାର୍ତ୍ତାକୁ ପାଥେୟ କରି ବାରବାଟୀ-କଟକ ବିଧାୟିକା ସୋଫିୟା ଫିର୍ଦୋଷ ଐତିହାସିକ ରେଭେନ୍ସା କଲିଜିଏଟ ସ୍କୁଲ ପରିଦର୍ଶନ କରିଛନ୍ତି । ଏହି ପରିଦର୍ଶନ ସମୟରେ ସେ ସ୍କୁଲ କର୍ତ୍ତୃପକ୍ଷ ଏବଂ ପୁରାତନ ଛାତ୍ର ସଂସଦର ସଦସ୍ୟମାନଙ୍କ ସହ ଆଲୋଚନା କରି ବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଭିତ୍ତିଭୂମି ବିକାଶ ସମ୍ପର୍କରେ ପ୍ରତ୍ୟକ୍ଷ ତଥ୍ୟ ସଂଗ୍ରହ କରିଥିଲେ । 'ଐତିହ୍ୟ ବିଦ୍ୟାଳୟ ଯୋଜନା' ମାଧ୍ୟମରେ ମିଳିଥିବା ଅନୁଦାନ ଦ୍ୱାରା ଉକ୍ତ ସ୍କୁଲ ସମେତ ଅନ୍ୟାନ୍ୟ ପୁରାତନ ବିଦ୍ୟାଳୟଗୁଡ଼ିକର ଆବଶ୍ୟକ ସୁଧାର କରାଯାଇ ପାରିବ ଏବଂ ଏହା ଆଗାମୀ ପିଢ଼ିର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଶ୍ରେଷ୍ଠ ଶିକ୍ଷା ପରିବେଶ ସୃଷ୍ଟି କରିବ ବୋଲି ବିଧାୟିକା କହିଥିଲେ । ଏହି ଅବସରରେ ବିଧାୟିକା ନେତାଜୀ ରହୁଥିବା ଐତିହାସିକ ପ୍ରକୋଷ୍ଠକୁ ବୁଲି ଦେଖିଥିଲେ । ସୂଚନାଯୋଗ୍ୟ ଯେ, "ଐତିହ୍ୟ ବିଦ୍ୟାଳୟ ଯୋଜନା' ଅଧୀନରେ ୧୦୦ ବର୍ଷରୁ ଉର୍ଦ୍ଧ୍ୱର୍ ପୁରୁଣା ସ୍କୁଲଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ସରକାରୀ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି । କଟକ ସହରର ପ୍ରସିଦ୍ଧ ଐତିହ୍ୟ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ପିଏମ୍ ଏକାଡେମୀ, ଭକ୍ତମଧୁ ବିଦ୍ୟାପୀଠ, ରେଭେନ୍ସା କଲିଜିଏଟ୍ ସ୍କୁଲ, ରେଭେନ୍ସା ଗାର୍ଲସ ହାଇସ୍କୁଲ ଏବଂ କାଜିବଜାର ଗାର୍ଲସ ହାଇସ୍କୁଲ ଅନ୍ତର୍ଭୁକ୍ତ । ପ୍ରାଥମିକ ପର୍ଯ୍ୟାୟରେ କଟକ-ବାରବାଟୀ ନିର୍ବାଚନ ମଣ୍ଡଳୀର ଏହି ପ୍ରମୁଖ ବିଦ୍ୟାଳୟ ଗୁଡ଼ିକର ନବୀକରଣ ଓ ରୂପାନ୍ତରଣ ପାଇଁ ସରକାରଙ୍କ ପକ୍ଷରୁ ସ୍କୁଲ ପିଛା ୩ କୋଟି ୯୭ ଲକ୍ଷ ୪ ହଜାର ଟଙ୍କାର ଅନୁଦାନ ବରାଦ କରାଯାଇଛି । ଏହି ଯୋଜନା ସମ୍ପର୍କରେ ବିଧାୟିକା ସୋଫିୟା ଫିର୍ଦୋଷ ପୂର୍ବରୁ ବିଧାନସଭାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରଶ୍ନ ପଚାରିଥିଲେ । ଶହେ ବର୍ଷରୁ ଅଧିକ ପୁରୁଣା କେତୋଟି ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରାଯାଇଛି । ସେଗୁଡ଼ିକର ଉନ୍ନତୀକରଣ ପାଇଁ କି ପ୍ରକାର ରୋଡମ୍ୟାପ୍ ରହିଛି ଏବଂ ଆର୍ଥିକ ସହାୟତାର ପରିମାଣ କେତେ, ସେନେଇ ସେ ସଦନରେ ବିସ୍ତୃତ ତଥ୍ୟ ମାଗିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ଆରତୀ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ସଂଘ ମିତ୍ରା ପଟ୍ଟନାୟକ,ପୁରାତନ ଛାତ୍ର ସଂସଦ ସାଧାରଣ ସଂପାଦକ ପରଂବ୍ରହ୍ମ ମହାପାତ୍ର, ଧର୍ମେଶ ନାୟକ, ଅଭିଭାବକ ସଂଘର ସଭାପତି ହରେକୃଷ୍ଣ ବେହେରା, ସଂପାଦିକା ସତ୍ୟପ୍ରୀୟା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



## ବେଦାନ୍ତ ଆଲୁମିନିୟମ ସମର୍ଥିତ ଯୁବ ତୀରନ୍ଦାଜ

# ୩ଟି ସ୍ୱର୍ଣ୍ଣ ପଦକ ଜିତିବା ସହିତ ସିବିଏସ୍‌ଇ ଜାତୀୟ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ରେ ଏହାର କ୍ରୀଡା ତାଲିମ ପ୍ରୋତ୍ସାହନ କାର୍ଯ୍ୟକ୍ରମ ମାଧ୍ୟମରେ କଳାହାଣ୍ଡିରୁ କ୍ରୀଡା ପ୍ରତିଭାର ବିକାଶ ଜାରି ରଖିଛି। ଏହି ପ୍ରତିବଦ୍ଧତାର ପ୍ରଭାବ ପ୍ରଦର୍ଶନ କରି ଯୁବ ତୀରନ୍ଦାଜ ଖିରୋଦ କୁମାର ସିବିଏସ୍‌ଇ ଅଧୀନରେ ଭବାନୀପାଟଣାର ବିକାଶ ଆବାସିକ ବିଦ୍ୟାଳୟ ଦ୍ୱାରା ଆୟୋଜିତ ସିବିଏସ୍‌ଇର ପୂର୍ବାଞ୍ଚଳ ତୀରନ୍ଦାଜୀ ଚାମ୍ପିଅନସିପ୍ ୨୦୨୬ ରେ ୧୯ ବର୍ଷରୁ କମ୍ ଭାରତୀୟ ବର୍ଗରେ ୪୦ ମିଟର ଏବଂ ୩୦ ମିଟର ଇଭେଣ୍ଟରେ ତିନୋଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳତାକୁ ଆହୁରି ସୁଦୃଢ଼ କରି କ୍ଷିରୋଦ କୁମାର ଏବଂ ଓଙ୍କାର ମାଝୀ ସିବିଏସ୍‌ଇ ଜାତୀୟ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଉଭୟ ଆଥଲେଟ୍ ଗତ ଚାରି ବର୍ଷ ଧରି ବେଦାନ୍ତ ଆଲୁମିନିୟମର ତୀରନ୍ଦାଜୀ ତାଲିମ କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। ଜାତୀୟ ବିଦ୍ୟାଳୟ ତୀରନ୍ଦାଜୀ ଚାମ୍ପିଅନସିପରେ ଦୁଇଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ହାସଲ କରିବା ବ୍ୟତୀତ କ୍ଷିରୋଦ ଜୋନ୍ ସ୍ତରରେ ୧୫ ଟି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଓଙ୍କାର ରାଜ୍ୟ ତଥା ଜୋନାଲ ସ୍ତରୀୟ ପ୍ରତିଯୋଗିତାରେ ତିନୋଟି ରୌପ୍ୟ ଏବଂ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଡୋଲା ଏବଂ ରାହୁଲ ବାନାର୍ଜୀ ସ୍ପୋର୍ଟସ୍ ଫାଉଣ୍ଡେସନ୍ ସହଭାଗିତାରେ ୨୦୧୮ ରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ସମ୍ପ୍ରଦାୟର ଯୁବ ପ୍ରତିଭାଙ୍କୁ ତୀରନ୍ଦାଜୀ ଏବଂ ଆଥଲେଟିକ୍ସରେ ବୃତ୍ତିଗତ କୋଚିଂ ପ୍ରଦାନ କରୁଛି ଯେଉଁଥିରେ ୩୦୦ ରୁ ଅଧିକ ଯୁବକ ଉପକୃତ ହେବା ସହିତ ୫୦ ରୁ ଅଧିକ ଆଥଲେଟ୍ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଏହି ଅଞ୍ଚଳକୁ ପ୍ରତିନିଧିତ୍ୱ କରିବାକୁ ସକ୍ଷମ ହୋଇଛନ୍ତି । ଏହି ସଫଳତା ସମ୍ପର୍କରେ ସୂଚନା ଦେଇ ଲାଞ୍ଜିଗଡ ସ୍ଥିତ ବେଦାନ୍ତ ଆଲୁମିନା ବିଜନେସର ସି.ଇ.ଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "କ୍ଷିରୋଦଙ୍କର ସଫଳତା ଗ୍ରାମୀଣ ଭାରତର ଯୁବ ପ୍ରତିଭାମାନଙ୍କର ବିପୁଳ ସମ୍ଭାବନାକୁ ପ୍ରତିଫଳିତ କରିଥାଏ, ଯେତେବେଳେ ସେମାନଙ୍କୁ ଉପଯୁକ୍ତ ସୁଯୋଗ ଏବଂ ସହାୟତା ପ୍ରଦାନ କରାଯାଇଥାଏ।




# ନୂଆପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

କଟକ, (ସ୍ୱପ୍ର) : ଶନିବାର ସ୍ଥାନୀୟ ନୂଆପଡା ବାଲିସାହୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଜ୍ଞାନକୁଞ୍ଜରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବିଜ୍ଞାନମେଳାରେ ବିଦ୍ୟାଳୟର ଉପ ସଭାପତି ଦିଲ୍ଲୀପ କୁମାର ଆଚାର୍ଯ୍ୟ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ବରିଷ୍ଠ ପୁଲିସ ଅଧୀକ୍ଷକ ଅଶୋକ କୁମାର ବିଶ୍ୱାଳ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା (ତିନିଘରିଆ, କଟକ)ର ଲକ୍ଷ୍ମୀପ୍ରିୟା ରାଉତ ଯୋଗ ଦେଇଥିଲେ । ଏହି ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନମେଳାରେ ପ୍ରାୟ ୨୦୦ ଶିଶୁ ଭାଇଭଉଣୀ ବିଭିନ୍ନ ବିଭାଗ ଯଥା ପ୍ରକଳ୍ପ, ପ୍ରଶ୍ନମଞ୍ଚ, ପ୍ରୟୋଗ ଓ ମୃତ୍ତିକଳାରେ ଭାଗନେଇ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ଶକୁନ୍ତଳା ମହାନ୍ତି ଉଦ୍ଦେଶ୍ୟ କଥନ ସହ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ଉପ ସଭାପତି ଇଂ ଦିଲ୍ଲୀପ କୁମାର ଆଚାର୍ଯ୍ୟ ଓ ପ୍ରାକ୍ତନ ସମ୍ପାଦକ ଅମିତାଭ ରାଉତରାୟ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପରିଚାଳନା ସମିତିର ସଦସ୍ୟା ନିବେଦିତା ମହାପାତ୍ର ସଭାପତିତ୍ୱ କରିଥିଲେ ଓ ସମ୍ପାଦକ ଡ଼ଃ ରାକେଶ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।



# କାଇଣ୍ଡ ଇଣ୍ଟରନ୍ୟାସନାଲ ସ୍କୁଲରେ ବିଜ୍ଞାନ ଓ କଳା ପ୍ରଦର୍ଶନୀ

କଟକ, (ସ୍ୱପ୍ର): କଟକ ଜିଲ୍ଲାର କନ୍ଦରକଣା ସ୍ଥିତ କାଇଣ୍ଡ ଇଣ୍ଟରନ୍ୟାସନାଲ ସ୍କୁଲରେ ଶନିବାର ବିଜ୍ଞାନ ଓ କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ମୋଟ ୧୫୧ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ପରିବେଶ ପରିଚାଳନା, ବର୍ଷାଜଳ ସଂରକ୍ଷଣ, ସୌରଶକ୍ତି ଓ ପ୍ରାଚୀନ ଲିପି ସଂରକ୍ଷଣ ଉପରେ ଆଧାରିତ ପ୍ରକଳ୍ପଗୁଡ଼ିକ ବିଶେଷ ଆକର୍ଷଣ ସାଜିଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ତାପସ ରଞ୍ଜନ ମଲ୍ଲିକ, ଟେଟ୍ରାହେଡ୍ରନ ଗ୍ରୁପ୍ର ଅଧ୍ୟକ୍ଷ ତ୍ରିଦେବ ବେହେରା ଏବଂ ପ୍ରଧାନଶିକ୍ଷକ ଡଃ ଜନାର୍ଦ୍ଦନ ମିଶ୍ର ପ୍ରକଳ୍ପଗୁଡ଼ିକ ପରିଦର୍ଶନ କରି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ନିର୍ଦ୍ଦେଶକ (ପ୍ରଶାସନ) ଶୁଭମ ମଲ୍ଲିକ, ଡିନ୍ ସୁଶ୍ରୀ ପୂର୍ଣ୍ଣିମା ମହାନ୍ତି, ସିଡିଓ ନିବେଦିତା ସାହୁ ଏବଂ ଦୁଇ ସଂଯୋଜକ ସୁଶ୍ରୀ ଶୁଭଲକ୍ଷ୍ମୀ ପ୍ରଧାନ ଓ ହରିହର ଧଳ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ । ଏହି ଅବସରରେ ୩୦୦ରୁ ଅଧିକ ଅଭିଭାବକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ପ୍ରଶଂସା କରିଥିଲେ । ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ପ୍ରଦର୍ଶନୀର ସଫଳ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ ।



# ବନ ବିଭାଗ ପକ୍ଷରୁ ସଚେତନତା

କଣ୍ଟାପଡ଼ା, (ସବ୍ୟୁ): କାଠଯୋଡ଼ି, ସିତୁଆ ଓ ଦେବୀକନ୍ଦଳ ନଦୀରେ ସମ୍ଭାବ ବନାକୁ ଦୃଷ୍ଟିରେ ରଖି ଫୁଲନଖରା ରେଞ୍ଜ ବନ ବିଭାଗ ତରଫରୁ ସଚେତନତା କାର୍ଯକ୍ରମ ଆରମ୍ଭ ହୋଇଛି । ବିଶେଷ କରି ନଦୀ କୂଳବର୍ତ୍ତୀ ଲୋକମାନେ ନଦୀକୁ ଗାଧୋଇବା, ମାଛ ଧରିବା କିମ୍ବା ପାଣି ଆଣିବା ପାଇଁ ଯିବାରେ ବାରଣ କରାଯିବା ସହିତ ପ୍ରଖର ସ୍ରୋତରେ କୁମ୍ଭୀର ଆସି ଜଳାଶୟ, ପୋଖରୀ, ଖାଲ କିମ୍ବା ନାଳରେ ଆଶ୍ରୟ ନେବାର ସମ୍ଭାବନା ରହିଥିବାରୁ ସେଠାକୁ ନଯିବା ପାଇଁ ସତର୍କ କରାଯାଇଛି । ଯଦି ଏପରି କୌଣସି କୁମ୍ଭୀରକୁ କେହି ଦେଖିବାକୁ ପାଏ ତେବେ ତାକୁ ବିରକ୍ତ ନକରି କିମ୍ବା ଧରିବାକୁ ଚେଷ୍ଟା ନକରି ତୁରନ୍ତ ବନ ବିଭାଗକୁ ଖବର ଦେବାକୁ ପରାମର୍ଶ ଦିଆଯାଇଛି । ଏ ନେଇ ବାନର ଓ ମାଇକ ଯୋଗେ ନଦୀକୂଳିଆ ଲୋକମାନଙ୍କୁ ସଚେତନ କରାଯାଇଛି । ସାଧାରଣ ଲୋକଙ୍କ ସହଯୋଗ, ସତର୍କତା ଓ ସଚେତନତା ଦ୍ୱାରା ସମସ୍ତଙ୍କ ଜୀବନ ସୁରକ୍ଷିତ ରହିପାରିବ ଏବଂ ବନା ପ୍ରଭାବ ସ୍ୱାଭାବିକ ହେବା ପର୍ଯ୍ୟନ୍ତ ସମସ୍ତେ ସାହସର ସହିତ ଅପେକ୍ଷା କରିବାକୁ କର୍ମଚାରୀମାନେ ପ୍ରଚାର କରିଥିଲେ ।

# ଚରିତାମୃତ ଓ ରାମଦାସଙ୍କ 'ଦାର୍ଢ୍ୟତାଭକ୍ତି' ଆଲୋଚନାଚକ୍ର

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ପୁରାତନ ଗବେଷଣା ଅନୁଷ୍ଠାନ 'ଓଡ଼ିଆ ଗବେଷଣା ପରିଷଦ'ର ପ୍ରତିଷ୍ଠାତା ସଭାପତି ଡକ୍ଟର କୃଷ୍ଣଚରଣ ବେହେରାଙ୍କ ନବମ ଶ୍ରାଦ୍ଧଦିବସ ଅବସରରେ ପରିଷଦ ଏବଂ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର 'ପ୍ରାଚୀନ' ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାର ବିଷୟ ଥିଲା 'ଚରିତାମୃତ ଓ ରାମଦାସଙ୍କ ଦାର୍ଢ୍ୟତାଭକ୍ତି'। ପ୍ରଦୀପ ପ୍ରଜ୍ୱାଳନ ଓ ଡକ୍ଟର ବେହେରାଙ୍କ ପ୍ରତିକୃତିରେ ପୁଷ୍ପାର୍ଘ୍ୟ ଅର୍ପଣ କରି ଏହାକୁ ଉଦ୍‌ଘାଟନ କରିଥିଲେ ସଂସ୍କୃତ ଭାଷାବିଜ୍ଞାନୀ ତଥା ସାଧକ ସ୍ୱାମୀ ଶ୍ୟାମାନନ୍ଦ। ପରିଷଦର ଉପସଭାପତି ଅସିତ ମହାନ୍ତି ଆଲୋଚନାଚକ୍ରର ଆଭିମୁଖ୍ୟ ସଂପର୍କରେ ସୂଚନା ଓ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସଂପାଦକ ଗୌରାଙ୍ଗ ଚରଣ ଦାଶ ସ୍ୱର୍ଗତ ବେହେରାଙ୍କର ସ୍ମୃତିଚାରଣ କରିଥିଲେ। 'ପ୍ରାଚୀନ' ପକ୍ଷରୁ ପ୍ରଫେସର ସନ୍ତୋଷ ରଥ ଏଥିରେ ସଭାପତିତ୍ୱ କରିଥିଲେ।

ଆଲୋଚନାଚକ୍ରରେ ବିଷୟ ଉପସ୍ଥାପନ କରି ଦୀପ୍ତିରଞ୍ଜନ ପଟ୍ଟନାୟକ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟଧାରାରେ ଚରିତାମୃତ, ଜୀବନୀ, ଆତ୍ମଜୀବନୀ, ଜୀବନାଲେଖ୍ୟ, ଆତ୍ମଚରିତମୂଳକ ଗଳ୍ପ ଓ ଉପନ୍ୟାସ ଆଦିର ଆଲୋଚନା କରିଥିଲେ। ଅନ୍ୟତମ ଆଲୋଚକ ପ୍ରଦୀପ୍ତ କୁମାର ପଣ୍ଡା ସନ୍ଥ ରାମଦାସଙ୍କ ଦାର୍ଢ୍ୟତାଭକ୍ତି ଆଜି ବି କିପରି ପ୍ରଭାବଶାଳୀ ତାହା ଦର୍ଶାଇଥିଲେ। ବିଶିଷ୍ଟ କବି ଓ ଆଲୋଚକ ମାୟାଧର ମାନସିଂହଙ୍କୁ ଉଲ୍ଲେଖ କରି ସେ କହିଥିଲେ- ଦାର୍ଢ୍ୟତାଭକ୍ତି ହୁଏତ ଓଡ଼ିଶାରେ ବୀର ପାଇକ ସୃଷ୍ଟି କରିନାହିଁ, କିନ୍ତୁ ନିଶ୍ଚିତ ଭାବରେ ଭଲମଣିଷ ତିଆରି କରିଛି। ଏହି ଆଲୋଚନାଚକ୍ରରେ ଓଡ଼ିଆ ଗବେଷଣା ପରିଷଦର ସଦସ୍ୟସଦସ୍ୟା ଓ ସୋଆ ବିଶ୍ୱବିଦ୍ୟାଳୟର ବହୁ ଗବେଷକ ଛାତ୍ରଛାତ୍ରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ 'ପ୍ରାଚୀନ'ର ଆସୋସିଏଟ୍ ପ୍ରଫେସର ନିହାର ରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।



## ବର୍ଜର ପେଣ୍ଟସ୍ ପୁରୀର ପ୍ରତୀକାତ୍ମକ ରଥଯାତ୍ରା ଶୋଭାଯାତ୍ରା ମାର୍ଗକୁ ବୃଦ୍ଧି କରିଛି

ଭୁବନେଶ୍ୱର (ସବ୍ୟୁ): ଚଳିତ ବର୍ଷର ଜଗନ୍ନାଥ ରଥଯାତ୍ରାର ସଫଳ ସମାପ୍ତି ପରେ, ବର୍ଜର ଫେଂଟସ୍ ଇଣ୍ଡିଆ ଲିମିଟେଡ୍ ପୁରୀର ପ୍ରତୀକାତ୍ମକ ଗ୍ରାଣ୍ଡ ରୋଡ୍ (ବଡ଼ ଦଣ୍ଡ) ରଙ୍ଗ କରିବାର କାର୍ଯ୍ୟ ସମାପ୍ତ କରିଛି, ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଏହି ଐତିହାସିକ ମାର୍ଗ ସହିତ ଏହାର ସମ୍ପର୍କ ଜାରି ରଖିଛି। କମ୍ପାନୀ ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ଉତ୍ସବଗୁଡ଼ିକର କେନ୍ଦ୍ରବିନ୍ଦୁ ଭାବରେ କାର୍ଯ୍ୟ କରୁଥିବା ଏହି ରାସ୍ତାକୁ ସାଜସଜା ରଙ୍ଗ ସମାଧାନ ପ୍ରଦାନ କରିଛି। ଏହି ପଦକ୍ଷେପରେ ଶ୍ରୀ ଜଗନ୍ନାଥ ମନ୍ଦିର ଏବଂ ମାଉସୀ ମା ମନ୍ଦିର ମଧ୍ୟରେ ୪ କିଲୋମିଟର ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟ ୩୦୦ କୋଠା ଅନ୍ତର୍ଭୁକ୍ତ ହୋଇଥିଲା, ଯାହାର ପ୍ରାୟ ୧୦ ଲକ୍ଷ ବର୍ଗଫୁଟ ପୃଷ୍ଠଭୂମି ରଙ୍ଗ କରାଯାଇଥିଲା। ବର୍ଜର ଫେଂଟସ୍ ଇଣ୍ଡିଆ ଲିମିଟେଡର ଏମଡି ଏବଂ ସିଇଓ ଶ୍ରୀ ଅଭିଜିତ୍ ରାୟ କହିଛନ୍ତି, ଏହି ବର୍ଷର ରଥଯାତ୍ରା ଉତ୍ସବକୁ ଯୋଗଦାନ ଦେଇ ଏବଂ ଗ୍ରାଣ୍ଡ ରୋଡ୍ ଭାରତର ସବୁଠାରୁ ସମ୍ମାନିତ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ପରମ୍ପରା ମଧ୍ୟରୁ ଗୋଟିଁଏର ପୃଷ୍ଠଭୂମି ଭାବରେ କାର୍ଯ୍ୟ କରୁଥିବା ଦେଖି ଆମେ ସମ୍ମାନିତ ହୋଇଛୁ।

# ହାଇଟେକ୍ ମେଡିକାଲ୍‌ର ଏକାଧିକ ସୁପର-ସ୍ପେସିଆଲିଟି ୱାର୍ଡ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାବାସୀଙ୍କୁ ଉନ୍ନତ ଓ ଆଧୁନିକ ମାନର ସୁପର-ସ୍ପେସିଆଲିଟି ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ହାଇଟେକ୍ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ୍ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ରୋଗୀସେବାକୁ ଆହୁରି ସୁଦୃଢ଼ ଓ ସହଜଲଭ୍ୟ କରିବା ଲକ୍ଷ୍ୟରେ ହସ୍ପିଟାଲ ପରିସରରେ ଏକାଧିକ ନୂତନ ଏବଂ ସମର୍ପିତ ସୁପର-ସ୍ପେସିଆଲିଟି ୱାର୍ଡର ଶୁଭ ଉଦ୍‌ଘାଟନ ହୋଇଛି। ଉଦ୍‌ଘାଟିତ ହୋଇଥିବା ନୂତନ ବିଭାଗ ଗୁଡ଼ିକ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏବଂ ହେପାଟୋଲୋଜି ୱାର୍ଡ, ନ୍ୟୁରୋଲୋଜି ୱାର୍ଡ ନ୍ୟୁରୋସର୍ଜରୀ ୱାର୍ଡ, ଅଙ୍କୋଲୋଜି (କର୍କଟ ରୋଗ) ୱାର୍ଡ, ବର୍ଣ୍ଣ କେୟାର ୟୁନିଟ୍ (ପୋଡ଼ା ଜଳା ରୋଗୀଙ୍କ ସେବା) ପାଇଁ ସ୍ୱତନ୍ତ୍ର ୱାର୍ଡ ଉଦ୍‌ଘାଟନ ହୋଇଛି। ଏହି ବର୍ଣ୍ଣାଢ୍ୟ ଉଦ୍‌ଘାଟନୀ ଉତ୍ସବରେ ହାଇଟେକ୍ ଗ୍ରୁପ୍ର ପ୍ରତିଷ୍ଠାତା ଚେୟାରମ୍ୟାନ୍ ଡକ୍ଟର ତିରୁପତି ପାଣିଗ୍ରାହୀ, ମ୍ୟାନେଜିଂ ଟ୍ରଷ୍ଟି ତଥା ଗ୍ରୁପ୍ ସିଇଓ ସୁରେଶ କୁମାର ପାଣିଗ୍ରାହୀ ଏବଂ ଡାଇରେକ୍ଟର ଆଡମିନିଷ୍ଟ୍ରେସନ୍ ତଥା ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ସୀତାରାମ ମହାପାତ୍ରଙ୍କ ସମେତ ବରିଷ୍ଠ ଡାକ୍ତର, ବିଭାଗୀୟ ମୁଖ୍ୟ,କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ୱାର୍ଡ ଉଦ୍‌ଘାଟନ କରି ଡକ୍ଟର ପାଣିଗ୍ରାହୀଙ୍କ କହିବା ହେଲା, ହାଇଟେକ୍ ମେଡିକାଲ୍ ସର୍ବଦା ରୋଗୀଙ୍କ ସେବା ପାଇଁ ଉତ୍ସର୍ଗୀକୃତ, ଏହି ନୂତନ ଓ ଅତ୍ୟାଧୁନିକ ୱାର୍ଡ ରୋଗୀମାନଙ୍କୁ ଅଧିକ ତଥା ଉନ୍ନତମାନର ସେବା ଯୋଗାଇଦେବାରେ କାର୍ଯ୍ୟ କରିବ। ଏହି ନୂତନ ୱାର୍ଡ ଗୁଡ଼ିକ କାର୍ଯ୍ୟକ୍ଷମ ହେବା ଦ୍ୱାରା ଜଟିଳ ରୋଗରେ ପୀଡ଼ିତ ରୋଗୀମାନେ ଅଧିକ ଉନ୍ନତ ଓ ସ୍ୱତନ୍ତ୍ର ସେବା ପାଇପାରିବେ ବୋଲି ଗ୍ରୁପ୍ ସିଇଓ ତଥା ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ କହିଛନ୍ତି। ଏହି ଅବସରରେ ହସ୍ପିଟାଲର ବରିଷ୍ଠ ଡାକ୍ତର, ବିଶେଷଜ୍ଞ, ଫ୍ୟାକଲ୍ଟି ମେମ୍ବର, ସ୍ୱାସ୍ଥ୍ୟକର୍ମୀ ଏବଂ କର୍ମଚାରୀବୃନ୍ଦ ଉପସ୍ଥିତ ରହି ରୋଗୀସେବାରେ ଶ୍ରେଷ୍ଠତା ବଜାୟ ରଖିବାକୁ ନିଜର ପ୍ରତିଶ୍ରୁତି ଦୋହରାଇଥିଲେ।



# ଆନନ୍ଦନା-ଦି କୋକା-କୋଲା ଇଣ୍ଡିଆ ଫାଉଣ୍ଡେସନର ପୁରୀରେ 'ମୈଦାନ ସାଫ' କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଆନନ୍ଦନା-ଦି କୋକା-କୋଲା ଇଣ୍ଡିଆ ଫାଉଣ୍ଡେସନ ପକ୍ଷରୁ ହିନ୍ଦୁସ୍ତାନ କୋକା-କୋଲା ବେଭରେଜେସ୍ (ଏଚ୍‌ସିସିବି), ପୁରୀ ପୌର ନିଗମ, ପୁରୀ ଜିଲ୍ଲା ପ୍ରଶାସନ, ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପର୍ଷଦ ଏବଂ ଓଡ଼ିଶା ଡେଭଲପମେଂଟ ମ୍ୟାନେଜମେଂଟ ପ୍ରୋଗ୍ରାମ୍ (ଓଡିଏମପି)ର ସହଯୋଗରେ 'ମୈଦାନ ସାଫ' ଅଭିଯାନ ଅନ୍ତର୍ଗତ 'ବ୍ୟବହୃତ ପିଇଟି ବୋତଲ-ମୁକ୍ତ ପୁରୀ ରଥଯାତ୍ରା ୨୦୨୬' କାର୍ଯ୍ୟକ୍ରମ ସଫଳତାର ସହ ପାଳନ କରାଯାଇଛି। ବୃହତ୍ ଜନସମାଗମ ସମୟରେ ବ୍ୟବହୃତ ପିଇଟି ବୋତଲର ଦାୟିତ୍ୱଶୀଳ ସଂଗ୍ରହ ଓ ପୁନଃବ୍ୟବହାର ପ୍ରତି ସଚେତନତା ସୃଷ୍ଟି କରିବା ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ। ୧୦ ଦିନିଆ ପୁରୀ ରଥଯାତ୍ରା ସମୟରେ ଆୟୋଜିତ ଏହି ଅଭିଯାନରେ ଜନସହଭାଗିତା, ଲୋକକଳା ପ୍ରଦର୍ଶନ ଏବଂ ସ୍ୱେଚ୍ଛାସେବୀଙ୍କ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ଅନୁକୂଳ ବର୍ଜ୍ୟବସ୍ତୁ ପରିଚାଳନାକୁ ପ୍ରୋତ୍ସାହନ ଦିଆଯାଇଥିଲା। ପଲ୍ଲୀଶ୍ରୀ ମେଳା ପଡ଼ିଆ, ଭୋଳାନାଥ ବିଦ୍ୟାପୀଠ, ପୁରୀ ମୁଖ୍ୟ ବସ୍‌ଷ୍ଟାଣ୍ଡ, ତାଳବଣିଆ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ, ପୁରୀ ରେଳ ଷ୍ଟେସନ, ବଡ଼ଶଙ୍ଖ, ଦିଗବାରେଣୀ ଛକ, ସ୍ୱର୍ଗଦ୍ୱାର ଏବଂ ହୋଟେଲ ଶ୍ରୀହରି ଭଳି ପ୍ରମୁଖ ସ୍ଥାନରେ ୨୦୦ରୁ ଅଧିକ ସ୍ୱେଚ୍ଛାସେବୀ ଓ ସଫେଇ ସାଥୀ ନିୟୋଜିତ ହୋଇଥିଲେ। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଛନ୍ତି, ପୁରୀ ରଥଯାତ୍ରା ଓଡ଼ିଶାର ଗର୍ବ ଓ ପରମ୍ପରାର ପ୍ରତୀକ। ଏହି ପବିତ୍ର ଅବସରରେ ପୁରୀକୁ ସ୍ୱଚ୍ଛ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ।




# ନଦୀର କରାଳ ରୂପରେ ବିପଦରେ ବୟାଳିଶମୌଜା

ଫୁଲନଖରା ,(ସବ୍ୟୁ): :କଟକ ସଦର ବୟାଳିଶମୌଜା ଅଞ୍ଚଳ ଅନ୍ତର୍ଗତ କୂଳସରିତୁଆଁ ପଞ୍ଚାୟତର ଚାନ୍ଦୁଲି ନିକଟରେ ନଦୀରେ କ୍ରମାଗତ ଭାବେ ଜଳସ୍ତର ବୃଦ୍ଧି ପାଉଥିବାରୁ ପ୍ରଧାନମନ୍ତ୍ରୀ ନଦୀବନ୍ଧ ରାସ୍ତାର ଏକାଧିକ ସ୍ଥାନ ଧସି ଯାଇଥିବା ଦେଖିବାକୁ ମିଳିଛି । ରାସ୍ତାର ନଦୀପାଶ୍ୱର୍ରେ ଥିବା ସୁରକ୍ଷା ବାଡ଼ ମଧ୍ୟ ଭୁଶୁଡ଼ି ପଡ଼ି ନଦୀ ଆଡ଼କୁ ଧସିଯାଇଥିବାରୁ ସମଗ୍ର ଅଞ୍ଚଳରେ ଚିନ୍ତା ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗତ କିଛି ଦିନ ଧରି ନଦୀର ଜଳସ୍ତର ବୃଦ୍ଧି ପାଉଥିବା ସହ ତୀବ୍ର ସ୍ରୋତ ଯୋଗୁଁ ନଦୀବନ୍ଧର ମାଟି ଧୀରେ ଧୀରେ ଖସିବା ଆରମ୍ଭ କରିଥିଲା । ଶେଷରେ ରାସ୍ତାର ଏକ ଅଂଶ ଧସିଯିବା ସହ ସୁରକ୍ଷା ବାଡ଼ ମଧ୍ୟ ନଦୀକୁ ଲାଗି ଭାଙ୍ଗି ପଡ଼ିଛି । ଏହାଫଳରେ ରାସ୍ତାରେ ଯାତାୟାତ କରୁଥିବା ଲୋକମାନଙ୍କ ସୁରକ୍ଷା ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି । ଘଟଣା ସମ୍ପର୍କରେ ସୂଚନା ପାଇ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ତଦାରଖ କରିଥିଲେ । ବିପଦକୁ ଏଡ଼ାଇବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଧସିଥିବା ସ୍ଥାନରେ ବାଲିବସ୍ତା ପକାଇ ଅସ୍ଥାୟୀ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ବିଭାଗ ପକ୍ଷରୁ କୁହାଯାଇଛି ଯେ, ସମ୍ପୂର୍ଣ୍ଣ ସ୍ଥିତିର ଆକଳନ ସରିଛି ଏବଂ ଖୁବଶୀଘ୍ର ସ୍ଥାୟୀ ମରାମତି କାର୍ଯ୍ୟ ଆରମ୍ଭ କରାଯିବ । ଅନ୍ୟପକ୍ଷରେ ସ୍ଥାନୀୟ ବାସିନ୍ଦାମାନେ ଅଭିଯୋଗ କରିଛନ୍ତି ଯେ, ଏହି ନଦୀବନ୍ଧ ରାସ୍ତାରେ ଦିନରାତି ମାତ୍ରାଧିକ ଭାରୀ ଯାନ ଚଳାଚଳ କରୁଥିବାରୁ ରାସ୍ତାର ଭିତ୍ତି ଦୁର୍ବଳ ହୋଇପଡ଼ିଥିଲା । ବର୍ଷା ଓ ନଦୀର ପ୍ରବଳ ସ୍ରୋତ ସେହି ସମସ୍ୟାକୁ ଆହୁରି ଗୁରୁତର କରିଦେଇଛି । ତେଣୁ କେବଳ ଅସ୍ଥାୟୀ ମରାମତି ନୁହେଁ, ବରଂ ବୈଜ୍ଞାନିକ ଢଙ୍ଗରେ ନଦୀବନ୍ଧର ସ୍ଥାୟୀ ସୁଦୃଢ଼ୀକରଣ ସହ ଭାରୀ ଯାନ ଚଳାଚଳ ଉପରେ କଡ଼ା ନିୟନ୍ତ୍ରଣ ଲାଗୁ କରିବାକୁ ସେମାନେ ଦାବି କରିଛନ୍ତି । ବର୍ତ୍ତମାନ ନଦୀ ଜଳସ୍ତର ଓ ଧସ ପରିସ୍ଥିତିକୁ ଦେଖି ନଦୀକୂଳ ଅଞ୍ଚଳର ଲୋକମାନେ ଆତଙ୍କିତ ରହିଛନ୍ତି । ଯଦି ଶୀଘ୍ର ସ୍ଥାୟୀ ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ଆଗାମୀ ଦିନରେ ରାସ୍ତାର ଅଧିକ ଅଂଶ ଧସିବା ସହ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ତେଣୁ ସ୍ଥାନୀୟ ଲୋକମାନେ ପ୍ରଶାସନ ଓ ପୂର୍ତ୍ତ ବିଭାଗକୁ ତୁରନ୍ତ ସ୍ଥାୟୀ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ଦୃଢ଼ ଦାବି ଜଣାଇଛନ୍ତି ।

## ମହାନଦୀ ଜଳ ବିବାଦର ସମାଧାନ କରିବାରେ ବିଜେପି ବିଫଳ

# ଓଡ଼ିଶାରେ ଉପୁଜିଥିବା ବନ୍ୟା ସ୍ଥିତି ମନୁଷ୍ୟକୃତ

ଭୁବନେଶ୍ୱର, (ସବ୍ୟୁ): ବିଜେପି ସରକାରର ଅପାରଗତା ଯୋଗୁଁ ମହାନଦୀ ଜଳ ବିବାଦର ସମାଧାନ ହେବାରେ ବିଳମ୍ବ ହେଉଛି । ଆଜି ଓଡ଼ିଶାରେ ଯେଉଁ ବନ୍ୟା ପରିସ୍ଥିତି ଉପୁଜିଛି ତାହା ସମ୍ପୂର୍ଣ୍ଣ ମନୁଷ୍ୟକୃତ । ଦିଲ୍ଲୀରେ ମହାନଦୀ ଜଳ ବିବାଦ ନେଇ ବୈଠକରେ ହୋଇଥିବା ଆଲୋଚନାକୁ ଜାଣିଶୁଣି ସାର୍ବଜନୀନ ନ କରି ଓଡ଼ିଶାବାସୀଙ୍କୁ ମିଛ ଆଶ୍ୱାସନା ଦେଇ ଭୁଆଁ ବୁଲାଉଥିବାରୁ ରାଜ୍ୟ ବିଜେପି ସରକାରକୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ଼ ଅରୁଣ ସାହୁ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସୀପାତ୍ର ମହାନଦୀ ଜଳ ବିବାଦ ସମାଧାନରେ ବିଜେପି ସରକାରର ଅପାରଗପଣିଆକୁ କଡ଼ା ନିନ୍ଦା କରିଛନ୍ତି । ଓଡ଼ିଶାରେ ଯେଉଁ ବନ୍ୟା ବିପ୍ରାତ ଦେଖାଦେଇଛି ତାହା ସମ୍ପୂର୍ଣ୍ଣ ଭାବେ ମନୁଷ୍ୟକୃତ । ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ଓଡ଼ିଶାର କୌଣସି କଥାକୁ ଛତିଶଗଡ଼ ସରକାର ତିଳେ ମାତ୍ର ଭୃକ୍ଷେପ କରୁନାହିଁ । ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଛତିଶଗଡ ପାଖରେ ନିଜକୁ ଆତ୍ମସମର୍ପଣ କରିଛନ୍ତି ଓଡ଼ିଶା ସରକାର । ମହାନଦୀ ଜଳ ବିବାଦ ନେଇ ଦିଲ୍ଲୀରେ କେନ୍ଦ୍ର ସରକାର, ଓଡିଶା ସରକାର ଏବଂ ଛତିଶଗଡ଼ ସରକାରଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ନିଜେ ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ । ବୈଠକରେ ମୁଖ୍ୟମନ୍ତ୍ରୀ କ'ଣ ଆଲୋଚନା କରିଲେ ତାହାକୁ ସାର୍ବଜନୀନ କରିଲେ ନାହିଁ । ମହାନଦୀର ଜଳ ପରିଚାଳନ ନେଇ ଓଡ଼ିଶାକୁ ଛତିଶଗଡ ସହଯୋଗ କରୁନାହିଁ । ବାରମ୍ବାର ଜଣାଇବା ସତ୍ତ୍ୱେ ସରଡ଼ିହି ବ୍ୟାରେଜ ପାଖରେ ଏକ ନୂତନ ଗେଜ୍ ପ୍ରତିଷ୍ଠା ପାଇଁ ଛତିଶଗଡ଼ ମାନୁନାହିଁ । ଓଡ଼ିଶା ସରକାରଙ୍କ କଥାକୁ ଛତିଶଗଡ ବେଖାତିର କରିଚାଲିଛି । ପୁରୁଣା ଗେଜ ସଠିକ୍ ଭାବରେ କାର୍ଯ୍ୟ କରୁନଥିବାରୁ ଜଳ ପରିଚାଳନାରେ ସମସ୍ୟା ହେଉଛି । ଓଡ଼ିଶାର ବୃହତ୍ତର ସ୍ୱାର୍ଥ ପାଇଁ ରାଜ୍ୟ ସରକାର ଚୁପ୍ ନରହି ଲଢ଼େଇ କରନ୍ତୁ ।

ଡ଼ ଅରୁଣ କୁମାର ସାହୁ କହିଥିଲେ ଯେ, ମହାନଦୀ ଓଡ଼ିଶାର ଜୀବନ ରେଖା । ମହାନଦୀ ଉପରେ ଓଡ଼ିଶାର ୧୭ଟି ଜିଲ୍ଲା ନିର୍ଭରଶୀଳ । ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ସରକାରକୁ ଆସିଥିବା ବିଜେପି ଓଡ଼ିଆ ଅସ୍ମିତାର ପ୍ରତୀକ ମହାନଦୀକୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଶ୍ରୀ ଭୃଗୁ ବକ୍ସିପାତ୍ର କହିଥିଲେ ଯେ, ମହାନଦୀ ଜଳ ବିବାଦକୁ ନେଇ ବିଜେପି ଦଳ ଓଡ଼ିଶାରେ ବିରୋଧୀ ଦଳରେ ଥିବାବେଳେ ତତ୍କାଳୀନ ରାଜ୍ୟ ସରକାରଙ୍କୁ ବିରୋଧ କରୁଥିଲେ । ଏବେ ସରକାରକୁ ଆସିବା ପରେ ତାହାକୁ ଭୁଲି ଯାଇଛନ୍ତି । ଟ୍ରିପଲ୍ ଇଞ୍ଜିନ ସରକାର ଥାଇ ବି ମହାନଦୀ ଜଳ ବିବାଦର ସମାଧାନ ହୋଇନପାରିବା ଅତ୍ୟନ୍ତ ଲଜ୍ଜାଜନକ ।

# ମଧ୍ୟପ୍ରାଚ୍ୟରେ ହେବ ମହାଯୁଦ୍ଧ

ନୂଆଦିଲ୍ଲୀ: ଆମେରିକା ଏବଂ ଇରାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ମଧ୍ୟପ୍ରାଚ୍ୟରେ ଅବସ୍ଥିତ ଆମେରିକୀୟ ଦୂତାବାସଗୁଡ଼ିକ ଶନିବାର ନିଜ ନାଗରିକମାନଙ୍କ ପାଇଁ ଏକ ସୁରକ୍ଷା ସତର୍କତା ଜାରି କରିଛନ୍ତି। ଯୁଦ୍ଧ କିମ୍ବା ପରିସ୍ଥିତି ଅପ୍ରତ୍ୟାଶିତ ଭାବେ ବିଗିଡ଼ିବାର ସମ୍ଭାବନା ଥିବାରୁ ଆମେରିକୀୟ ନାଗରିକମାନଙ୍କୁ ସେହି ଅଞ୍ଚଳରେ ଯାତ୍ରା ନକରିବାକୁ ଏବଂ ଆବଶ୍ୟକ ପଡ଼ିଲେ ତୁରନ୍ତ ସେଠାରୁ ବାହାରିବା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି। ଜୋର୍ଡାନସ୍ଥିତ ଆମେରିକୀୟ ଦୂତାବାସ ଦ୍ୱାରା ଜାରି କରାଯାଇଥିବା ସୁରକ୍ଷା ନିର୍ଦ୍ଦେଶାବଳୀରେ କୁହାଯାଇଛି ଯେ, 'ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ରହୁଥିବା କିମ୍ବା ଯାତ୍ରା କରୁଥିବା ଆମେରିକୀୟମାନେ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରିବା ଉଚିତ। ସେମାନେ ବିମାନ ବାତିଲ, ବିମାନସେବା ବନ୍ଦ ଏବଂ ଯାତାୟାତରେ ବିଭିନ୍ନ ସମସ୍ୟା ପାଇଁ ପୂର୍ବରୁ ପ୍ରସ୍ତୁତ ରହିବା ଆବଶ୍ୟକ। ସେହିପରି ସାଉଦି ଆରବରେ ଥିବା ଆମେରିକୀୟ ଦୂତାବାସ ପକ୍ଷରୁ ମଧ୍ୟ ସମାନ ଚେତାବନୀ ଜାରି କରାଯାଇ ନିଜ ନାଗରିକମାନଙ୍କୁ ସଜାଗ ରହିବା ସହ ଯାତ୍ରାଜନିତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ରହିବାକୁ



କୁହାଯାଇଛି। ଇଜିପ୍ଟରେ ଆମେରିକା ଦୂତାବାସ ମଧ୍ୟ ସମାନ ସନ୍ଦେଶ ଦେଇ ସତର୍କ କରାଇଛି ଯେ, 'ମଧ୍ୟପ୍ରାଚ୍ୟ ବାହାରେ ଥିବା ଆମେରିକୀୟମାନେ ସେହି ଅଞ୍ଚଳକୁ କିମ୍ବା ସେହି ବାଟ ଦେଇ ଯାତ୍ରା କରିବା ନିଷ୍ପତ୍ତି ଉପରେ ପୁନର୍ବାର ଗମ୍ଭୀରତାର ସହ ବିଚାର କରିବା ଉଚିତ। ଯେଉଁମାନେ ସେହି ଅଞ୍ଚଳକୁ ଯାତାୟାତ କରୁଛନ୍ତି, ସେମାନେ ବିମାନବନ୍ଦର ଏବଂ ବିମାନସେବା ସମ୍ପର୍କିତ ସୂଚନା ଉପରେ କ୍ରମାଗତ ନଜର ରଖିବା ଆବଶ୍ୟକ। ଏହି ସମାନ ପ୍ରକାରର ଆଡଭାଇଜରୀ ଓ ସୁରକ୍ଷା ସନ୍ଦେଶଗୁଡ଼ିକୁ ଅମ୍ମାନ, ଜେରୁଜାଲେମ୍ ଏବଂ ବାଗଦାଦସ୍ଥିତ ଆମେରିକୀୟ ମିଶନଗୁଡ଼ିକ ମଧ୍ୟ ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ରିପୋର୍ଟ ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ନୂଆ ସାମରିକ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେବା ପରେ ଏହି ଯାତ୍ରା ସତର୍କତା ଜାରି କରାଯାଇଛି। ଏହି ଆକ୍ରମଣ ସପ୍ତାହାନ୍ତ ସୁଦ୍ଧା ଆରମ୍ଭ ହୋଇପାରେ ବୋଲି ଆଶଙ୍କା କରାଯାଉଛି। 'କ୍ୟାମ୍ପ ଡେଭିଡ୍'ଠାରେ ଅନୁଷ୍ଠିତ ଏକ ଟେଲିଭିଜନ୍ କ୍ୟାବିନେଟ୍ ବୈଠକରେ ଟ୍ରମ୍ପ ଚେତାବନୀ ଦେଇଥିଲେ ଯେ, ଯଦି ଇରାନ ନିଜ ନୀତି ନ ବଦଳାଏ, ତେବେ ଆମେରିକା ତା' ଉପରେ "ବହୁତ ଶକ୍ତିଶାଳୀ ଆକ୍ରମଣ" କରିବ। ଏହା ପରେ ସେ ଏହି ସାମରିକ ଯୋଜନାକୁ ମଞ୍ଜୁରୀ ଦେଇଥିବା କୁହାଯାଉଛି। 'ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍'ର ରିପୋର୍ଟ ଅନୁସାରେ ଟ୍ରମ୍ପ କହିଛନ୍ତି ଯେ, 'ଇରାନ ଏପରି ସ୍ଥିତିରେ ପହଞ୍ଚିବ ଯେଉଁଠି ସେ ଆଉ ଏହାକୁ ସହ୍ୟ କରିପାରିବ ନାହିଁ। ଆଲୋଚନା ସମୟରେ ଇରାନ ବାରମ୍ବାର ନିଜର ପ୍ରତିଶ୍ରୁତି ଭଙ୍ଗ କରିଛି। ସେହିପରି 'ସିବିଏସ୍ ନ୍ୟୁଜ୍'ର ରିପୋର୍ଟ ଅନୁଯାୟୀ, ଆମେରିକା ଓ ତା'ର ସହଯୋଗୀ ଦେଶଗୁଡ଼ିକ ଇରାନର ଶକ୍ତି ଭିତ୍ତିଭୂମି ଯେପରିକି ପାୱାର ପ୍ଲାଣ୍ଟ ଏବଂ ତୈଳ ବିଶୋଧନାଗାରଗୁଡ଼ିକୁ ଲକ୍ଷ୍ୟ କରି ଏକ ବଡ଼ ଧରଣର ବୋମାବର୍ଷଣ ଅଭିଯାନ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ତେବେ ଟ୍ରମ୍ପ ଏହି ପ୍ରସ୍ତାବିତ ଆକ୍ରମଣ ପାଇଁ ବର୍ତ୍ତମାନ ସୁଦ୍ଧା ଅନ୍ତିମ ଅନୁମୋଦନ ଦେଇନଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ୧୫୦ ବର୍ଷ ପରେ ଫେରିଲା ପୁସ୍ତକ


ନୂଆଦିଲ୍ଲୀ : ଅଷ୍ଟ୍ରେଲିଆରେ ଏକ ରୋଚକ ଖବର ସାମ୍ନାକୁ ଆସିଛି । ୧୫୦ ବର୍ଷ ପୂର୍ବେ ନିଆଯାଇଥିବା ଏକ ପୁସ୍ତକ ଅଷ୍ଟ୍ରେଲିଆ ଲାଇବ୍ରେରୀକୁ ଫେରାଇ ଦିଆଯାଇଥିବାବେଳେ ବିଳମ୍ବରେ ଫେରସ୍ତ କରିବା ୧୮ ଲକ୍ଷ ଟଙ୍କା ଜରିମାନା ଲାଗୁ କରାଯାଇଛି । ତେବେ ପାଠାଗାର କହିଛି ଯେ, ପୁସ୍ତକଟି ଶେଷ ଥର ପାଇଁ କିଏ ନେଇଥିଲା ତାହା ଜାଣିବାର କୌଣସି ଉପାୟ ନାହିଁ । ସମ୍ପ୍ରତି ଏକ ଘର ନବୀକରଣ ସମୟରେ ଏହି ପୁସ୍ତକଟି ମିଳିଥିଲା । ୧୮୫୮ ମସିହାରେ ପ୍ରକାଶିତ ଏହି ପୁସ୍ତକ ଗତ ସପ୍ତାହରେ ରସ୍ ସିମନ୍ସ ନାମକ ଜଣେ ବ୍ୟକ୍ତି କିୟାମା ସହର ଉପକୂଳବର୍ତ୍ତୀ ଏକ ପାଠାଗାରକୁ ଫେରାଇ ଦେଇଥିଲେ । କିୟାମା ଲାଇବ୍ରେରୀ ପରିଚାଳିକା ମିଶେଲ ହଡସନ କହିଛନ୍ତି ଯେ, ସିମନ୍ସ ଘର ନବୀକରଣ ସମୟରେ ସିଲ୍ ହୋଇଥିବା ପୁସ୍ତକଟି ପାଇଥିଲେ । ସେମାନଙ୍କ ପାଖକୁ ଏତେ ପୁରୁଣା ଜିନିଷ କେବେ ଫେରି ଆସିନାହିଁ ବୋଲି ସେ ଆସୋସିଏଟେଡ୍ ପ୍ରେସ୍ କହିଛନ୍ତି। ୧୮୭୨ ମସିହାରେ ପାଠାଗାରଟି ଖୋଲିଥିଲା । ହଡସନ ଅନୁମାନ କରନ୍ତି ଯେ, ପାଠାଗାର ଖୋଲିବାର କିଛି ବର୍ଷ



ମଧ୍ୟରେ ପୁସ୍ତକଟି ହଜି ଯାଇଥିଲା। ଲାଇବ୍ରେରୀ ପରିଚାଳକଙ୍କ ଅନୁଯାୟୀ, ମୁଦ୍ରାସ୍ଫୀତିକୁ ହିସାବକୁ ନେଇ ବିଳମ୍ବରେ ପୁସ୍ତକ ଫେରସ୍ତ ପାଇଁ ପ୍ରାୟ ୨୮,୦୦୦ ଅଷ୍ଟ୍ରେଲୀୟ ଡଲାର (ପ୍ରାୟ ୧୮.୭୬ ଲକ୍ଷ ଟଙ୍କା) ଜରିମାନା ହେବ। ରସ୍ ସିମନ୍ସ କହିଛନ୍ତି ଯେ, ସେ ବିଶ୍ୱାସ କରନ୍ତି ଯେ ପୁସ୍ତକଟି ତାଙ୍କ ପ୍ରପିତାମହ ଜନ୍ ସିମନ୍ସ ନେଇଥିଲେ। କାରଣ ପୁସ୍ତକ ମିଳିଥିବା ଘରର ସେ ମାଲିକ ଥିଲେ । ତେବେ ତାଙ୍କ ଇଂରାଜୀ ପ୍ରବାସୀ ପୂର୍ବପୁରୁଷ, ଯିଏ କିୟାମାର ପୌର ସରକାରଙ୍କର ଜଣେ ଆଲ୍ଡରମ୍ୟାନ୍ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ, ସେ କାହିଁକି ପୁସ୍ତକଟିକୁ ଫେରାଇ ନଥିଲେ ତାହା ସେ ବୁଝିପାରୁ ନାହାନ୍ତି। ପାଠାଗାର ଏହାର ସ୍ଥାନୀୟ ଇତିହାସ ସଂଗ୍ରହରେ ଫେରସ୍ତ ପୁସ୍ତକକୁ ପ୍ରଦର୍ଶନ କରିବାକୁ ଯୋଜନା କରୁଛି।

# ଡାକ ବିଭାଗ ପକ୍ଷରୁ ଢାଇ ଅକ୍ଷର ପତ୍ର ଲିଖନ ଅଭିଯାନ


ନୂଆଦିଲ୍ଲୀ : ଭାରତ ସରକାରଙ୍କ ଡାକ ବିଭାଗ ପକ୍ଷରୁ ଜାତୀୟ ସ୍ତରର 'ଢାଇ ଅକ୍ଷରଦ ପତ୍ରଲିଖନ ଅଭିଯାନ ଅନୁଷ୍ଠିତ ହେବ । ଏହି ଅଭିଯାନ ଅଗଷ୍ଟ ୧ ତାରିଖରୁ ଆରମ୍ଭ ହୋଇ ୩୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଚାଲିବ । ୧୮ ବର୍ଷରୁ କମ୍ ଏବଂ ୧୮ ବର୍ଷରୁ ଅଧିକ ବୟସର ପ୍ରତିଯୋଗୀଙ୍କ ପାଇଁ ଅନ୍ତର୍ଦେଶୀୟ ପତ୍ର ଏବଂ ଲଫାପା ବର୍ଗ ଭଳି ଦୁଇଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ । 'ଢାଇ ଅକ୍ଷର ପତ୍ରଲିଖନ ଅଭିଯାନରେ ଭାଗ ନେଉଥିବା ପ୍ରତିଯୋଗୀମାନେ ଲଫାପା ବର୍ଗରେ ଗୋଟିଏ ସାଦା ଏ-ଫୋର୍ ସାଇଜ୍ କାଗଜରେ ୧ ହଜାରରୁ କମ୍ ଶବ୍ଦ ମଧ୍ୟରେ ପତ୍ର ଲେଖିବେ । ସେହିପରି ଅନ୍ତର୍ଦେଶୀୟ ପତ୍ର ବର୍ଗରେ ୫୦୦ ଶବ୍ଦ ମଧ୍ୟରେ ଇନଲ୍ୟାଣ୍ଡ ଲେଟର୍ରେ ପତ୍ର ଲେଖିପାରିବେ । ଏହି ପତ୍ର ଇଂରାଜୀ, ହିନ୍ଦୀ କିମ୍ବା ଅନ୍ୟ ଯେକୌଣସି ଆଞ୍ଚଳିକ ଭାଷାରେ ଲେଖାଯାଇପାରିବ । କେବଳ ହସ୍ତଲିଖିତ ପତ୍ର ଗ୍ରହଣ କରାଯିବ । ଟାଇପ୍ ହୋଇଥିବା ପତ୍ର ଗ୍ରହଣ କରାଯିବ ନାହିଁ । ପ୍ରତିଯୋଗୀମାନେ ମୁଖ୍ୟ ମହାଡାକପାଳ, ଓଡ଼ିଶା ସର୍କଲ, ଭୁବନେଶ୍ୱର ୱି ୭୫୧୦୦୧ ଠିକଣାରେ ୩୧ ଅକ୍ଟୋବର ୨୦୨୬ ସୁଦ୍ଧା ସେମାନଙ୍କର ପତ୍ର ପଠାଇବା ଆବଶ୍ୟକ।




ଏହି ତାରିଖ ପରେ ହସ୍ତଗତ ହୋଇଥିବା ପତ୍ରକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ବର୍ଗରେ ପ୍ରଥମ ପୁରସ୍କାର ବିଜେତାଙ୍କୁ ଡାକ ପରିମଣ୍ଡଳ ସ୍ତରରେ ୨୫ ହଜାର ଟଙ୍କା ଏବଂ ଜାତୀୟ ସ୍ତରରେ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ । ଦ୍ୱିତୀୟ ପୁରସ୍କାର ପାଇଁ ଯଥାକ୍ରମେ ୧୦ ହଜାର ଏବଂ ୨୫ ହଜାର ଟଙ୍କାର ପୁରସ୍କାର ରାଶି ମିଳିବ। ସେହିପରି ତୃତୀୟ ପୁରସ୍କାର ସ୍ୱରୂପ ଦୁଇଟି ସ୍ତରରେ ଯଥାକ୍ରମେ ୫ ହଜାର ଏବଂ ୧୦ ହଜାର ଟଙ୍କା ଦିଆଯିବ । ଅନ୍ୟପକ୍ଷରେ ଡାକ ବିଭାଗ ପକ୍ଷରୁ ଦୀନଦୟାଲ ସ୍ପର୍ଶ ଯୋଜନାରେ ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୬ ହଜାର ଟଙ୍କାର ବୃତ୍ତି ପ୍ରଦାନ କରିବା ଲାଗି ଘୋଷଣା କରାଯାଇଛି । ଦୁଇଟି ସ୍ତରର ପ୍ରତିଯୋଗିତା ମାଧ୍ୟମରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଚୟନ କରାଯିବ । ତେବେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ଉତ୍ତମ ଶିକ୍ଷାଗତ ରେକର୍ଡ ସହିତ ଫିଲାଟେଲି ଡିପୋଜିଟ୍ ଆକାଉଣ୍ଟ ରହିଥିବା କିମ୍ବା ସେ ସ୍କୁଲ୍ ଫିଲାଟେଲି କ୍ଲବର ସଦସ୍ୟ ହୋଇଥିବା ଆବଶ୍ୟକ । ପ୍ରଥମ ସ୍ତରରେ ଲିଖିତ ଫିଲାଟେଲି ବା ଡାକ ଟିକଟ୍ ସଂଗ୍ରହ ସଂକ୍ରାନ୍ତ ପ୍ରଶ୍ନୋତ୍ତର ପ୍ରତିଯୋଗିତା ହେବ । ଦ୍ୱିତୀୟ ସ୍ତରରେ ଅନ୍ତିମ ଚୟନ ପାଇଁ ଫିଲାଟେଲି ପ୍ରକଳ୍ପ ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିପାଇଁ ୧୧ ସେପ୍ଟେମ୍ବର ୨୦୨୬ ସୁଦ୍ଧା ସମ୍ପୃକ୍ତ ଡାକ ପରିମଣ୍ଡଳରେ ଆବେଦନ ପହଞ୍ଚିବା ଆବଶ୍ୟକ। ଲିଖିତ ଫିଲାଟେଲି ପ୍ରଶ୍ନୋତ୍ତର (ପ୍ରଥମ ସ୍ତର) ଲାଗି ପ୍ରାରମ୍ଭିକ ତାରିଖ ୨୭.୦୯.୨୦୨୬ ଧାର୍ଯ୍ୟ କରାଯାଇଛି ।

# କେରଳରେ ପ୍ରବଳ ବର୍ଷା, ଭୂସ୍ଖଳନ : ୩ ଶିଶୁଙ୍କ ସମେତ ୭ ମୃତ

ଥିରୁଅନନ୍ତପୁରମ : କେରଳରେ ପ୍ରବଳ ବର୍ଷା ଲାଗି ରହିଛି । ରାଜ୍ୟରେ ବର୍ଷାଜନିତ କାରଣ ପାଇଁ ୩ ଶିଶୁଙ୍କ ସମେତ ୭ ଜଣଙ୍କର ମୃତ୍ୟୁ ହୋଇଯାଇଛି । କୋଟ୍ଟାୟମ, ଇଡୁକ୍କିରେ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହୋଇଥିବାବେଳେ ପଥନମଥିତ୍ତ, କୋଝିକୋଡ଼, ୱାୟନାଡ଼ ଏବଂ ମଲପ୍ପୁରମରେ ବନ୍ୟା ସ୍ଥିତି ଉପୁଜିଛି । କୋଟ୍ଟାୟମ ଜିଲ୍ଲାର ପୁଞ୍ଜାରରେ ଭୂସ୍ଖଳନ ଯୋଗୁ ଘର ଭୁଶୁଡ଼ି ପଡ଼ିବା ଫଳରେ ଜଣେ ମାଦ ଏବଂ ପୁଅର ମୃତ୍ୟୁ ହୋଇଛି । ରଜୀନା ଏବଂ ତାଙ୍କ ୨୪ ବର୍ଷୀୟ ପୁଅ ଜୋସେଫିନ୍ଙ୍କର ଏହି ଘଟଣାରେ ମୃତ୍ୟୁ ହୋଇଛି । ମଲ୍ଲପୁରମରେ ଅବଦୁଲ ହମିଦ ଏବଂ ନଦୀରାଙ୍କ ୪ ବର୍ଷର ପୁଅ ଆଦମ କେନାଲ୍ରେ ବୁଡ଼ି ମୃତ୍ୟୁ ହୋଇଯାଇଛି । ସେହିପରି ୱାନ୍ଦୁରରେ ଅନ୍ୟ ଜଣେ ୩ ବର୍ଷ ପୁଅର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି । କେଟ୍ଟାୟମର ପୁଥୁପଲ୍ଲିରେ ମିଲନ ଶିଜୁ ନାମକ ଜଣେ ୧୧ ବର୍ଷୀୟ ନାବାଳକଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି । ଇଡୁକ୍କିର ଅଦୁରମାଲାରେ ସୁମଥୀ ନାମକ ଜଣେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି । ଶନିବାର ବଡ଼ି ଭୋର୍ ସମୟରେ ଭୂସ୍ଖଳନ ହେବା ଫଳରେ



ତାଙ୍କ ଘର ପୋତି ହୋଇଗଲା । ପଡ଼ୋଶୀମାନେ ତାଙ୍କ ସ୍ୱାମୀ ଏବଂ ପୁଅକୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛନ୍ତି ।

ଅନ୍ୟପକ୍ଷେ ବହୁ ଖୋଜାଖୋଜି ପରେ ଏନ୍ଡିଆରଏଫ୍ ଏବଂ ଅଗ୍ନି ବିଭାଗ ପକ୍ଷରୁ ସୁମଥୀଙ୍କ ମର ଶରୀର ମିଳିଥିଲା । ଅନ୍ୟ ଏକ ଘଟଣାରେ ଇଡୁକ୍କି ଜିଲ୍ଲାର ବାଗାମୋନ୍ରେ ପ୍ରଭାକରନ ନେୟାର ନାମକ ଜଣେ ବ୍ୟକ୍ତିଙ୍କର ଭୂସ୍ଖଳନରେ ମୃତ୍ୟୁ ହୋଇଯାଇଛି । ଅଧିକାରୀମାନେ କହିଛନ୍ତି, ନେୟାର ହେଉଛନ୍ତି କୋଟ୍ଟାୟମ ବାସିନ୍ଦା । ସେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘର ଇଡୁକି ଆସିଥିଲେ । ଶୋଇଥିବାବେଳେ ଭୂସ୍ଖଳନ ଯୋଗୁ ଘର ପୋତି ହୋଇଯାଇଥିଲା । ଅନ୍ୟ ଏକ ଘଟଣାରେ ଥିରୁଅନନ୍ତପୁରମର ମୁଥାଲାପୋଝି ଉପକୂଳରେ ସମୁଦ୍ରରେ ୨ ଜଣ ମତ୍ସ୍ୟଜୀବୀ ନିଖୋଜ ହୋଇଯାଇଛନ୍ତି । ତଟରକ୍ଷୀ ବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଛି । ୱାୟନାଡ଼ରେ ମଧ୍ୟ ଅନେକ ଅଂଶରେ ପ୍ରବଳ ବର୍ଷା ଯୋଗୁ ଜଳବନ୍ଦୀ ସମସ୍ୟା ଉପୁଜିଛି । ଅନ୍ୟପକ୍ଷେ ଆସାମର ୫ ଜିଲ୍ଲାରେ ଏବେ ବନ୍ୟା ପ୍ରଭାବ ଜାରି ରହିଛି । ରାଜ୍ୟରେ ବର୍ଷା ଏବଂ ବନ୍ୟା ଜନିତ କାରଣ ପାଇଁ ଆଉ ୨ ଜଣଙ୍କ ମୃତ୍ୟୁ ସହ ରାଜ୍ୟରେ ମୋଟ୍ ମୃତ୍ୟୁସଂଖ୍ୟା ୮୨ରେ ପହଞ୍ଚିଛି । ସବୁଠାରୁ ଖରାପ୍ ଭାବେ ପ୍ରଭାବିତ ଜିଲ୍ଲା ଗୁଡ଼ିକ ହେଉଛି ଶିବସାଗର, ଗୋଲାଘାଟ, ଜୋରହାଟ, ନାଗାଓଁ ଏବଂ ଚରାଇଦେଓ । ରାଜ୍ୟରେ ଏବେ ବି ରିଲିଫ୍ ଅପରେସନ୍ ଜାରି ରହିଛି ଏବଂ ଏନ୍ଡିଆରଏଫ୍ ଓ

# କର୍ଣ୍ଣାଟକର ବିକାଶ ପାଇଁ ମୋଦୀଙ୍କୁ ଅନୁରୋଧ କଲେ ଶିବକୁମାର

ନୂଆଦିଲ୍ଲୀ : କର୍ଣ୍ଣାଟକକୁ ସହଯୋଗ କରିବାପାଇଁ ଆଜି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅନୁରୋଧ କରିଛନ୍ତି। ଶିବକୁମାର କହିଛନ୍ତି, ଦେଶର ବିକାଶ ଅତ୍ୟନ୍ତ ଘନିଷ୍ଠ ଭାବେ କର୍ଣ୍ଣାଟକର ପ୍ରଗତି ସହ ଜଡ଼ିତ। ତେଣୁ ସଂଘୀୟ ସମବାୟ ବ୍ୟବସ୍ଥା ଅଧୀନରେ ସେ ରାଜ୍ୟକୁ ସହଯୋଗ କରିବାପାଇଁ ଅନୁରୋଧ କରିଛନ୍ତି। ସ୍ୱାମୀ ବିବେକାନନ୍ଦ ସାଂସ୍କୃତିକ ଯୁବ କେନ୍ଦ୍ର- ବିବେକ ସ୍ମାରକର ଉଦ୍‌ଘାଟନ ପରେ ଏକ ଜନସମାବେଶକୁ ଉଦ୍‌ବୋଧନ ଦେଇ ଶିବକୁମାର ଆଜି ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ କହିଛନ୍ତି, କର୍ଣ୍ଣାଟକ ଏବଂ ବେଙ୍ଗାଲୁରୁ ବିଶ୍ୱକୁ ଭାରତର ଝରକା ହୋଇଛନ୍ତି। ରାଜ୍ୟର ବିକାଶ ଦିଗରେ ସେ କେନ୍ଦ୍ର ସରକାରଙ୍କ ସମର୍ଥନ ମାଗିଛନ୍ତି। ଶିବକୁମାର କହିଛନ୍ତି, ଆଜି ମୋ ପ୍ରଧାନମନ୍ତ୍ରୀ ଏଠାରେ ଅଛନ୍ତି। କର୍ଣ୍ଣାଟକ ସରକାର ଏବଂ ରାଜ୍ୟର ଲୋକମାନଙ୍କ ପକ୍ଷରୁ ମୁଁ ତାଙ୍କୁ ଅନୁରୋଧ କରୁଛି ଯେ କର୍ଣ୍ଣାଟକକୁ ସହଯୋଗ କରିବାରେ ସେ ଉଦାରତା ଦେଖାନ୍ତୁ ଏବଂ କର୍ଣ୍ଣାଟକକୁ ସୁରକ୍ଷା ଦିଅନ୍ତୁ। କାରଣ ସମଗ୍ର ବିଶ୍ୱ କର୍ଣ୍ଣାଟକ ଏବଂ ବେଙ୍ଗାଲୁରୁ ଦ୍ୱାରା ଭାରତକୁ ଦେଖୁଛନ୍ତି।

# ସମୁଦ୍ରରେ ପହଁରି ସ୍ପେନ୍‌ରେ ପଶିଲେ ୬୦,୦୦୦ ଅନୁପ୍ରବେଶକାରୀ

ନୂଆଦିଲ୍ଲୀ : ମୋରୋକୋରୁ ସ୍ପେନ୍‌ର ସୀମାବର୍ତ୍ତୀ ଅଞ୍ଚଳ ସ୍ୟୁଟା (Ceuta)କୁ ପ୍ରାୟ ୬୦,୦୦୦ ଅନୁପ୍ରବେଶକାରୀ ପ୍ରବେଶ କରିଛନ୍ତି । ୟୁରୋପରେ ପହଞ୍ଚିବାକୁ ଚେଷ୍ଟା କରୁଥିବା ଶରଣାର୍ଥୀମାନଙ୍କ ପାଇଁ ସ୍ୟୁଟା ବହୁ ପୂର୍ବରୁ ଏକ ମୁଖ୍ୟ ମାଧ୍ୟମ ହୋଇରହିଛି। ଏଥର ସଂଖ୍ୟା ଅତୀତର ସବୁ ରେକର୍ଡ ଭାଙ୍ଗିଛି । ସାଧାରଣତଃ ଗ୍ରୀଷ୍ମଋତୁରେ ସୋସିଆଲ ମିଡିଆ ଜରିଆରେ ସଂଗଠିତ ହୋଇ ସ୍ପେନ୍ ସୀମାରେ ପହଞ୍ଚିବା ପାଇଁ ଏପରି ବଡ଼ ଧରଣର ପ୍ରୟାସ କରାଯାଇଥାଏ। ଏହି ଘଟଣା ୟୁରୋପୀୟ ୟୁନିଅନ୍ (EU) ମଧ୍ୟରେ ବେଆଇନ ଅନୁପ୍ରବେଶକୁ ନେଇ ବ୍ୟାପକ ଆଶଙ୍କା ସୃଷ୍ଟି କରିଛି। ଏହି ବିପଜ୍ଜନକ ପ୍ରୟାସରେ ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟା ୬୭କୁ ବୃଦ୍ଧି ପାଇଛି। ଏହା ପୂର୍ବରୁ ପ୍ରାୟ ୧,୮୦୦ ଲୋକ ସମୁଦ୍ର ମଧ୍ୟରେ ପାଚେରୀ ଚାରିପାଖରେ ପହଁରି ପଡୋଶୀ ମୋରୋକୋରୁ ସ୍ୟୁଟାରେ ପ୍ରବେଶ କରିବାର ମାତ୍ର ଗୋଟିଏ ସପ୍ତାହ ପରେ ଏହି ବିଶାଳ ଅନୁପ୍ରବେଶ ଦେଖିବାକୁ ମିଳିଥିଲା। ଫାଇନାନ୍ସିଆଲ ଟାଇମ୍ସକୁ ମୋରୋକୋର ଜଣେ ସନ୍ତରଣ ପ୍ରଶିକ୍ଷକ ଦେଇଥିବା ସୂଚନା ଅନୁଯାୟୀ, ସ୍ପେନ୍ ମାଟିରେ ପାଦ ଥାପିବା ଲକ୍ଷ୍ୟରେ କିଛି ଆଶାୟୀ ଅନୁପ୍ରବେଶକାରୀ ପୂର୍ବରୁ ପହଁରିବା ଶିଖିଥିଲେ କିମ୍ବା ନିଜେ ନିଜେ ଅଭ୍ୟାସ କରିଥିଲେ। କେତେକ ସମୁଦ୍ରର ଅବସ୍ଥା ସମ୍ପର୍କରେ ଆରବୀ ଭାଷାରେ ତଥ୍ୟ ଏବଂ ସ୍ୟୁଟାର ପଥୁରିଆ 'ତାରାଜାଲ' ସମୁଦ୍ରକୂଳରେ କିପରି ପହଞ୍ଚିବେ, ସେ ନେଇ ଗୁଗୁଲ୍ ମ୍ୟାପ୍ସର ସ୍କ୍ରିନସଟ୍ ସେୟାର କରିଥିଲେ। ମୋରୋକୋରୁ ସ୍ୟୁଟା ପର୍ଯ୍ୟନ୍ତ ସବୁଠାରୁ ଛୋଟ ପ୍ରତ୍ୟକ୍ଷ ଜଳପଥ ମାତ୍ର କିଛି ଶହ ମିଟର। କିନ୍ତୁ ପ୍ରବଳ ସମୁଦ୍ର ସ୍ରୋତ ଏବଂ ପହଁରୁଥିବା ଲୋକଙ୍କ ପ୍ରବଳ ଭିଡ଼ ଯୋଗୁଁ ଅନେକ ଲୋକ ବାଟବଣା ହୋଇ ଦୂରକୁ ଚାଲିଯାଇଥିଲେ ଏବଂ ଘଣ୍ଟା ଘଣ୍ଟା ଧରି ପାଣିରେ ରହିବାକୁ ବାଧ ହୋଇଥିଲେ। ଯେତେବେଳେ ଲୋକମାନେ ଖାଦ୍ୟ ଏବଂ ସ୍ପେନର ମୁଖ୍ୟ ଭୂଖଣ୍ଡକୁ ଯିବାର ବାଟ ପାଇବା ଆଶାରେ ସ୍ୟୁଟାରେ ଥିବା ଶରଣାର୍ଥୀ ପଞ୍ଜୀକରଣ କେନ୍ଦ୍ରରେ ପହଞ୍ଚିଥିଲେ, ସେତେବେଳେ ସେମାନେ ତାହା ବନ୍ଦ ଥିବା ଦେଖିବାକୁ ପାଇଥିଲେ। ଏହାର କିଛି ଘଣ୍ଟା ପରେ, ଅନେକ ଲୋକ ନିରାଶ ହୋଇ ନିଜ ଘରକୁ ଫେରିଯାଇଥିଲେ।

# ବିଶ୍ୱ ରେକର୍ଡ କଲା ଆଦିବାସୀ ଧିମ୍ସା ନୃତ୍ୟ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ହେଲା ସାମିଲ

ନୂଆଦିଲ୍ଲୀ : ଆଦିବାସୀ ସଂସ୍କୃତିର ଅନନ୍ୟ ପରିଚୟ ଧିମ୍ସା ନୃତ୍ୟ ଏବେ ବିଶ୍ୱ ମଞ୍ଚରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଆନ୍ଧ୍ରପ୍ରଦେଶର ଭୋଗାପୁରମସ୍ଥିତ ଅଲ୍ଲୁରୀ ସୀତାରାମ ରାଜୁ ଆନ୍ତର୍ଜାତୀୟ ବିମାନବନ୍ଦର ପରିସରରେ ଏକାସାଙ୍ଗରେ ୧୩ ହଜାର ଆଦିବାସୀ ଛାତ୍ରୀଙ୍କ ଧିମ୍ସା ନୃତ୍ୟ ପ୍ରଦର୍ଶନ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି । ଭୋଗାପୁରମ ବିମାନବନ୍ଦର ପରିସରରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ପାଡେରୁ, ସୀତାମ୍ପେଟା, ପାର୍ବତୀପୁରମ ଓ ରାମ୍ପଚୋଡାଭରମ ଆଇଟିଡିଏ ଅଞ୍ଚଳର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ୧୩ ହଜାର ଆଦିବାସୀ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ପାରମ୍ପରିକ ଧିମ୍ସା ନୃତ୍ୟ ପରିବେଷଣ କରି ସେମାନେ ଏକ ନୂଆ ବିଶ୍ୱ ରେକର୍ଡ ହାସଲ କରିଛନ୍ତି ।

ସମସ୍ତ ଛାତ୍ରୀ ଗୋଲାପୀ ରଙ୍ଗର ଶାଢ଼ୀ, ସବୁଜ ବର୍ଡର ଓ ସବୁଜ ବ୍ଲାଉଜ୍ ପିନ୍ଧି ଗୋଟିଏରୂପର ପୋଷାକରେ ନଜର ଆସିଥିଲେ । ୪୩୩ଟି ବୃତ୍ତାକାର ଗୋଷ୍ଠୀରେ ବିଭକ୍ତ ହୋଇ ପ୍ରତ୍ୟେକ ଗୋଷ୍ଠୀରେ ୫୦ ଜଣ ଲେଖାଏଁ ନୃତ୍ୟଶିଳ୍ପୀ ଧିମ୍ସା ନୃତ୍ୟ ପରିବେଷଣ କରିଥିଲେ । ସମନ୍ୱିତ ନୃତ୍ୟ ଓ ତାଳମେଳ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଲଣ୍ଡନରୁ ଆସିଥିବା ଗିନିଜ୍ ୱାର୍ଲ୍ଡ ରେକର୍ଡସ୍ ପ୍ରତିନିଧିମାନେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ନିରୀକ୍ଷଣ କରିଥିଲେ । ପ୍ରଦର୍ଶନ ଶେଷରେ ସେମାନେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଗୁମ୍ମାଡି ସନ୍ଧ୍ୟାରାଣୀଙ୍କୁ ଗିନିଜ୍ ୱାର୍ଲ୍ଡ ରେକର୍ଡ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଆଦିବାସୀ କଲ୍ୟାଣ ବିଭାଗର ପ୍ରଧାନ ସଚିବ ଏମ୍.ଏମ୍. ନାଏକ ଏହାକୁ ଏକ ଐତିହାସିକ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି । ଏହି ସଫଳତା ପାଇଁ ସମସ୍ତ ଅଧିକାରୀ ଓ ଆୟୋଜନ ସହ ଜଡ଼ିତ ଟିମ୍କୁ ସେ ଧନ୍ୟବାଦ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ ପୂର୍ବରୁ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମ କେବଳ ଏକ ବିଶ୍ୱ ରେକର୍ଡ ନୁହେଁ, ବରଂ ଆଦିବାସୀ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ଏକ ଗୌରବମୟ ଅଧ୍ୟାୟ ପାଲଟିଛି ।

# ଜାମା ମସଜିଦ ପାଖରେ ନୂଆ ହେରିଟେଜ୍ କରିଡର

ନୂଆଦିଲ୍ଲୀ : ପୁରୁଣା ଦିଲ୍ଲୀର ଐତିହ୍ୟକୁ ସୁରକ୍ଷା ଦେବା ସହ ଆଧୁନିକ ସୁବିଧାର ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି ଦିଲ୍ଲୀ ସରକାର । ଚାନ୍ଦନୀ ଚୌକ ପରେ ଏବେ ଜାମା ମସଜିଦ ଓ ଆଖପାଖ ଐତିହ୍ୟ ଅଞ୍ଚଳର ସମନ୍ୱିତ ପୁନଃବିକାଶ ପାଇଁ ବୃହତ୍ ଯୋଜନା ପ୍ରସ୍ତୁତ ହୋଇଛି । ପଦଯାତ୍ରୀଙ୍କ ପାଇଁ ସୁବିଧା, ସୌନ୍ଦର୍ଯ୍ୟକରଣ, ଟ୍ରାଫିକ୍ ପରିଚାଳନା ଏବଂ ଭିତ୍ତିଭୂମିର ଆଧୁନିକୀକରଣ ଉପରେ ଫୋକସ୍ ରହିଛି । ଚାନ୍ଦନୀ ଚୌକରେ ସଫଳ ପଦଯାତ୍ରୀ କରିଡର ପ୍ରକଳ୍ପ ପରେ ଏବେ ତାହାର ଦ୍ୱିତୀୟ ପର୍ଯ୍ୟାୟକୁ ବିସ୍ତାର କରାଯିବ । ୨୦୨୧ରେ ଆରମ୍ଭ ହୋଇଥିବା ଏହି ମଡେଲକୁ ଆଧାର କରି ଲାଲ ଜୈନ ମନ୍ଦିରରୁ ଫତେହପୁରୀ ମସଜିଦ ପର୍ଯ୍ୟନ୍ତ ପ୍ରାୟ ୧.୩ କିଲୋମିଟର ରାସ୍ତାର ପୁନଃବିକାଶ କରାଯିବ । ସେହିପରି ନିକଟବର୍ତ୍ତୀ ଅନ୍ୟାନ୍ୟ ଐତିହାସିକ ଅଞ୍ଚଳରେ ମଧ୍ୟ ସମାନ ଭିତ୍ତିଭୂମି ସୁବିଧା ସୃଷ୍ଟି ପାଇଁ ଯୋଜନା ପ୍ରସ୍ତୁତ ହେଉଛି । ପ୍ରସ୍ତାବିତ ଯୋଜନାରେ ଜାମା ମସଜିଦ କମ୍ପ୍ଲେକ୍ସର ସୌନ୍ଦର୍ଯ୍ୟକରଣ, ଶାହି ଇମାମ ରୋଡର ଉନ୍ନତିକରଣ ଏବଂ ମୀନା ବଜାରର ଐତିହ୍ୟବାହୀ କୋଠାଗୁଡ଼ିକର ବାହ୍ୟ ଅଂଶର ନବୀକରଣ ସାମିଲ ରହିଛି । ଏହା ସହ ଜେନାନା ପାର୍କ, ଉର୍ଦ୍ଦୁ ପାର୍କ ଓ ଦଙ୍ଗଲ ପାର୍କ ଭଳି ସାର୍ବଜନୀନ ସ୍ଥାନଗୁଡ଼ିକର ପୁନରୁଦ୍ଧାର କରାଯିବ




। ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଭୂତଳ ବିଦ୍ୟୁତ୍ ସହ ଅନ୍ୟାନ୍ୟ ଉପଯୋଗୀ ସେବାର ଆଧୁନିକୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଇନ୍ଦ୍ରପ୍ରସ୍ଥ ଐତିହ୍ୟ ପୁନଃବିକାଶ ନିଗମର ସମ୍ପ୍ରତି ବୈଠକରେ ଏହି ସମସ୍ତ ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା ହୋଇଛି । ପର୍ଯ୍ୟାୟକ୍ରମେ ସମସ୍ତ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଉଛି । ବର୍ତ୍ତମାନ ୪ଟି ପ୍ରମୁଖ ପ୍ରକଳ୍ପ ଉପରେ କାମ ଚାଲିଥିବା ବେଳେ ଏହାର ଲକ୍ଷ୍ୟ କେବଳ ଐତିହ୍ୟ ସଂରକ୍ଷଣ ନୁହେଁ, ବରଂ ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକଙ୍କ ପାଇଁ ଉନ୍ନତ ଭିତ୍ତିଭୂମି ସୁବିଧା ସୃଷ୍ଟି କରିବା । ପୂର୍ବରୁ ପ୍ରସ୍ତୁତ ଦ୍ୱିତୀୟ ପର୍ଯ୍ୟାୟ ବ୍ଲୁପ୍ରିଣ୍ଟର ମଧ୍ୟ ସମୀକ୍ଷା ଚାଲିଛି । ଏହା ଅନୁସାରେ ଚାନ୍ଦନୀ ଚୌକ କରିଡରକୁ ଜାମା ମସଜିଦ ଓ ନିକଟସ୍ଥ ପ୍ରମୁଖ ବଜାର ସହ ସଂଯୋଗ କରାଯିବ । ରାସ୍ତାର ଐତିହ୍ୟବାହୀ ରୂପକୁ ବଜାୟ ରଖି ଭୂତଳ ବିଦ୍ୟୁତ୍ ବ୍ୟବସ୍ଥା, ଆଧୁନିକ ସହରୀୟ ସେବା ଏବଂ ଟ୍ରାଫିକ୍ ଓ ପଦଯାତ୍ରୀଙ୍କ ଗତିବିଧିକୁ ଅଧିକ ସୁଗମ କରିବାକୁ ପ୍ରାଥମିକତା ଦିଆଯିବ ।

# ଅଯୋଧ୍ୟା ମେଡିକାଲ କଲେଜରୁ ମିଳିଲା ବିସ୍ଫୋରକ ତିଆରି ସମ୍ବନ୍ଧୀୟ ଦଲିଲ୍

ଅଯୋଧ୍ୟା : ଅଯୋଧ୍ୟାର ରାଜର୍ଷୀ ଦଶରଥ ଅଟୋନମସ ଷ୍ଟେଟ୍ ମେଡିକାଲ କଲେଜ୍ରୁ ଏକ ବିସ୍ଫୋରକ ତିଆରି ସମ୍ବନ୍ଧୀୟ ଦଲିଲ୍ ମିଳିବା ପରେ ଏହି ଘଟଣାରେ ଜଣେ ପ୍ରଥମ ବର୍ଷର ମେଡିକାଲ ଛାତ୍ର ଅଟକ ରହିଛନ୍ତି। ଅଧିକାରୀମାନେ କହିଛନ୍ତି, ମେଡିକାଲ କଲେଜର ଏକ୍ସରେ ରୁମ୍ର ବିଭାଗର ମୁଖ୍ୟଙ୍କ ଦ୍ୱାରା ଏହି ଦଲିଲ ମିଳିବାପରେ ତୁରନ୍ତ ପୁଲିସକୁ ଅବଗତ କରାଯାଇଥିଲା। ଏହାପରେ ଘଟଣାର ତଦନ୍ତ ଆରମ୍ଭ ହେଲା। ଘଟଣାଟି ୨୦୨୫ ନଭେମ୍ବର ଲାଲ୍କିଲା ବିସ୍ଫୋରଣ ମାମଲାକୁ ମନେ ପକାଇ ଦେଇଛି ଯେଉଁଥିରେ ଅଭିଯୁକ୍ତମାନେ ଫରିଦାବାଦର ଅଲ ଫଲାହ ବିଶ୍ୱବିଦ୍ୟାଳୟରେ ନିଯୁକ୍ତ ହୋଇଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଏହି ଦଲିଲକୁ ସରଫରାଜ ନାମକ ଜଣେ ପ୍ରଥମ ବର୍ଷର ଛାତ୍ର ପ୍ରସ୍ତୁତ କରିଛନ୍ତି। ଶୁକ୍ରବାର ରାତିରେ ସେ ଏକ୍ସରେ ରୁମ୍ ଡ୍ୟୁଟିରେ ଥିଲେ। ସରଫରାଜ ହେଉଛନ୍ତି ଉତ୍ତରପ୍ରଦେଶ ବଳରାମପୁର ବାସିନ୍ଦା। ତାଙ୍କୁ ଜେରା ପାଇଁ ପୁଲିସ ହାଜତକୁ ନେଇଛି। ସରଫରାଜଙ୍କ ସହ ଗତକାଲି ରାତିରେ ଡ୍ୟୁଟିରେ ଥିବା ଅନ୍ୟ ୨ ଜଣଙ୍କୁ ମଧ୍ୟ ପୁଲିସ ଜେରା କରୁଛି। ହାତଲେଖା ଦଲିଲ୍ରେ ବିସ୍ଫୋରକ ତିଆରି ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ସଂକ୍ରାନ୍ତରେ ବିସ୍ତୃତ ଭାବେ ବର୍ଣ୍ଣନା ରହିଛି। ଅନୁଷ୍ଠାନର ମୁଖ୍ୟ ମେଡିକାଲ ସୁପରିନଟେଣ୍ଡେଣ୍ଟ ଡା ଅରବିନ୍ଦ ସିଂହ କହିଛନ୍ତି, ଦଲିଲ ମିଳିବାପରେ ତୁରନ୍ତ ପୁଲିସକୁ ଅବଗତ କରାଯାଇଥିଲା। ଉକ୍ତ ଘଟଣାରେ ଅଧିକ ତଦନ୍ତ ଜାରି ରହିଛି। ଇତି ମଧ୍ୟରେ କଲେଜ୍ ପ୍ରଶାସନ ପକ୍ଷରୁ ସତର୍କତା ଜାରି ରହିଛି ଏବଂ କଲେଜ ପରିସରର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରାଯାଉଛି।

# ରାଜ୍ୟଗୁଡ଼ିକୁ ୧,୦୯,୦୧୯ କୋଟିର ଅଗ୍ରୀମ କର ବଣ୍ଟନ ବିକାଶ ପ୍ରକଳ୍ପକୁ ମିଳିବ ଗତି

ନୂଆଦିଲ୍ଲୀ: କେନ୍ଦ୍ର ସରକାର ଆଜି ଅଗଷ୍ଟ ପହିଲାରେ ବିଭିନ୍ନ ରାଜ୍ୟ ସରକାରଙ୍କୁ କେନ୍ଦ୍ରୀୟ କର ବାବଦରେ ୧ ଲକ୍ଷ ୯ ହଜାର ୧୯ କୋଟି ଟଙ୍କାର ଅତିରିକ୍ତ ଅଗ୍ରୀମ କର ହସ୍ତାନ୍ତର କରିଛନ୍ତି। ଏହା ସାଧାରଣ ମାସିକ କିସ୍ତିଠାରୁ ଅଲଗା ଏବଂ ସାଧାରଣ ମାସିକ ଅଗ୍ରୀମ କର କିସ୍ତି ୧୦ ଅଗଷ୍ଟ ୨୦୨୬ରେ ଜାରି ହେବ ବୋଲି ଅର୍ଥମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହି ଅର୍ଥ ରାଜ୍ୟଗୁଡ଼ିକର ପୁଞ୍ଜି ଏବଂ




ବିକାଶମୂଳକ ଖର୍ଚ୍ଚକୁ ତ୍ୱରାନ୍ୱିତ କରିବା ସହ ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ନିମନ୍ତେ ଭାରତ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିପାଦିତ କରିଛି।

### ଅଗଷ୍ଟ ୨୦୨୬ ପାଇଁ କେନ୍ଦ୍ରୀୟ କର ଏବଂ ଶୁଳ୍କର ନିଟ୍ ଆଦାୟ

| | | | | | |
|---|---|---|---|---|---|
| ୧ | ଆନ୍ଧ୍ର ପ୍ରଦେଶ | ୪୫୯୭ | ୧୫ | ମଣିପୁର | ୬୮୨ |
| ୨ | ଅରୁଣାଚଳ ପ୍ରଦେଶ | ୧୪୭୬ | ୧୬ | ମେଘାଳୟ | ୬୮୮ |
| ୩ | ଆସାମ | ୩୫୫୨ | ୧୭ | ମିଜୋରାମ | ୬୧୫ |
| ୪ | ବିହାର | ୧୦୮୪୫ | ୧୮ | ନାଗାଲାଣ୍ଡ | ୫୨୪ |
| ୫ | ଛତିଶଗଡ଼ | ୩୬୦୨ | ୧୯ | ଓଡ଼ିଶା | ୪୮୧୯ |
| ୬ | ଗୋଆ | ୩୯୮ | ୨୦ | ପଞ୍ଜାବ | ୨୧୭୬ |
| ୭ | ଗୁଜରାଟ | ୪୦୯୪ | ୨୧ | ରାଜସ୍ଥାନ | ୬୪୬୦ |
| ୮ | ହରିୟାଣା | ୧୪୮୪ | ୨୨ | ସିକିମ୍ | ୩୬୫ |
| ୯ | ହିମାଚଳ ପ୍ରଦେଶ | ୯୯୬ | ୨୩ | ତାମିଲନାଡୁ | ୪୪୬୬ |
| ୧୦ | ଝାଡ଼ଖଣ୍ଡ | ୩୬୬୦ | ୨୪ | ତେଲେଙ୍ଗାନା | ୨୩୭୦ |
| ୧୧ | କର୍ଣ୍ଣାଟକ | ୪୫୦୪ | ୨୫ | ତ୍ରିପୁରା | ୬୯୯ |
| ୧୨ | କେରଳ | ୨୫୯୭ | ୨୬ | ଉତ୍ତର ପ୍ରଦେଶ | ୧୯୨୦୮ |
| ୧୩ | ମଧ୍ୟ ପ୍ରଦେଶ | ୮୦୧୦ | ୨୭ | ଉତ୍ତରାଖଣ୍ଡ | ୧୨୪୪ |
| ୧୪ | ମହାରାଷ୍ଟ୍ର | ୭୦୨୨ | ୨୮ | ପଶ୍ଚିମବଙ୍ଗ | ୭୮୬୬ |

ରାଜ୍ୟଗୋଷ୍ଠୀ କ୍ରୀଡା

# ପ୍ରୀତି, ଜାସ୍ମିନୀଙ୍କୁ ସ୍ୱର୍ଣ୍ଣ




ନୂଆଦିଲ୍ଲୀ, ୧।୮ (ଏଜେନ୍ସି) : ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ପଦକ ଅଭିଯାନ ଜାରି ରହିଛି। ପ୍ରତିଯୋଗୀତାର ଦଶମ ଦିନ ଭାରତୀୟ ଆଥଲେଟ୍ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ କିମ୍ବା ରୌପ୍ୟ ହାସଲ କରିଛନ୍ତି। ତେଣୁ ଭାରତର ପଦକ ତାଲିକା ଆହୁରୀ ମଜଭୁତ ହୋଇଛି। ମହିଳା ୫୪ କିଲୋଗ୍ରାମ ବର୍ଗ ଫାଇନାଲରେ ପ୍ରୀତି ପାୱାର ନିଜର ପାୱାର ଦେଖାଇଛନ୍ତି। ଭାରତର ଏହି ମହିଳା ବକ୍ସର ଫାଇନାଲରେ କାନାଡାର ସ୍କାରଲେଟ୍ ଡେଲଗାଡୋ ୫-୦ ରେ ପରାସ୍ତ କରି ଭାରତ ପାଇଁ ବକ୍ସିଂରେ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅନ୍ୟତମ ବକ୍ସର ଜାସ୍ମିନୀ ଲାମ୍ବୋରିଆ ମହିଳା ୫୭ କିଲୋଗ୍ରାମ ଫାଇନାଲରେ ଆୟରଲାଣ୍ଡ ଡିଫେଣ୍ଡିଂ ଚାମ୍ପିଅନ ମାଇକେଲା ୱାଲ୍ସଙ୍କୁ ୫-୦ରେ ପରାଜିତ କରି ବକ୍ସିଂ ବର୍ଗରେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

ଫାଇନାଲ ମୁକାବିଲାରେ ପ୍ରୀତି କାନାଡାର ଡେଲଗାଡୋଙ୍କ ସହ ମୁହାଁମୁହିଁ ହୋଇଥିଲେ। ପ୍ରୀତି ପ୍ରତିପକ୍ଷଙ୍କୁ ୫-୦ରେ ପରାସ୍ତ କରି ଏହି ବିଜୟ ହାସଲ କରିଥିଲେ। ପ୍ରଥମ ରାଉଣ୍ଡରେ ପ୍ରୀତି ଧୈର୍ଯ୍ୟର ସହ ଖେଳି ସଠିକ ଲେଫ୍ଟ ହୁକ୍ ପ୍ରହାର କରି ୫-୦ରେ ବିଜୟ ହାସଲ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ଦବଦବା ଆହୁରୀ ବଢାଇଥିଲେ। ଶକ୍ତ ପଞ୍ଚ୍ ଦ୍ୱାରା ପ୍ରତିପକ୍ଷଙ୍କୁ ଷ୍ଟାଣ୍ଡିଂ କାଉଣ୍ଟର କରିବାକୁ ବାଧ କରିଥିଲେ। ଶେଷ ରାଉଣ୍ଡରେ ମଧ୍ୟ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖି ଭାରତ ପାଇଁ ବକ୍ସିଂରେ ସ୍ୱର୍ଣ୍ଣ ପଦକ ନିଶ୍ଚିତ କରିଥିଲେ ପ୍ରୀତି। ପ୍ରୀତି ପାୱାର ଓ ଜାସ୍ମିନୀଙ୍କ ସ୍ୱର୍ଣ୍ଣ ସହ ଭାରତର ପଦକ ସଂଖ୍ୟା ୨୭ରେ ପହଞ୍ଚିଛି। ମୋଟ ୭ ଟି ସ୍ୱର୍ଣ୍ଣ, ୧୩ ଟି ରୌପ୍ୟ, ୭ ଟି ବ୍ରୋଞ୍ଜ୍ ପଦକ ଭାରତୀୟ ପ୍ରତିଯୋଗୀ ଜିତିଛନ୍ତି।

ପୁରୁଷ ଟ୍ରିପଲ ଜମ୍ପରେ ଭାରତକୁ ୨ ଟି ପଦକ ମିଳିଛି। ପ୍ରବୀଣ ଚିତ୍ରାଭେଲ୍ ୧୬.୫୮ ମିଟର ସହ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଛନ୍ତି। ସେହିଭଳି ସେଲଭା ପ୍ରଭୁ ଥିରୁମାରନ ୧୬.୫୨ ମିଟର ସହ ବ୍ରୋଞ୍ଜ୍ ପଦକ ଜିତିଛନ୍ତି।

**ନୀରଜଙ୍କୁ ରୌପ୍ୟ, ଯଶବୀରଙ୍କୁ ବ୍ରୋଞ୍ଜ୍**

ରାଜ୍ୟଗୋଷ୍ଠୀ କ୍ରୀଡାର ପୁରୁଷ ଜାଭେଲିନ୍ ଥ୍ରୋ ଫାଇନାଲରେ ଭାରତ ଚମତ୍କାର ପ୍ରଦର୍ଶନ କରିଛି। ଏହା ସହ ଦୁଇଟି ପଦକ ମଧ୍ୟ ମିଳିଛି। ନୀରଜ ଚୋପ୍ରା ରୌପ୍ୟ



ଜିତିଥିବାବେଳେ, ଯଶବୀର ସିଂ ବ୍ରୋଞ୍ଜ ପଦକ ଜିତିଛନ୍ତି। ପାକିସ୍ତାନର ଅଲିମ୍ପିକ ଚାମ୍ପିଅନ ଅର୍ଶଦ ନଦୀମ ପ୍ରାରମ୍ଭିକ ପର୍ଯ୍ୟାୟରେ ବାଦ୍ ପଡିଥିଲେ। ପ୍ରତିଯୋଗୀତାଟି ଥଣ୍ଡା ପାଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନୀରଜ ଚୋପ୍ରା ତାଙ୍କ ପ୍ରଥମ ପ୍ରୟାସରେ ୮୦.୯୭ ମିଟର ଥ୍ରୋ କରିଥିଲେ। ଦ୍ୱିତୀୟ ପ୍ରୟାସରେ ୮୫.୮୩ ମିଟର ଜାଭେଲିନ୍ ପକାଇ ପଦକ ଦୌଡରେ ସାମିଲ ହୋଇଥିଲେ। କିନ୍ତୁ ଶ୍ରୀଲଙ୍କାର ରୁମେଶ ପଥିରାଗେ ୮୯.୭୫ ମିଟର ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପାକିସ୍ତାନର ଅର୍ଶଦ ନଦୀମଙ୍କ ପ୍ରଥମ ଥ୍ରୋ ଫାଉଲ୍ ହୋଇଥିଲା। ପ୍ରଥମ ୩ଟି ପ୍ରୟାସ ପରେ ଶ୍ରେଷ୍ଠ ୮ ମଧ୍ୟରେ ସେ ରହିପାରିନଥିଲେ। ପଦକ ଦୌଡରୁ ବାଦ ପଡିଥିଲେ। ୩ ଜଣ ଭାରତୀୟ ନୀରଜ ଚୋପ୍ରା, ରୋହିତ ଯାଦବ ଏବଂ ଯଶବୀର ସିଂ ଶ୍ରେଷ୍ଠ ୮ ମଧ୍ୟରେ ସ୍ଥାନ ପାଇଛନ୍ତି। ଏମାନଙ୍କ ମଧ୍ୟରୁ ନୀରଜ ଓ ଯଶବୀରଙ୍କୁ ପଦକ ସଫଳତା ମିଳିଛି। ଯଶବୀର ପଦକ ପର୍ଯ୍ୟାୟରେ ୮୫.୪୧ ମିଟର ଜାଭେଲିନ୍ ଫିଙ୍ଗି ନୀରଜଙ୍କ ତଳକୁ ତୃତୀୟ ସ୍ଥାନରେ ରହିଥିଲେ। ନୀରଜଙ୍କ ପରେ ଯଶବୀର ଭାରତ ପାଇଁ ଜାଭେଲିନରେ ଗୌରବ ଆଣିଛନ୍ତି।

## ସଟ୍‌ପୁଟରେ ଭାରତକୁ ସ୍ୱର୍ଣ୍ଣ, ରୌପ୍ୟ




ନୂଆଦିଲ୍ଲୀ, ୧।୮ (ଏଜେନ୍ସି) :ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତୀୟ ପାରା ଆଥଲେଟଙ୍କ ଦମଦାର ପ୍ରଦର୍ଶନ ଯୋଗୁଁ ପଦକ ସଂଖ୍ୟା ବଢିଛି। ପୁରୁଷ ସଟ୍‌ପୁଟ ଏଫ ୫୭ବର୍ଗରେ ଭାରତ ଉଭୟ ସ୍ୱର୍ଣ୍ଣ, ରୌପ୍ୟ ପଦକ ଜିତିଛି। ଭାରତ ପାଇଁ ସୋମନ ରାଣା ଓ ଶୁଭମ୍ ଜୁଆଲ ପଦକ ସଫଳତା ହାସଲ କରିଛନ୍ତି। ସୋମନ ୧୩.୪୦ ମିଟର ସହ ସ୍ୱର୍ଣ୍ଣ ଏବଂ ଶୁଭମ୍ ୧୩.୨୮ ମିଟର ସହ ରୌପ୍ୟ ପଦକ ସଫଳତା ପାଇଛନ୍ତି। ଉଭୟ ଖେଳାଳି ଚଳିତ ସଂସ୍କରଣରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ଭାରତ ପାଇଁ ଐତିହାସିକ ଡବଲ ପଦକ ଜିତିଛନ୍ତି। ସୋନମ ପ୍ରଥମ ଭାରତୀୟ ଖେଳାଳି ଭାବେ ଏଫ୍ ୫୭ ବର୍ଗରେ ସ୍ୱର୍ଣ୍ଣ ଜିତିଛନ୍ତି। ଏତଦ୍ ବ୍ୟତୀତ୍ ରାଜ୍ୟଗୋଷ୍ଠୀ କ୍ରୀଡାରେ ମଧ୍ୟ ପ୍ରଥମ ଥର ଭାରତ ଏକାସଙ୍ଗରେ ଦୁଇଟି ପଦକ ଜିତିବାର କୀର୍ତ୍ତିମାନ ହାସଲ କରିଛି।ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ପଞ୍ଚମ ଥର ପାଇଁ ଭାରତ ଗୋଟିଏ ଇଭେଣ୍ଟରେ ଡବଲ ପଦକ ପାଇବାର ରେକର୍ଡ କରିଛି। ଏହାପୂର୍ବରୁ ମହିଳା ସଟ୍‌ପୁଟ୍ ଏଫ ୫୭ ବର୍ଗରେ ସର୍ମିଳା ଧନକର ସ୍ୱର୍ଣ୍ଣ ଏବଂ ଶିକ୍ସା ଶଲ୍ୟା ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି ପୁରୁଷ ୧୦୦ ମିଟର ଟି ୪୭ ବର୍ଗରେ ଦିଲ୍ଲୀପ ସ୍ୱର୍ଣ୍ଣ ଓ ମହମ୍ମଦ ବାସିଲ ରୌପ୍ୟ ପଦକ ଜିତିଥିଲେ। ଜାଭେଲିନରେ ନିରଜ ଚୋପ୍ରା ରୌପ୍ୟ, ଯଶବୀର ସିଂ ବ୍ରୋଞ୍ଜ୍, ଟ୍ରିପଲ ଜମ୍ପରେ ଭାରତର ପ୍ରବୀଣ ଚିତ୍ରାଭେଲ ରୌପ୍ୟ, ସେଲଭା ପ୍ରଭୁ ଥିରୁମାରନ୍ ବ୍ରୋଞ୍ଜ ପଦକ ଜିତିଥିଲେ। ଏମାନଙ୍କ ପରେ ଏବେ ସୋନମ ଓ ଶୁଭମ୍ ଗୋଟିଏ ଇଭେଣ୍ଟରେ ଡବଲ ପଦକ ହାସଲ କରିଛନ୍ତି।

ସୋନମ ରାଣା ଭାରତୀୟ ସେନାର ଜଣେ ହାବିଲଦାର। ସେ ମେଘାଳୟର ଗୟା ସହରର ବାସିନ୍ଦା। ତଥା କୃଷକ ପରିବାରରୁ ଆସିଛନ୍ତି। ୨୦୦୧ ମସିହାରେ ସେ ଭାରତୀୟ ସେନାରେ ଯୋଗ ଦେଇଥିଲେ। ୨୦୦୬ରେ ଜମ୍ମୁକାଶ୍ମିର ନିୟନ୍ତ୍ରଣ ରେଖାରେ ଗୋର୍ଖା ରାଇଫଲରେ କାର୍ଯ୍ୟରତ ଥିବା ବେଳେ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଗୁରୁତର ଆହତ ହୋଇଥିଲେ। ଏହି ଦୁର୍ଘଟଣା ଯୋଗୁଁ ତାଙ୍କ ଡାହାଣ ଗୋଡକୁ ଆଣ୍ଠୁ ପାଖରୁ କାଟିବାକୁ ପଡିଥିଲା। ୨୦୧୭ରେ ସେ ସେନାର ପାରଲମ୍ପିକ ନୋଡରରେ ଯୋଗ ଦେବା ପରେ ପାରା କ୍ରୀଡାରେ କ୍ୟାରିୟର ଆରମ୍ଭ କରିଥିଲେ। ୨୦୨୩ ଏସିଆନ ପାରା ଗେମ୍ସରେ ସେ ରୌପ୍ୟ ପଦକ ଜିତିଥିବା ବେଳେ ୨୦୨୫ରେ ନୂଆଦିଲ୍ଲୀରେ ଆୟୋଜିତ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ।

ପାରା କ୍ରୀଡାର ଅନ୍ୟତମ ପ୍ରତିଯେଗୀ ଶୁଭମ୍ ଜୁୟାଲଙ୍କ ପିତା ଭାରତୀୟ ସେନାରେ କାର୍ଯ୍ୟରତ ଥିଲେ। ଶୁଭମ୍ ନିଜେ ମଧ୍ୟ ସେନାରେ ଯୋଗ ଦେବାକୁ ଚାହୁଁଥିଲେ। କିନ୍ତୁ ୨୬ ବର୍ଷ ବୟସରେ କ୍ୟାଡେଡ୍ ପରୀକ୍ଷାରେ ସଫଳ ହେବା ପରେ ଏସ୍‌ଏସ୍‌ବି ଇଣ୍ଟରଭ୍ୟୁ ପାଇଁ ଯାଉଥିବା ସମୟରେ ସେ ମୋଟର ସାଇକେଲ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏହି ଦୁର୍ଘଟଣାରେ ସେ ଗୋଟିଏ ଗୋଡ ହରାଇଥିଲେ। ସୁସ୍ଥ ହେବା ପରେ ସେ ପାରାଲିମ୍ପିକ ନୋଡରେ ଯୋଗ ଦେଇ ପାରା କ୍ରୀଡାରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ନିଜର ଦୃଢ ମନୋବଳ ଓ କଠିନ ପରିଶ୍ରମ ବଳରେ ସେ ଦେଶ ପାଇଁ ଐତିହାସିକ ପଦକ ଜିତିବାରେ ସଫଳ ହୋଇଛନ୍ତି।

## ଅଗଷ୍ଟ ୮ ରୁ ଆନ୍ତଃସ୍କୁଲ, ୧୦ ରୁ ୱାଇଜିଟିଟିଏ ଟେବୁଲ ଟେନିସ୍ ଚାମ୍ପିଅନସିପ୍

ଭୁବନେଶ୍ୱର, ୧।୮ (ସବ୍ୟୁ) : ଓଡିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏସନରେ ଅଗଷ୍ଟ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ସପ୍ତମ ରାଜ୍ୟ ଆନ୍ତଃସ୍କୁଲ ଟେବୁଲ ଟେନିସ ପ୍ରତିଯୋଗିତା କଟକର ସିଡିଏ ସେକ୍ଟର ୭ ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଖେଳାଯିବ। ଏଥିରେ ଜୁନିୟର ଓ ସିନିୟର ବଗରେ ବାଳକ ଓ ବାଳିକାଙ୍କ ପାଇଁ ଉଭୟ ବ୍ୟକ୍ତିଗତ ଓଦଳଗତ ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ଓଡିଶାର ଯେକୌଣସି ବୋର୍ଡ ଅଧୀନରେ ଥିବା ବିଦ୍ୟାଳୟର ଖେଳାଳି ଭାଗ ନେଇପାରିବେ। ଉଭୟ ଦଳଗତ ଓ ବ୍ୟକ୍ତିଗତ ବିଭାଗରେ ପ୍ରତିଯୋଗିତା ହେବ। କଟକର ଯଙ୍ଗ ଜେନେରେସନ୍ ଟେବୁଲ ଟେନିସ ଆସୋସିଏସନ୍ ଆନୁକୂଲ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ୱାଜିଟିଟିଏ ରାଜ୍ୟ ର୍ୟାଙ୍କିଂ ଟେବୁଲ ଟେନିସ ଚାମ୍ପିଅନସିପ୍‌ର ୩୧ତମ ସଂସ୍କରଣ କଟକ ସିଡିଏ ସେକ୍ଟର ୭ ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ହଲରେ ଆଗାମୀ ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଖେଳାଯିବ। ଏଥିରେ ମୋଟି ୧୨ ଟି ସିଙ୍ଗଲ୍ସ ଇଭେଣ୍ଟରେ ପ୍ରତିଯୋଗିତା ହେବ। ସିନିୟର ବିଭାଗରେ ପୁରୁଷ ମହିଳା ସିଙ୍ଗଲ୍ସ, ବାଳକ ଓ ବାଳିକା ଖେଳାଳିଙ୍କ ପାଇଁ ଦୁଇଟି ଜୁନିୟର ପ୍ରତିଯୋଗିତା, ସବଜୁନିୟର, କ୍ୟାଡେଡ୍, ହୋପସ୍ ବର୍ଗରେ ସିଙ୍ଗଲ୍ସ ଚାମ୍ପିଅନସିପ୍ ଆୟୋଜିତ ହେବ। ଓଡିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏସନ୍ ସ୍ୱୀକୃତି ପ୍ରାପ୍ତ ର୍ୟାଙ୍କିଂ ଟୁର୍ଣ୍ଣାମେଣ୍ଟ ବିଭିନ୍ନ ବିଭାଗର ଚାତୀୟ ଚାମ୍ପିଅନସିପ ପାଇଁ ଦଳ ବାଛିବା ବେଳେ ପ୍ରତିଯୋଗିତାର ପ୍ରଦର୍ଶନକୁ ବିଚାରକୁ ନିଆଯିବ। ଏଥିରେ ଓଡିଶାର ଯେକୌଣସି ଜିଲ୍ଲା, ଅନୁଷ୍ଠାନ, ସଂଗଠନ, ଶିକ୍ଷାନୁଷ୍ଠାନର ଖେଳାଳି ଭାଗ ନେଇପାରିବେ। ଉଭୟ ଟୁର୍ଣ୍ଣାମେଣ୍ଟରର ଖେଳାଳିଙ୍କୁ ବୈଧ, ଜନ୍ମଗତ ପ୍ରମାଣପତ୍ର ଦେଖାଇବାକୁ ପଡିବ। ଉଭୟ ଟୁର୍ଣ୍ଣାମେଣ୍ଟରେ କୃତି ଖେଳାଳିଙ୍କୁ ଟ୍ରଫି, ପଦକ ଓ ଅର୍ଥ ପୁରସ୍କାର ପ୍ରଦାନ କରାଯିବ। ଏଥିରେ ଭାଗ ନେବା ପାଇଁ ଉଭୟ ଦଳଗତ ଓ ବ୍ୟକ୍ତିଗତ ବିଭାଗରେ ନାମ ପଞ୍ଜିକୃତ କରିବାର ଶେଷ ତାରିଖ ଅଗଷ୍ଟ ୬ ରହିଛି।

## ସର୍ବ ଭାରତୀୟ ଜୁନିୟର ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦଯାପିତ

ଭୁବନେଶ୍ୱର,୧/୮ (ସବ୍ୟୁ) : ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଡାଲମିଆ ଭାରତ ଗୋପିଚାନ୍ଦ ବ୍ୟାଡମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ) ଠାରେ ଚାଲିଥିବା ଜୋନେକ୍ସ ସନରାଇଜ ଜୁନିଅର ବେଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଅଛି। ଖେଳାଯାଇଥିବା ବାଳିକା ଫାଇନାଲ ରେ ରାଜସ୍ଥାନ ର ପାରୁଲ ଚୌଧୁରୀ ତାମିଲନାଡୁ ଖେଳାଳୀ ଦୀକ୍ଷା ଏସ ଆରଙ୍କୁ ୨୦-୧୮,୧୫-୭ ପଏଣ୍ଟ ରେ ହରାଇ ଚାମ୍ପିୟନ ହୋଇଛନ୍ତି । ବାଳକ ସିଙ୍ଗଲ ଫାଇନାଲ ରେ ଉତ୍ତରାଖଣ୍ଡର ନିଶ୍ଚଳ ଚାନ୍ଦ ଏକ ତିନି ଗେମ ବିଶିଷ୍ଟ ସଂଘର୍ଷପୁର୍ଣ ମେଚରେ ତେଲେଙ୍ଗାନା ଖେଳାଳୀ ଟି. ଜ୍ଞାନଦତ୍ତଙ୍କୁ ୧୨-୧୫,୧୫-୧୧,୧୭-୧୫ ପଏଣ୍ଟ ରେ ହରାଇ ଚମ୍ପିୟାନ ହୋଇଛନ୍ତି। ମିକ୍ସଡ଼ ଡବଲସ ଫାଇନାଲ ରେ ଛତିଶଗଡ ତାମିଲନାଡୁ ଯୋଡି ଦିବ୍ୟାନସ ଅଗ୍ରୱାଲ ଓ ଭାମା ପ୍ରଭୁଆନନ୍ଦ ଦିଲ୍ଲୀ ଉତ୍ତରାଖଣ୍ଡ ଯୋଡି ଯୋଗନ୍ସ ସିଂ ଓ ଅନ୍ୟା ବିସ୍ତ ଙ୍କୁ ସଂଘର୍ଷ ପୂର୍ଣ୍ଣ ତିନୋଟି ଗେମ ୧୪-୧୬,୧୫-୧୩ ଓ ୧୬-୧୪ ପଏଣ୍ଟ ରେ ହରାଇ ଚମ୍ପିୟାନ ହୋଇଛନ୍ତି । ବାଳିକାବିଭାଗ ର ଡବଲସ ଫାଇନାଲ ରେ ଉତ୍ତରାଖଣ୍ଡ ର ଆନ୍ୟା ବିସ୍ତ ଓ ଆଞ୍ଜେଲ ପୁନେରା କର୍ଣ୍ଣାଟକ ଯୋଡି ଦୀପକ ରାଜ ଅଦିତି ଓ ପୋନ୍ନାମ୍ମା ବି ଭି ବୃଦ୍ଧି ଙ୍କୁ ସିଧାସଳଖ ୧୫-୯,୧୫-୯ ପଏଣ୍ଟ ବିଶିଷ୍ଟ ଦୁଇଟି ଗେମ୍ସ ରେ ହରାଇ ପ୍ରତିଯୋଗିତା ରେ ଚାମ୍ପିୟନ ହୋଇଛନ୍ତି ।

## ବାଳିକାରେ ପାରୁଲ, ବାଳକରେ ନିଶ୍ଚଳ ଚାମ୍ପିଅନ




ବାଳକ ଡବଲସ ଫାଇନାଲ ରେ କେରଳ ଦିଲ୍ଲୀ ଯୋଡି ଆଥିସ ଶ୍ରୀନିବାସ ପି ଭି ଓ ଯୋଗନ୍ସ ସିଂ କର୍ଣ୍ଣାଟକ ଯୋଡି ପବନ ଏସ. ଓ ପୁନିଥ ଏସ. ଙ୍କୁ ୧୨-୧୫, ୧୫-୧୧ଓ ୧୭-୧୫ ପଏଣ୍ଟ ରେ ହରାଇ ଚାମ୍ପିୟନ ହୋଇଛନ୍ତି। ପ୍ରତିଯୋଗିତା ର ସମସ୍ତ ଫାଇନାଲ ପରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ନିର୍ଦ୍ଦେଶକ ଡ଼. ୟେଦୁଲ୍ଲା ବିଜୟ, ସମ୍ମାନିତ ଅତିଥିଭାବେ କ୍ରୀଡ଼ା ବିଭାଗ ସ୍ୱତନ୍ତ୍ର ସଚିବ ଅଶୋକ କୁମାର ପଣ୍ଡା, ଅତିରିକ୍ତ ସଚିବ ସୁଧାକର ନାୟକ, ଉପସଚିବ ଅମିତ କୁମାର ନାୟକ ଉପସଚିବ ବିଭୁଦା ଗଡ଼ନାୟକ ଓସବା ସମ୍ପାଦକ ନିଳିନ କୁମାର ଯୋଗ ଦେଇ ଚାମ୍ପିଅନ ଓ ରନର୍ସ ଅପ ଖେଳାଳିଙ୍କୁ ଟ୍ରଫି, ମେଡାଲ, ମାନପତ୍ର ଓ ଅର୍ଥରାଶି ରେ ପୁରସ୍କୃତ କରିଥିଲେ । ଗତ ମାସ ୨୫ ତାରିଖ ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ର ସଫଳ ରୂପାୟନ ପାଇଁ ଉପସଭାପତି ପ୍ରଦୀପ ପଟ୍ଟନାୟକ, ଶୈଳେନ୍ଦ୍ର ଚୌଧୁରୀ, ଜୟପ୍ରକାଶ ସିଂ କମଳ ଦାସ, ସୁରୁଲାଲ ମଟଝରୀ, ମନୋରଞ୍ଜନ ପଣ୍ଡା, ଜୟପ୍ରକାଶ ଜେନା, ଅଭିଷେକ ବିଶ୍ୱାସ,ଚନ୍ଦନ ମହାରଣା ଦୀପକ ମହାନ୍ତି ପ୍ରୀତପାଲ ସିଂ ଅବଦୁଲ ହାକିମ, ଶୁଭମ ନାୟକ, ସନ୍ଦୀପ ମିଶ୍ର, ମନୋରଞ୍ଜନ ଦାସ ପ୍ରମୁଖ ମୁଖ୍ୟ ଭୂମିକାରେ ଥିଲେ। ପ୍ରତିଯୋଗିତାର ବୈଷୟିକ ବିଭାଗ ଚିପ୍ ରେଫରି ତ୍ରିଲୋକ ଶୁକ୍ଲା, ଡେପୁଟି ରେଫରି ଭାବରେ ମାଧବ ନାରାୟଣ ଓ ପ୍ରଣବ ବିଷ୍ଣୋଇ, ମ୍ୟାଚ କଂଟ୍ରୋଲ ଭାବେ ସନ୍ଦିପ ହେବଲେ ଦାୟିତ୍ୱ ତୁଲାଇଥିଲେ।

ତାଇପେଇ ଓପନ

## ଫାଇନାଲରେ ତନ୍ୱୀ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି) : ଭାରତର ଉଦୀୟମାନ ବ୍ୟାଡମିଣ୍ଟନ ଖେଳାଳି ତନ୍ୱୀ ଶର୍ମା ତାଇପେଇ ଓପନ ସୁପର ୩୦୦ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାରରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ସେ ଆୟୋଜିତ ଚାଇନିଜ୍ ତାଇପେଇର ହୁଆଙ୍ଗ ୟୁ ହସୁନଙ୍କୁ ୨୧-୧୭, ୨୧-୧୧ ସିଧାସଳଖ ଗେମରେ ପରାସ୍ତ କରିଥିଲେ। ଏହି ଏକତରଫା ମ୍ୟାଚ ଜିତିବାକୁ ତନ୍ୱୀ ମାତ୍ର ୩୩ ମିନିଟ୍ ସମୟ ନେଇଥିଲେ। ୧୭ ବର୍ଷୀୟା ତନ୍ୱୀ ପ୍ରଥମ ଗେମକୁ ୪ ପଏଣ୍ଟ ବ୍ୟବଧାନରେ ଜିତିବା ପରେ ଦ୍ୱିତୀୟରେ ଆହୁରୀ ଦମଦାର ପ୍ରଦର୍ଶନ କରି ୧୦ ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ବିଶ୍ୱ କନିଷ୍ଠ ଚାମ୍ପିଅନସିପ ରୌପ୍ୟ ପଦକ ବିଜୟିନୀ ଏହି ଭାରତୀୟ ମହିଳା ଖେଳାଳି ରବିବାର ଫାଇନାଲରେ ନିଜ ଦେଶର ଉନ୍ନତୀ ହୁଦାଙ୍କୁ କିମ୍ବା ଭିଏତନାମର ଷଷ୍ଠ ସିଡ୍ ଥୁଏଲିନ୍‌ଙ୍କ ମଧ୍ୟରୁ ଜଣଙ୍କୁ ଭେଟିବେ।

## ଶ୍ରୀଲଙ୍କା ଶୃଙ୍ଖଳା ପୂର୍ବରୁ ଧୋନୀଙ୍କୁ ଭେଟିଲେ ପନ୍ତ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି) : ଭାରତୀୟ ଦଳ ଖୁବ୍‌ଶୀଘ୍ର ଶ୍ରୀଲଙ୍କା ଗସ୍ତରେ ଯିବ। ଉଭୟ ଦଳ ମଧ୍ୟରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଅଗଷ୍ଟ ୧୫ ରୁ ଆରମ୍ଭ ହେବ। ୱିକେଟ୍ କିପର ବ୍ୟାଟର ରିଷଭ ପନ୍ତ ଏହି ଶୃଙ୍ଖଳାରେ ଦଳକୁ ଫେରିଛନ୍ତି। ଦିନିକିଆ ଏବଂ ଟି -୨୦ ରୁ ବାଦ ପଡିଥିବା ପନ୍ତ ଶ୍ରୀଲଙ୍କା ଟେଷ୍ଟ ଶୃଙ୍ଖଳା ପୂର୍ବରୁ ମହେନ୍ଦ୍ର ଧୋନୀଙ୍କୁ ସାକ୍ଷାତ କରିବା ଏବଂ ତାଙ୍କ ସହ ଅଭ୍ୟାସ କରୁଥିବା ନଜର ଆସିଛନ୍ତି। ଭାରତର ପୂର୍ବତନ କ୍ରିକେଟର ସାହାବାଜ୍ ନଦୀମ ଇନ୍‌ଷ୍ଟାଗ୍ରାମରେ ଧୋନୀ ଏବଂ ରିଷଭ ପନ୍ତଙ୍କ ସହିତ ଏକ ଫଟୋ ସେୟାର



କରିଛନ୍ତି। ଏହି ଫଟୋ ରାଞ୍ଚିସ୍ଥିତ ଏକ ଜିମର ବୋଲି ଜଣାପଡିଛି। ଧୋନୀ ନୀଳରଙ୍ଗର ଟ୍ରାକସୁଟରେ ନଜର ଆସୁଛନ୍ତି। ପନ୍ତ କଳାରଙ୍ଗର ଟି ସାର୍ଟ ପିନ୍ଧିଛନ୍ତି। ଫଟୋରେ ନଦୀମ କ୍ୟାପସନ ଦେଇ ଲେଖିଛନ୍ତି ଭାରତୀୟ କ୍ରିକେଟର ସବୁଠାରୁ ଶ୍ରେଷ୍ଠ ଦୁଇ ଫିନିସର। ରିଷଭ ପନ୍ତ ଶେଷ ଥର ପାଇଁ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚ ଖେଳିଥିଲେ। ସେ ଗୋଟିଏ ଇନିଂସରେ ୮୧ ରନ କରିଥିଲେ। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ପାଇଁ ରିଷଭ ପନ୍ତ ଏବଂ ଧ୍ରୁବ ଜୁରେଲ ୱିକେଟ କିପର ଭାବେ ଦଳରେ ସ୍ଥାନ ପାଇଛନ୍ତି। ଚୂଡାନ୍ତ ଏକାଦଶରେ ପନ୍ତ ଏବଂ ଜୁରେଲଙ୍କ ମଧ୍ୟରୁ ଜଣେ ସୁଯୋଗ ପାଇବେ।

## ୱାର୍ମଅପ ସୂଚୀରେ ପରିବର୍ତ୍ତନ

ଶ୍ରୀଲଙ୍କା ବିପକ୍ଷ ଦୁଇଟି ଟେଷ୍ଟ ମ୍ୟାଚ ପୂର୍ବରୁ ଭାରତୀୟ ଦଳର ଅଭ୍ୟାସ ସୂଚିରେ ବଡ ପରିବର୍ତ୍ତନ କରାଯାଇଛି। ଭାରତୀୟ ଦଳ ଓ ସ୍ଥାନୀୟ ଶ୍ରୀଲଙ୍କା ଦଳ ମଧ୍ୟରେ ଖେଳାଯିବାକୁ ଥିବା ୱାର୍ମଅପ ମ୍ୟାଚର ଅବଧିକୁ ଗୋଟିଏ ଦିନ କମାଇଦିଆଯାଇଛି। ପୂର୍ବରୁ ଏହି ମ୍ୟାଚ ୪ ଦିନିଆ ହେବାର ଥିଲା। କିନ୍ତୁ ଏବେ ଏହାକୁ ୩ ଦିନିଆ କରାଯାଇଛି। ଏହି ମ୍ୟାଚ ଅଗଷ୍ଟ ୭ ରୁ ୯ ପର୍ଯ୍ୟନ୍ତ କଲମ୍ବୋରେ ଖେଳାଯିବ। ସେହିଭଳି ଅଗଷ୍ଟ ୪ରେ ଭାରତୀୟ ଦଳ କଲମ୍ବୋ ଗସ୍ତ କରିବ। ପ୍ରଥମେ ୪ ଦିନିଆ ଅଭ୍ୟାସ ମ୍ୟାଚ ଖେଳାଯିବା ନେଇ ଘୋଷଣା ହୋଇଥିଲା। କିନ୍ତୁ ଏବେ ଏଥିରେ ପରିବର୍ତ୍ତନ କରାଯାଇଛି। ମ୍ୟାଚର କ୍ରମକମାଇବାର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିଲେ ବି ଟିମ୍ ମ୍ୟାନେଜମେଣ୍ଟ ଏହାକୁ ନିଶ୍ଚିତ କରିଛି। ଜୁନ୍ ପରଠାରୁ ଭାରତ କୌଣସି ଟେଷ୍ଟ ମ୍ୟାଚ ଖେଳିନଥିବାରୁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଦୃଷ୍ଟିରୁ ଶୁଭମନ୍ ଗିଲଙ୍କ ନେତୃତ୍ୱାଧୀନ ଦଳ ପାଇଁ ଏହି ମ୍ୟାଚ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିବ।

ଗୋଡ ଆଙ୍ଗୁଠିରେ ଆଘାତ ଯୋଗୁଁ ସାଇ ସୁଦର୍ଶନ ବେଙ୍ଗାଲୁରୁ ସ୍ଥିତ ସେଣ୍ଟର ଅଫ ଏକ୍ସିଲେନ୍ସରେ ରିହାବରେ ରହିଥିଲେ। ଏବେ ଦ୍ରୁତ ଗତିରେ ସୁସ୍ଥ ହେଉଛନ୍ତି। ବ୍ୟାଟିଂ ଅଭ୍ୟାସ ମଧ୍ୟ ଆରମ୍ଭ କରିଦେଇଛନ୍ତି। ଦଳର ଗସ୍ତ ପୂର୍ବରୁ ସେ ସମ୍ପୂର୍ଣ୍ଣ ଫିଟ୍ ହୋଇଯିବେ ବୋଲି ଆଶା କରାଯାଉଛି। ଆଣ୍ଠୁ ସମସ୍ୟା ସତ୍ତ୍ୱେ ଯଶପ୍ରୀତ ବୁମରାଙ୍କୁ ଦଳରେ ସାମିଲ କରାଯାଇଥିଲା। ଟେଷ୍ଟ ଶୃଙ୍ଖଳା ଆରମ୍ଭ ହେବା ପୂର୍ବରୁ ସେ ମଧ୍ୟ ସମ୍ପୂର୍ଣ୍ଣ ଫିଟ୍ ଥିବା ସୂଚନା ମିଳିଛି।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

## ଓଡ଼ିଶାର ଉଚ୍ଚସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପରିଦର୍ଶନ କଲେ ବିହାରର କ୍ରୀଡ଼ାମନ୍ତ୍ରୀ ଶ୍ରେୟସୀ ସିଂହ

ଭୁବନେଶ୍ୱର, ୧।୮ (ସବ୍ୟୁ) : ବିହାର ସରକାରଙ୍କ ମାନ୍ୟବର କ୍ରୀଡ଼ା ଓ ଉଦ୍ୟୋଗ ମନ୍ତ୍ରୀ ଶ୍ରେୟସୀ ସିଂହ ଜୁଲାଇ ୩୦ ରୁ ଅଗଷ୍ଟ ୨, ୨୦୨୬ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଅଛନ୍ତି। ବିହାରରେ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ 'ସ୍ପୋର୍ଟସ୍‌ସିଟି' (ଗଞ୍ଚଅଁଙ୍ଗଟ ଞାଁଟ୍ୟ) ଓ ଆଧୁନିକ କ୍ରୀଡ଼ା ଭିତ୍ତିଭୂମି ପାଇଁ ଅନୁଭୂତି ହାସଲ କରିବା ଏହି ଚାରିଦିନିଆ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଶାର ବିଶ୍ୱସ୍ତରୀୟ କ୍ରୀଡ଼ା ବ୍ୟବସ୍ଥା, ହାଇ-ପରଫରମାନ୍ସ ସେଣ୍ଟରଗୁଡ଼ିକର ପରିଚାଳନା, ସରକାରୀ-ବେସରକାରୀ ଭାଗିଦାରୀ ଏବଂ କ୍ରୀଡ଼ା ବିଜ୍ଞାନର ବ୍ୟବହାର ବିଷୟରେ ଜାଣିବା ପାଇଁ ଏହି ଗସ୍ତ ଆୟୋଜିତ ହୋଇଛି।

କମନୱେଲଥ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ତଥା ଅର୍ଜୁନ ପୁରସ୍କାର ପ୍ରାପ୍ତ ଶ୍ରୀମତୀ ସିଂହଙ୍କ ସହ କ୍ରୀଡ଼ା ନିର୍ଦ୍ଦେଶକ ଶ୍ରୀ ଆରିଫ୍ ଅହସାନ ଏବଂ ଇଗଗଅ ର ଉପ-ନିର୍ଦ୍ଦେଶକ ଶ୍ରୀ ହିମାଂଶୁ ସିଂହଙ୍କ



ଭଳି ବରିଷ୍ଠ ଅଧିକାରୀମାନେ ଭୁବନେଶ୍ୱରର ବିଭିନ୍ନ କ୍ରୀଡ଼ା ପ୍ରକଳ୍ପ ପରିଦର୍ଶନ କରିଛନ୍ତି। କଳିଙ୍ଗ ଷ୍ଟାଡିୟମ୍ ପରିସର ଗସ୍ତ ସମୟରେ ମନ୍ତ୍ରୀ ଶ୍ରେୟସୀ ସିଂହ କଳିଙ୍ଗ ହକି ଷ୍ଟାଡିୟମ୍ ରେ ଥିବା ସୁଟିଂ ହାଇ-ପରଫରମାନ୍ସ ସେଣ୍ଟର, ଜିମ୍ନାଷ୍ଟିକ୍ସ ହାଇ-ପରଫରମାନ୍ସ ସେଣ୍ଟର, ଆକ୍ୱାଟିକ୍ ସେଣ୍ଟର (ସ୍ୱିମିଂ), ବ୍ୟାଡମିଣ୍ଟନ୍ ହାଇ-ପରଫରମାନ୍ସ ସେଣ୍ଟର, ହକି ହାଇ-ପରଫରମାନ୍ସ ସେଣ୍ଟର, ସ୍ପୋର୍ଟସ୍ ସାଇନ୍ସ ସେଣ୍ଟର (କ୍ରୀଡ଼ା ବିଜ୍ଞାନ କେନ୍ଦ୍ର), ଇଣ୍ଡୋର ଆଥଲେଟିକ୍ସ ସେଣ୍ଟର, ୱେଟଲିଫ୍ଟିଂ (ଭାରୋତ୍ତୋଳନ) ହାଇ-ପରଫରମାନ୍ସ ସେଣ୍ଟର, ଏଆଇଏଫଏଫ -ଫିଫା ଟାଲେଣ୍ଟ ଏକାଡେମୀର ପରିଦର୍ଶନ କରି ସମୀକ୍ଷା କରି ଥିଲେ । ଦୁଇ ରାଜ୍ୟ ମଧ୍ୟରେ ସହଯୋଗ ପ୍ରତିବଦ୍ଧତାକୁ ଦୋହରାଇ, ମାନ୍ୟବର ମନ୍ତ୍ରୀ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଖେଳାଳିଙ୍କ ବିକାଶ, ପ୍ରଶାସନିକ କାର୍ଯ୍ୟଶୈଳୀ, ନୂଆ ପ୍ରତିଭା ଖୋଜିବା ଏବଂ ବଡ଼ ପ୍ରତିଯୋଗିତା ଆୟୋଜନର କୌଶଳ ଉପରେ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ଏହି ଆଲୋଚନା ଏବଂ ପରିଦର୍ଶନ ସମୟରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର-ତଥା-ସଚିବ ଶ୍ରୀ ଭୂପେନ୍ଦ୍ର ସିଂହ ପୁନିଆ, କ୍ରୀଡ଼ା ନିର୍ଦ୍ଦେଶକ ଡଃ ୟେଦୁଲ୍ଲା ବିଜୟ, ଏବଂ ବିଭାଗର ଅନ୍ୟାନ୍ୟ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। ଏହା ପରେ ପୁରୀସ୍ଥିତ ଖୋ-ଖୋ ହାଇ-ପରଫରମାନ୍ସ ସେଣ୍ଟର ଏବଂ କ୍ରୀଡ଼ା ହୋଷ୍ଟେଲ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି, ଯାହା ଦୁଇ ରାଜ୍ୟ ମଧ୍ୟରେ କ୍ରୀଡ଼ା ଜ୍ଞାନର ଆଦାନପ୍ରଦାନକୁ ଆହୁରି ମଜବୁତ୍ କରିବ। ଏହି ଅବସରରେ ବିହାରର ମାନ୍ୟବର କ୍ରୀଡ଼ା ମନ୍ତ୍ରୀ କହି ଥିଲେ ଯେ "ଓଡ଼ିଶାର କ୍ରୀଡ଼ା ବ୍ୟବସ୍ଥା ଏବଂ ଖେଳାଳି-କେନ୍ଦ୍ରିକ ପରିବେଶ ସାରା ଦେଶ ପାଇଁ ଏକ ଉଦାହରଣ । ଏଠାକାର କାର୍ଯ୍ୟଶୈଳୀ ଏବଂ ବିଶ୍ୱସ୍ତରୀୟ ହାଇ-ପରଫରମାନ୍ସ ସେଣ୍ଟରଗୁଡ଼ିକରୁ ମିଳିଥିବା ଅନୁଭୂତି ବିହାରର ନୂଆ କ୍ରୀଡ଼ା ପ୍ରକଳ୍ପ ଏବଂ ଭିତ୍ତିଭୂମି ଗଢ଼ିବାରେ ବହୁତ ସାହାଯ୍ୟ କରିବ ।"

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/apps/details/id-com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି